DHARITRI
ସମ୍ବଲପୁର, ଶୁକ୍ରବାର, ଜାନୁୟାରୀ ୨୨/୨୦୨୧ (୧୬ ପୃଷ୍ଠା) Sambalpur, Friday, January 22/2021 ★★
୧୬ଶ ଭାଗ ୩୪୮ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୫/-



## ପ୍ରଥମ ଓଡ଼ିଆ ଭାବେ ରଞ୍ଜିତାଙ୍କ ସଫଳତା

ଓଡ଼ିଶାର ପ୍ରଥମ ଖେଳାଳିଭାବେ ଜାତୀୟ ସ୍ନୋ ଏବଂ ଆଇସ୍ ସ୍ପୋର୍ଟ୍ସରେ ଭାଗନେବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି ରଞ୍ଜିତା ବେହେରା। ୧୬

୧୪

## ୱାର୍କଆଉଟ୍ କରୁଛନ୍ତି କ୍ୟାଟ୍ରିନା

ବଲିଉଡ୍‌ର ଅଭିନେତ୍ରୀ କ୍ୟାଟ୍ରିନା କୈଫ ରେଡ୍ ଆଉଟ୍‌ଫିଟ୍‌ରେ ୱାର୍କଆଉଟ କରୁଥିବା ନଜର ଆସିଛନ୍ତି। ଜିମ୍‌ରେ ସେ ପିଲେଟ ସେସନ ନେଉଥିବା ଦେଖିବାକୁ ମିଳିଛି।



# କେନ୍ଦ୍ର ପ୍ରସ୍ତାବକୁ କୃଷକଙ୍କ ଅଗ୍ରାହ୍ୟ

**ନୂଆଦିଲ୍ଲୀ, ୨୧।୧(ପି.ଟି.)**

ଦିଲ୍ଲୀ ସୀମାରେ ପାଖାପାଖି ଦୁଇମାସ ହେଲା ଆନ୍ଦୋଳନ ଜାରି ରହିଥିବାବେଳେ ନୂଆ କୃଷି ଆଇନକୁ ୧୮ ମାସ ସ୍ଥଗିତ ରଖିବା ପାଇଁ କେନ୍ଦ୍ର ସରକାର ବୁଧବାର ଦଶମ ପର୍ଯ୍ୟାୟ ଆଲୋଚନା ବେଳେ ଚାଷୀ ନେତାମାନଙ୍କୁ ପ୍ରସ୍ତାବ ଦେଇଥିଲେ। ଏଥିସହିତ ଅଚଳାବସ୍ଥା ଦୂର ଲାଗି ଗ୍ରହଣଯୋଗ୍ୟ ସମାଧାନ ପନ୍ଥା ବାହାର କରିବା ନିମନ୍ତେ ଏକ ଯୁଗ୍ମ କମିଟି ଗଠନ କରିବାକୁ ସରକାର କହିଥିଲେ। ତେବେ କୃଷକ ସଂଗଠନଗୁଡ଼ିକ ଉକ୍ତ ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିଦେଇଛନ୍ତି। ଆନ୍ଦୋଳନରତ କୃଷକ ସଂଗଠନଗୁଡ଼ିକର ସର୍ବୋଚ୍ଚ ସଂଘ ସାମ୍ମୁଖ୍ୟ କିଷାନ ମୋର୍ଚ୍ଚା (ଏସ୍‌କେଏମ୍) ଗୁରୁବାର ଏହା ଘୋଷଣା କରିଛି। ଏସ୍‌କେଏମ୍ ବୈଠକରେ ସବୁ ଚାଷୀ ସଂଗଠନର ନେତାଙ୍କ ଉପସ୍ଥିତିରେ ସରକାରଙ୍କ ପ୍ରସ୍ତାବ ଉପରେ ଆଲୋଚନା ହୋଇଥିଲା। ୩ ବିବାଦୀୟ ଆଇନ ସମ୍ପୂର୍ଣ୍ଣ ପ୍ରତ୍ୟାହାର ଏବଂ ଏମ୍‌ଏସ୍‌ପି ଉପରେ ଆଇନଗତ ଗ୍ୟାରେଣ୍ଟି ଦାବିକୁ ଚାଷୀ ନେତାମାନେ ପୁନର୍ବାର ଦୋହରାଇଥିଲେ। ଆଲୋଚନା ପୂର୍ବରୁ ଆନ୍ଦୋଳନ ସମୟରେ ପ୍ରାଣ ହରାଇଥିବା ୧୪୩ ଜଣ ଚାଷୀଙ୍କୁ ଏସ୍‌କେଏମ୍ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ସେମାନଙ୍କ ବଳିଦାନ ବ୍ୟର୍ଥ ଯିବନାହିଁ, ଆଇନ ପ୍ରତ୍ୟାହାର ବିନା ଆମେ ଫେରିବୁ ନାହିଁ ବୋଲି କୃଷକ ନେତାମାନେ କହିଥିଲେ। ଫଳରେ ସରକାରଙ୍କ ପ୍ରସ୍ତାବ ପ୍ରତ୍ୟାଖ୍ୟାନ ହୋଇଯାଇଥିଲା ବୋଲି ଏସ୍‌କେଏମ୍ ପକ୍ଷରୁ କୁହାଯାଇଛି।

# ସିରମ୍‌ରେ ନିଆଁ: ୫ ଦଗ୍ଧ

**ପୁଣେ, ୨୧।୧**

 କୋଭିଶିଲ୍ଡ ଉତ୍ପାଦନ କରୁଥିବା ବିଶ୍ୱର ସର୍ବବୃହତ୍ ଟିକା ପ୍ରସ୍ତୁତକାରୀ କମ୍ପାନୀ ସିରମ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଇଣ୍ଡିଆ (ଏସ୍‌ଆଇଆଇ)ର ପୁଣେସ୍ଥିତ ମଞ୍ଜରୀଠାରେ ଥିବା ଏକ ନିର୍ମାଣାଧୀନ କୋଠାରେ ଗୁରୁବାର ବଡ଼ ଧରଣର ଅଗ୍ନିକାଣ୍ଡ ହୋଇଛି। ଏଥିରେ ୫ ଜଣଙ୍କର ମୃତ୍ୟୁ ଘଟିଛି। ଉକ୍ତ କୋଠାରୁ ୯ ଜଣଙ୍କୁ ଉଦ୍ଧାର କରାଯାଇଛି। ମୃତ୍ୟୁ ସମ୍ପର୍କରେ ପୁଣେ ଜିଲାପାଳ ରାଜେଶ ଦେଶମୁଖ ସ୍ପଷ୍ଟ କରିଛନ୍ତି। ତେବେ କୋଭିଶିଲ୍ଡ ଟିକା ଉତ୍ପାଦନ ହେଉଥିବା କାରଖାନା ଉପରେ ଅଗ୍ନିକାଣ୍ଡର କୌଣସି ପ୍ରଭାବ ପଡ଼ିନାହିଁ। ଅଗ୍ନିକାଣ୍ଡ ଯୋଗୁ ନିର୍ମାଣାଧୀନ ବିଲ୍ଡିଂର କେତେକ ମହଲା କ୍ଷତିଗ୍ରସ୍ତ ହୋଇଛି। ଅଗ୍ନିକାଣ୍ଡରେ ପ୍ରାଣ ହରାଇଥିବା ଲୋକଙ୍କ ପାଇଁ ସିରମ୍ ଇନ୍‌ଷ୍ଟିଚ୍ୟୁଟର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ସାଇରସ୍ ଏସ୍. ପୁନାୱାଲା ଦୁଃଖ ପ୍ରକାଶ କରିଛନ୍ତି। ମୃତକମାନଙ୍କ ପରିବାରକୁ ୨୫ ଲକ୍ଷ ଟଙ୍କା ଲେଖାଏଁ କ୍ଷତିପୂରଣ ସହ ଅନ୍ୟାନ୍ୟ ସହାୟତା ଯୋଗାଇ ଦିଆଯିବ ବୋଲି ସେ ଘୋଷଣା କରିଛନ୍ତି।

ପ୍ରାଣ ହରାଇଥିବା ୫ ଜଣ ନିର୍ମାଣ ଶ୍ରମିକ। ସେମାନଙ୍କ ଶରୀର ସମ୍ପୂର୍ଣ୍ଣ ଜଳିଯାଇଛି। ନିଆଁ ଲିଭାଯିବା ପରେ ମୃତଦେହଗୁଡ଼ିକୁ ଠାବ କରାଯାଇଥିଲା ବୋଲି ମହାରାଷ୍ଟ୍ର ସ୍ୱାସ୍ଥ୍ୟମନ୍ତ୍ରୀ ରାଜେଶ ଟପେ ଏବଂ ପୁଣେ ମେୟର ମୁରଲୀଧର ମୋହୋଲ କହିଛନ୍ତି। ନିଆଁ ଲାଗିବାର କାରଣ ଜଣାପଡ଼ି ନ ଥିବାବେଳେ ଏହାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଥିବା ଉପମୁଖ୍ୟମନ୍ତ୍ରୀ ଅଜିତ୍ ପାୱାର କହିଛନ୍ତି।

ଗୁରୁବାର ଅପରାହ୍ନ ୨ଟା ୪୫ରେ ସିରମ୍ ଇନ୍‌ଷ୍ଟିଚ୍ୟୁଟ ପରିସରରେ ନିର୍ମାଣାଧୀନ ଏସ୍‌ଇଜେଡ୍ ୩ ବିଲ୍ଡିଂର ଚତୁର୍ଥ ଓ ପଞ୍ଚମ ମହଲାରେ ନିଆଁ ଲାଗିଯାଇଥିଲା। ବିସିଜି ଟିକା କାରଖାନା ପାଇଁ ଉକ୍ତ ବିଲ୍ଡିଂ ପ୍ରସ୍ତୁତ ହେଉଥିଲା। ନିଆଁଲିଭା କାର୍ଯ୍ୟରେ ଅଗ୍ନିଶମ ବିଭାଗର ୧୨ଟି ଦମକଳ ନିୟୋଜିତ ହୋଇଥିଲା। ଉକ୍ତ ବିଲ୍ଡିଂ କୋଭିଶିଲ୍ଡ ଉତ୍ପାଦନ କାରଖାନାଠାରୁ ୧ କିଲୋମିଟର ଦୂରରେ ଅବସ୍ଥିତ। କରୋନା ମହାମାରୀ ବିରୋଧରେ ଭାରତରେ ଟିକାକରଣ ଅଭିଯାନ ଆରମ୍ଭ ହୋଇଥିବାବେଳେ ପ୍ରଥମ ଟିକା ଯୋଗାଇ ସିରମ୍ ଇନ୍‌ଷ୍ଟିଚ୍ୟୁଟ୍ ଚର୍ଚ୍ଚାରେ ରହିଥିଲା। ଉକ୍ତ କମ୍ପାନୀର ଟିକା କେବଳ ଭାରତ ନୁହେଁ, ପଡୋଶୀ ଦେଶଗୁଡ଼ିକୁ ମଧ୍ୟ ☞ପୃଷ୍ଠା-୪

## କୋଭିଶିଲ୍ଡ କାରଖାନା ସୁରକ୍ଷିତ



ସିରମ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆର ନିର୍ମାଣାଧୀନ କୋଠାରେ ଅଗ୍ନିକାଣ୍ଡ।

## ମୃତକଙ୍କ ପରିବାରକୁ ୨୫ ଲକ୍ଷ ଟଙ୍କା କ୍ଷତିପୂରଣ ଘୋଷଣା




## ଟୁଇଟରରେ ନବୀନଙ୍କ ୩୦ଲକ୍ଷ ଫଲୋୟର୍ସ



ନବୀନ ପଟ୍ଟନାୟକ

**ଭୁବନେଶ୍ୱର, ୨୧।୧(ବ୍ୟୁରୋ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ଆଉ ଏକ କୀର୍ତ୍ତିର ଅଧିକାରୀ ହୋଇଛନ୍ତି। ତାଙ୍କ ମାଇକ୍ରୋବ୍ଲଗିଂ ଏବଂ ସୋସିଆଲ ନେଟ୍‌ୱର୍କିଂ ସାଇଟ ଟୁଇଟରରେ ୩୦ ଲକ୍ଷ ଫଲୋୟର୍ସ ଯୋଡ଼ି ହୋଇଛନ୍ତି। ଅନୁଗାମୀମାନଙ୍କୁ ନବୀନ ଧନ୍ୟବାଦ ଦେବା ସହ ଟୁଇଟର ଭଳି ଡିଜିଟାଲ ପ୍ଲାଟ୍‌ଫର୍ମରେ ଫଲୋୟର୍ସଙ୍କ ଭଲ ପାଇବା ଓ ସ୍ନେହ ଶ୍ରଦ୍ଧା ପାଇଥିବା ନେଇ ଟୁଇଟ୍ କରିଛନ୍ତି। ସୂଚନାଯୋଗ୍ୟ ଯେ ନବୀନ ପଟ୍ଟନାୟକ ୧୦ ଜଣ ସର୍ବୋଚ୍ଚ ଟୁଇଟରରେ ଫଲୋୟର୍ସଙ୍କ ମୁଖ୍ୟମନ୍ତ୍ରୀମାନଙ୍କ ମଧ୍ୟରୁ ଅନ୍ୟତମ।

# ବୋର୍ଡ ପରୀକ୍ଷାର୍ଥୀଙ୍କୁ ମିଳିବ 'ପରୀକ୍ଷା ଦର୍ପଣ'

**ଭୁବନେଶ୍ୱର, ୨୧।୧(ବ୍ୟୁରୋ)**

- କରୋନା କ୍ଷତି ଭରଣା ପାଇଁ ଗଣଶିକ୍ଷା ବିଭାଗର ପ୍ରସ୍ତୁତି
- ୭୦୦ ପୃଷ୍ଠାରେ ମାଟ୍ରିକ ପରୀକ୍ଷାର ସମ୍ଭାବ୍ୟ ପ୍ରଶ୍ନୋତ୍ତର
- ୬ ଲକ୍ଷରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କୁ ମାଗଣାରେ ବଣ୍ଟାଯିବ

ମାଟ୍ରିକ ପରୀକ୍ଷାର ସମ୍ଭାବ୍ୟ ପ୍ରଶ୍ନ ଓ ଉତ୍ତରକୁ ନେଇ ପ୍ରସ୍ତୁତ ହେଉଛି 'ପରୀକ୍ଷା ଦର୍ପଣ'। ଏହାକୁ ଖୁବ୍‌ଶୀଘ୍ର ଦଶମ ବୋର୍ଡ ପରୀକ୍ଷା ଦେବାକୁ ଥିବା ପିଲାଙ୍କୁ ମାଗଣାରେ ପ୍ରଦାନ କରାଯିବ। ଗୁରୁବାର ଏ ସମ୍ପର୍କରେ ସୂଚନା ଦେଇ ମନ୍ତ୍ରୀ ସମୀର ରଞ୍ଜନ ଦାଶ କହିଛନ୍ତି, 'ପରୀକ୍ଷା ଦର୍ପଣ' ହେଉଛି ମାଧ୍ୟମିକ ଶିକ୍ଷା ପରିଷଦ ପରିଚାଳିତ ୨୦୨୧ ମାଟ୍ରିକ୍ ପରୀକ୍ଷା ଦେବାକୁ ଥିବା ଛାତ୍ରୀଛାତ୍ରଙ୍କ ଲାଗି ଏକ ପ୍ରଶ୍ନବ୍ୟାଙ୍କ। ୭୦୦ ପୃଷ୍ଠାର ଏହି ପୁସ୍ତକରେ ମାଟ୍ରିକ ପରୀକ୍ଷାର ସମ୍ଭାବ୍ୟ ପ୍ରଶ୍ନ ଓ ଉତ୍ତର ରହିଛି। କରୋନା ଯୋଗୁ ଦୀର୍ଘ ୯ମାସରୁ ଊର୍ଦ୍ଧ୍ୱ ସମୟ ଧରି ସ୍କୁଲ ବନ୍ଦ ରହିଥିବାରୁ ପିଲାଙ୍କ ପାଠପଢ଼ା ବ୍ୟାହତ ହୋଇଥିଲା। ତେଣୁ ପରୀକ୍ଷାର୍ଥୀଙ୍କ ସୁବିଧା ପାଇଁ ୭୦ ପ୍ରତିଶତ ସିଲାବସ୍‌କୁ ନେଇ ଏହି ଟେଷ୍ଟ ପେପର୍ ପ୍ରସ୍ତୁତ କରାଯାଇଛି। ପରୀକ୍ଷାର ଯଥେଷ୍ଟ ପୂର୍ବରୁ ଛାତ୍ରୀଛାତ୍ରଙ୍କ ନିକଟରେ ☞ପୃଷ୍ଠା-୪

# ୫୦ ହଜାର ଉପରେ ସେନ୍‌ସେକ୍ସ

**ମୁମ୍ବାଇ, ୨୧।୧**



ଭାରତୀୟ ପୁଞ୍ଜିବଜାର ଗୁରୁବାର ଐତିହାସିକ ରେକର୍ଡ ସ୍ତର ଛୁଇଁବାକୁ ସକ୍ଷମ ହୋଇଛି। କାରବାରରେ ସେନ୍‌ସେକ୍ସ ୫୦ ହଜାର ପଏଣ୍ଟ ଛୁଇଁଥିଲା। ହେଲେ କାରବାର ଶେଷ ବେଳକୁ ଏହା ୧୬୭ ପଏଣ୍ଟ ଖସି ୪୯,୬୨୪.୭୬ ପଏଣ୍ଟରେ ବନ୍ଦ ହୋଇଛି। ସେହିଭଳି ନିଫ୍ଟି କାରବାର ୫୪.୩୫ ପଏଣ୍ଟ ବା ୦.୩୭% ଖସିବା ଯୋଗୁ ଏହା ୧୪,୫୯୦.୩୫ ପଏଣ୍ଟ ସ୍ତରରେ ବନ୍ଦ ହୋଇଛି। ସେନ୍‌ସେକ୍ସରେ ସବୁଠାରୁ ଭଲ କାରବାର କରିଥିବା ଶେୟାର ମଧ୍ୟରେ ☞ପୃଷ୍ଠା-୪

# ଟିକା ନେବେ ପ୍ରଧାନମନ୍ତ୍ରୀ

**ନୂଆଦିଲ୍ଲୀ, ୨୧।୧**



ନରେନ୍ଦ୍ର ମୋଦି

କୋଭିଡ୍ ଟିକାକରଣ ଅଭିଯାନର ଦ୍ୱିତୀୟ ପର୍ଯ୍ୟାୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ସମସ୍ତ ରାଜ୍ୟର ମୁଖ୍ୟମନ୍ତ୍ରୀମାନେ ଟିକା ନେବେ। ସେହିପରି ୫୦ ବର୍ଷରୁ ଊର୍ଦ୍ଧ୍ୱ ସମସ୍ତ ଏମ୍‌ପି ଏବଂ ବିଧାୟକମାନଙ୍କୁ ମଧ୍ୟ କୋଭିଡ୍ ଟିକା ଦିଆଯିବ ବୋଲି ଏକ ସୂତ୍ରରୁ ଜଣାପଡ଼ିଛି। ଭାରତରେ କରୋନା ମହାମାରୀ ବିରୋଧରେ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ପ୍ରଥମ ସୋପାନ**



କୋଭିଡ୍ କଟକଣା ଉଠିବା ପରେ ଗୁରୁବାର ଶ୍ରୀକ୍ଷେତ୍ରରେ ଶ୍ରୀଜୀଉଙ୍କୁ ଦର୍ଶନ ଲାଗି ଶ୍ରଦ୍ଧାଳୁଙ୍କ ଲମ୍ବାଧାଡ଼ି।

# ଏୟାରଫିଲ୍ଡ ନିରୋଧୀ ଅସ୍ତ୍ର ପରୀକ୍ଷା ସଫଳ



**ବାଲେଶ୍ୱର ଅଫିସ, ୨୧।୧**

ପ୍ରତିରକ୍ଷା ଅନୁସନ୍ଧାନ ଓ ବିକାଶ ସଙ୍ଗଠନ (ଡିଆରଡିଓ) ଏବଂ ହିନ୍ଦୁସ୍ତାନ ଏରୋନେଟିକ୍ ଲିମିଟେଡ୍ (ହାଲ୍) ଦ୍ୱାରା ନିର୍ମିତ ସ୍ମାର୍ଟ ଆଣ୍ଟି ଏୟାରଫିଲ୍ଡ(ସ) କ୍ଷେପଣାସ୍ତ୍ରକୁ ଗୁରୁବାର ଓଡ଼ିଶା ଉପକୂଳରେ ପରୀକ୍ଷଣ କରାଯାଇଛି। ପରୀକ୍ଷଣ ସଫଳ ହୋଇଥିବା ଜଣାପଡ଼ିଛି। ☞ପୃଷ୍ଠା-୪




# ସୂର୍ଯ୍ୟ ମନ୍ଦିରର ସୌନ୍ଦର୍ଯ୍ୟକରଣ ହେବ

**ଭୁବନେଶ୍ୱର, ୨୧।୧(ବ୍ୟୁରୋ)**

## କୋଣାର୍କ ଐତିହ୍ୟ ଅଞ୍ଚଳର ବିକାଶ ପାଇଁ ଚିଠା ପ୍ରସ୍ତୁତ



- କୋଣାର୍କ ଅଞ୍ଚଳକୁ ଅନ୍ତର୍ଜାତୀୟ ମାନର କରାଯିବ: ମୁଖ୍ୟମନ୍ତ୍ରୀ
- ଜନସାଧାରଣଙ୍କଠାରୁ ମତାମତ ଲୋଡ଼ାଗଲା
- ନିର୍ମାଣ ହେବ କୋଣାର୍କ ଏଣ୍ଟ୍ରି ପ୍ଲାଜା
- ମନ୍ଦିର ସମ୍ମୁଖରେ ୩୦ ଏକର ଖୋଲା ସ୍ଥାନ ରହିବ
- କୋଣାର୍କ ରଙ୍ଗମଞ୍ଚର ପୁନର୍ବିନ୍ୟାସ ହେବ
- ପଥଚାରୀଙ୍କ ପାଇଁ ନିର୍ମାଣ ହେବ ସ୍ୱତନ୍ତ୍ର ରାସ୍ତା

ପୁରୀକୁ ବିଶ୍ୱ ଐତିହ୍ୟ ନଗରୀ ଭାବରେ ଗଢ଼ି ତୋଳିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଘୋଷଣା ପରେ ଏ ଦିଗରେ କାର୍ଯ୍ୟ ଜୋରସୋରରେ ଚାଲିଛି। ଏହି କାର୍ଯ୍ୟକ୍ରମର ଅଂଶ ଭାବରେ କୋଣାର୍କ ଐତିହ୍ୟ ଅଞ୍ଚଳର ବିକାଶ ପାଇଁ ଚିଠା ଯୋଜନା ପ୍ରସ୍ତୁତ ହୋଇଛି।

କୋଣାର୍କ ମନ୍ଦିର ସୁରକ୍ଷା ସହିତ ଏହାର ସଂରକ୍ଷଣ ତଥା ଅଧିକ ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିବା ପାଇଁ ରାଜ୍ୟ ସରକାର ୫-ଟି କାର୍ଯ୍ୟକ୍ରମ ଜରିଆରେ ଏହି ଐତିହ୍ୟ ପ୍ରକଳ୍ପ ଆରମ୍ଭ କରିବାକୁ ଯାଉଛନ୍ତି। ଏହି ପ୍ରକଳ୍ପ ଜରିଆରେ ସୂର୍ଯ୍ୟ ମନ୍ଦିର ଗରିମାର ସୁରକ୍ଷା, ପର୍ଯ୍ୟଟକମାନଙ୍କ ପାଇଁ ଅନ୍ୟାନ୍ୟ ଅନୁଭୂତି, ସ୍ଥାନୀୟ ବ୍ୟବସାୟୀମାନଙ୍କ ଆର୍ଥିକ ଉନ୍ନତି ତଥା କୋଣାର୍କ ସହିତ ପୁରୀ ଜିଲା ଓ ସମଗ୍ର ରାଜ୍ୟର ପର୍ଯ୍ୟଟନ ଅର୍ଥନୀତିର ବିକାଶ କରାଯିବ। କୋଣାର୍କ ମନ୍ଦିର ପାରିପାର୍ଶ୍ୱିକ ଅଞ୍ଚଳ ଭିତ୍ତିଭୂମି ବିକାଶକୁ ଏହି ପ୍ରାଚୀନ ଐତିହ୍ୟ ସହ ସମନ୍ୱିତ କରିବା ଉପରେ ଗୁରୁତ୍ୱ ଦିଆଯାଇଛି।

ସାଢ଼େ ତିନି କିଲୋମିଟର ବାହ୍ୟ ରିଂରୋଡ୍‌କୁ ୬ ଥାକିଆ ନିର୍ମାଣ କରାଯିବା ସହିତ ମନ୍ଦିରକୁ ଯାଉଥିବା ସମସ୍ତ ରାସ୍ତାର ବିକାଶ କରାଯିବ। ଯାତ୍ରୀମାନଙ୍କୁ ନେବା ଆଣିବା ପାଇଁ ଭୁବନେଶ୍ୱରରୁ କୋଣାର୍କ ପର୍ଯ୍ୟନ୍ତ ବିଭିନ୍ନ ପଏଣ୍ଟର ବିକାଶ କରାଯିବ। ଫେରିବାଲାମାନଙ୍କୁ ପୁନଃ ଥଇଥାନ କରାଯିବ। ମନ୍ଦିର ସମ୍ମୁଖରେ ଥିବା ୩୦ ଏକର ଜମି ସମ୍ପୂର୍ଣ୍ଣ ଖୋଲା ରହିବ। ସେଠାରେ ଲ୍ୟାଣ୍ଡସ୍କେପିଂ କରାଯିବ। ପ୍ରବେଶ ସ୍ଥଳରେ ପର୍ଯ୍ୟଟକମାନଙ୍କୁ ସ୍ୱାଗତ କରିବା ପାଇଁ ସୁଦୃଶ୍ୟ କୋଣାର୍କ ଏଣ୍ଟ୍ରି ପ୍ଲାଜା ନିର୍ମାଣ କରାଯିବ। ଏଥିସହିତ ଯାନବାହନ ପାର୍କିଂ ପାଇଁ ମଲ୍ଟିମୋଡାଲ ହବ୍ ନିର୍ମାଣ କରାଯିବ। କୋଣାର୍କ ମୁକ୍ତାକାଶ ରଙ୍ଗମଞ୍ଚର ପୁନର୍ବିନ୍ୟାସ କରାଯିବ। ଐତିହ୍ୟ ଅଞ୍ଚଳର ☞ପୃଷ୍ଠା-୪

ଧରିତ୍ରୀ
DHARITRI
ଶୁକ୍ରବାର, ୨୨ ଜାନୁୟାରୀ, ୨୦୨୧

**ପାକ୍ ଗୁଳିରେ ଭାରତୀୟ ଯବାନ ଶହୀଦ**

ପାକିସ୍ତାନୀ ସୈନ୍ୟ ଗୁରୁବାର ଅସ୍ତ୍ର ବିରତି ଉଲ୍ଲଂଘନ କରି ଜମ୍ମୁ-କଶ୍ମୀରର ପୁଞ୍ଚ୍ ଜିଲା ଅନ୍ତର୍ଗତ ନିୟନ୍ତ୍ରଣ ରେଖା ସେପଟୁ ଗୁଳି ଚଳାଇବାରୁ ଜଣେ ଭାରତୀୟ ଯବାନ ଶହୀଦ ହୋଇଛନ୍ତି। ୧୦ ଜେଏକେ ରାଇଫଲ୍ସ ୟୁନିଟ୍‌ରେ ନିୟୋଜିତ ଥିବା ଏହି ଯବାନଙ୍କ ନାଁ ନିର୍ମଳ ସିଂ ବୋଲି ଜଣାପଡ଼ିଛି। ଭାରତୀୟ ଯବାନମାନେ ପାକିସ୍ତାନୀ ଗୁଳିର ଠିକଣା ଜବାବ ଦେଇଥିଲେ।



## ବାଇଡେନ୍‌ଙ୍କୁ ଟ୍ରମ୍ପ୍‌ଙ୍କ ଚିଠି



ଆମେରିକାର ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ନୂଆ ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କୁ ଉଦାରତାପୂର୍ଣ୍ଣ ଚିଠି ଲେଖିଛନ୍ତି। ଏ ନେଇ ବାଇଡେନ୍ ହ୍ୱାଇଟ ହାଉସ୍ ପରିସରରେ ଖବରଦାତାଙ୍କୁ ସୂଚନା ଦେଇଛନ୍ତି। ତେବେ ଏହା ବ୍ୟକ୍ତିଗତ ଏବଂ ଟ୍ରମ୍ପ୍‌ଙ୍କ ସହ କଥା ନ ହେବା ଯାଏ ଏ ବିଷୟରେ ସେ କିଛି କହିବେ ନାହିଁ ବୋଲି ବାଇଡେନ୍ କହିଛନ୍ତି। ପରମ୍ପରା ଅନୁଯାୟୀ ଏହି ଦେଶର ସମସ୍ତ ବିଦାୟୀ ରାଷ୍ଟ୍ରପତି ନୂଆ ନେତାଙ୍କ ଉଦ୍ଦେଶ୍ୟରେ ପତ୍ର ଲେଖିଥାନ୍ତି। କିନ୍ତୁ ଚଳିତ ଥର ଟ୍ରମ୍ପ୍ ପରମ୍ପରା ବଜାୟ ରଖିବେ କି ନା ସେ ନେଇ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଥିଲା।

## ଓଭାଲ୍ ଅଫିସ୍‌ର ନୂଆ ରୂପ



ଜୋ ବାଇଡେନ୍ ରାଷ୍ଟ୍ରପତି ଦାୟିତ୍ୱ ନେବା ପରେ ତାଙ୍କ ଓଭାଲ୍ ଅଫିସ୍‌ର ରୂପ ସାମାନ୍ୟ ପରିବର୍ତ୍ତନ କରିଛନ୍ତି। ଶପଥ ନେବାର କିଛି ଘଣ୍ଟା ପରେ ସେ ଖବରଦାତାମାନଙ୍କୁ ନିମନ୍ତ୍ରଣ କରିଥିଲେ। ଏଥିସହ କେତେକ କାର୍ଯ୍ୟାଦେଶରେ ଦସ୍ତଖତ କରିଥିଲେ। ସେହି ସମୟରେ ତାଙ୍କ ଅଫିସ୍ ଦୃଶ୍ୟ ବଦଳିଥିବା ଦେଖିବାକୁ ମିଳିଥିଲା। ଶ୍ରମିକ ନେତା ସେସାର ଚାଭେଜ୍‌ଙ୍କ ଫଟୋ ସହ ନାଗରିକ ଅଧିକାର ଆଇକନ୍ ମାର୍ଟିନ୍ ଲୁଥର୍ କିଙ୍ଗ୍ ଜେଆର୍, ରୋଜା ପାର୍କ, ବେଞ୍ଜାମିନ୍ ଫ୍ରାଙ୍କଲିନ୍‌ଙ୍କ ଫଟୋ ମଧ୍ୟ ବାଇଡେନଙ୍କ ଅଫିସ୍‌ରେ ରଖାଯାଇଛି। ପୂର୍ବରୁ ଟ୍ରମ୍ପ୍ ରଖିଥିବା କିଛି ଜିନିଷରେ ମଧ୍ୟ ସେ ପରିବର୍ତ୍ତନ କରିଛନ୍ତି। ତେବେ ଟ୍ରମ୍ପ ବ୍ୟବହାର କରୁଥିବା ରିଜୋଲ୍ଟ ଡେସ୍କକୁ ବାଇଡେନ୍ ବଦଳାଇ ନାହାନ୍ତି।

## ପ୍ରଥମେ ଟ୍ରୁଡୋଙ୍କ ସହ କଥାହେବେ



ରାଷ୍ଟ୍ରପତି ଭାବେ ଶପଥ ନେବା ପରେ ଜୋ ବାଇଡେନ୍ ପ୍ରଥମ ବିଦେଶୀ ନେତା ଭାବେ କାନାଡା ପ୍ରଧାନମନ୍ତ୍ରୀ ଜଷ୍ଟିନ୍ ଟ୍ରୁଡୋଙ୍କୁ ଭେଟିବେ। ଶୁକ୍ରବାର ଉଭୟ ଦେଶର ନେତାଙ୍କ ମଧ୍ୟରେ ଆଲୋଚନା ହେବ ବୋଲି ହ୍ୱାଇଟ୍ ହାଉସ୍ ପକ୍ଷରୁ ସୂଚନା ମିଳିଛି। ଏଥିରେ କିଷ୍ଟୋନ୍ ଏକ୍ସଏଲ୍ ପାଇପଲାଇନ ଯୋଗେ କାନାଡାରୁ ତୈଳ ପରିବହନ କରିବାକୁ ଥିବା ଯୋଜନା ସହ ଦ୍ୱିପାକ୍ଷିକ ସମ୍ପର୍କ ସୁଦୃଢ଼ ପାଇଁ ବିଭିନ୍ନ ପଦକ୍ଷେପ ଉପରେ ଆଲୋଚନା ହୋଇପାରେ।

## ସଂକ୍ଷେପରେ

### ଆତ୍ମଘାତୀ ବିସ୍ଫୋରଣ: ୩୨ ମୃତ

**ବାଗଦାଦ୍, ୨୧।୧:** ଇରାକର ରାଜଧାନୀ ବାଗ୍‌ଦାଦରେ ଗୁରୁବାର ଡବଲ ଆତ୍ମଘାତୀ ବିସ୍ଫୋରଣରେ ୩୨ ଜଣଙ୍କ ମୃତ୍ୟୁ ଘଟିଛି। ପ୍ରାୟ ୧୧୦ ଜଣ ଗୁରୁତର ଥିବାରୁ ମୃତ୍ୟୁ ସଂଖ୍ୟା ବଢ଼ିବା ଆଶଙ୍କା ରହିଛି। ବାବ୍ ଅଲ୍-ଶାର୍କି ଶିଳ୍ପାଞ୍ଚଳରେ ବିସ୍ଫୋରଣ ଘଟିଥିବାବେଳେ କୌଣସି ସଙ୍ଗଠନ ଏଥିପାଇଁ ନିଜକୁ ଦାୟୀ କରିନାହାନ୍ତି। ପୋଷାକ ମାର୍କେଟରେ ସକାଳୁ ଭିଡ଼ ଜମିଥିବାବେଳେ ପ୍ରଥମେ ଏକ ବିସ୍ଫୋରଣ ଘଟିଥିଲା। ଭୟରେ ଲୋକେ ମାର୍କେଟରୁ ବାହାରିବା ପାଇଁ ଏଣେତେଣେ ଦୌଡୁଥିବାବେଳେ ଆଉ ଏକ ବିସ୍ଫୋରଣ ହୋଇଥିଲା। ଦେଖୁ ଦେଖୁ ପୂରା ମାର୍କେଟ ରକ୍ତରଞ୍ଜିତ ହେବା ସହ ଏଣେତେଣେ ଖଣ୍ଡବିଖଣ୍ଡିତ ମୃତଦେହ ପଡି ରହିଥିଲା। ଏହା ପୂର୍ବରୁ ୨୦୧୮ରେ ସେହି ଅଞ୍ଚଳରେ ବିସ୍ଫୋରଣ ଘଟାଯାଇଥିଲା। ଅକ୍ଟୋବରରେ ନିର୍ବାଚନ ପାଇଁ ଇରାକ ସରକାର ରାଜି ହେବା ପରେ ଏହି ଘଟଣା ଘଟିଛି। ସରକାର ବିରୋଧୀ ପ୍ରଦର୍ଶନକାରୀଙ୍କ ଦାବି ପୂରଣ କରିବା ପାଇଁ ଶୀଘ୍ର ନିର୍ବାଚନ କରିବାକୁ ପ୍ରଧାନମନ୍ତ୍ରୀ ମୁସ୍ତାଫା ଅଲ-କାଦିମି ଗତ ଜୁଲାଇରେ ଘୋଷଣା କରିଥିଲେ।

### ଅରୁଣାଚଳରେ ଗାଁ ନିର୍ମାଣକୁ ଚାଇନାର ଖଣ୍ଡନ

**ବେଜିଂ, ୨୧।୧(ପି.ଟି.):** ଅରୁଣାଚଳପ୍ରଦେଶରେ ଗାଁ ନିର୍ମାଣକୁ ଚାଇନା ଗୁରୁବାର ଖଣ୍ଡନ କରିଛି। ଚାଇନାର ସମସ୍ତ ନିର୍ମାଣ ଓ ବିକାଶ କାର୍ଯ୍ୟକ୍ରମ ଏହାର ନିଜ ଅଞ୍ଚଳ ମଧ୍ୟରେ ବୋଲି ବେଜିଂ ପକ୍ଷରୁ କୁହାଯାଇଛି। ଜାଙ୍ଗନାନ୍ ଅଞ୍ଚଳ (ଦକ୍ଷିଣ ତିବ୍ବତ)ରେ ଚାଇନାର ସ୍ଥିତି ସଙ୍ଗତ ଓ ସ୍ପଷ୍ଟ। ତଥାକଥିତ ଅରୁଣାଚଳପ୍ରଦେଶକୁ ଆମେ ସ୍ୱୀକୃତି ଦେଇନାହୁଁ ବୋଲି ଚାଇନା ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ହୁଆ ଚୁନିଙ୍ଗ୍ ଗଣମାଧ୍ୟମକୁ କହିଛନ୍ତି। ଅରୁଣାଚଳକୁ ଭାରତ ନିଜର ଅବିଚ୍ଛେଦ୍ୟ ଅଙ୍ଗ କହୁଥିବାବେଳେ ଚାଇନା ଏହାକୁ ଦକ୍ଷିଣ ତିବ୍ବତ କହିଆସୁଛି।

### ପିଏମ୍‌ଏୱାଇ ଅର୍ବାନ୍‌ରେ ୧.୬୮ ଲକ୍ଷ ଘରକୁ ମଞ୍ଜୁରୀ

**ନୂଆଦିଲ୍ଲୀ, ୨୧।୧(ପି.ଟି.):** ସହରାଞ୍ଚଳ ପାଇଁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ପିଏମ୍‌ଏୱାଇ-ଅର୍ବାନ)ରେ ୧.୬୮ ଲକ୍ଷରୁ ଅଧିକ ଗୃହ ନିର୍ମାଣକୁ କେନ୍ଦ୍ର ସରକାର ମଞ୍ଜୁରୀ ପ୍ରଦାନ କରିଛନ୍ତି। ଏହାକୁ ମିଶାଇ ଉକ୍ତ ଯୋଜନାରେ ମୋଟ ଘର ସଂଖ୍ୟା ୧.୧ କୋଟିରେ ପହଞ୍ଚିବ। ସେଣ୍ଟ୍ରାଲ ସାଙ୍କସନିଂ ଆଣ୍ଡ ମନିଟରିଂ କମିଟି ବୈଠକରେ ଉପରୋକ୍ତ ନିଷ୍ପତ୍ତି ନିଆଯାଇଛି। ବୈଠକରେ ୧୪ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ଅଧିକାରୀମାନେ ଯୋଗଦେଇଥିଲେ। ପିଏମ୍‌ଏୱାଇ-ଅର୍ବାନରେ ବର୍ତ୍ତମାନ ସୁଦ୍ଧା ୪୧ ଲକ୍ଷ ଗୃହ ନିର୍ମାଣ ଶେଷ ହୋଇଥିବାବେଳେ ୭୦ ଲକ୍ଷରୁ ଅଧିକ ଘର ନିର୍ମାଣାଧୀନ ରହିଛି।

### ପିପିଇ କିଟ୍ ପିନ୍ଧି ୧୩ କୋଟିର ସୁନା ଚୋରି

**ନୂଆଦିଲ୍ଲୀ, ୨୧।୧:** ପିପିଇ କିଟ୍ ପିନ୍ଧି ଦିଲ୍ଲୀର ଏକ ଗହଣା ଦୋକାନରୁ ବୁଧବାର ଜଣେ ବ୍ୟକ୍ତି ୨୫ କେଜିର ସୁନା ଚୋରି କରିଛନ୍ତି। ଏହାର ମୂଲ୍ୟ ଆନୁମାନିକ ୧୩ କୋଟି ଟଙ୍କା ହେବ। ସିସିଟିଭି କ୍ୟାମେରା ଯୋଗେ ଅଭିଯୁକ୍ତ ମହମ୍ମଦ ଶେଖ ନୁର୍‌ଙ୍କୁ ଚିହ୍ନଟ କରାଯିବା ସହ ତାଙ୍କୁ ଗିରଫ କରାଯାଇଛି। ମହମ୍ମଦ ପିପିଇ କିଟ୍ ପିନ୍ଧି ଭିତରେ ପଶିଥିବା ଏବଂ ନିକଟସ୍ଥ ବିଲ୍ଡିଂରୁ ଡିଆଁ ମାରି ପଳାଇଥିବା ଷ୍ଟୋରରେ ଲାଗିଥିବା ସିସିଟିଭି ଫୁଟେଜରୁ ଜଣାପଡିଥିଲା। ତଳେ ୫ ଜଣ ବନ୍ଧୁକଧାରୀ ସିକ୍ୟୁରିଟି ଗାର୍ଡ ଥିଲେ ମଧ ଚୋରି ନେଇ କିଛି ଜାଣିପାରି ନ ଥିଲେ। ଚୋରି ଗହଣା ସବୁ ସେ ଅଟୋରେ ନେଇଯାଇଥିଲେ।

# ବାଇଡେନ୍ ଅର୍ଡର

**ଆମେରିକାର ୪୬ତମ ରାଷ୍ଟ୍ରପତି ଭାବେ ଦାୟିତ୍ୱ ଗ୍ରହଣ କରିବା ମାତ୍ରେ ଜୋ ବାଇଡେନ୍ ନିଜ ପୂର୍ବସୂରୀ ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ନୀତିଗୁଡ଼ିକୁ ପଲଟାଇବା ଆରମ୍ଭ କରିଦେଇଛନ୍ତି । ଶପଥ ଗ୍ରହଣ ପରେ କାମ ଆରମ୍ଭ କରିବା ପୂର୍ବରୁ ହ୍ୱାଇଟ୍ ହାଉସ୍ ଅଭିମୁଖେ ଯିବାବେଳେ ବାଇଡେନ୍ ସୋସିଆଲ ମିଡିଆରେ ଲେଖିଥିଲେ, ଆମକୁ ସାମ୍ପ୍ରତିକ ସଙ୍କଟରୁ ମୁକୁଳିବାକୁ ଅଛି । ଆମ ପାଖରେ ବରବାଦ କରିବା ପାଇଁ ସମୟ ନାହିଁ ।**



ୱାଶିଂଟନସ୍ଥିତ କ୍ୟାପିଟୋଲର ପ୍ରେସିଡେଣ୍ଟସ୍ ରୁମ୍‌ରେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ।

**ୱାଶିଂଟନ,୨୧।୧**

ଜୋ ବାଇଡେନ୍ ରାଷ୍ଟ୍ରପତି ହେବା ପରେ ସର୍ବପ୍ରଥମେ ସେ ୧୫ ଏକ୍‌ଜିକ୍ୟୁଟିଭ୍ ଅର୍ଡର ଉପରେ ସ୍ୱାକ୍ଷର କରିଛନ୍ତି। ଏଥିରେ କରୋନା ମହାମାରୀର ମୁକାବିଲାରେ ସରକାରଙ୍କୁ ସହଯୋଗ ମିଳିବା ସମ୍ପର୍କିତ ଅର୍ଡର ମଧ୍ୟ ସାମିଲ ଅଛି। ଏହା ବ୍ୟତୀତ ଜଳବାୟୁ ସଙ୍କଟ ଓ ଆପ୍ରବାସନ ସମ୍ପର୍କିତ ଟ୍ରମ୍ପ୍‌ଙ୍କ ନୀତିଗୁଡ଼ିକୁ ବଦଳାଇବା ପାଇଁ ନୂଆ ଆଦେଶ ମଧ୍ୟ ରହିଛି। ଏହା ପୂର୍ବରୁ କଳା ମାସ୍କ ପିନ୍ଧି ଓଭାଲ ଅଫିସକୁ ଆସିଥିବା ରାଷ୍ଟ୍ରପତି ବାଇଡେନ୍ ଖବରଦାତାମାନଙ୍କ ସହ ଆଲୋଚନା ବେଳେ କହିଥିଲେ, କୋଭିଡ୍ ସଙ୍କଟ, ଆର୍ଥିକ ସଙ୍କଟ ଓ ଜଳବାୟୁ ସଙ୍କଟ ତାଙ୍କ ବଡ଼ ପ୍ରାଥମିକତା ମଧ୍ୟରେ ରହିଛି।

ବାଇଡେନ୍‌ଙ୍କ ରାଷ୍ଟ୍ରପତିତ୍ୱରେ ପ୍ରଥମ ସରକାରୀ ଅର୍ଡର ହେଉଛି ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍‌ଓ)ରେ ଆମେରିକାର ପୁନଃ ଯୋଗଦାନ ସମ୍ପର୍କିତ। ପୂର୍ବସୂରୀ ଡୋନାଲ୍ଡ ଟ୍ରମ୍ପ୍ ଗତବର୍ଷ ଡବ୍ଲ୍ୟୁଏଚ୍‌ଓକୁ ଅକ୍ଷମ ଭାବେ ଅଭିହିତ କରିଥିଲେ। ଏହାସହ କରୋନା ମହାମାରୀ ଉପରେ ଚାଇନାର ଚାପରେ ନଇଁପଡ଼ିଥିବା ଦର୍ଶାଇ ଜାତିସଂଘର ସ୍ୱାସ୍ଥ୍ୟ ସଂସ୍ଥାରୁ ଆମେରିକା ଓହରିଯିବା ନେଇ ସେ ନିଷ୍ପତ୍ତି ନେଇଥିଲେ। ଗତବର୍ଷ ଏପ୍ରିଲରେ ସାରା ବିଶ୍ୱକୁ କରୋନା ସଂକ୍ରମଣ ବ୍ୟାପିଥିବାବେଳେ ଟ୍ରମ୍ପ୍ ଡବ୍ଲ୍ୟୁଏଚ୍‌ଓ ଚାଇନା ଦ୍ୱାରା ନିୟନ୍ତ୍ରିତ ବୋଲି କହି ଏହାକୁ ଆମେରିକାର ପାଣ୍ଠି ପ୍ରଦାନ ବନ୍ଦ କରିଦେଇଥିଲେ। ଆସନ୍ତା ଜୁଲାଇରେ ତାଙ୍କ ଅର୍ଡର ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକାରୀ ହେବାକୁ ଥିବାବେଳେ ବାଇଡେନ୍‌ଙ୍କ ଅର୍ଡର ଏହାକୁ ରଦ୍ଦ କରିଛି। ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରେସ୍‌ଙ୍କୁ ବୁଧବାର ଏକ ପତ୍ର ଲେଖିଛନ୍ତି। ଘାତକ କରୋନା ଭାଇରସ୍ ବିରୋଧୀ ଲଢ଼େଇରେ ଡବ୍ଲ୍ୟୁଏଚ୍‌ଓ ବିଶ୍ୱରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଉଛି। ତେଣୁ ଆମେରିକା ନିଜ ସଦସ୍ୟତା ବଜାୟ ରଖିବାକୁ ଚାହେଁ ବୋଲି ସେ ଏଥିରେ ଉଲ୍ଲେଖ କରିଛନ୍ତି। ଗୁଟେରେସ୍ ବାଇଡେନ୍‌ଙ୍କ ପ୍ରସ୍ତାବକୁ ସ୍ୱାଗତ କରିବା ସହ ୱାଶିଂଟନର ସମର୍ଥନ ସମସ୍ତ ଦେଶକୁ ଭାକ୍ସିନ ଯୋଗାଣରେ ସହାୟକ ହେବ ବୋଲି କହିଛନ୍ତି।

ନିକଟରେ ଟ୍ରମ୍ପ୍ ପ୍ରଶାସନର ଏକ ରିପୋର୍ଟରେ ସ୍କୁଲଗୁଡ଼ିକରେ ଦେଶଭକ୍ତି ଶିକ୍ଷା ପ୍ରଚଳନ ପାଇଁ ଲକ୍ଷ୍ୟ ରଖାଯାଇଥିଲା। ଏହାକୁ ଐତିହାସିକମାନେ ଉପହାସ କରି ଏକ ରାଜନୈତିକ ପ୍ରୋପାଗଣ୍ଡା ରୂପେ ପ୍ରତ୍ୟାଖ୍ୟାନ କରିଥିଲେ। ବାଇଡେନ୍ ଟ୍ରମ୍ପ୍‌ଙ୍କ ଏହି ଦେଶଭକ୍ତି ଶିକ୍ଷା ନୀତିକୁ ରଦ୍ଦ କରିଛନ୍ତି। ସେହିପରି ବାଇଡେନ୍ ପ୍ରଥମ ଦିନରେ କଂଗ୍ରେସକୁ ଏକ ବିସ୍ତୃତ ଆପ୍ରବାସନ ବିଲ୍ ପଠାଇଛନ୍ତି। ବିନା ଦସ୍ତାବିଜରେ ଆମେରିକାରେ ବସବାସ କରୁଥିବା ଲକ୍ଷ ଲକ୍ଷ ପ୍ରବାସୀଙ୍କୁ ନାଗରିକତ୍ୱ ଓ ବୈଧ ମାନ୍ୟତା ପ୍ରଦାନରେ ଏହା ସହାୟକ ହେବ। ଏଥିଯୋଗୁ ହଜାର ହଜାର ଭାରତୀୟ ଆଇଟି ପ୍ରଫେସନାଲ ଉପକୃତ ହେବେ ବୋଲି କୁହାଯାଉଛି।

> ଖରାପ ସମୟରେ ବି ଆମେ ସ୍ୱପ୍ନ ଦେଖୁ। କେବଳ ସ୍ୱପ୍ନ ଦେଖୁନୁ, ତାକୁ ସାକାର ମଧ୍ୟ କରିଥାଉ। କ'ଣ ଘଟିଯାଇଛି ତା' ଉପରେ ନଜର ରଖିବା ସହ ଆଗକୁ କ'ଣ ହୋଇପାରିବ ତାହା ମଧ୍ୟ ଆମେ ବିଚାର କରୁ। ଚନ୍ଦ୍ରରେ ଜାତୀୟ ପତାକା ଉଡ଼ାଉ। ଆମେ ଦୃଢ଼, ନିର୍ଭିକ ଓ ମହତ୍ତ୍ୱାକାଂକ୍ଷୀ। ଆମେ ଉପରକୁ ଉଠିବୁ, ଏହା ହେଉଛି ଆମର ବିଶ୍ୱାସ। ଏହା ଆମେରିକାର ଆକାଂକ୍ଷା।
>
> **-କମଲା ହାରିସ୍, ଆମେରିକା ଉପରାଷ୍ଟ୍ରପତି**



### ବଡ଼ ନିଷ୍ପତ୍ତି

- ରାଷ୍ଟ୍ରପତି ବାଇଡେନ୍ ନିଜ ଅଫିସରେ ପ୍ରଥମ କିଛି ଘଣ୍ଟା ବିତାଇବାବେଳେ ଟ୍ରମ୍ପ୍‌ଙ୍କ କେତେକ ନୀତିକୁ ପଲଟାଇବା ସହ ଏକ୍‌ଜିକ୍ୟୁଟିଭ୍ ଅର୍ଡରରେ ସ୍ୱାକ୍ଷର କଲେ।
- ପ୍ୟାରିସ୍ ଜଳବାୟୁ ଚୁକ୍ତିରେ ପୁନଃ ଯୋଗଦାନ ନିମନ୍ତେ ପଥ ଅନୁକୂଳ କରିବା ସହ ବିବାଦୀୟ କିଷ୍ଟୋନ୍ ଏକ୍ସଏଲ୍ ପାଇପ୍‌ଲାଇନ୍ ଯୋଜନାକୁ ରଦ୍ଦ କଲେ।
- ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ପ୍ରତି ଆମେରିକାର ପ୍ରତିଶ୍ରୁତିବଦ୍ଧତାକୁ ଦୋହରାଇଲେ ଏବଂ ସମସ୍ତ ଫେଡେରାଲ ସମ୍ପତ୍ତିରେ ମାସ୍କ ପିନ୍ଧିବାକୁ ବାଧ୍ୟତାମୂଳକ କଲେ।
- ମୁସଲିମ୍ ଦେଶଗୁଡ଼ିକ ଉପରେ ଜାରି ହୋଇଥିବା ଯାତ୍ରା କଟକଣା ପ୍ରତ୍ୟାହାର କରିବା ସହ ମେକ୍ସିକୋ ସୀମାରେ ଟ୍ରମ୍ପ୍‌ଙ୍କ ପ୍ରାଚୀର ନିର୍ମାଣକୁ ବନ୍ଦ ପାଇଁ ନିର୍ଦ୍ଦେଶ ଦେଲେ।

### ବିଶ୍ୱ ନେତାଙ୍କ ପ୍ରତିକ୍ରିୟା

> ଜୋ ବାଇଡେନ୍ ଓ ତାଙ୍କ ନୂଆ ପ୍ରଶାସନ ସହ କାର୍ଯ୍ୟ କରିବାକୁ ଆଶାବାଦୀ। ଜଳବାୟୁ ପରିବର୍ତ୍ତନ ଓ କରୋନା ମୁକାବିଲା ସମେତ ନିରାପତ୍ତା କ୍ଷେତ୍ରରେ ସହଯୋଗ ବୃଦ୍ଧି ପାଇବ।
>
> **- ବୋରିସ୍ ଜନ୍‌ସନ, ବ୍ରିଟେନ ପ୍ରଧାନମନ୍ତ୍ରୀ**

> କାନାଡା ଓ ଆମେରିକା କୋଭିଡ୍-୧୯ ବିରୋଧୀ ଲଢ଼େଇରେ ସହଭାଗିତା ଜାରି ରଖିବେ। ସମସ୍ତଙ୍କ ସମୃଦ୍ଧି ପାଇଁ ଅର୍ଥନୀତିକୁ ଟ୍ରାକ୍‌କୁ ଫେରାଇ ଆଣିବାର ନିରନ୍ତର ସମର୍ଥନ ବଜାୟ ରହିବ।
>
> **- ଜଷ୍ଟିନ୍ ଟ୍ରୁଡୋ, କାନାଡା ପ୍ରଧାନମନ୍ତ୍ରୀ**

> ଆମେରିକା ସ୍ଥିତିକୁ ଫେରିଛି ଓ ୟୁରୋପ ପ୍ରସ୍ତୁତ ହୋଇରହିଛି। ଜଣେ ପୁରୁଣା ଓ ବିଶ୍ୱସ୍ତ ସହଯୋଗୀଙ୍କ ସହ ପୁନଃ ସମ୍ପର୍କ ପ୍ରତିଷ୍ଠା ପାଇଁ ଆଶାବାଦୀ।
>
> **- ଉର୍ସୁଲା ଭୋନ୍ ଡେର୍ ଲେୟେନ, ୟୁରୋପୀୟ କମିଶନ ଅଧ୍ୟକ୍ଷ**

> ବେଜିଂ ନୂଆ ପ୍ରଶାସନ ସହ ମିଶି ଚାଇନା-ଆମେରିକା ସମ୍ପର୍କକୁ ଧୀରେ ଧୀରେ ଆଗେଇନେବ। ଦୁଇଦେଶ ମିଳିତ ଭାବେ ବୈଶ୍ୱିକ ସଙ୍କଟକୁ ଦୂର କରିବାରେ ସହାୟକ ହେବେ।
>
> **- କୁଇ ଟିଆନ୍‌କାଇ, ଆମେରିକାରେ ଚାଇନା ରାଷ୍ଟ୍ରଦୂତ**

> ଏହି ମହାନ୍ ଦିନ ପାଇଁ ଆମେରିକୀୟମାନଙ୍କୁ ଶୁଭେଚ୍ଛା। ଆମେ ଏକାଠି ରହିଛେ। ସାମ୍ପ୍ରତିକ ଚ୍ୟାଲେଞ୍ଜଗୁଡ଼ିକୁ ସାମ୍ନା କରିବା ପାଇଁ ଆହୁରି ଶକ୍ତିଶାଳୀ ହେବା। ବିଶ୍ୱ ପାଇଁ ଏକ ସୁରକ୍ଷିତ ଭବିଷ୍ୟତ ଗଢ଼ିବା।
>
> **- ଇମାନ୍ୟୁଏଲ ମାକ୍ରଁ, ଫ୍ରାନ୍ସ ରାଷ୍ଟ୍ରପତି**

> ଆମେରିକାର ନୂଆ ଆରମ୍ଭ ଗଣତନ୍ତ୍ରକୁ ଆହୁରି ମହାନ୍ କରିବ। 'ଆମେରିକା ୟୁନାଇଟେଡ୍' ଯାତ୍ରାକୁ ଆଗକୁ ବଢ଼ାଇବା ପାଇଁ କୋରିଆବାସୀ ବାଇଡେନ୍‌ଙ୍କ ସହ ଅଛନ୍ତି।
>
> **- ମୁନ୍ ଜାଏ-ଇନ୍, ଦକ୍ଷିଣ କୋରିଆ ରାଷ୍ଟ୍ରପତି**

> ପ୍ୟାରିସ୍ ଚୁକ୍ତିରେ ପୁନଃ ଯୋଗଦାନ ଏବଂ ଡବ୍ଲ୍ୟୁଏଚ୍‌ଓରୁ ଓହରିବାକୁ ବନ୍ଦ କରିବା ନେଇ ରାଷ୍ଟ୍ରପତି ବାଇଡେନ୍‌ଙ୍କ ଉଦ୍ଦେଶ୍ୟ ସ୍ୱାଗତଯୋଗ୍ୟ।
>
> **- ଜାସିଣ୍ଡା ଆର୍ଡେନ, ନ୍ୟୁଜିଲାଣ୍ଡ ପ୍ରଧାନମନ୍ତ୍ରୀ**

> ଇସ୍ରାଏଲ୍ ଓ ଆରବ ରାଷ୍ଟ୍ରଗୁଡ଼ିକରେ ଶାନ୍ତି ପ୍ରତିଷ୍ଠା ପାଇଁ ଆମେରିକା ସହ ଦ୍ୱିପାକ୍ଷିକ ମେଣ୍ଟ ସୁଦୃଢ଼ ହେବ।
>
> **- ବେଞ୍ଜାମିନ୍ ନେତାନ୍ୟାହୁ, ଇସ୍ରାଏଲ ପ୍ରଧାନମନ୍ତ୍ରୀ**

> ଜଣେ ସ୍ୱେଚ୍ଛାଚାରୀଙ୍କ ଯୁଗର ଅବସାନ ହୋଇଛି। ବାଇଡେନ୍ ଯଦି ପାରିବେ ବିଗତ ୪ ବର୍ଷର କଳଙ୍କକୁ ଆଗାମୀ ୪ ବର୍ଷରେ ଲିଭାଇବାକୁ ଉଦ୍ୟମ କରନ୍ତୁ।
>
> **- ହାସନ ରୁହାନି, ଇରାନ ରାଷ୍ଟ୍ରପତି**

## ଭାରତକୁ ଟିକା ମାଗିଲେ ୯୨ ଦେଶ




୨୦ ଲକ୍ଷ ଟିକା ନେଇ ଢାକା ବିମାନବନ୍ଦରରେ ପହଞ୍ଚିଛି ଭାରତୀୟ ବିମାନ।

**ବାଂଲାଦେଶ, ନେପାଳରେ ପହଞ୍ଚିଲା**

**ପୁଣେ, ୨୧।୧**

ଭାରତର କୋଭିଡ୍ ଟିକା ଗୁରୁବାର ବାଂଲାଦେଶ ଓ ନେପାଳରେ ପହଞ୍ଚିଛି। ୩୦ ଲକ୍ଷ କୋଭିଶିଲ୍ଡ ଟିକା ନେଇ ଦୁଇଟି ଭାରତୀୟ ବିମାନ ଗୁରୁବାର ଢ଼ାକା ଓ କାଠମାଣ୍ଡୁରେ ଅବତରଣ କରିଛି। ଶୁକ୍ରବାର ସିଚେଲ୍ସ ଏବଂ ମ୍ୟାନ୍‌ମାରରେ ଏହି ଟିକା ପହଞ୍ଚିବ। ବୁଧବାର ଭୁଟାନ ଓ ମାଳଦ୍ୱୀପକୁ ଟିକା ପଠାଯାଇଥିଲା। ଏହାବ୍ୟତୀତ ଆଫଗାନିସ୍ତାନ, ଶ୍ରୀଲଙ୍କା ଓ ମରିସସ୍‌କୁ ଟିକା ପଠାଇବା ପାଇଁ ଭାରତ ଯୋଜନା କରିଛି। ଭାରତରୁ କୋଭିଡ୍ ଟିକା କିଣିବା ଲାଗି ୯୨ଟି ଦେଶ ଅନୁରୋଧ କରିଛନ୍ତି। ବିଶ୍ୱ ଟିକା କେନ୍ଦ୍ର ଭାବେ ଭାରତର ପରିଚୟକୁ ଏହା ଆହୁରି ସୁଦୃଢ଼ କରିଛି। ଗତ ଶନିବାରଠାରୁ ଭାରତରେ ଟିକାକରଣ ଆରମ୍ଭ ହୋଇଥିବାବେଳେ ଏହାର ପାର୍ଶ୍ୱ ପ୍ରତିକ୍ରିୟା ନଗଣ୍ୟ ହୋଇଥିବାରୁ ଅଧିକରୁ ଅଧିକ ଦେଶ ଭାରତୀୟ କୋଭିଡ୍ ଟିକା କିଣିବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ବ୍ରାଜିଲ ଟିକା ନେବା ପାଇଁ ପୁଣେକୁ ସ୍ୱତନ୍ତ୍ର ବିମାନ ପଠାଇଛି।



ଜାନୁୟାରୀ ୨୬ରେ ଦିଲ୍ଲୀରେ ହେବାକୁ ଥିବା ଟ୍ରାକ୍ଟର ରାଲି ପୂର୍ବରୁ ଅମୃତସରରେ କୃଷକମାନେ ପ୍ରସ୍ତୁତି ଚଳାଇଛନ୍ତି।

## ସ୍ୱାଧୀନ ଭାବେ କାର୍ଯ୍ୟ କରୁ ସିବିଆଇ, ଇଡି

**ମୁମ୍ବାଇ, ୨୧।୧**

ବିଚାର ବିଭାଗ ଏବଂ ଆର୍‌ବିଆଇ, ସିବିଆଇ, ଇଡି ଭଳି ସଂସ୍ଥାଗୁଡ଼ିକ ସ୍ୱାଧୀନ ଓ ନିରପେକ୍ଷ ଭାବେ କାର୍ଯ୍ୟ କରିବା ଉଚିତ ବୋଲି ଗୁରୁବାର ବମ୍ବେ ହାଇକୋର୍ଟ କହିଛନ୍ତି। ୨୦୧୬ର ଜମି ଜବରଦଖଲ ଅଭିଯୋଗ ମାମଲାରେ ଏନ୍‌ସିପି ନେତା ଏକ୍‌ନାଥ ଖଡ୍‌ସେଙ୍କ ଉପରେ କାର୍ଯ୍ୟାନୁଷ୍ଠାନକୁ ନେଇ ଅଦାଲତ କହିଥିଲେ, ତାଙ୍କୁ କିଛିଦିନ ପାଇଁ ଅନ୍ତରୀଣ ସୁରକ୍ଷା ଦେଲେ ଆକାଶ ଛିଡ଼ିପଡ଼ିବ ନାହିଁ। ଗତବର୍ଷ ଅକ୍ଟୋବରରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଖଡ୍‌ସେଙ୍କ ବିରୋଧରେ ଏନ୍‌ଫୋର୍ସମେଣ୍ଟ କେସ୍ ଇନ୍‌ଫର୍ମେଶନ ରିପୋର୍ଟ (ଇସିଆଇଆର୍) ଦାଏର କରିଥିଲା। ଏହାକୁ ଖାରଜ କରିବା ପାଇଁ ଏନ୍‌ସିପି ନେତା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। କୌଣସି କାର୍ଯ୍ୟାନୁଷ୍ଠାନରୁ ଖଡ୍‌ସେଙ୍କୁ ଅନ୍ତରୀଣ ସୁରକ୍ଷା ଦେବା ପାଇଁ ତାଙ୍କ ଓକିଲ କୋର୍ଟଙ୍କୁ ଅନୁରୋଧ କରିଥିଲେ। ବିଚାରପତି ଏସ୍.ଏସ୍. ସିନ୍ଦେ ଏବଂ ମନୀଷ ପିଟାଲେଙ୍କ ଖଣ୍ଡପୀଠ ମାମଲାର ପରବର୍ତ୍ତୀ ଶୁଣାଣି ୨୫ ତାରିଖକୁ ଧାର୍ଯ୍ୟ କରିଥିବାବେଳେ ସେ ପର୍ଯ୍ୟନ୍ତ ଇଡି କୌଣସି କାର୍ଯ୍ୟାନୁଷ୍ଠାନ ନେବନାହିଁ ବୋଲି ଏହାର ଓକିଲ ଅନିଲ୍ ସିଂ ଅଦାଲତଙ୍କୁ ଜଣାଇଥିଲେ। ଅଧିକ ଦିନ ଅନ୍ତରୀଣ ସୁରକ୍ଷା ଦେବାରେ ସମସ୍ୟା କ'ଣ ବୋଲି ଖଣ୍ଡପୀଠ ପ୍ରଶ୍ନ କରିଥିଲେ। ବିଚାର ବିଭାଗ, ସିବିଆଇ, ଇଡି ଭଳି ସଂସ୍ଥା ସ୍ୱାଧୀନ ଓ ନିରପେକ୍ଷ ଭାବେ କାର୍ଯ୍ୟ ନ କଲେ ଗଣତନ୍ତ୍ର ପ୍ରତି ବିପଦ ସୃଷ୍ଟି ହେବ ବୋଲି ଖଣ୍ଡପୀଠ ମତ ଦେଇଥିଲେ।

## ମୁଖ୍ୟମନ୍ତ୍ରୀ ହୋଇପାରନ୍ତି କେସିଆର୍‌ଙ୍କ ପୁଅ

**ହାଇଦ୍ରାବାଦ, ୨୧।୧**



କେ.ଟି. ରାମାରାଓ

ତେଲଙ୍ଗାନା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓ (କେସିଆର୍) ତାଙ୍କ ପୁଅ ତଥା କ୍ୟାବିନେଟ ମନ୍ତ୍ରୀ କେ.ଟି. ରାମାରାଓ (କେଟିଆର୍)ଙ୍କୁ କ୍ଷମତା ହସ୍ତାନ୍ତର କରିପାରନ୍ତି। ବୁଧବାର ରାଜ୍ୟ ପ୍ରାଣୀସମ୍ପଦ ମନ୍ତ୍ରୀ ତାଲାସାନି ଶ୍ରୀନିବାସ ଏଭଳି ସୂଚନା ଦେବା ପରେ ଚର୍ଚ୍ଚା ଜୋର୍ ଧରିଛି। ହାଇଦ୍ରାବାଦରେ ଏକ କାର୍ଯ୍ୟକ୍ରମକୁ ଉଦ୍‌ବୋଧନ ଦେବା ଅବସରରେ ଶ୍ରୀନିବାସ କହିଥିଲେ, କେଟିଆର୍ ମୁଖ୍ୟମନ୍ତ୍ରୀ ହେବାରେ କୌଣସି ଭୁଲ୍ ନାହିଁ। କାରଣ ସେ ଏବେ ଦଳର କାର୍ଯ୍ୟକାରୀ ଅଧ୍ୟକ୍ଷ ଅଛନ୍ତି। ତାଙ୍କୁ ମୁଖ୍ୟମନ୍ତ୍ରୀ କରିବା ନେଇ କେସିଆର୍ ଠିକ୍ ସମୟରେ ନିଷ୍ପତ୍ତି ନେବେ।

୨୦୧୮ ବିଧାନସଭା ନିର୍ବାଚନ ପରଠାରୁ କେଟିଆର୍ ମୁଖ୍ୟମନ୍ତ୍ରୀ ହେବା ନେଇ ଚର୍ଚ୍ଚା ହୋଇଆସୁଥିଲା। ତାଙ୍କଠାରେ ସବୁପ୍ରକାର ଦକ୍ଷତା ରହିଥିବା ପୂର୍ବରୁ ମନ୍ତ୍ରୀ ଅଟଳ ରାଜେନ୍ଦ୍ର, ଭି. ଶ୍ରୀନିବାସ ଗୌଡ, ଏରାବେଲି ଦୟାକର ରାଓ ଏବଂ ବିଧାନ ପରିଷଦ ଅଧ୍ୟକ୍ଷ ଗୁଟ୍ଟା ସୁଖେନ୍ଦର କହିଥିଲେ। ସେତେବେଳେ କେଟିଆର୍‌ଙ୍କୁ ଦଳର କାର୍ଯ୍ୟକାରୀ ଅଧ୍ୟକ୍ଷ କରାଯାଇଥିଲା। କେସିଆର୍ ଏକ ସଂଘୀୟ ସାମ୍ମୁଖ୍ୟ ଗଢ଼ିବା ସହ ଜାତୀୟ ରାଜନୀତିରେ ବଡ଼ ଭୂମିକା ନେବାକୁ ଚାହାନ୍ତି ବୋଲି ସୂଚନା ଦେବା ପରେ କେଟିଆର୍ ମୁଖ୍ୟମନ୍ତ୍ରୀ ହେବା ନେଇ ଚର୍ଚ୍ଚା ଆରମ୍ଭ ହୋଇଥିଲା। କିଛିମାସ ପୂର୍ବରୁ କେଟିଆର୍ ବିଭିନ୍ନ ମନ୍ତ୍ରୀ ଓ ଗୁରୁତ୍ୱପୂର୍ଣ୍ଣ ବିଭାଗର ମୁଖ୍ୟମାନଙ୍କ ସହ ଦୀର୍ଘ ୮ ଘଣ୍ଟା ବୈଠକ କରିଥିଲେ। ସରକାରରେ ମଧ୍ୟ କେଟିଆର୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇ ଆସୁଛନ୍ତି। ରାଜ୍ୟକୁ ବିପୁଳ ନିବେଶ ଆଣିବାରେ ତାଙ୍କର ଅବଦାନ ରହିଛି।

**ତେଲଙ୍ଗାନାରେ କ୍ଷମତା ହସ୍ତାନ୍ତର ନେଇ ଚର୍ଚ୍ଚା**

> ଫେବୃୟାରୀ-ମାର୍ଚ୍ଚରେ ଆରମ୍ଭ ହେବାକୁ ଥିବା ବିଧାନସଭାର ବଜେଟ ଅଧିବେଶନରେ କେଟିଆର୍‌ଙ୍କୁ ମୁଖ୍ୟମନ୍ତ୍ରୀ ଭାବେ ଦେଖିବାକୁ ଚାହୁଁ।
>
> **-ସକିଲ୍ ଅହମଦ, ଟିଆର୍‌ଏସ୍ ବିଧାୟକ**

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୯,୭୫,୪୭,୯୫୦ | ୨୦,୮୯,୧୨୧ | ୭,୦୦,୬୦,୪୬୬ |
| ଭାରତ | ୧,୦୬,୨୩,୯୨୦ | ୧,୫୩,୦୧୩ | ୧,୦୨,୭୯,୩୫୭ |
| ଓଡ଼ିଶା | ୩,୩୩,୮୬୬ | ୧୯୦୩(+୫୩) | ୩,୩୦,୫୪୫ |

ଗୁରୁବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର




# ମିଳିଲା ମହାପ୍ରଭୁଙ୍କ ଦର୍ଶନ

ପୁରୀ ଅଫିସ,୨୧।୧: ହଟିଛି କୋଭିଡ୍ ନେଗେଟିଭ୍ ରିପୋର୍ଟ କଟକଣା। ଦାରୁଦିଅଁଙ୍କ ଦର୍ଶନ ପାଇଁ ଶ୍ରୀମନ୍ଦିରକୁ ଛୁଟିଛନ୍ତି ଶ୍ରଦ୍ଧାଳୁ। ରାଜ୍ୟ ତଥା ରାଜ୍ୟ ବାହାରୁ ବହୁ ସଂଖ୍ୟାରେ ଦର୍ଶନାର୍ଥୀ ଗୁରୁବାର ଶ୍ରୀଜୀଉଙ୍କ ଦର୍ଶନ କରିଛନ୍ତି। ଗୁରୁବାର ସହଜ ଦର୍ଶନ ଆରମ୍ଭ ହୋଇଥିବାରୁ ଏଥିପାଇଁ ଶ୍ରୀମନ୍ଦିର ପ୍ରଶାସନ ବ୍ୟାପକ ପ୍ରସ୍ତୁତି କରିଥିଲା। ଶ୍ରୀମନ୍ଦିର ସମ୍ମୁଖ ଓ ପ୍ରବେଶ ଦ୍ୱାରକୁ ପୁଷ୍ପମାଳାରେ ସଜା ଯାଇଥିଲା। ମାର୍କେଟ ଛକରୁ ବ୍ୟାରିକେଡ୍ ବ୍ୟବସ୍ଥା ଲାଗୁ କରାଯାଇଥିଲା। ସକାଳ ୬ରୁ ୭ଟା ପର୍ଯ୍ୟନ୍ତ ପୁରୀ ସହରବାସୀ ଦର୍ଶନ କରି ସାରିବା ପରେ ୭ଟାରୁ ମାର୍କେଟ ଛକରୁ ବ୍ୟାରିକେଡ୍‌ରେ ସାଧାରଣ ଲୋକେ ପ୍ରବେଶ କରିଥିଲେ। ଥର୍ମାଲ ସ୍କ୍ରିନିଂ କରାଯିବାପରେ ଶ୍ରଦ୍ଧାଳୁଙ୍କୁ ମନ୍ଦିର ଭିତରକୁ ଛଡ଼ାଯାଇଥିଲା। ପୂର୍ବରୁ କିଓସ୍କୋ ବ୍ୟବସ୍ଥା ଦର୍ଶନ ବ୍ୟବସ୍ଥାର ଅଂଶ ରହି ଆସିଥିଲା। ତେବେ ଗୁରୁବାର ଦର୍ଶନରେ କିଓସ୍କୋ ଦେଖିବାକୁ ମିଳି ନ ଥିଲା। କିଓସ୍କୋ ରହିବା ଫଳରେ ଦର୍ଶନରେ ବିଳମ୍ବ ହେଉଥିବା ଯୁକ୍ତି ବାଢ଼ି ପ୍ରଶାସନ ଏହାକୁ ବନ୍ଦ କରିଛି। ତେବେ ପ୍ରଥମ ଦିନରେ ୩୦ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ମହାପ୍ରଭୁଙ୍କ ଦର୍ଶନ କରିଥିବା ପ୍ରଶାସନ ପକ୍ଷରୁ ଆକଳନ କରାଯାଇଛି। ଭୋର ୫ଟା ୨୫ରେ ମହାପ୍ରଭୁଙ୍କ ଦ୍ୱାର ଫିଟା ନୀତି ସମ୍ପାଦନ ହୋଇଥିଲା। ମହାପ୍ରଭୁଙ୍କ ମହାପ୍ରସାଦ ଆନନ୍ଦବଜାରରେ ସେବନ କରିବାର ସୁଯୋଗ ମିଳି ନ ଥିଲେ ମଧ୍ୟ ଆନନ୍ଦବଜାରରେ ଦିନ ତମାମ୍ ଅବଢ଼ା ବିକ୍ରି ହୋଇଛି। ଦୂରଦୂରାନ୍ତରୁ ଆସିଥିବା ଲୋକେ ଆନନ୍ଦବଜାରରୁ ଅବଢ଼ା କିଣି ଉତ୍ତର ଦ୍ୱାର ଦେଇ ଶ୍ରୀମନ୍ଦିରରୁ ପ୍ରସ୍ଥାନ କରିଥିବା ଦୃଶ୍ୟ ସାମ୍ନାକୁ ଆସିଛି।




# ପୋଲିସ-ଭାଜପା କର୍ମୀ ଧସ୍ତାଧସ୍ତି

**ସମ୍ବଲପୁରରେ ଚାଷୀ ଅଧିକାର ରାଲି**

- ୫୦ରୁ ଊର୍ଦ୍ଧ୍ୱ ଗିରଫ
- ଥାନା ଭିତରେ ଧାରଣାରେ ବସିଲେ ନେତା


ଆର୍‌ଡିସି ଅଫିସ ସମ୍ମୁଖରେ ଭାଜପା ନେତା ଓ କର୍ମୀଙ୍କ ମଧ୍ୟରେ ପୋଲିସର ଧସ୍ତାଧସ୍ତି।

ସମ୍ବଲପୁର, ୨୧।୧ (ବ୍ୟୁରୋ)

କେନ୍ଦ୍ର ସରକାର ଚାଷୀଙ୍କ ପାଇଁ ଅନେକ ଯୋଜନା କରିଥିଲେ ମଧ୍ୟ ରାଜ୍ୟରେ ଲାଗୁ କରାଯାଉ ନାହିଁ। ଉତ୍ପାଦିତ ଧାନ ବିକ୍ରି କରିବା ଲାଗି ଚାଷୀ ରାଜରାସ୍ତାକୁ ଓହ୍ଲାଉଛି। ରାଜ୍ୟ ସରକାରଙ୍କ ଅପାରଗତା ଯୋଗୁ ସମଗ୍ର ରାଜ୍ୟରେ ଚାଷୀ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ପାକିସ୍ତାନ ଓ ଆଫଗାନିସ୍ତାନର ଚାଷୀଙ୍କ ଭଳି ଓଡିଶା ଚାଷୀଙ୍କ ଦୁଃଖ ବଳିଯାଉଛି ବୋଲି ଗୁରୁବାର ବରଗଡ ଏମ୍‌ପି ସୁରେଶ ପୂଜାରୀ ଅଇଁଠାପାଲି ପିଏଚ୍‌ଡି ପଡିଆରେ ଆୟୋଜିତ ସମାବେଶରେ କହିଥିଲେ। ମଧ୍ୟାହ୍ନରେ ପୂର୍ବ ଘୋଷଣା ମୁତାବକ ଆର୍‌ଡିସି ଅଫିସ ଘେରାଉ ପାଇଁ ଚାଷୀ ଅଧିକାର ରାଲି ବାହାରିଥିଲା। ଏହି ସମୟରେ ଦଳର ନେତା ଓ କର୍ମୀଙ୍କ ସହ ପୋଲିସର ଧସ୍ତାଧସ୍ତି ହୋଇଥିଲା।

ଓଡ଼ିଶା ରାଜ୍ୟ ସହପ୍ରଭାରୀ ତଥା ରାଜ୍ୟ ସଭା ସଦସ୍ୟ ବିଜୟ ପାଲ ସିଂ ତୋମାର କହିଥିଲେ, ଭାଜପା ସରକାର କୃଷି ଓ କୃଷକ ପାଇଁ ବିଭିନ୍ନ ପଦକ୍ଷେପ ନେଉଛନ୍ତି। କେବଳ ଓଡିଶାରେ ମଣ୍ଡି ବ୍ୟବସ୍ଥାରେ ସମସ୍ୟା ଦେଖିବାକୁ ମିଳିଛି। ରାଜ୍ୟ ସରକାର ଧାନ ସଂଗ୍ରହ ପ୍ରକ୍ରିୟାକୁ ପରିଚାଳନା କରି ପାରୁନାହାନ୍ତି। ଅନ୍ୟମାନଙ୍କ ମଧ୍ୟରେ ବିରୋଧୀ ଦଳ ନେତା ପ୍ରଦୀପ୍ତ ନାୟକ, ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି, ବଲାଙ୍ଗୀର ଏମ୍‌ପି ସଙ୍ଗୀତା ସିଂଦେଓ, କଳାହାଣ୍ଡି ଏମ୍‌ପି ବସନ୍ତ ପଣ୍ଡା, ଭାଜପା କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ପ୍ରଦୀପ ପୁରୋହିତ, ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ରେଙ୍ଗାଲି ବିଧାୟକ ତଥା ରାଜ୍ୟ ଉପସଭାପତି ନାଉରି ନାୟକ, ଦେବଗଡ ବିଧାୟକ ସୁବାସ ପାଣିଗ୍ରାହୀ, ଲୋଇସିଂହା ବିଧାୟକ ମୁକେଶ ମହାଲିଙ୍ଗ, ସୁନ୍ଦରଗଡ ବିଧାୟକ କୁସୁମ ଟେଟେ, ବୀରମିତ୍ରପୁର ବିଧାୟକ ଶଙ୍କର ଓରାମ, ତଳସରା ବିଧାୟକ ଭବାନୀ ଭୋଇ, କୃଷକ ମୋର୍ଚ୍ଚା ରାଷ୍ଟ୍ରୀୟ ଉପସଭାପତି ମହେଶ୍ୱର ସାହୁ, ରାଜ୍ୟ ସାଧାରଣ ସମ୍ପାଦକ ରବି ନାୟକ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ସେମାନେ କହିଥିଲେ, ରାଜ୍ୟ ସରକାରଙ୍କ ଟୋକନ୍ ବ୍ୟବସ୍ଥା ଚାଷୀଙ୍କ ପାଇଁ ସମସ୍ୟା ହୋଇଛି। ତେଣୁ ଏହି ବ୍ୟବସ୍ଥାକୁ ହଟାଯିବା ଦରକାର। ଖରିଫ ସମୟରେ ଅବଧି ଶେଷ ହୋଇଥିବା ଟୋକନ୍ ପୁନଃ କାର୍ଯ୍ୟକ୍ଷମ କରାଯାଉ। କଟ୍‌ନୀଛଟ୍‌ନୀ ଆଳରେ ମିଲରଙ୍କୁ ପ୍ରୋତ୍ସାହନ ବନ୍ଦ କରାଯାଉ। ଚାଷୀଙ୍କୁ ନ୍ୟାୟ ମିଳିବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ। ପରେ ମଧ୍ୟାହ୍ନରେ ପିଏଚ୍‌ଡି ପଡିଆଠାରୁ ଆର୍‌ଡିସି ଅଫିସ ଘେରାଉ ପାଇଁ ଏକ ରାଲି ବାହାରିଥିଲା। ଏହି ସମୟରେ ପୋଲିସ ସହ ଧସ୍ତାଧସ୍ତି ହୋଇଥିଲେ। ପରେ ପ୍ରାୟ ୫୦ରୁ ଅଧିକ ନେତା ଓ କର୍ମକର୍ତ୍ତାଙ୍କୁ ପୋଲିସ ଗିରଫ କରିଥିଲା। ଟାଉନ ଥାନାରେ ଗିରଫ ନେତା ଓ କର୍ମକର୍ତ୍ତାଙ୍କୁ ରଖାଯାଇଥିଲା। ସେଠାରେ ଧାରଣା ଦେଇ ସେମାନେ ନିଜ ଜିଦ୍‌ରେ ଅଟଳ ରହିଥିଲେ। ପ୍ରଥମେ ସରକାର ମଣ୍ଡିରୁ ଧାନ ଉଠାନ୍ତୁ, ତା’ ପରେ ଥାନାରୁ ବାହାରକୁ ଯିବେ ବୋଲି କହିଥିଲେ। ଖବର ଲେଖାହେବା ପର୍ଯ୍ୟନ୍ତ ଗିରଫ ବିରୋଧୀ ଦଳ ନେତା ନାୟକଙ୍କ ସମେତ କର୍ମକର୍ତ୍ତାମାନେ ଟାଉନ ଥାନା ପରିସରରେ ରହିଥିଲେ। ଏହି ଚାଷୀ ଅଧିକାର ରାଲିରେ ପଶ୍ଚିମ ଓଡିଶାର ୩୫ ବିଧାନସଭା ମଣ୍ଡଳ, ବୌଦ୍ଧ ଓ କନ୍ଧମାଳ ବିଧାନସଭା ମଣ୍ଡଳର ଭାଜପା କର୍ମକର୍ତ୍ତା ଓ ଚାଷୀ ଯୋଗଦେଇଥିଲେ।

## ମାଈ ହାତୀର ମୃତଦେହ ଠାବ

ସମ୍ବଲପୁର,୨୧।୧(ବ୍ୟୁରୋ)

ସମ୍ବଲପୁର ବନଖଣ୍ଡ ସଦର ରେଞ୍ଜ କଂସର ଜଙ୍ଗଲରୁ ଗୁରୁବାର ଏକ ମାଈହାତୀର ମୃତଦେହ ବନ ବିଭାଗ ଠାବ କରିଛି। ଖାଦ୍ୟ ଅନ୍ୱେଷଣରେ ଆସି ନିକଟରେ ଥିବା ୧୧କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ମୃତ୍ୟୁ ଘଟିଥିବା ବନ ବିଭାଗ କହିଛି। ସଦର ରେଞ୍ଜର ଗୌରୀ ଦାସ କହିଛନ୍ତି, ଗୁରୁବାର ଭୋର ସମୟରେ ମାଈ ହାତୀର ମୃତଦେହ ପଡିଥିବା ଖବର ମିଳିଥିଲା। ରାତିରେ ବନ ବିଭାଗର ହାତୀ ଟ୍ରେକର ସ୍କ୍ୱାଡ୍, ଫରେଷ୍ଟର, ସମସ୍ତ କର୍ମଚାରୀ ହାତୀ ପଲର ଗତିବିଧି ଉପରେ ନଜର ରଖିଥିଲେ। ମାଈ ହାତୀଟି ଖାଇବା ପାଇଁ ଗଛ ଡାଳ ଭାଙ୍ଗୁଥିଲା। ସେହି ସମୟରେ ଗଛ ଡାଳ ୧୧ କେଭି ବିଦ୍ୟୁତ୍ ତାରରେ ଲାଗିଯାଇଥିଲା। ହାତୀ ମଧ୍ୟ ବିଦ୍ୟୁତ୍ ସଂସ୍ପର୍ଶରେ ଆସିଥିଲା। ବିଦ୍ୟୁତ୍ ତାର କମ୍ ଉଚ୍ଚତାରେ ରହିଥିବାରୁ ଏଭଳି ଅଘଟଣ ଘଟିଥିବା ସେ କହିଛନ୍ତି। ସୂଚନାଯୋଗ୍ୟ, ଏହାକୁ ମିଶାଇ ସଦର ରେଞ୍ଜରେ ପ୍ରାୟ ୬ ମାସ ବ୍ୟବଧାନରେ ୬ଟି ହାତୀର ମୃତ୍ୟୁ ଘଟିଲାଣି। ଏହା ମଧ୍ୟରେ ଟ୍ରେନ ଦୁର୍ଘଟଣାରେ ୨ଟି ଓ ଶିକାରୀ ଆକ୍ରମଣରେ ୩ଟି ଦନ୍ତା ହାତୀଙ୍କ ମୃତ୍ୟୁ ଘଟିଛି।

## ଅର୍କ ଦାସମହାପାତ୍ର ହେଲେ ମୁକ୍ତ ବିଶ୍ୱବିଦ୍ୟାଳୟ କୁଳପତି

ଭୁବନେଶ୍ୱର/ ସମ୍ବଲପୁର, ୨୧।୧ (ବ୍ୟୁରୋ)

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ(ଓଏସ୍‌ଓୟୁ)ର ନୂତନ କୁଳପତି ହେଲେ ପ୍ରଫେସର ଅର୍କ କୁମାର ଦାସ ମହାପାତ୍ର। ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ଅଧିନିୟମ-୨୦୧୪ (ଓଡ଼ିଶା ଆକ୍ଟ ୨୦୧୫) ଅନୁଯାୟୀ ପ୍ରଫେସର ମହାପାତ୍ରଙ୍କୁ ଏହି ନିଯୁକ୍ତି ଦିଆଯାଇଛି। ରାଜ୍ୟପାଳ ତଥା ବିଶ୍ୱବିଦ୍ୟାଳୟ କୁଳାଧିପତି ପ୍ରଫେସର ଗଣେଶୀ ଲାଲ୍ ଗୁରୁବାର ୩ଜଣ ଆଶାୟୀ ପ୍ରାର୍ଥୀଙ୍କ ସାକ୍ଷାତ୍‌କାର ନେବାପରେ ମହାପାତ୍ରଙ୍କ ନାମ ଘୋଷଣା କରାଯାଇଛି। କାର୍ଯ୍ୟରେ ଯୋଗଦେବା ପରଠାରୁ ୩ ବର୍ଷ ଲାଗି ସେ କୁଳପତି ଭାବେ କାର୍ଯ୍ୟ କରିବେ। ପ୍ରଫେସର ମହାପାତ୍ର ଏବେ ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ବିଜ୍‌ନେସ୍ ଆଡମିନିଷ୍ଟ୍ରେଶନ ବିଭାଗର ପ୍ରଫେସର ଭାବେ କାର୍ଯ୍ୟରତ। ସେ କିଛିଦିନ ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳପତି ଦାୟିତ୍ୱ ତୁଲାଇଥିଲେ। ନୂଆ ନିଯୁକ୍ତି ସମ୍ପର୍କରେ ପ୍ରଫେସର ମହାପାତ୍ର



କହିଛନ୍ତି, ପ୍ରଥମେ ବିଶ୍ୱବିଦ୍ୟାଳୟରେ ପାଠ୍ୟକ୍ରମ ସଂଖ୍ୟା ବୃଦ୍ଧି କରାଯିବ। ଏପରି କି ଇଚ୍ଛୁକ ଶିକ୍ଷିତ ଯୁବକ ଓ ମହିଳାଙ୍କ ପାଇଁ ଆଗକୁ ପାଠ ପଢିବାର ସୁଯୋଗ ସୃଷ୍ଟି କରାଯିବ।




# ଦୁର୍ଘଟଣା ନେଲା ୬ ଜୀବନ

ବରଗଡ଼ ଅଫିସ୍/ମନମୁଣ୍ଡା/ ତରବୋଡ,୨୧।୧(ଡି.ଏନ.ଏ.)

ବରଗଡ଼ ଜିଲା ଭେଡ଼େନ ଥାନା ଅନ୍ତର୍ଗତ ବୁର୍ଦ୍ଧା, ବୌଦ୍ଧ ଜିଲା ମନମୁଣ୍ଡା ଥାନା ଅଧୀନ ଗୋପାଳମାଲ ଛକ ଏବଂ ନୂଆପଡା ଜିଲା ବୋଡେନ ଥାନା ବୋଏରଭାଡି ଗାଁ ଧମନାପଡାରେ ଗୁରୁବାର ସଡ଼କ ଦୁର୍ଘଟଣା ଘଟିଛି। ସମସ୍ତ ଦୁର୍ଘଟଣାରେ ୬ଜଣଙ୍କ ମୃତ୍ୟୁ ହୋଇଛି। ମୃତକମାନେ ହେଲେ ବଲାଙ୍ଗୀର ଜିଲା ବେନ୍ଦ୍ରା ଗ୍ରାମର ମୂଳ ବାସିନ୍ଦା ତଥା ବର୍ତ୍ତମାନ ବୁର୍ଲାରେ ରହୁଥିବା ସପ୍ତାଞ୍ଜଳୀ ବାରିକ (୪୦) ଓ ଝିଅ ପ୍ରତୀକ୍ଷା(୪), ମନମୁଣ୍ଡା ଥାନା ଅନ୍ତର୍ଗତ ଫଗୁଣାମାଳ ଗ୍ରାମର ସୁରୁସୁତା ନାଗ (୪୫), ତାଙ୍କ ଝିଅ ସରୋଜିନୀ (୨୨) ଓ ପୁଅ ବାବୁଲା ନାଗ (୧୬) ଏବଂ ଟ୍ରାକ୍ଟର ଚାଳକ ବାସୁଦେବ ଜଗତ (୨୩)। ପୋଲିସ ମୃତଦେହ ଗୁଡିକ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି ।

ସୂଚନା ଅନୁସାରେ, ମାନ୍ଧାତା ବାରିକ ତାଙ୍କ ସ୍ତ୍ରୀ ସପ୍ତାଞ୍ଜଳୀ ଓ ଝିଅ ପ୍ରତୀକ୍ଷାଙ୍କୁ ଧରି ଏକ ବାଇକ୍ (ନଂ.ଓଡି୧୭ଭି/୪୫୧୬) ଯୋଗେ ଭେଡ଼େନ ଥାନା ଅଇଁଲାପାଲି ଗ୍ରାମର ଜଣେ ସମ୍ପର୍କୀୟଙ୍କ ଘରକୁ ଯାଉଥିଲେ। ବୁର୍ଦ୍ଧା ଗ୍ରାମ ନିକଟରେ ବିପରୀତ ଦିଗରୁ ଆସୁଥିବା ବାଲି ବୋଝେଇ ଟ୍ରାକ୍ଟର (ନଂ.ଓଡ଼ି୧୭ଟି/୨୫୮୫) ସେମାନଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ମା, ଝିଅଙ୍କ ମୃତ୍ୟୁ ହୋଇଥିଲା। ଏହି ଦୁର୍ଘଟଣାରେ ମାନ୍ଧାତା ଗୁରୁତର ହୋଇଛନ୍ତି। ସେହିପରି ମନମୁଣ୍ଡା ଥାନା ଫଗୁଣାମାଲ ଗ୍ରାମର ଗଣେଶ ତାଣ୍ଡିଆ ଏକ ଅଟୋ (ନଂ.ଓଡି୩୧ଏଫ/୭୭୨୬)ରେ ନିଜ ବଡ ଭଉଣୀ ସୁରୁସୁତା, ଭାଣିଜୀ ସରୋଜିନୀ, ଭଣଜା ବାବୁଲା ଓ ସମ୍ପର୍କୀୟ ପିଣ୍ଟୁ ତାଣ୍ଡିଆଙ୍କୁ ବସାଇ ପଳସାଗୋରା ଯାଉଥିଲେ। ବାଟରେ ଅଟୋଟି ୪୧ ନଂ. ରାଜ୍ୟ ରାଜପଥର ଗୋପାଳମାଲ ଛକ ନିକଟରେ ଛିଡା ହୋଇଥିବା ବେଳେ ପଛରୁ ଏକ ଟିପ୍‌ସ ବୋଝେଇ ହାଇୱା (ନଂ.ଓଆର ୩୧/୨୨୨୩) ଆସି ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ସୁରୁସୁତା, ତାଙ୍କ ପୁଅ ଓ ଝିଅଙ୍କ ମୃତ୍ୟୁ ଘଟିଥିଲା । ଦୁର୍ଘଟଣାରେ ଅଟୋ ଚାଳକ ଗଣେଶ ଓ ପିଣ୍ଟୁ ଗୁରୁତର ହୋଇଛନ୍ତି। ସେମାନଙ୍କୁ ସୋନପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ସେହିପରି ନୂଆପଡା ଜିଲା ବୋଡେନ ଥାନା ବୋଏରଭାଡି ଗାଁ ଧମନାପଡାଠାରେ ଗୁରୁବାର ଅପରାହ୍ନ ୩ଟା ସମୟରେ ବାସୁଦେବ ଟ୍ରାକ୍ଟର ଧରି ଯାଉଥିବା ବେଳେ ଭାରସାମ୍ୟ ହରାଇ ଓଲଟି ପଡିଥିଲା। ଫଳରେ ଟ୍ରାକ୍ଟର ତଳେ ଚାପି ହୋଇ ଘଟଣାସ୍ଥଳରେ ଡ୍ରାଇଭରଙ୍କ ମୃତ୍ୟୁ ହୋଇଥିଲା ।

# ଦମ୍ପତିଙ୍କ ମୃତଦେହ ଜବତ

**କଳହର କରୁଣ ପରିଣତି**

ଭୋଗରାଇ, ୨୧।୧(ଡି.ଏନ.ଏ.)

ବାଲେଶ୍ୱର ଜିଲା ଭୋଗରାଇ ଥାନା ଅଧୀନ ଚକଫୁଲବଣି ଗ୍ରାମରେ ଗୁରୁବାର ଏକ ଅଭାବନୀୟ ଘଟଣା ଘଟିଛି। ଅର୍ଥାଭାବ ଓ ଘରୋଇ କଳହରୁ ଏକ ବୃଦ୍ଧ ଦମ୍ପତି ଭାରସାମ୍ୟ ହରାଇ ଗାଁ ପୋଖରୀ ହୁଡ଼ାରେ ବୁଧବାର ରାତିରେ ବିଷପିଇ ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ କାହ୍ନୁ ମଣ୍ଡଳ (୮୦) ଓ ତାଙ୍କ ସ୍ତ୍ରୀ ବାସନ୍ତୀ ମଣ୍ଡଳ (୭୨)। ଦୁଇ ମୃତଦେହକୁ ପୋଲିସ୍ ଘଟଣାସ୍ଥଳରୁ ଜବତ କରିଛି। ଅପରାହ୍ନରେ ବାଲେଶ୍ୱରରୁ ଏକ ସାଇଣ୍ଟିଫିକ୍ ଟିମ୍ ସନ୍ଧାନୀ କୁକୁର ସହାୟତାରେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି। କାହ୍ନୁ ମଣ୍ଡଳଙ୍କର ଦ୍ୱିତୀୟ ସ୍ତ୍ରୀ ବାସନ୍ତୀ। ପ୍ରଥମ ସ୍ତ୍ରୀ ଦୁଇବର୍ଷ ପୂର୍ବେ ଆତ୍ମହତ୍ୟା କରିଥିଲେ। ପ୍ରଥମ ସ୍ତ୍ରୀଙ୍କ ପୁଅବୋହୂ ଥିବାବେଳେ ଦ୍ୱିତୀୟ ସ୍ତ୍ରୀଙ୍କ ଦୁଇ ବିବାହିତ ଝିଅ ଅଛନ୍ତି। ଅର୍ଥାଭାବ ଯୋଗୁ ଘରେ ଥିବା ପୁଅବୋହୂଙ୍କ ସହିତ ବାରମ୍ବାର କଳହ ଲାଗୁଥିଲା ବୋଲି ପଡ଼ୋଶୀମାନେ ପ୍ରକାଶ କରିଛନ୍ତି। ଏଭଳି ସ୍ଥିତିରେ ବୃଦ୍ଧ ଦମ୍ପତି ଘରୁ ବାହାରିଯାଇ ଅନତି ଦୂରରେ ଥିବା ଏକ ପୋଖରୀ ହୁଡ଼ାରେ ବିଷପାନ କରି ଆତ୍ମହତ୍ୟା କରିଥାଇପାରନ୍ତି ବୋଲି ପୋଲିସ ଅନୁମାନ କରିଛି। ପୋଖରୀରେ ପାଣି ନ ଥିବାବେଳେ ଏକ ବିଷ ବୋତଲ ପଡ଼ିଥିବା ସାଇଣ୍ଟିଫିକ୍ ଟିମ୍ ଉଦ୍ଧାର କରି ଅଧିକ ତଦନ୍ତ ଜାରି ରଖିଛି। ଭୋଗରାଇ ପୋଲିସ ଏକ ମାମଲା (ନଂ. ୧୯/୨୧) ରୁଜୁ କରି ଉଭୟଙ୍କ ମୃତଦେହକୁ ବ୍ୟବଚ୍ଛେଦ ଲାଗି ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି। ମୃତ ଦମ୍ପତିଙ୍କ ପୁଅବୋହୂଙ୍କୁ ଭୋଗରାଇ ଥାନାରେ ଅଟକ ରଖାଯାଇ ପଚରାଉଚୁରା କରାଯାଉଛି।



**ଆଜିର ମନ୍ତବ୍ୟ**

"ପ୍ରତିରକ୍ଷା ସରଞ୍ଜାମ କିଣା ପ୍ରକ୍ରିୟାରେ ପ୍ରତିବନ୍ଧକ ସୃଷ୍ଟି କରୁଛି ନାଲି ଫିତା ପରମ୍ପରା।

– ଜେନେରାଲ ଏମ୍.ଏମ୍. ନରଓ୍ବଣେ, ଭାରତୀୟ ସେନାଧକ୍ଷ

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................

ବୟସ:..................................

ଜନ୍ମ ତାରିଖ: ..............................



ସାନ୍‌ଭି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

**ପ୍ରଥମ ପୃଷ୍ଠାରୁ...**

## ସିରମ୍‌ରେ ନିଆଁ:...

ଯୋଗାଇ ଦିଆଯାଇଛି। ସିରମ୍ ଇନ୍‌ଷ୍ଟିଚ୍ୟୁଟରେ ଅଗ୍ନିକାଣ୍ଡକୁ ନେଇ ଦେଶବ୍ୟାପୀ ଚିନ୍ତା ପ୍ରକଟ କରାଯାଇଛି। ଏସ୍‌ଆଇଆଇରେ ନିଆଁ ଲାଗିବା ଦୁର୍ଭାଗ୍ୟଜନକ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି। ସେହିପରି କଂଗ୍ରେସ ନେତା ରାହୁଲ ଗାନ୍ଧୀ ସିରମ୍ ଇନ୍‌ଷ୍ଟିଚ୍ୟୁଟ ଅଗ୍ନିକାଣ୍ଡରେ ୫ ଜଣଙ୍କ ମୃତ୍ୟୁ ଘଟଣାରେ ଶୋକବ୍ୟକ୍ତ କରିଛନ୍ତି। କ୍ଷତିଗ୍ରସ୍ତ ପରିବାରକୁ ଆବଶ୍ୟକ ସହାୟତା ଯୋଗାଇଦେବାକୁ ସେ ମହାରାଷ୍ଟ୍ର ସରକାରଙ୍କୁ ପରାମର୍ଶ ଦେଇଛନ୍ତି। ଏନ୍‌ସିପି ମୁଖ୍ୟ ଶରଦ ପାଓ୍ବାର ସିରମ୍ ଅଗ୍ନିକାଣ୍ଡକୁ ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଘଟଣା ବୋଲି କହିଛନ୍ତି। ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେ ବରିଷ୍ଠ ଅଧିକାରୀମାନଙ୍କ ସହ ସ୍ଥିତି ସମୀକ୍ଷା କରିଥିଲେ। ଟିକା



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଲମ୍ପଟ ସନ୍ନ୍ୟାସୀ, କପଟୀ ଯୋଗୀ,**
**ଦାରୀ ପୁତ୍ରବତୀ, ବଇଦ ରୋଗୀ;**
**ଲାଜୁଆ ଭଣ୍ଡାରୀ, କାଶୁଆ ଚୋର,**
**ବୋଲେ ଦନାଇ ବୁଡ଼େ ୟାଙ୍କ ଘର।**

ଆମ ସମାଜରେ ଏଭଳି କଳଙ୍କିତ ଓ କପଟୀ ଚରିତ୍ରର ବ୍ୟକ୍ତି ଅଛନ୍ତି, ଯେଉଁମାନେ କି ଅନ୍ୟମାନଙ୍କର ପ୍ରଭୂତ କ୍ଷତି ସାଧନ କରିଥାନ୍ତି। ତେବେ ପରିଶେଷରେ ସେମାନେ ନିଜ କୃତକର୍ମର ଫଳ ହିଁ ଭୋଗ କରିଥାନ୍ତି ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

**ଲମ୍ୱ ଚାଷ,**
**ଘରେ ଉପାସ।**

ସାଧାରଣତଃ କମ୍ ସମୟରେ ଭଲ ଅମଳ ମିଳିଲେ ଜୀବିକା ନିର୍ବାହ କରିବା ସହଜସାଧ୍ୟ ହୋଇଯାଏ। ପରନ୍ତୁ ଯେଉଁ ଚାଷରେ ଅମଳ ମିଳିବା ସମୟସାପେକ୍ଷ ସେଭଳି ଚାଷରେ ମନୋନିବେଶ କଲେ ପରିବାର ପ୍ରତିପୋଷଣ କରିବା ଅନେକ ସମୟରେ କଷ୍ଟକର ହୋଇପଡୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

ଉତ୍ପାଦନ ବ୍ୟାହତ ହେବନାହିଁ ବୋଲି ସେ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି। କୋଭିଶିଲ୍ଡ ଭାକ୍ସିନ୍ ଉତ୍ପାଦନ ପ୍ରଭାବିତ ହେବନାହିଁ ବୋଲି ସିରମ୍ ଇନ୍‌ଷ୍ଟିଚ୍ୟୁଟ୍‌ର ସିଇଓ ଅଦାର ପୁନାଓ୍ବାଲା ପ୍ରତିଶ୍ରୁତି ଦେଇଛନ୍ତି।

## ବୋର୍ଡ ପରୀକ୍ଷାର୍ଥୀଙ୍କୁ...

ଏହାକୁ ପହଞ୍ଚାଇବାକୁ ବ୍ୟବସ୍ଥା ହେବ ବୋଲି ମନ୍ତ୍ରୀ ସ୍ପଷ୍ଟ କରିଛନ୍ତି। ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ଏହି ପ୍ରଶ୍ନବ୍ୟାଙ୍କ୍‌ର ମନୁସ୍କ୍ରିପ୍ଟ ପ୍ରସ୍ତୁତ କରାଯାଇଛି। ଭୁବନେଶ୍ୱରସ୍ଥିତ ଟିବିପି ଆଣ୍ଡ୍ ଏମ୍ ଏହାକୁ ପ୍ରିଣ୍ଟ କରିଥିବାବେଳେ ଜିଲା ଶିକ୍ଷା ଅଧିକାରୀଙ୍କ ସ୍ତରରେ ବଣ୍ଟନ କରିବାକୁ ଲକ୍ଷ୍ୟରହିଛି। ସରକାରୀ, ଅନୁଦାନପ୍ରାପ୍ତ ଓ ବେସରକାରୀ ସ୍କୁଲର ୬ ଲକ୍ଷ ୨୦ ହଜାର ୫୦୮ ଛାତ୍ରୀଛାତ୍ରଙ୍କୁ 'ପରୀକ୍ଷା ଦର୍ପଣ' ବିନା ମୂଲ୍ୟରେ ଯୋଗାଇ ଦେବାକୁ ଲକ୍ଷ୍ୟ ରଖାଯାଇଛି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ୫ ଲକ୍ଷ ୩୦ ହଜାର ୩୩୯ ଛାତ୍ରୀଛାତ୍ରଙ୍କ ସମେତ ଏସ୍‌ଏସ୍‌ଡିର ୨୭,୦୨୬, ଘରୋଇ ବିଦ୍ୟାଳୟର ୩୬,୫୭୯, ଏକ୍ସ-ରେଗୁଲାର ୨୪,୯୩୯ ଓ କରେସ୍‌ପଣ୍ଡେନ୍ସ ୧୬୨୪ ଛାତ୍ରୀଛାତ୍ରଙ୍କୁ ପରୀକ୍ଷା ଦର୍ପଣ ପ୍ରଦାନ କରାଯିବ। ପୁସ୍ତକରେ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା ରହିଥିବାବେଳେ ସମସ୍ତ ଖର୍ଚ୍ଚ ରାଜ୍ୟ ସରକାର ବହନ କରିବେ। ଏହାର ପେପର୍ ଓ ପ୍ରିଣ୍ଟିଂ ବାବଦ ଅର୍ଥ ଓସେପା ବହନ କରିବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ଜାନୁୟାରୀ ୮ରୁ ରାଜ୍ୟରେ କେବଳ ଦଶମ ଓ ଦ୍ୱାଦଶ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପାଇଁ ସ୍କୁଲ ଖୋଲିଛି। ଉଭୟ କ୍ଲାସ ପାଇଁ ୧୦୦ ଦିନ ପାଠପଢ଼ା ହେବାକୁ ଧାର୍ଯ୍ୟ ହୋଇଛି। ଦଶମ ଶ୍ରେଣୀ ପିଲାଙ୍କ ପାଇଁ ଜାନୁୟାରୀ ୮ରୁ ଏପ୍ରିଲ ୨୬ ପର୍ଯ୍ୟନ୍ତ ପାଠପଢ଼ା ହେବ। ତା' ଭିତରେ ପିଲାଙ୍କୁ 'ପରୀକ୍ଷା ଦର୍ପଣ'କୁ ଯୋଗାଇବାକୁ ଲକ୍ଷ୍ୟ ରଖାଯାଇଛି। ଏଥିରେ ଗୋଟିଏ ବିଷୟରେ ପାଖାପାଖି ୧୦୦ଟି ପ୍ରଶ୍ନ ରହିଛି, ଯେଉଁଥିରେ ୫୦ରୁ ୬୦ଟି ଏମ୍‌ସିକ୍ୟୁ ଏବଂ ୨୦ରୁ ଅଧିକ ଦୀର୍ଘ ଉତ୍ତରମୂଳକ ପ୍ରଶ୍ନ ଅନ୍ତର୍ଭୁକ୍ତ। ତେବେ ନିର୍ଦ୍ଦିଷ୍ଟ ଭାବେ କେତେ ସଂଖ୍ୟାରେ 'ପରୀକ୍ଷା ଦର୍ପଣ' ଛପାଯିବ ଓ କେଉଁ ଜିଲାରେ କେତେ ସଂଖ୍ୟକ ଛାତ୍ରୀଛାତ୍ର ମାଟ୍ରିକ୍ ପରୀକ୍ଷା ଦେବେ ତାହାର ତଥ୍ୟ ୨୨ ତାରିଖ ସୁଦ୍ଧା ଦେବାକୁ କୁହାଯାଇଛି।

## ୫୦ ହଜାର...

ଓଏନ୍‌ଜିସି ରହିଛି। ଏଥିରେ ପ୍ରାୟ ୪% ବୃଦ୍ଧି ପରିଲକ୍ଷିତ ହୋଇଛି। ସେହିଭଳି ଭାରତୀ ଏୟାରଟେଲ, ଏସ୍‌ବିଆଇ, ଇଣ୍ଡସ୍‌ଇଣ୍ଡ ବ୍ୟାଙ୍କ, ଏନ୍‌ଟିପିସି, ସନ୍‌ଫାର୍ମା ଏବଂ ଆଇଟିସିର କାରବାର ମଧ୍ୟ ଉନ୍ନତ ରହିଛି। ଭଲ କାରବାର ହାସଲ କରିଥିବା ଅନ୍ୟ ଶେୟାର ମଧ୍ୟରେ ବଜାଜ ଫାଇନାନ୍ସ, ବଜାଜ ଅଟୋ, ରିଲାଏନ୍ସ ଏବଂ ଏସିଆନ ପେଣ୍ଟସ ଭଳି କମ୍ପାନୀ ରହିଛନ୍ତି। ଏହି ସମୟରେ ଭାରତୀୟ ମୁଦ୍ରା ଟଙ୍କା ୬ ପଇସା ଦୃଢ଼ ହେବା ଯୋଗୁ ୫ ମାସର ସର୍ବୋଚ୍ଚ ସ୍ତର ୭୨.୯୯ ଟଙ୍କା ରହିଛି। ଏସିଆର ଅନ୍ୟ ପ୍ରମୁଖ ଶେୟାର ବଜାର ଯଥା ସାଂଘାଇ, ସିଓଲ ଏବଂ ଟୋକିଓରେ ଶେୟାର କାରବାର ଭଲ ରହିଛି। କେବଳ ହଂକଂ ଶେୟାର ବଜାରରେ କାରବାର ନିମ୍ନରେ ରହିଛି। ୟୁରୋପର ଶେୟାର ବଜାରରେ ମିଶ୍ରିତ ଫଳାଫଳ ଦେଖିବାକୁ ମିଳିଛି। ଭାରତୀୟ ପୁଞ୍ଜିବଜାରରେ ପ୍ରଫିଟ ବୁକିଂ ଯୋଗୁ କାରବାର ଶେଷ ବେଳକୁ ବଜାର ନିମ୍ନରେ ରହିଛି। ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ କାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ ଏହା ଭାରତୀୟ ଶେୟାର ବଜାର ଉପରେ ସକାରାତ୍ମକ ପ୍ରଭାବ ପକାଇଥିଲା। ଫଳରେ ସେନ୍‌ସେକ୍ସ ୫୦ହଜାର ସ୍ତର ଟପିଯାଇଥିଲା। ଗୁରୁବାର ଭାରତୀୟ ପୁଞ୍ଜିବଜାରରେ ବିଦେଶୀ ନିବେଶକମାନେ ୨,୨୮୯ କୋଟି ଟଙ୍କା ନିବେଶ କରିଛନ୍ତି। ବୁଧବାର କାରବାର ଭଲ ରହିଥିବା, ଶୁକ୍ରବାର କାରବାର ବଢ଼ିବାରୁ ନିବେଶକଙ୍କୁ ୧.୬୫ ଲକ୍ଷ କୋଟି ଟଙ୍କା ଲାଭ ହୋଇଛି। ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜର ବଜାର ପୁଞ୍ଜୀକରଣ ୧୯୭.୫ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି ଘଟିଛି। କାରବାର ଉନ୍ନତ ରହିଲେ ସେନ୍‌ସେକ୍ସ ୫୦ ହଜାର ଟପିବା ନେଇ ବଜାର ବିଶେଷଜ୍ଞ ଆଶା ପ୍ରକଟ କରିଛନ୍ତି।

## ଟିକା ନେବେ...

୧୬ ତାରିଖରୁ ଟିକାକରଣ ଅଭିଯାନ ଆରମ୍ଭ ହୋଇଥିବାବେଳେ ପ୍ରଥମ ପର୍ଯ୍ୟାୟରେ କେବଳ ସ୍ୱାସ୍ଥ୍ୟସେବା କର୍ମୀ ଓ ଆଗଧାଡ଼ିର କର୍ମଚାରୀମାନଙ୍କୁ ଟିକା ଦିଆଯାଉଛି। ୩ କୋଟି ହିତାଧିକାରୀଙ୍କୁ ପ୍ରଥମ ପର୍ଯ୍ୟାୟରେ ଟିକାଦେବା ପାଇଁ ଲକ୍ଷ୍ୟଧାର୍ଯ୍ୟ ହୋଇଥିଲା। ତେବେ ପାର୍ଶ୍ୱ ପ୍ରତିକ୍ରିୟା କାରଣରୁ ଅନେକେ ଟିକା ନେବାକୁ କୁଣ୍ଠାବୋଧ କରୁଥିବାରୁ ଅଧିକାଂଶ ରାଜ୍ୟରେ ଧାର୍ଯ୍ୟ ଲକ୍ଷ୍ୟ ପୂରଣ ହୋଇପାରୁନାହିଁ। ପରବର୍ତ୍ତୀ ପର୍ଯ୍ୟାୟରେ ୫୦ ବର୍ଷରୁ ଊର୍ଦ୍ଧ୍ୱ ଏବଂ ବିଭିନ୍ନ ରୋଗ ଥିବା ଲୋକଙ୍କୁ ଟିକାଦାନ କରାଯିବ। ରାଜନେତାମାନଙ୍କୁ ଦ୍ୱିତୀୟ ପର୍ଯ୍ୟାୟରେ ଟିକା ଦିଆଯିବାକୁ ଥିବାରୁ କେହି ତରବର ନ ହେବାକୁ ମୁଖ୍ୟମନ୍ତ୍ରୀମାନଙ୍କ ସହ ବୈଠକ ବେଳେ ପ୍ରଧାନମନ୍ତ୍ରୀ କହିଥିଲେ। ବିଧାୟକ, ଏମ୍‌ପି ଏବଂ ଅନ୍ୟ ଜନପ୍ରତିନିଧିମାନଙ୍କୁ ଆଗଧାଡ଼ିର କର୍ମୀ ଭାବେ ବିବେଚନା କରାଯାଇ ଟିକା ଦିଆଯିବାକୁ ହରିୟାଣା, ବିହାର ଓ ତେଲଙ୍ଗାନା ମୁଖ୍ୟମନ୍ତ୍ରୀମାନେ ପ୍ରସ୍ତାବ ଦେଇଥିଲେ।

## ଏୟାର୍‌ଫିଲ୍ଡ ନିରୋଧୀ...

ବାଲେଶ୍ୱର ଚାନ୍ଦିପୁରସ୍ଥିତ ସମନ୍ୱିତ ପରୀକ୍ଷଣ କେନ୍ଦ୍ର (ଆଇଟିଆର୍)ରୁ ଏହି ପରୀକ୍ଷଣକୁ ନିୟନ୍ତ୍ରଣ କରାଯାଇଥିଲା। ଏହି କ୍ଷେପଣାସ୍ତ୍ର ୧୦୦କିଲୋମିଟର ପର୍ଯ୍ୟନ୍ତ ଲକ୍ଷ୍ୟଭେଦ କରିବାର କ୍ଷମତା ରଖିଛି। ଏହାର ଓଜନ ୧୨୦ କିଲୋଗ୍ରାମ୍। ଏହି ପରୀକ୍ଷଣ ଆତ୍ମନିର୍ଭରଶୀଳ ଭାରତ ପାଇଁ ଏକ ବଡ଼ ସଫଳତା ବୋଲି କୁହାଯାଉଛି। ଚୀନ୍ ଓ ପାକିସ୍ତାନ ସହିତ ଦୀର୍ଘଦିନ ଧରି ଚାଲିଥିବା ବିବାଦ ମଧ୍ୟରେ ଭାରତ ନିଜର ପ୍ରତିରକ୍ଷା ଶକ୍ତିକୁ ବଢ଼ାଇବାରେ ଲାଗିଛି। ଏନେଇ ବର୍ତ୍ତମାନ ଭାରତର ସ୍ୱଦେଶୀ ପ୍ରଯୁକ୍ତିରେ ହାଇଟେକ୍ ଉପକରଣଗୁଡ଼ିକ ଉପରେ ବିଶେଷ ଧ୍ୟାନ ଦିଆଯାଇଛି। ହାଲ୍, ଡିଆର୍‌ଡିଓ ଏବଂ ତିନିସେନା ମିଳିତ ଭାବେ କାର୍ଯ୍ୟ କରୁଥିବା ବେଳେ 'ସ' କ୍ଷେପଣାସ୍ତ୍ରର ସଫଳତାର ଏକ ମାଇଲଖୁଣ୍ଟ ବୋଲି କୁହାଯାଇଛି। ଏହି ପରୀକ୍ଷଣ ବେଳେ ହାଲ୍‌ର ଟେଷ୍ଟ ପାଇଲଟ୍ ଉଇଙ୍ଗ୍ କମାଣ୍ଡର ଅବସରପ୍ରାପ୍ତ ପି. ଅଗସ୍ତି ଓ ଏମ୍. ପଟେଲଙ୍କ ଦ୍ୱାରା ବିମାନ ଉଡ଼ାଯାଇଥିବା ବେଳେ ସମସ୍ତ ନିୟମକୁ କଡ଼ାକଡ଼ି ଭାବେ ପାଳନ କରାଯାଇଥିଲା।

## ସୂର୍ଯ୍ୟ ମନ୍ଦିରର...

ସୌନ୍ଦର୍ଯ୍ୟକରଣ ସହିତ ପଥଚାରୀମାନଙ୍କ ପାଇଁ ସ୍ୱତନ୍ତ୍ର ରାସ୍ତା ନିର୍ମାଣ କରାଯିବ। କୋଣାର୍କକୁ ପ୍ରତିଦିନ ବିଶ୍ୱର ବିଭିନ୍ନ ଅଞ୍ଚଳରୁ ପର୍ଯ୍ୟଟକ ଆସିଥାଆନ୍ତି। ତେଣୁ କୋଣାର୍କ ଅଞ୍ଚଳର ଭିତ୍ତିଭୂମି ବିକାଶକୁ ଅନ୍ତର୍ଜାତୀୟ ମାନର କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଗୁରୁବାର ଏହାର ବିଭିନ୍ନ ଦିଗ ଉପରେ ରାଜ୍ୟ ପୂର୍ତ୍ତ ବିଭାଗ ପକ୍ଷରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅବଗତି ନିମନ୍ତେ ଏକ ଉପସ୍ଥାପନା କରାଯାଇଥିଲା। ଜନସାଧାରଣ ଏହି ଚିଠା ଯୋଜନା ଉପରେ ସେମାନଙ୍କ ସୁଚିନ୍ତିତ ମତାମତ ୨୦ ଦିନ ଭିତରେ ଦେଇପାରିବେ। ଜନସାଧାରଣ konark.obcc@gmail.com ଜରିଆରେ ନିଜର ମତାମତ ଦେଇପାରିବେ।

କଳିଙ୍ଗ ସ୍ଥାପତ୍ୟ କଳାର ଅପୂର୍ବ ନିଦର୍ଶନ ହେଉଛି କୋଣାର୍କ ମନ୍ଦିର। ଗଙ୍ଗବଂଶର ରାଜା ଲାଙ୍ଗୁଳା ନରସିଂହ ଦେବଙ୍କ ତ୍ରୟୋଦଶ ଶତାବ୍ଦୀର ଏହି ଅନୁପମ କୀର୍ତ୍ତି ତା'ର ଅବିଶ୍ୱସନୀୟ କଳା ଓ ଭାସ୍କର୍ଯ୍ୟ ପାଇଁ ସାରା ବିଶ୍ୱର ପର୍ଯ୍ୟଟକମାନଙ୍କୁ ଆକର୍ଷିତ କରି ଆସିଛି। ଭଗବାନ ସୂର୍ଯ୍ୟଙ୍କ ଉଦ୍ଦେଶ୍ୟରେ ସମର୍ପିତ ଏହି ମନ୍ଦିରର ମୁଖ୍ୟ ଅଂଶ ଭାଙ୍ଗି ଯାଇଥିଲେ ମଧ୍ୟ ମୁଖଶାଳାର ଶୋଭା ଓଡ଼ିଶାର କାରିଗର ଓ ଶିଳ୍ପୀମାନଙ୍କ ଦକ୍ଷତାର ଜୟଗାନ କରି ଆସୁଛି।

ଏହି ମନ୍ଦିର ତତ୍କାଳୀନ ଓଡ଼ିଶାର ସଂସ୍କୃତି ବିଷୟରେ ସୂଚିତ କରିଥାଏ। ମନ୍ଦିର ଗାତ୍ରରେ ଜିରାଫର ଚିତ୍ର ଆଫ୍ରିକୀୟ ଦେଶମାନଙ୍କ ସହିତ ତତ୍କାଳୀନ ଓଡ଼ିଶାର ସମ୍ପର୍କ ବିଷୟରେ ମଧ୍ୟ ଉଲ୍ଲେଖ କରିଥାଏ। ୧୯୮୪ରେ ୟୁନେସ୍କୋ କୋଣାର୍କକୁ ଐତିହ୍ୟର ମାନ୍ୟତା ପ୍ରଦାନ କରିଛି। ଏହି ମହାନ୍ ସାଂସ୍କୃତିକ ବୈଭବର ସୁରକ୍ଷା ସମସ୍ତଙ୍କର ନୈତିକ ଦାୟିତ୍ୱ। କୋଣାର୍କ ଯୋଜନାରେ ସ୍ଥାନୀୟ ଲୋକଙ୍କ ଆଶା ଆକାଂକ୍ଷାର ପ୍ରତିଫଳନ ସହିତ ଐତିହ୍ୟ ସଂରକ୍ଷଣ ଓ ବିକାଶରେ ବିଶ୍ୱସ୍ତରୀୟ ଦୃଷ୍ଟିଭଙ୍ଗୀର ପ୍ରତିଫଳନ ହୋଇଛି ବୋଲି ବୈଠକରେ ସୂଚନା ଦିଆଯାଇଛି।

ଏହି ବୈଠକରେ ମନ୍ତ୍ରୀ ତୁଷାରକାନ୍ତି ବେହେରା, ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଓ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀଙ୍କ ସଚିବ(୫-ଟି) ଭି. କେ. ପାଣ୍ଡିୟାନ କାର୍ଯ୍ୟକ୍ରମ ସଂଚାଳନ କରିଥିଲେ। ପୂର୍ତ୍ତ ସଚିବ ଉପସ୍ଥାପନା ଦେଇଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – କେତେକ ସାମାନ୍ୟ ଭୁଲ୍‌ରୁ କାମଗୁଡ଼ିକ ବିଶୃଙ୍ଖଳିତ ହୋଇଯିବାର ଆଶଙ୍କା ରହିଛି। ଆର୍ଥିକ ସ୍ୱଚ୍ଛଳତା ରହିଥିଲେ ମଧ୍ୟ ପରକଥା ଶୁଣି ମାନସିକ ଶାନ୍ତି ବ୍ୟାହତ ହୋଇପାରେ। କର୍ମକ୍ଷେତ୍ରରେ ମାନସିକ ଚାପ ଓ ପାରିବାରିକ ଅସହଯୋଗରୁ ଚିନ୍ତିତ ରହିବାକୁ ପଡିବ। ପାରିବାରିକ ସମସ୍ୟାକୁ ସରଳଭାବେ ସମାଧାନ କରିବେ।

**ବୃଷ** – ଶୁଭଗ୍ରହ ପ୍ରଭାବରୁ ଆପଣଙ୍କର ଆଜିର କାମ ପାଇଁ କୌଣସି ଅସୁବିଧା ପରିଲକ୍ଷିତ ହେବନାହିଁ। ନୂତନବନ୍ଧୁତ୍ୱ ସ୍ଥାପନରେ ସହକର୍ମୀଙ୍କ ଅବଦାନ ଅବିସ୍ମରଣୀୟ ରହିବ। ବାଣିଜ୍ୟ ଓ ପରିବହନାଦି ବିଭିନ୍ନ ଦିଗରୁ ସମସ୍ୟା ମୁକ୍ତ ରହିପାରନ୍ତି। ସମସ୍ୟା ସମାଧାନ ପରିପ୍ରେକ୍ଷୀରେ ବିବାଦୀୟ ପରିସ୍ଥିତି ଭିନ୍ନରୂପ ନେଇପାରେ।

**ମିଥୁନ** – ବନ୍ଧୁଙ୍କ ସହାୟତାରେ ବିଭିନ୍ନ ଦିଗରୁ ଅର୍ଥାଗମର ଦ୍ୱାର ଉନ୍ମୁକ୍ତ ହୋଇଯିବ। ପରିବାରରେ ପିଲାଙ୍କ ବିଶୃଙ୍ଖଳିତ ଆଚରଣରେ କ୍ଷୁବ୍ଧ ହେବେ। ଅଫିସ୍‌ରେ ପ୍ରତ୍ୟେକ ଘଟଣାକୁ ସନ୍ଦେହ ଦୃଷ୍ଟିରେ ଦେଖିପାରନ୍ତି। ଯାତ୍ରା ସମୟରେ ଅନ୍ୟମନସ୍କ ରହି ମାନସିକ ଭାବଧାରାକୁ ବିକ୍ଷିପ୍ତ କରିପାରନ୍ତି।

**କର୍କଟ** – ଆଜିର କର୍ମକ୍ଷେତ୍ରରେ କୌଣସି ବିବାଦୀୟ ମନ୍ତବ୍ୟ ଦେବା ଠିକ୍ ହେବ ନାହିଁ। ନିଜର ପ୍ରତ୍ୟୁତ୍ପନ୍ନମତିତା କାରଣରୁ ପ୍ରତ୍ୟେକ ଅସଜଡ଼ା ପରିସ୍ଥିତିର ମୁକାବିଲା କରିବାରେ ସମର୍ଥ ହେବେ। ବନ୍ଧୁଙ୍କ ପ୍ରହେଳିକାପୂର୍ଣ୍ଣ କଥା ଶୁଣି ମରୀଚିକା ପଛରେ ଦୌଡ଼ିପାରନ୍ତି। ଅପରାହ୍ନରେ ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ।

**ସିଂହ** – କୌଣସି ନୂତନ କାର୍ଯ୍ୟରେ ହାତ ଦେବାକୁ ସ୍ଥିର କରି ସଫଳତା ପାଇବେ। ବିବାଦୀୟ ଘଟଣାରେ ଆଶଙ୍କା ସୃଷ୍ଟି ହେଲେ ମଧ୍ୟ ସେମିତି କିଛି ହେବ ନାହିଁ। ନିଜଲୋକ କେହି ହଇରାଣରେ ପକାଇବାକୁ ଚେଷ୍ଟା କରିପାରନ୍ତି। ପରିବାରରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି।

**କନ୍ୟା** – ଆଜି ସକାଳୁ ସକାଳୁ ହଠାତ୍ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିବେ। ସାହିତ୍ୟ, କଳା, କ୍ରୀଡ଼ା ଓ ଚଳଚ୍ଚିତ୍ର କ୍ଷେତ୍ରରୁ ପ୍ରଶଂସିତ ହେବେ। ଭାବପ୍ରବଣବଶତଃ ବନ୍ଧୁଙ୍କ ସହ ଓଲଟା କଥା କହି ଅପଦସ୍ଥ ହୋଇପାରନ୍ତି। ସହକର୍ମୀଙ୍କ ସହ ଆଜିର ଭ୍ରମଣ ସୁଖ ବେଶ୍ ଉପଭୋଗ୍ୟ ହୋଇପାରେ।

**ତୁଳା** – କର୍ମକ୍ଷେତ୍ରରେ ଇଚ୍ଛା ବିରୋଧରେ କାମ କରି ଅନୁତାପ କରିବାକୁ ପଡ଼ିପାରେ। ଈର୍ଷା ପରାୟଣ ବ୍ୟକ୍ତିମାନେ ପ୍ରତିଷ୍ଠା ଓ ପ୍ରଶଂସା ଭିନ୍ନାର୍ଥରେ ଗ୍ରହଣ କରିବେ। ଅଭାବ ନ ଥିଲେ ମଧ୍ୟ ଯାହା ଚାହୁଁଛନ୍ତି ତାହା ନ ପାଇବାରୁ ଅବସାଦ ଲାଗି ରହିବ। ଯାନ୍ତ୍ରିକ ତ୍ରୁଟି ଯୋଗୁ ଯାତ୍ରାରେ ବିଳମ୍ବ ଘଟିପାରେ କିନ୍ତୁ ଲକ୍ଷ୍ୟ ହାସଲରେ ଅସୁବିଧା ରହିବନାହିଁ।

**ବିଛା** – ସହକର୍ମୀଙ୍କ ଜରିଆରେ ଆଲୋଚନା ଦ୍ୱାରା ସମସ୍ୟାର ସରଳ ସମାଧାନ ହୋଇଯିବ। ଶିଳ୍ପ, ବାଣିଜ୍ୟ, ପ୍ରକାଶନ, ଆନୁଷ୍ଠାନିକ କାମରେ ପ୍ରତିବନ୍ଧକ ଦୂରେଇଯିବ। ପ୍ରତିବନ୍ଧକ କାରଣରୁ ଶୀଘ୍ର ଶେଷ କରିବାକୁ ଭାବୁଥିବା କାମଟିକୁ ଶେଷ କରିପାରିବେନି। ପରିବହନ, ନିର୍ମାଣ, ମାଲିମକଦ୍ଦମା ଓ ଚୁକ୍ତିପତ୍ର ପାଇଁ ଦିନଟି ଭଲ।

**ଧନୁ** – ଆଜି ଆକସ୍ମିକ ଭାବେ ଉଚ୍ଚବର୍ଗଙ୍କ ସାହାଯ୍ୟ ଓ ବନ୍ଧୁ ମିଳନରୁ ଉତ୍ସାହିତ ହେବେ। ରାଜନୀତି, ପ୍ରକାଶନ କିମ୍ବା ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବାରେ ଧୈର୍ଯ୍ୟଶୀଳତା କାମକୁ ଆସିପାରେ। କୌଣସି କ୍ଷେତ୍ରରେ ପ୍ରତିକ୍ରିୟାଶୀଳ ହେଲେ ସମସ୍ୟା ସୃଷ୍ଟି ହୋଇପାରେ। ବନ୍ଧୁଙ୍କ ସହ ସମ୍ପର୍କ ହାନି ଯୋଗୁ ଚିନ୍ତା ପ୍ରକଟ କରିବେ।

**ମକର** – ବିଭିନ୍ନ ସମସ୍ୟା ମଧ୍ୟରେ ଅଣନିଃଶ୍ୱାସୀ ହେବାକୁ ପଡିପାରେ। ଯିଏ ଯାହା କହୁନା କାହିଁକି, ଆପଣ ଯେମିତି ଭାବୁଛନ୍ତି ସେମିତି କରିବା ମନ୍ଦ ହେବନି। ଗଠନମୂଳକ ପ୍ରସ୍ତାବ ଦେଇ କର୍ମକ୍ଷେତ୍ର, ରାଜନୀତି, ସାଂସ୍କୃତିକ କାମରେ ପ୍ରଶଂସିତ ହେବେ। କର୍ମାରମ୍ଭ, ଯାନବାହନ, ଲୋକସମ୍ପର୍କ, ସଭାସମିତି ଓ ପାରିବାରିକ ସମସ୍ୟା ନେଇ ଚିନ୍ତା କରିବେ।

**କୁମ୍ଭ** – ଆର୍ଥିକ ଅନଟନ ପ୍ରତ୍ୟେକ କାମକୁ ବିଳମ୍ବିତ କରିବାରୁ ବ୍ୟସ୍ତତା ବୃଦ୍ଧି ପାଇବ। ପ୍ରତ୍ୟେକ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ପରିବାର ସହ ଆଲୋଚନା କରିବା ଭଲ ହେବ। ନିକଟ ସମ୍ପର୍କୀୟ କିମ୍ବା ଆତ୍ମୀୟ ସ୍ୱଜନମାନଙ୍କ ପକ୍ଷପାତିତାକୁ ନାପସନ୍ଦ କରିପାରନ୍ତି। ସମ୍ପର୍କୀୟ ଜଣେ ବନ୍ଧୁ ଅର୍ଥ ସାହାଯ୍ୟର ପ୍ରତିଶ୍ରୁତି ଦେବେ।

**ମୀନ** – କର୍ମକ୍ଷେତ୍ରରେ ବହୁ ଅପୂରଣୀୟ ଅଭିଳାଷ ନେଇ ନୈରାଶ୍ୟଜନିତ ଦୁଃଖ ଅନୁଭବ କରିପାରନ୍ତି। ନିଜ ଚତୁଃପାର୍ଶ୍ୱ ବ୍ୟକ୍ତିମାନଙ୍କ ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ପରିବାରର ଖର୍ଚ୍ଚଭାର କ୍ରମଶଃ ବୃଦ୍ଧି ଯୋଗୁ ଚିନ୍ତାପ୍ରକଟ କରିପାରନ୍ତି। କଳା, ସାହିତ୍ୟ, ସାମ୍ବାଦିକତା କ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ।

ଆଜି ପୌଷ ଶୁକ୍ଳ ନବମୀ ଶୁକ୍ରବାର, ଜାନୁୟାରୀ ୨୨ ତାରିଖ, ରାଶି ନକ୍ଷତ୍ର- ଦ୍ୱିଜା/ମେଷ, ମେଷ ରାଶିର ଘାତଚନ୍ଦ୍ର, ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୬.୨୮ମି. ଗତେ ଘ.୦୭.୧୧ମି. ମଧ୍ୟେ, ଘ.୦୭.୫୪ମି. ଗତେ ଘ.୧୦.୦୮ମି. ମଧ୍ୟେ, ଘ.୧୨.୨୦ମି. ଗତେ ଘ.୦୨.୩୨ମି. ମଧ୍ୟେ, ଘ.୦୪.୦୦ମି. ଗତେ ଘ.୦୫.୨୮ମି. ମଧ୍ୟେ ଅମୃତବେଳା। ରାତ୍ରି ଘ.୦୮.୫୬ମି. ଗତେ ଘ.୦୯.୩୮ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ.୧୦.୩୫ମି. ଗତେ ଘ.୧୧.୫୮ମି. ମଧ୍ୟେ ରାହୁ କାଳ।


# classifieds Everyday

0674-2580101, 2549302




**SALE**

ଭୁବନେଶ୍ୱର ସହର ଉପକଣ୍ଠସ୍ଥ ଯେକୌଣସି ଅଞ୍ଚଳରେ ଗୃହୋପଯୋଗୀ ଜାଗା ଖଣ୍ଡିଏ କିଣିବାକୁ ଚାହୁଁଛନ୍ତି କି? 9040744989, 6371364640. D-70160

Bhubaneswar Chintamaniswar Station ପାଖରେ yellowzone ଘରବାରି plot ବିକ୍ରିହେବ। 9861302460, 6370621085. D-70159

ଘରବାରି ପାଟେରି Scheduledcaste plot Trinath Bazar ନଖରା ୧୨୦୦ବର୍ଗଫୁଟ ୯,୬୦,୦୦୦/- ଅନୁଗୁଳ station 2000sqft. 4,40,000/-, 9439006524, 9861281504. D-69361

ଭୁବନେଶ୍ୱରରେ ପ୍ଲଟ୍ ବିକ୍ରି ହେବ। Near Rabi Talkies, ଘରବାରି, ପାଟେରି, ଲାଇନ ସହିତ। 9178660666. D-70094

Immediate registration & possession with demarcated boundary wall 30' wide road plot for sale @ Rs. 650/- per sqft. at Gudiapokhari near Krupajal Engineering College and at Uttara Chhak, Bhubaneswar. Contact: 8917528470, 7008328766. D-19562

Immediate Construction Plotting Nakhara @780000, Sundarpada @240000, Saivihar S-3000000. 9437522338 D-19563

Developed ଘରବାରି ପ୍ଲଟ୍ ବାଲିଅନ୍ତାରେ 8,40,000/- near BJEM-II 6,60,000/- 9937166932. D-69364

ଭୁବନେଶ୍ୱର ହଂସପାଳ ପାଖ ରାମଚନ୍ଦ୍ରପୁର ମୌଜାରେ ତୁରନ୍ତ ଘର କଲାଭଳି ବାସଉପଯୋଗୀ ଜାଗା 30' road, electric ସୁବିଧା ଥାଇ @ 9,00,000 ମିଳୁଛି। 9777566675. D-70149

Developed ଘରବାରି ପ୍ଲଟ୍ କେସୁରା ଛକରୁ 3କି.ମି. ମଧ୍ୟରେ କିଣନ୍ତୁ। 7008492511. D-69365

ଭୁବନେଶ୍ୱର ପାଖାପାଖି ବାଲିଅନ୍ତା କୁରୁଣ୍ଟିରେ ଘରବାରି ପ୍ଲଟ୍ ମିଳୁଅଛି। (Bank finance available) 9439902721, 9090432721. D-70143

ଭୁବନେଶ୍ୱର New Rly Station ପାଖରେ 30ft road yellowzone plot sqft.- 500/- first possession/ registration. 6371406921. D-69363

କଟକ Highcourtରୁ 8K.M. ନନ୍ଦନକାନନ ପଛପଟେ ବାରଙ୍ଗଛକ ନିକଟରେ ମୁଖ୍ୟରାସ୍ତାରୁ 200mtr ସ୍ଥିତିବାନ୍ ପ୍ଲଟ୍ ସୁଲଭ ମୂଲ୍ୟରେ ମିଳୁଛି। 6372930002. D-70148

A Premium 3BHK Apartment for sale at Ashok Nagar worth 95lakhs, contact only genuine buyer. Contact: 7978627900. D-67777

ଭୁବନେଶ୍ୱର Sum Hospitalରୁ 6K.M. distance NHକୁ ଲାଗି boundary, electricity, Patta, gharabari and Water connection ସହ 30' ରାସ୍ତା ଥାଇ sqft. 1200/- plot ମିଳୁଛି। 9090963952. D-70154

ଭୁବନେଶ୍ୱର ଜଟଣୀ ଗେଟ୍‌ରୁ 800mtr 100ft ପିଚୁରୋଡ୍‌କୁ ଲାଗି 30'ରାସ୍ତା ଇଲେକ୍ଟ୍ରିସିଟି ଥାଇ ସୁନ୍ଦର ଆକର୍ଷଣୀୟ ବାସୋପଯୋଗୀ boundary plot ବିକ୍ରିହେବ। 9439116553. D-70147

Few plots available @99/ sqft.(Spot Registration and Possession ) at Trahiachuta Asram, 9km. from Balakati Bazar, 17km. from Bhubaneswar Railway Station (Blacktop Roadside Best Option for quick Return) WhatsApp- 9437622363. Call- 7653994600. D-69678

ଭୁବନେଶ୍ୱରରେ ସାମନ୍ତରାପୁର ନୂଆଗାଁ ଗଙ୍ଗପଡ଼ା, ମଦନପୁରରେ ଘରବାରି ପ୍ଲଟ୍ ବିକ୍ରିହେବ। 9437287595, 7978747764. D-19667

ଭୁବନେଶ୍ୱର Airport ଠାରୁ ୬କି.ମି. ଦୂର ବୋଡଣ୍ଡାରେ 1406sqft. ଘରବାରି ପ୍ଲଟ୍ @ 24,50,000/-, 9040404420, 9777686666. D-19669




For construction only in your plot inside Bhubaneswar area, contact MRC- 9937064680. D-27287

**GENERAL SALE**

New steelracks- 8nos, 6.5'x 3feet New glass counter- 7feet x 3feet x15". 7205405312, 7735339577. D-19672




Revitalize your self with our ayurvedic massage and refreshment, Call: 7381239385. D-70100

Newly open full body massage ladies and gents. 9861141344, 8658994614. D-70416

Experience full body massage with expert therapists. Call: 7377048581. D-70501

Get refreshment Body Massage by Expert Therapist. Contact for: 6371537969. D-70099

Newly open full body massage ladies and gents. 9337349409. D-70412

Ayurvedic full body massage by experienced (M/F) therapist. 7008773793, 8018656899. D-59976

Newly open SPA offer @799/-, positively health benefits, Jaydev Bihar. 7846814019. D-59974

Swarna SPA newly open positively health benefits with expert therapist. 9556978408. D-70097

Rejuvenate and Ayurvedic full body massage by smart therapist. 9348123330. D-70098

Only for 300 body massage ladies and gents therapist. 9583808247. D-19646

**LOST**

I M.P. Prithviraj, S/o. Late M.B. Pyariraj, R/o. Ganesh Nagar, PO/PS. Rengali, Dist. Sambalpur would like to inform general public that I have lost my original sale deed No.452/2003 dated 24.10.2003 relating to khata No. 116/194 of Mouza- Pandaloi, PS- Katarbaga, Dist. Sambalpur. If any one finds kindly contact me at 9078002001. D-19676

**AFFIDAVIT**

By Virtue of Executive Magistrate, Darpan, Dhanamandal. I declare that my name is Archita Jena W/o- Bichitrananda Jena. Village/Po- Banamalipur, Ps- Balichandrapur, Dist-Jajpur. Some Place Wrongly Written Soudamini Jena W/o- Bichitra Jena. The Same Archita Jena W/o- Bichitrananda Jena & Soudamini Jena W/o- Bichitra Jena is both same & one person. D-19673

I, Neha changed my name to Neha Abhinav Jha vide affidavit dated 20.11.2017, sworn before Executive Magistrate Smt. S. Behera, Bhubaneswar. D-19674

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

Before the Notary Public, Sambalpur, I Ramehar, S/o. Sher Singh Choudhary, R/o- C/o. Pramod Mistry, PO. Bareipali, Dist. Sambalpur declares that my true and correct name is Ramehar. But in SBI Pass Book my name has been wrongly mentioned as Rambir Choudhary instead of Ramehar. That above both the names belongs to one and same person. D-19675

By virtue of an affidavit before Notary Public, Bhubaneswar Date- 21.01.2021, That I Malpa reddy Upender Naidu age 46 S/o- Malpa reddy Ramamurty of Bhubaneswar, Khurda. That my name had been wrongly written Malpa reddy Upender Rao on SSC Certificate. Now I want Adhaar name M.R. Upender Naidu for all purposes. D-19668

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

**ଟିକା ନେଇଥିବା ସ୍ୱାସ୍ଥ୍ୟକର୍ମୀଙ୍କ ସହ କଥା ହେବେ ମୋଦି**

ନୂଆଦିଲ୍ଲୀ, ୨୧।୧: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କ ନିର୍ବାଚନ ମଣ୍ଡଳୀ ବାରାଣସୀରେ କୋଭିଡ୍ ଟିକା ନେଇଥିବା ହିତାଧିକାରୀମାନଙ୍କ ସହ ଶୁକ୍ରବାର ଭିଡିଓ କନ୍‌ଫରେନ୍ସ ଜରିଆରେ କଥା ହେବେ। ସାଧାରଣ ଜନତାଙ୍କ ମଧ୍ୟରେ ଟିକାକୁ ନେଇ ଆତ୍ମବିଶ୍ୱାସ ସୃଷ୍ଟି କରିବା ଏହି ଆଲୋଚନାର ଉଦ୍ଦେଶ୍ୟ। ଟିକା ନେଇଥିବା ସ୍ୱାସ୍ଥ୍ୟସେବା କର୍ମଚାରୀମାନେ ସେମାନଙ୍କ ଅନୁଭୂତି ସମ୍ପର୍କରେ ପ୍ରଧାନମନ୍ତ୍ରୀଙ୍କୁ କହିବେ।

# ବ୍ରହ୍ମପୁରରେ ମସଲା, ଚା'ଗୁଣ୍ଡ ଭେଜାଲ

- ମିଶୁଛି କେମିକାଲ, ରଙ୍ଗ, କାଠଗୁଣ୍ଡ
- ବିପୁଳ ପରିମାଣର ଭେଜାଲ ସାମଗ୍ରୀ ଜବତ, ୩ ଅଟକ



ଜବତ ଭେଜାଲ ହଳିଦୀ ଓ ଲଙ୍କା ଗୁଣ୍ଡ।

**ବ୍ରହ୍ମପୁର ଅଫିସ,୨୧।୧**

ମସଲାରେ ମିଶୁଛି କାଠଗୁଣ୍ଡ, ରାସାୟନିକ ପଦାର୍ଥର ରଙ୍ଗ ଓ ସୁଗନ୍ଧିତ ତୈଳ ଇତ୍ୟାଦି। ଏମିତି ଭେଜାଲ ମସଲା ଓ ଚା'ଗୁଣ୍ଡ ପ୍ରସ୍ତୁତ ହୋଇ ବିକ୍ରି ହେଉଥିବା ଘଟଣା ଏବେ ବ୍ରହ୍ମପୁରରେ ଦୃଷ୍ଟିକୁ ଆସିଛି। ଅଭିଯୋଗ ପରେ ବଡ଼ବଜାର ଥାନାଧିକାରୀ ପ୍ରଶାନ୍ତ ଭୂପତି ଓ ତାଙ୍କ ଟିମ୍ ଗୁରୁବାର ନକଲି ହଳଦୀ ଗୁଣ୍ଡ ଓ ଲଙ୍କାଗୁଣ୍ଡ ପ୍ରସ୍ତୁତ ଓ ପ୍ୟାକିଂ କାରଖାନା ଉପରେ ଚଢ଼ାଉ କରିଛନ୍ତି। ପୋଲିସ ବିପୁଳ ପରିମାଣର ଭେଜାଲ ମସଲା ଗୁଣ୍ଡ ଓ କଞ୍ଚାମାଲ ଜବତ କରିଛି। ଏହି ଘଟଣାରେ ୩ ଜଣଙ୍କୁ ଅଟକ ରଖି ପଚରାଉଚୁରା କରୁଛି। ସେମାନଙ୍କ ନିକଟରୁ ବିପୁଳ ପରିମାଣର ବିଭିନ୍ନ ରଙ୍ଗର ରାସାୟନିକ ପଦାର୍ଥ, ଅଟା, ଖୁଦଗୁଣ୍ଡ, କାଠଗୁଣ୍ଡ ଏବଂ ବିଭିନ୍ନ ପ୍ରକାର ରଙ୍ଗ ସହ ବହୁ ପରିମାଣର ହଳଦୀ ଗୁଣ୍ଡ ଜବତ କରିଥିବା ପୋଲିସ କହିଛି।

ଘଟଣାରୁ ପ୍ରକାଶ, ବଡ଼ବଜାର ଥାନା ଅନ୍ତର୍ଗତ ପାଣ୍ଡବ ନଗର, ରାଜାସାହି ଓ ଲକ୍ଷ୍ମୀ ନୃସିଂହ ସାହିରେ ଭେଜାଲ ହଳଦୀ ଗୁଣ୍ଡ ଏବଂ ଲଙ୍କାଗୁଣ୍ଡ କାରବାର ହେଉଥିବା ନେଇ ପୋଲିସକୁ ଖବର ମିଳିଥିଲା। ଏହାପରେ ଏକ ସ୍ୱତନ୍ତ୍ର ଟିମ୍ ବଡ଼ବଜାର ଥାନା ଅଞ୍ଚଳରେ ଗୁରୁବାର ଅତର୍କିତ ଚଢ଼ାଉ କରିଥିଲା। ଏଥିରେ ଭେଜାଲ ଅଟା, ଖୁଦଗୁଣ୍ଡ, କାଠଗୁଣ୍ଡ ଏବଂ ବିଭିନ୍ନ ପ୍ରକାର ରଙ୍ଗ ସହ ବହୁ ପରିମାଣର ହଳଦୀ ଗୁଣ୍ଡ ଇତ୍ୟାଦି ସାମଗ୍ରୀ ଜବତ କରିଛି। ଏପରିକି ଲକ୍ଷ୍ମୀନୃସିଂହ ସାହି ୭ମ ଲେନ୍‌ରେ ଥିବା ଭେଜାଲ ମସଲା ଗୁଣ୍ଡ କାରଖାନା, ପାଣ୍ଡବ ନଗର ମହାରାଜା ସାହିରେ ଥିବା ମସଲାଗୁଣ୍ଡ ପ୍ୟାକିଂ ଫ୍ୟାକ୍ଟ୍ରିକୁ ସିଲ୍ କରିଛି। ସେହିପରି ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ପଣ୍ଡା କଲୋନୀରେ ଚାଲିଥିବା ଭେଜାଲ ଚା'ପତି କାରଖାନାରେ ମଧ୍ୟ ଚଢ଼ାଉ କରିଥିଲା। ସେଠାରୁ ଚା'ପତି ପ୍ରସ୍ତୁତ ପାଇଁ ମହଜୁଦ ଥିବା ଭେଜାଲ କଞ୍ଚାମାଲ ଓ ରଙ୍ଗ ପୋଲିସ ଜବତ କରିଛି। ଏସବୁ ଅପମିଶ୍ରିତ ମସଲା ଓ ଚା'ଗୁଣ୍ଡ ଲୋକଙ୍କ ଶରୀରରେ ଏକାଧିକ ସମସ୍ୟା ସୃଷ୍ଟି କରିଥାଏ। ମୁଖ୍ୟତଃ ପେଟ ବେମାରି, କୋଲେଷ୍ଟରଲ୍, ଉଚ୍ଚ ରକ୍ତଚାପ, କ୍ୟାନ୍‌ସର ଭଳି ମାରାତ୍ମକ ରୋଗର ଶିକାର ହେବା ଆଶଙ୍କା ରହିଛି ବୋଲି ଏମ୍‌କେସିଜି ମେଡିକାଲର ଏଣ୍ଡୋକ୍ରୋନଲୋଜି ବିଭାଗର ସହକାରୀ ପ୍ରଫେସର ଡା. ପି. ରବି କୁମାର କହିଛନ୍ତି। ଅନ୍ୟପଟେ ବ୍ରହ୍ମପୁର ମହାନଗର ନିଗମରେ ଥିବା ଖାଦ୍ୟ ସୁରକ୍ଷା ଅଧିକାରୀ ସସ୍ମିତା ଖାଡ଼ଙ୍ଗା କୁହନ୍ତି, ବ୍ରହ୍ମପୁରରେ ଭେଜାଲ ମସଲା ଗୁଣ୍ଡ ଓ ଚା'ପତି ଗୁଣ୍ଡ ପ୍ରସ୍ତୁତ ହୋଇଥିବା ବେଳେ ପୋଲିସ କିଛି ଏହାର ସାମ୍ପୁଲ ଜବତ କରିଛି। ଏହାକୁ ଭୁବନେଶ୍ୱରସ୍ଥିତ ଲାବୋରେଟାରିକୁ ପରୀକ୍ଷା ପାଇଁ ପଠାଯିବ ବୋଲି ସେ କହିଛନ୍ତି। ଅନ୍ୟପଟେ ରାଜ୍ୟରେ ବ୍ୟାପୁଛି ଭେଜାଲ ଖାଦ୍ୟ ସାମଗ୍ରୀର ଚେର। ପ୍ରଥମେ କଟକ, ଭୁବନେଶ୍ୱର ଏବଂ ପର୍ଯ୍ୟାୟକ୍ରମେ ଯାଜପୁର, ଭଦ୍ରକ ଆଉ ଏବେ ଗଞ୍ଜାମ ଜିଲାରୁ ନକଲି ଖାଦ୍ୟ ପ୍ରସ୍ତୁତି ସାମଗ୍ରୀ କାରଖାନା ଠାବ ହୋଇଛି।




# ବୟାନ ବଦଳାଇଲେ ଯୁବତୀ

**କୋର୍ଟ ପରିସରରେ ପ୍ରେମିକଙ୍କ ଆତ୍ମହତ୍ୟା ଉଦ୍ୟମ**

**ଜଳେଶ୍ୱର, ୨୧।୧(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଜଳେଶ୍ୱର କୋର୍ଟରେ ଜଣେ ଯୁବତୀ ବୟାନ ବଦଳାଇବାରୁ କୋର୍ଟ ପରିସରରେ ପ୍ରେମିକ ଆତ୍ମହତ୍ୟା ଉଦ୍ୟମ କରିବା ଘଟଣା ସାଧାରଣରେ ଆଲୋଡନ ସୃଷ୍ଟି କରିଛି। ଜଳେଶ୍ୱର ଥାନା ଆଇଆଇସି ମାନସ ରଞ୍ଜନ ଦେଓ ପହଞ୍ଚି ଉକ୍ତ ଯୁବକଙ୍କୁ ଉଦ୍ଧାର କରି ପ୍ରଥମେ ଜିକେଭଟ୍ଟର ହସ୍‌ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଜିଲା ମୁଖ୍ୟଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଜଳେଶ୍ୱର ଅଞ୍ଚଳରୁ ଦୀର୍ଘଦିନ ହେଲା ଉକ୍ତ ଯୁବତୀ ଓ ଯୁବକ ଫେରାର ଥିଲେ। ସେମାନଙ୍କୁ ଉଦ୍ଧାର ଲାଗି ଗ୍ରାମବାସୀଙ୍କ ପକ୍ଷରୁ ଥାନା ଘେରାଉ କରାଯିବା ସହ ଉତ୍ତେଜନା ଲାଗି ରହିଥିଲା। ଆଇଆଇସି ଦେଓଙ୍କ ଉଦ୍ୟମରେ ଉଭୟଙ୍କୁ ପଶ୍ଚିମବଙ୍ଗର ନିୟୁଜଲପଇଗୁଡ଼ି ଅଞ୍ଚଳରୁ ଉଦ୍ଧାର କରାଯାଇଥିଲା। ପରବର୍ତ୍ତୀ ସମୟରେ ଯୁବତୀଙ୍କୁ ବାଲେଶ୍ୱର ସୁଧାର ଗୃହରେ ରଖାଯାଇଥିଲା। ଉକ୍ତ ଯୁବକଙ୍କୁ ତାଙ୍କ ବାପା ଏକ ମୁଚାଲିକା ଲେଖି ନିଜ ଘରକୁ ନେଇଯାଇଥିଲେ। ଗୁରୁବାର ଥିଲା କୋର୍ଟର ବିଚାର ତାରିଖ । କୋର୍ଟରେ ଯୁବତୀଜଣକ ଯୁବକଙ୍କ ସହିତ ନ ରହି ନିଜ ବାପାଙ୍କ ସହିତ ରହିବା ଲାଗି ସିଦ୍ଧାନ୍ତ ନେଇଥିବା ବୟାନ ଦେଇଥିଲେ। ଫଳରେ ଯୁବକଜଣକ ନିରାଶ ହୋଇ କୋର୍ଟ ପରିସରରେ ବିଷ ପିଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଏହି ଘଟଣାରେ ଥାନାରେ ଏକ ମାମଲା ରୁଜୁ ହୋଇଛି। କୋର୍ଟ ପରିସର ନିକଟରେ ଏକ ଫାଣ୍ଡି ପ୍ରତିଷ୍ଠା କରିବାକୁ ସାଧାରଣରେ ଦାବି ହୋଇଛି।

# ଖାଲ୍‌ସା ଏଡ୍‌କୁ ଏନ୍‌ଆଇଏ ନୋଟିସ

**ନୋବେଲ ମନୋନୟନ ପରେ ଜେରା ସ୍ଥଗିତ**

**ନୂଆଦିଲ୍ଲୀ,୨୧।୧**

ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ଗତ ୧୬ ତାରିଖରେ ମାନବବାଦୀ ଏନ୍‌ଜିଓ ଖାଲସା ଏଡ୍ ଇଣ୍ଡିଆ ନିର୍ଦ୍ଦେଶକ ଅମନପ୍ରୀତ ସିଂ ଓ ଏହାର କେତେଜଣ ଟ୍ରଷ୍ଟିଙ୍କୁ ହାଜର ହେବା ପାଇଁ ସମନ କରିଥିଲା। ଏହାର ଦୁଇଦିନ ପରେ ବ୍ରିଟେନର ଏହି ଏନ୍‌ଜିଓ ନୋବେଲ ଶାନ୍ତି ପୁରସ୍କାର ପାଇଁ ମନୋନୀତ ହୋଇଥିବା ଘୋଷଣା କରାଯାଇଥିଲା। ଫଳରେ ଏନ୍‌ଆଇଏ ଉକ୍ତ ଏନ୍‌ଜିଓ ସଦସ୍ୟମାନଙ୍କୁ ଜେରା ନ କରିବା ପାଇଁ ନିଷ୍ପତ୍ତି ନେଇଛି।

୧୯୯୯ରେ ବ୍ରିଟିଶ୍ ଶିଖ୍ ଆକ୍ଟିଭିଷ୍ଟ ରବି ସିଂ ଖାଲ୍‌ସା ଏଡ୍‌ର ପ୍ରତିଷ୍ଠା କରିଥିଲେ। ଭାରତ ସମେତ ଅନେକ ଦେଶରେ ଏହାର ଶାଖା ରହିଛି। ସମଗ୍ର ମାନବଜାତିକୁ ଗୋଟିଏ ଜାତି ଭାବେ ସ୍ୱୀକୃତି ଦେବା ଓ ଲୋକଙ୍କ ସେବା କରିବା ସିଦ୍ଧାନ୍ତ ଉପରେ ଏହି ଏନ୍‌ଜିଓ କାର୍ଯ୍ୟ କରିଥାଏ। ଭାରତରେ ୨୦୧୮ କେରଳ ବନ୍ୟା ପ୍ରଭାବିତଙ୍କୁ ସାହାଯ୍ୟ ଏବଂ କୋଭିଡ୍-୧୯ ଲକ୍‌ଡାଉନ୍ ବେଳେ ଆଗ ଧାଡ଼ିର ଯୋଦ୍ଧା ଓ ମୃତାହତଙ୍କ ପରିବାରକୁ ସହାୟତା ପ୍ରଦାନ କରିବା ନେଇ ଏହି ଏନ୍‌ଜିଓ ଜଣାଶୁଣା। ସେହିପରି କେନ୍ଦ୍ରର କୃଷି ଆଇନ ବିରୋଧରେ ଦିଲ୍ଲୀ ସୀମାରେ ଆନ୍ଦୋଳନରତ ଚାଷୀଙ୍କୁ ମଧ୍ୟ ଏନ୍‌ଜିଓ ସମର୍ଥନ କରିଛି। ବିକ୍ଷୋଭକାରୀମାନଙ୍କୁ ଖାଦ୍ୟ, ପାନୀୟ ଜଳ ଓ ଅନ୍ୟ ଜରୁରୀ ସେବା ପ୍ରଦାନ କରୁଛି। ଗତ ୧୬ରେ ଏନ୍‌ଆଇଏ ଅମନପ୍ରୀତ ସିଂ ଓ ଅନ୍ୟ ଟ୍ରଷ୍ଟିମାନଙ୍କୁ ସମନ କରିଥିଲା। ମାନବୀୟ ସହାୟତା ଦେଉଥିବା ସ୍ୱେଚ୍ଛାସେବୀ ସଂସ୍ଥା, ଗୋଷ୍ଠୀ ଓ ବ୍ୟକ୍ତିମାନଙ୍କ ବିରୋଧରେ ଏନ୍‌ଆଇଏର ଏପରି ଆଭିମୁଖ୍ୟ ଭାରତୀୟ ଇତିହାସରେ ଅଭୂତପୂର୍ବ ବୋଲି ଉକ୍ତ ସଂସ୍ଥା ନିଜ ୱେବ୍‌ସାଇଟ୍‌ରେ ଜାରି ଏକ ବିବୃତିରେ କହିଥିଲା। ଏହାସହ ଏନ୍‌ଆଇଏ ଆଚରଣକୁ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି ନିନ୍ଦା କରାଯାଇଥିଲା। ଗତ ୧୮ରେ ନୋବେଲ ନାମାଙ୍କନ ଘୋଷଣା କରାଯିବା ପରେ ଏନ୍‌ଆଇଏ ଅମନପ୍ରୀତ ସିଂ ଓ ତାଙ୍କ ସହଯୋଗୀଙ୍କ ଜେରାକୁ ସ୍ଥଗିତ ରଖିଛି। ଏନେଇ ଏନ୍‌ଆଇଏ ପକ୍ଷରୁ ଫୋନ୍ କରି ସେମାନଙ୍କୁ ଜଣାଇଦିଆଯାଇଛି।


ଅମନପ୍ରୀତ ସିଂ

# ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ତତ୍ପରତା

- ଚିନିକଲରେ ଜିଲାପାଳ, ଏସ୍‌ପି
- ଲାଗିବ ସିସିଟିଭି, ମୁତୟନ ହେବ ପୋଲିସ ଫୋର୍ସ
- ମୁଖ୍ୟକୁ ଛାଡ଼ି ସବୁ ଫାଟକକୁ କରାଯିବ ସିଲ୍

**ନୟାଗଡ଼ ଅଫିସ,୨୧।୧**

ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ଚେଇଁ ଶୋଇଥିବା ନୟାଗଡ଼ ଜିଲା ପ୍ରଶାସନ ତତ୍ପର ହୋଇଛି। ଗୁରୁବାର ସନ୍ଧ୍ୟାରେ ପାଣିପୋଇଲାସ୍ଥିତ ଚିନିକଲକୁ ଜିଲାପାଳ ପୋମା ଟୁଡୁ, ଏସ୍‌ପି ସିଦ୍ଧାର୍ଥ କଟାରିଆ ଓ ଡିଏଫ୍‌ଓ ଏଚ୍.ଡି. ଧନରାଜ ଅଚାନକ ପରିଦର୍ଶନ କରି ଫେରିଛନ୍ତି। ଚିନିକଳର ଚୋରିକୁ ରୋକିବାକୁ ଜିଲାପାଳ କଠୋର ନୀତି ଆପଣେଇଛନ୍ତି। ଚିନିକଳ ପରିସରରେ ସିସିଟିଭି କ୍ୟାମେରା ଲାଗିବ। ସେହି ପରିସରକୁ ଆଲୋକିତ ରଖିବା ପାଇଁ ବିଦ୍ୟୁତ୍ ଆଲୋକର ବ୍ୟବସ୍ଥା ହେବ। ମୁଖ୍ୟ ଫାଟକ ଦେଇ ଜଣେ ବ୍ୟକ୍ତି ଯିବା ପାଇଁ ବାଟ ରଖାଯାଇ କାନ୍ଥ ଦିଆଯିବ। ଅନ୍ୟ ଫାଟକଗୁଡ଼ିକୁ ସମ୍ପୂର୍ଣ୍ଣ ରୂପେ କାନ୍ଥ ଦେଇ ବନ୍ଦ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ସେହିଭଳି ସୁରକ୍ଷା ଦେବା ପାଇଁ ଫୋର୍ସ ମୁତୟନ ହେବେ। ଚିନିକଳ ପରିସରକୁ ପଡିଥିବା ବିଭିନ୍ନ ପାଦଚଲା ରାସ୍ତାକୁ ମଧ୍ୟ ବନ୍ଦ କରିଦିଆଯିବ। ଶୁକ୍ରବାର ସଦର ଥାନା ଆଇଆଇସିଙ୍କ ସହ ଚିନିକଳକୁ ବୁଲି ପରିସ୍ଥିତି ଅନୁଧ୍ୟାନ କରାଯିବ । ପରେ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ଏସ୍‌ପି ଜିଲାପାଳଙ୍କୁ କହିଛନ୍ତି।

ସୂଚନାଯୋଗ୍ୟ, ନୟାଗଡ଼ ଜିଲାପାଳ ଟୁଡୁ ଓ ଚିନିକଳର ପରିଚାଳନା ନିର୍ଦ୍ଦେଶକ ପଣ୍ଡାଙ୍କୁ ବ୍ୟକ୍ତିଗତ ସତ୍ୟପାଠ ଦାଖଲ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ । ଏହି ନିର୍ଦ୍ଦେଶ ପରେ ଜିଲାପାଳ ଓ ଏସ୍‌ପି ତରବରିଆ ଭାବେ ଚିନିକଳକୁ ଯାଇ ଗୁରୁବାର ସମୀକ୍ଷା କରିଛନ୍ତି। ୨୦୨୦ ମାର୍ଚ୍ଚ ୧୨ରେ ଜିଲା ପ୍ରଶାସନ ଚିନିକଳର ସମ୍ପତ୍ତି ଆକଳନ କରି ସିଲ୍ କରିଥିଲା। ଏହାପରେ ଚିନିକଳର ସୁରକ୍ଷାକୁ ନେଇ ଆଦୌ ଧ୍ୟାନ ଦିଆଯାଇ ନ ଥିଲା। ଏ ସଂକ୍ରାନ୍ତରେ ଅଭିଯୋଗ ହେବା ପରେ ଚିନିକଳର ସୁରକ୍ଷା ପାଇଁ ହାଇକୋର୍ଟ ଗତ ଡିସେମ୍ବର ୪ରେ ନିର୍ଦ୍ଦେଶ ଦେଇଥିଲେ । ଚିନିକଳର ସମ୍ପତ୍ତି ସୁରକ୍ଷିତ ଅଛି କି ନାହିଁ ଏବଂ ପୋଲିସ ମୁତୟନ କରାଯାଇ ସୁରକ୍ଷା ଦିଆଯାଉଛି କି ନାହିଁ ସେନେଇ ବ୍ୟକ୍ତିଗତ ସତ୍ୟପାଠ ମାଧ୍ୟମରେ ଅବଗତ କରାଇବା ପାଇଁ ଜିଲାପାଳ ଓ ଚିନିକଳର ପରିଚାଳନା ନିର୍ଦ୍ଦେଶକଙ୍କୁ ହାଇକୋର୍ଟଙ୍କ ନିର୍ଦ୍ଦେଶ ଥିଲା। ତଥାପି ବ୍ୟକ୍ତିଗତ ସତ୍ୟପାଠ ଦାଖଲ କରାଯାଇ ନ ଥିଲା।

# ୧୦ କୃଷକ ସଂଗଠନ ସହ ବିଶେଷଜ୍ଞ କମିଟିର ଆଲୋଚନା

**ନୂଆଦିଲ୍ଲୀ, ୨୧।୧**

ନୂଆ କୃଷି ଆଇନ ଉପରେ ସୁପ୍ରିମକୋର୍ଟ ନିଯୁକ୍ତ କରିଥିବା ବିଶେଷଜ୍ଞ କମିଟି ଗୁରୁବାର ପରାମର୍ଶ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ପ୍ରଥମ ଦିନରେ ଉକ୍ତ କମିଟି ଉତ୍ତରପ୍ରଦେଶ ସମେତ ୮ ରାଜ୍ୟର ୧୦ଟି କୃଷକ ସଂଗଠନ ସହ ଆଲୋଚନା କରିଛନ୍ତି। ୩ କୃଷି ଆଇନ ବିରୋଧରେ ପାଖାପାଖି ୨ ମାସ ହେଲା ଦିଲ୍ଲୀ ସୀମାରେ ଚାଷୀ ଆନ୍ଦୋଳନ ଜାରି ରଖିଛନ୍ତି। ଉକ୍ତ ଆଇନକୁ ସ୍ଥଗିତ ରଖିବା ଲାଗି ଗତ ୧୧ ତାରିଖରେ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେବା ସହ ଅଚଳାବସ୍ଥାର ସମାଧାନ ପାଇଁ ୪ ଜଣିଆ ବିଶେଷଜ୍ଞ କମିଟି ଗଢ଼ିଥିଲେ। ଭାରତୀୟ କିଷାନ ୟୁନିୟନ ଅଧ୍ୟକ୍ଷ ଭୂପିନ୍ଦର ସିଂ ମାନ୍ ଓହରିଯିବା ପରେ ଏବେ କମିଟିରେ ୩ ସଦସ୍ୟ ରହିଛନ୍ତି। ଗୁରୁବାର ବିଭିନ୍ନ କୃଷକ ସଂଗଠନ ସହ ଭିଡିଓ କନ୍‌ଫରେନ୍ସ ଜରିଆରେ କଥାବାର୍ତ୍ତା ହୋଇଥିବା କମିଟି ପକ୍ଷରୁ କୁହାଯାଇଛି। ଆଲୋଚନାରେ କର୍ଣ୍ଣାଟକ, କେରଳ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ଓଡ଼ିଶା, ତେଲଙ୍ଗାନା ଓ ଉତ୍ତରପ୍ରଦେଶର କୃଷକ ସଂଗଠନଗୁଡ଼ିକ ଭାଗ ନେଇଥିଲେ।

# ଓଏଚ୍‌ଆର୍‌ସିଙ୍କ ଦ୍ୱାରସ୍ଥ ହେଲା କଂଗ୍ରେସ

**ପିସିସି ସଭାପତିଙ୍କୁ ଆକ୍ରମଣ ଉଦ୍ୟମ ଘଟଣା**

**ଭୁବନେଶ୍ୱର,୨୧।୧(ବ୍ୟୁରୋ)**

କେନ୍ଦୁଝରରେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ଉପରକୁ ଆକ୍ରମଣ ଉଦ୍ୟମ ଓ ତାଙ୍କ ବ୍ୟକ୍ତିଗତ ସୁରକ୍ଷାକର୍ମୀ ଏବଂ ଗାଡ଼ିକୁ ଆକ୍ରମଣ ଘଟଣାକୁ ନେଇ କଂଗ୍ରେସ ଗୁରୁବାର ରାଜ୍ୟ ମାନବାଧିକାର ଆୟୋଗ (ଓଏଚ୍‌ଆର୍‌ସି)ଙ୍କ ଦ୍ୱାରସ୍ଥ ହୋଇଛି। ଦଳର ମୁଖପାତ୍ର ନିଶିକାନ୍ତ ମିଶ୍ରଙ୍କ ନେତୃତ୍ୱରେ ଏକ ପ୍ରତିନିଧିଦଳ ଆୟୋଗଙ୍କୁ ଭେଟି ସ୍ଥାନୀୟ ପୋଲିସ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛି। କଂଗ୍ରେସ ଅଭିଯୋଗ କରିଛି ଯେ, ସ୍ଥାନୀୟ ପୋଲିସର ଅବହେଳା ଓ ଖରାପ ମନୋଭାବ ଯୋଗୁ ଏହି ଘଟଣା ଘଟିଥିଲା। ରାଜ୍ୟରେ ଏକ ଜାତୀୟ ଦଳର ସଭାପତିଙ୍କ ଉପରେ ଯଦି ଏଭଳି ଆକ୍ରମଣ ହେଉଛି, ତା'ହେଲେ ସାଧାରଣ ନାଗରିକ କେତେ ସୁରକ୍ଷିତ ତାହା ଏଥିରୁ ସ୍ପଷ୍ଟ ଜଣାପଡୁଛି ବୋଲି ପ୍ରତିନିଧି ଦଳ କମିଶନଙ୍କ ନିକଟରେ କହିଛନ୍ତି। ଏଥିସହିତ ରାଜ୍ୟରେ ଯେକୌଣସି ଗସ୍ତ ସମୟରେ କଂଗ୍ରେସ ସଭାପତିଙ୍କୁ ଆବଶ୍ୟକ ସୁରକ୍ଷା ଯୋଗାଇଦେବାକୁ ଅନୁରୋଧ କରାଯାଇଛି। ଏହା ପୂର୍ବରୁ କଂଗ୍ରେସର ଏକ ପ୍ରତିନିଧି ଦଳ କେନ୍ଦୁଝର ଏସ୍‌ପିଙ୍କୁ ଭେଟି ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବାକୁ ଦାବି କରିଥିଲା। ଏହାପରେ ପୋଲିସ ଏହି ଘଟଣାରେ ସମ୍ପୃକ୍ତ ୪ଜଣଙ୍କୁ ଗିରଫ କରିଥିଲା।

# ଇସ୍ପାତ ରାଷ୍ଟ୍ରମନ୍ତ୍ରୀଙ୍କ ରାଉରକେଲା ଗସ୍ତ

**ରାଉରକେଲା ଅଫିସ, ୨୧।୧**

କେନ୍ଦ୍ର ଇସ୍ପାତ ରାଷ୍ଟ୍ରମନ୍ତ୍ରୀ ଫଗନ୍ ସିଂହ କୁଲସ୍ତେ ଦୁଇ ଦିନିଆ ଗସ୍ତରେ ଆସି ରାଉରକେଲାରେ ଗୁରୁବାର ପହଞ୍ଚିଛନ୍ତି। ତାଙ୍କ ସହ ସେଲ୍‌ର ବୈଷୟିକ ପ୍ରକଳ୍ପ ଓ କଞ୍ଚାମାଲ ବିଭାଗର ନିର୍ଦ୍ଦେଶକ ଏଚ୍.ଏନ୍ ରାୟ ସାମିଲ ଅଛନ୍ତି। ରାଉରକେଲା ଷ୍ଟିଲ ପ୍ଲାଣ୍ଟ (ଆର୍‌ଏସ୍‌ପି)ର ସିଇଓ ଦୀପକ ଚଟ୍ଟରାଜ, ରାଉରକେଲା ଅତିରିକ୍ତ ଜିଲାପାଳ ଆବୋଲି ସୁନିଲ ନରୱେଣେ, ସିଆଇଏସ୍‌ଏଫ ଡିଆଇଜି ଶିଖର ସହାୟ, ରାଉରକେଲା ଏସ୍‌ପି ମୁକେଶ କୁମାର ଭାମୁ ପ୍ରମୁଖ ଇସ୍ପାତ ରାଷ୍ଟ୍ରମନ୍ତ୍ରୀ କୁଲସ୍ତେଙ୍କୁ ବିମାନବନ୍ଦରରୁ ସ୍ୱାଗତ କରିଥିଲେ। ରାଷ୍ଟ୍ରମନ୍ତ୍ରୀ ପହଞ୍ଚିବା ପରେ ରାଉରକେଲା ହାଉସ୍‌ଠାରେ ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ସ୍ୱାଗତ ଜଣାଇଥିଲେ। ଏହି ଅବସରରେ ଇସ୍ପାତ ରାଷ୍ଟ୍ରମନ୍ତ୍ରୀ କୁଲସ୍ତେ ପ୍ରଥମ ଦିନରେ କଞ୍ଚାମାଲ ଡିଭିଜନର ତାଲଡିହ ଖଣି ଓ ବରସୁଆଁ ଖଣି ପରିଦର୍ଶନ କରିଥିଲେ।


କେନ୍ଦ୍ର ଇସ୍ପାତ ରାଷ୍ଟ୍ରମନ୍ତ୍ରୀଙ୍କୁ ସ୍ୱାଗତ କରାଯାଉଛି।

# ଜିଲାପାଳଙ୍କ ଅଫିସ ଆଗରେ ବାସନ୍ଦ ପରିବାରର ଧାରଣା

**ଅନ୍ଧବିଶ୍ୱାସର ପ୍ରତିବାଦ କରିବାରୁ ନିର୍ଯାତନା**



ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେଉଥିବା ବାସନ୍ଦ ପରିବାର।

**ବାରିପଦା ଅଫିସ,୨୧।୧**

ଅନ୍ଧ ବିଶ୍ୱାସ ଓ କୁସଂସ୍କାରର ପ୍ରତିବାଦ କରିବାରୁ ସ୍ଥାନୀୟ ଲୋକଙ୍କ ଆକ୍ରୋଶର ଶିକାର ହୋଇଥିବା ଦୁଇ ପରିବାର ଗୁରୁବାର ନ୍ୟାୟ ପାଇଁ ମୟୂରଭଞ୍ଜ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ଖବରପାଇ ଅତିରିକ୍ତ ଜିଲାପାଳ ପ୍ରକାଶ ଚନ୍ଦ୍ର ବେହେରା ଧାରଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେବାରୁ ସେମାନେ ଧାରଣାରୁ ଉଠିଥିଲେ। ଏଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ଜିଲାର ତିରିଂ ବ୍ଲକ ଅଧୀନ ରେଙ୍ଗାଲବେଡ଼ା ପଞ୍ଚାୟତ ସାନଡ଼ାଲିମା ଗ୍ରାମରେ। ଗ୍ରାମର ୱାର୍ଡ ସଭ୍ୟ ଶାଙ୍ଗାର ବାସ୍କେ, ପାର୍ବତୀ ମାଝି ଓ ସୁଶୀଲ ସୋରେନ ସ୍ଥାନୀୟ ଲୋକଙ୍କ ଅନ୍ୟାୟ ନିଷ୍ପତ୍ତିକୁ ବିରୋଧ କରିବାରୁ ସେମାନଙ୍କ ପରିବାରକୁ ସାମାଜିକ ବାସନ୍ଦ କରାଯାଇଛି। ଅଭିଯୋଗ ଅନୁଯାୟୀ, ଗ୍ରାମ ବୈଠକରେ ଅନ୍ଧ ବିଶ୍ୱାସ, କୁସଂସ୍କାର ଓ ନିଶା କାରବାରର ବିରୋଧ କରିବାରୁ ଶାଙ୍ଗାର ଓ ସୁଶୀଲଙ୍କ ପରିବାରକୁ ସ୍ଥାନୀୟ କେତେକ ଲୋକ ମିଥ୍ୟା ଅଭିଯୋଗରେ ସାମାଜିକ ବାସନ୍ଦ କରିଥିଲେ। ଗତ ୯ତାରିଖରେ ଶାଙ୍ଗାରଙ୍କ ଭଉଣୀଙ୍କ ମୃତ୍ୟୁ ପରେ ସାମାଜିକ କାର୍ଯ୍ୟକ୍ରମକୁ ମଧ୍ୟ ସେମାନଙ୍କୁ ବାରଣ କରାଯିବା ସହ ମରଶରୀରକୁ ଦେଖିବାକୁ ସୁଯୋଗ ଦିଆଯାଇ ନ ଥିଲା। ସେହିପରି ଗ୍ରାମରେ ମୃତ୍ୟୁ ବରଣ କରିଥିବା ଅନ୍ୟ ପରିବାରର କ୍ରିୟାକର୍ମରେ ସେମାନଙ୍କ ପରିବାରକୁ ସାମିଲ କରାଯାଇ ନ ଥିବା ଅଭିଯୋଗ କରି ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବି କରିଛନ୍ତି। ଏହି ସବୁ ଘଟଣାର ତଦନ୍ତ ପାଇଁ ତିରିଂ ଥାନା ଅଧିକାରୀ, ବିଡିଓ, ତହସିଲଦାର ଓ ଉପଜିଲାପାଳଙ୍କ ନିକଟରେ ଅଭିଯୋଗ କରାଯାଇଥିଲା। ମାତ୍ର ଉପଜିଲାପାଳଙ୍କ ଶୁଣାଣି ଦିନ ଘଟଣାସ୍ଥଳକୁ ନିର୍ଯାତନା ଦେଇଥିବା ବ୍ୟକ୍ତିମାନେ ନ ଆସିବାରୁ ଉଭୟ ପରିବାର ନ୍ୟାୟ ନ ପାଇ ମାନସିକ ଦୁଶ୍ଚିନ୍ତାରେ ଦିନ କାଟୁଥିବା ପ୍ରକାଶ କରିଛନ୍ତି। ତେବେ ଧାରଣା ଦେବାର ୧୫ଦିନ ମଧ୍ୟରେ ନ୍ୟାୟ ନ ମିଳିଲେ ଫେବୃଆରୀ ୧୧ରେ ବିଧାନସଭା ସମ୍ମୁଖରେ ସପରିବାର ଧାରଣା ଦେବେ ବୋଲି ଜିଲାପାଳଙ୍କୁ ପ୍ରଦାନ କରିଥିବା ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି।


**State Health Assurance Society,**
**Health & Family Welfare Department, Govt. of Odisha**
**Bhubaneswar- 751007, District- Khordha (Odisha)**
**Phone No.- 0674-2620500, Email ID: deoshas.hr@gmail.com**

No. E-537

**Adv. No.: 02/2021** **CONTRACTUAL APPOINTMENT** **DATE: 22.01.2021**

Applications are invited from eligible candidates for filling up the following posts under **State Health Assurance Society, Odisha** on contractual basis with monthly remuneration as noted against each and subject to renewal as per **Society** terms and conditions. The position is purely temporary and co-terminus with the scheme.

| Sl. No | Name of the Post | Remuneration (in Rs.) & Performance Incentive (P.I) as admissible | Vacancy |
|---|---|---|---|
| 01 | Joint Executive Officer (M&E) | Rs. 50,300/- + (PI) | 01 |
| 02 | Quality Co-ordinator | Rs. 44,000/- + (PI) | 01 |
| 03 | Deputy Executive Officer (Field Operations) | Rs. 44,000/- + (PI) | 01 |
| 04 | IEC & Training Consultant | Rs. 44,000/- + (PI) | 01 |
| 05 | Executive (M& E) | Rs. 27,200/- + (PI) | 01 |

Interested candidates can log on to **www.nhmodisha.gov.in** for details of vacancy, eligibility criteria, age, selection procedure etc. Last date for receipt of Application in prescribed format duly signed by the candidate along with self-attested copies of all supportive documents through Courier /Speed Post/Registered Post by 18.02.2021 (Before 5.00 P.M.)

Sd/-
Chief Executive Officer
State Health Assurance Society, Odisha

OIPR-10001/11/0013/2021

ଯଦି ମା ଭଗବତୀଙ୍କ କରୁଣା ଓ ଅଭୟ ତୁମ ସଙ୍ଗେ ରହିଛି ତେବେ ଆଉ ଏପରି କ'ଣ ରହିଛି- ଯାହା ତୁମକୁ ସ୍ପର୍ଶ କରିପାରିବ ? ଆଉ କାହାକୁ ବା ତୁମେ ଭୟ କରିବ ? ଏହି କୃପାରୁ ଅଳ୍ପ ଟିକିଏ ମଧ ତୁମକୁ ସକଳ ବାଧା ବିପତ୍ତି ଓ ସଂକଟରୁ ପାରିକରିଦେବ । -ଶ୍ରୀଅରବିନ୍ଦ

# ପ୍ରଥମ ସୋପାନ

କେନ୍ଦ୍ର ଦ୍ୱାରା ଲାଗୁ କରାଯାଇଥିବା ୩ଟି କୃଷି ଆଇନକୁ ସମ୍ପୂର୍ଣ୍ଣ ପ୍ରତ୍ୟାହାର କରିବା ଦାବିରେ କୃଷକମାନେ ଦୁଇମାସରୁ ଊର୍ଦ୍ଧ୍ୱ ହେବ ଆନ୍ଦୋଳନ ଜାରି ରଖିଛନ୍ତି। ତେବେ ଏଥିପାଇଁ ଲାଗି ରହିଥିବା ଅଚଳାବସ୍ଥାର ସମାଧାନ ଲାଗି କେନ୍ଦ୍ର ଓ କୃଷକ ସଂଗଠନଗୁଡ଼ିକ ମଧ୍ୟରେ ଅନୁଷ୍ଠିତ ଦଶମ ପର୍ଯ୍ୟାୟ ଆଲୋଚନା ଏକ ସମ୍ଭାବ୍ୟ ଆଶା ସୃଷ୍ଟିକରିଛି। ବୁଧବାର ଆଲୋଚନାବେଳେ ସରକାର ୩ଟି କୃଷି ଆଇନକୁ ୧୮ ମାସ ସ୍ଥଗିତ ରଖିବେ ବୋଲି କହିଥିଲେ। କୃଷକମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଉକ୍ତ ସମସ୍ୟାର ସୌହାର୍ଦ୍ଦ୍ୟପୂର୍ଣ୍ଣ ସମାଧାନ କରିବା ପାଇଁ ଏକ ମିଳିତ କମିଟି ଗଠନ କରିବାକୁ ମଧ୍ୟ ସରକାର ପ୍ରସ୍ତାବ ଦେଇଥିଲେ। କୃଷକ ସଂଗଠନଗୁଡ଼ିକ ସରକାରଙ୍କ ପ୍ରସ୍ତାବକୁ ଗ୍ରହଣ କରିନାହାନ୍ତି। ସରକାର ତାଙ୍କ ପ୍ରତିକ୍ରିୟା ଜଣାଇ ନାହାନ୍ତି। ତେବେ ଏହି ବିବାଦୀୟ ଆଇନଗୁଡ଼ିକ ଉପରେ ଏବେ ସରକାର ନେଇଥିବା ପଦକ୍ଷେପକୁ ସ୍ୱାଗତ କରିବା ଦରକାର। ସରକାର ଭାବିଚିନ୍ତି ଏହି ପଦକ୍ଷେପ ନେଇଛନ୍ତି,ଶୀଘ୍ର କି ଗୋଟିଏ ଦିନରେ ଏହା କରିନାହାନ୍ତି। ଏହାକୁ ଆମେ ବିନା ଦ୍ୱିଧାରେ ଗ୍ରହଣ କରିନେଇପାରିବା। ଦିଲ୍ଲୀରେ କିଭଳି ଗଣତନ୍ତ୍ର ଦିବସ ସୁରୁଖୁରୁରେ ସମ୍ପନ୍ନ ହେବ ତାହା ଆମେ ଦେଖିବା କଥା। କିନ୍ତୁ ଏହା ଚିନ୍ତାଜନକ ଯେ,ଆନ୍ଦୋଳନକାରୀ କୃଷକମାନଙ୍କ ମଧ୍ୟରୁ ଏକ ଗୋଷ୍ଠୀ ସରକାରଙ୍କ ପ୍ରସ୍ତାବକୁ ଅଗ୍ରାହ୍ୟ କରିଛନ୍ତି। ତିନୋଟି ଯାକ କୃଷି ଆଇନକୁ ସମ୍ପୂର୍ଣ୍ଣ ପ୍ରତ୍ୟାହାର କରା ନ ଗଲେ ଏହି ସମସ୍ୟାର ସମାଧାନ ହୋଇପାରିବ ନାହିଁ ବୋଲି ସେମାନେ ଯୁକ୍ତି ବାଢ଼ିଛନ୍ତି। ତେବେ ସରକାରଙ୍କ ପ୍ରସ୍ତାବ ଉପରେ କୃଷକ ସଂଗଠନଗୁଡ଼ିକର ନେତୃବୃନ୍ଦ ଗୁରୁବାର ଆଲୋଚନା କରିବା ପରେ ଉଭୟ ପକ୍ଷ ଶୁକ୍ରବାର ପୁଣି ଆଲୋଚନା କରିବା ପାଇଁ ସ୍ଥିର କରିଛନ୍ତି। ପରବର୍ତ୍ତୀ ଶୁଣାଣି ଯାଏ ସର୍ବୋଚ୍ଚ ନ୍ୟାୟାଳୟ ୩ କୃଷି ଆଇନ୍ ଉପରେ ସ୍ଥଗିତାଦେଶ ଦେଇ ସାରିଛନ୍ତି ଏବଂ ଏହି ଅଚଳାବସ୍ଥା ଦୂର କରିବା ଲାଗି ଏକ ଉଚ୍ଚସ୍ତରୀୟ କମିଟି ମଧ୍ୟ ଗଠନ କରିଛନ୍ତି। ଉକ୍ତ କମିଟି ତିନୋଟି ଆଇନ ଉପରେ ଅନୁଧ୍ୟାନ କରିବା ସହ ବିଭିନ୍ନ ପକ୍ଷଙ୍କ ସହ ସମସ୍ୟା ସମ୍ପର୍କରେ ଆଲୋଚନା କରି ୨ ମାସ ମଧ୍ୟରେ ରିପୋର୍ଟ ଦେବାକୁ ଶୀର୍ଷ କୋର୍ଟ କହିଛନ୍ତି।

ତିନୋଟି କୃଷି ଆଇନର କାର୍ଯ୍ୟକାରିତାକୁ ସ୍ଥଗିତ ରଖିବାକୁ ସରକାରଙ୍କ ପ୍ରସ୍ତାବ ଅତ୍ୟନ୍ତ ଗୁରୁତ୍ୱ ବହନ କରେ। ୨୦୧୪ରେ ମୋଦି ସରକାର କ୍ଷମତାକୁ ଆସିବା ପରେ ପ୍ରଥମ ଥର ପାଇଁ ଏହା ଆଣିଥିବା କୌଣସି ଏକ ଆଇନ ସ୍ଥଗିତ ରଖିବାକୁ ରାଜି ହୋଇଛି। ସାମଗ୍ରୀ ଓ ସେବା ଟିକସ( ଜିଏସ୍‌ଟି) ହେଉ କି ବିମୁଦ୍ରୀକରଣ,ସରକାର ସବୁବେଳେ ତାଙ୍କ ଆଇନଗୁଡ଼ିକ ହଟାଇ ନେବା ପାଇଁ ସୃଷ୍ଟି କରାଯାଇଥିବା ଚାପକୁ ଅଗ୍ରାହ୍ୟ କରି ଆସିଛନ୍ତି। କିନ୍ତୁ ଏହି ୩ଟି କୃଷି ଆଇନର କାର୍ଯ୍ୟକାରିତାକୁ ସ୍ଥଗିତ ରଖିବା ପଦକ୍ଷେପ ଉଭୟ ପକ୍ଷଙ୍କ ମଧ୍ୟରେ ଆଲୋଚନାକୁ ଏକ ଉତ୍ତମ ତଥା ନୂଆ ଦିଗ ପ୍ରଦାନ କରିବ। ସମସ୍ୟାଗୁଡ଼ିକୁ ଆଲୋଚନା ମାଧ୍ୟମରେ ଦୂର କରିବା ପାଇଁ ୧୮ମାସର ଲମ୍ବା ଅବଧି ନିଶ୍ଚିତ ଭାବେ ଉପଯୋଗୀ ସାବ୍ୟସ୍ତ ହେବ। ଉଭୟ ପକ୍ଷ ପରସ୍ପରଙ୍କ ଦୃଷ୍ଟିକୋଣକୁ ଗ୍ରହଣ କରିବାକୁ ପଡ଼ିବ। ପାଖାପାଖି ଦୁଇମାସ ହେବ ଚାଷୀମାନଙ୍କ ଦୁର୍ବାର ଶପଥ ଆଗରେ କେନ୍ଦ୍ର ସରକାର ନତମସ୍ତକ ହୋଇଛନ୍ତି। ତେବେ କୃଷକ ସଂଗଠନଗୁଡ଼ିକୁ ଏହାକୁ ଏକ ବିଜୟ ବୋଲି ଭାବିବା ଉଚିତ ନୁହେଁ। କୌଣସି ଆଲୋଚନାରେ ସଫଳତା ପାଇବାକୁ ହେଲେ ବୁଝାମଣାର ଧାରା ଆପଣାଇବା ସ୍ୱାଭାବିକ। ସରକାର ତିନୋଟି ଆଇନର ସ୍ଥଗିତାଦେଶକୁ ସ୍ୱୀକାର କରିଛନ୍ତି। ତେବେ କଥା ଅଟକିଛି କୃଷକ ସଂଗଠନଗୁଡ଼ିକ ପାଖରେ। ସରକାର ଯେଉଁ ପଦକ୍ଷେପ ନେଇଛନ୍ତି ତା'ପ୍ରତି ସେମାନେ ସମ ଭାବ ପ୍ରଦର୍ଶନ କରିବା ଦରକାର। ବିଭିନ୍ନ ପର୍ଯ୍ୟାୟରେ ଆଲୋଚନା ଜାରି ରଖିବା ଉଚିତ। ନିକଟରେ ସର୍ବୋଚ୍ଚ ନ୍ୟାୟାଳୟ ତାଙ୍କ ଦ୍ୱାରା ଗଠିତ ୪ ଜଣିଆ କମିଟି ଉପରେ ଉଠାଯାଇଥିବା ଆକ୍ଷେପକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି। କମିଟି ପକ୍ଷମାନଙ୍କର ଶୁଣାଣି କରିନାହିଁ। କିନ୍ତୁ ତା'ପୂର୍ବରୁ ସଦସ୍ୟମାନଙ୍କ ସଚ୍ଚୋଟତା ଉପରେ ସନ୍ଦେହ ପ୍ରକାଶ କରିବା ଏକ ଅପରିପକ୍ୱତାର ପରିଚୟ ବୋଲି ଶୀର୍ଷକୋର୍ଟ କହିଛନ୍ତି। ଖାଦ୍ୟଶସ୍ୟ ଉପରେ ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍‌ଏସ୍‌ପି) ପାଇଁ କୃଷକମାନେ ଏକ ଆଇନଗତ ଗ୍ୟାରେଣ୍ଟି ଦାବି କରିଛନ୍ତି। କେନ୍ଦ୍ର ଏହା କରିବା ପାଇଁ ରାଜି ହେଉନାହିଁ। ଏପରି କି ସେମାନେ କେବେ ବି ଏଥିରେ ହସ୍ତକ୍ଷେପ କରିବେନି ବୋଲି ଆଶ୍ୱାସନା ଦେଇଛନ୍ତି। ଏମ୍‌ଏସ୍‌ପିକୁ ଦୃଷ୍ଟିରେ ରଖି କୃଷକମାନଙ୍କ ହିତ ପାଇଁ ଏହାକୁ ସଞ୍ଚାଳନ କରିବା ଲାଗି କୌଣସି କାର୍ଯ୍ୟ କଲେ ସେଥିରେ କିଛି କ୍ଷତି ହେବ ନାହିଁ। ଏମ୍‌ଏସ୍‌ପି ସବୁବେଳେ ଏକ ଭଲ ବ୍ୟବସ୍ଥା ହୋଇ ରହି ଆସିଛି। ଏଣୁ ଏହା ଯେମିତି ଥିଲା ସେମିତି ରହିବ ବୋଲି ଏକ ଲିଖିତ ଆଶ୍ୱାସନା ଦେଲେ ସେଥିରେ କିଛି ସମସ୍ୟା ହେବ ନାହିଁ। ଆଲୋଚନାରେ ସରକାର କୋହଳ ମନୋଭାବ ପ୍ରଦର୍ଶନ କରି ତାଙ୍କ ମତରେ ପରିବର୍ତ୍ତନ ଆଣି ସମାଧାନ କରିବାକୁ ଉତ୍ତମ ପଦକ୍ଷେପ ନେଇଛନ୍ତି , କିନ୍ତୁ ଏହା ପ୍ରଥମ ସୋପାନ। ଏଣୁ ତିନୋଟି କୃଷି ଆଇନ ଉପରେ ଲାଗି ରହିଥିବା କଠିନ ପରିସ୍ଥିତିକୁ ଦୂର କରିବା ପୂର୍ବରୁ ଉଭୟ ପକ୍ଷଙ୍କୁ ଆହୁରି ଅନେକ ପଦକ୍ଷେପ ନେବାକୁ ପଡିବ ।

## ଆଜିର ଅର୍ଥନୀତି

# କୃଷି ଓ ଖାଦ୍ୟ ସୁରକ୍ଷା ପାଇଁ ଏମ୍‌ଏସ୍‌ପି ଜରୁରୀ



ଭାଲଚନ୍ଦ୍ର ଷଡ଼ଙ୍ଗୀ

କୃଷକମାନେ ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍‌ଏସ୍‌ପି) ପାଇଁ ଏକ ସ୍ୱତନ୍ତ୍ର ଆଇନର ବ୍ୟବସ୍ଥା ପାଇଁ ଦାବି କରୁଛନ୍ତି। ବର୍ତ୍ତମାନ ଏମ୍‌ଏସ୍‌ପି ସରକାରଙ୍କ ଏକ ଇଚ୍ଛାଧୀନ ବିଷୟ ଥିବାବେଳେ ତାକୁ ଆଇନ ଜରିଆରେ ବାଧ୍ୟତାମୂଳକ କରି ସମସ୍ତ ଫସଲର ଏମ୍‌ଏସ୍‌ପିକୁ ନିଶ୍ଚିତ କରିବାକୁ ଚାଷୀମାନେ ମଧ୍ୟ ଦାବି ଉଠାଇଛନ୍ତି। ବିଶେଷକରି ମଣ୍ଡି ଓ ଏମ୍‌ଏସ୍‌ପି ବନ୍ଦ ହେବାର ସ୍ପଷ୍ଟ ଆଶଙ୍କା ରହିଥିବାରୁ ଏମ୍‌ଏସ୍‌ପିକୁ ଆଇନଗତ ମାନ୍ୟତା ଦାବିରେ ଚାଷୀମାନେ ଅଧିକ ମୁଖର ହେବା ଦେଖାଯାଇଛି।

ସତୁରି ଦଶକରେ ଦେଶର ଖାଦ୍ୟ ସଙ୍କଟର ସମାଧାନ ଓ କୃଷିର ବିକାଶ ନାଁରେ ସରକାର ମୁଖ୍ୟତଃ ପଞ୍ଜାବ ଓ ହରିୟାଣାରେ ସବୁଜ ବିପ୍ଳବ ଆରମ୍ଭ କରିଥିଲେ। ରିହାତି ଦରରେ ଅଧିକ ଅମଳକ୍ଷମ ବିହନ, ରାସାୟନିକ ସାର, କୀଟନାଶକ ଯୋଗାଇବା ସହ ବଜାରରେ ଖାଦ୍ୟଶସ୍ୟର ଦରହ୍ରାସରୁ ଚାଷୀକୁ ସୁରକ୍ଷା ଦେବା ପାଇଁ ସରକାର ଏପିଏମ୍‌ସି ଆଇନ ତିଆରି କରି ମଣ୍ଡି ସ୍ଥାପନ କରିଥିଲେ। ବିଭିନ୍ନ ଫସଲର ଏମ୍‌ଏସ୍‌ପି ଘୋଷଣା କରି ସରକାରୀ ସଂଗ୍ରହ ପ୍ରକ୍ରିୟାଟି ଆରମ୍ଭ କରିଥିଲେ। ପ୍ରଥମେ ପଞ୍ଜାବ ଓ ହରିୟାଣାରେ ଧାନ ଏବଂ ଗହମରୁ ଆରମ୍ଭ ହୋଇଥିବା ଏହି ସରକାରୀ ସଂଗ୍ରହ ଓ ଏମ୍‌ଏସ୍‌ପି ବ୍ୟବସ୍ଥାଟି ପରେ ସାରା ଦେଶରେ ମୋଟ ୨୩ଟି ଫସଲ ପାଇଁ ଲାଗୁ ହୋଇଥିଲା।

କେନ୍ଦ୍ର ସରକାରଙ୍କ କୃଷି ବିଭାଗ ଦ୍ୱାରା ଗଠିତ କମିଶନ୍ ଫର୍ ଏଗ୍ରିକଲଚର୍ କଷ୍ଟ ଏଣ୍ଡ ପ୍ରାଇସ୍ (ସିଏସିପି)ର ସୁପାରିସ ଅନୁଯାୟୀ କେନ୍ଦ୍ର ସରକାର ପ୍ରତିବର୍ଷ ଖରିଫ୍ ଓ ରବି ଋତୁ ପୂର୍ବରୁ ଦୁଇଥର ଏମ୍‌ଏସ୍‌ପି ଘୋଷଣା କରୁଛନ୍ତି। ଫସଲର ଉତ୍ପାଦନ ଖର୍ଚ୍ଚକୁ ହିସାବ କରି ତା' ସହିତ ୫୦% ଲାଭକୁ ଯୋଡ଼ି ଏମ୍‌ଏସ୍‌ପି ଧାର୍ଯ୍ୟ କରାଯାଇଥାଏ। ସାଧାରଣତଃ ଫସଲର ଉତ୍ପାଦନ ଖର୍ଚ୍ଚକୁ ଆକଳନ କରି ତାହାରି ଆଧାରରେ ଏମ୍‌ଏସ୍‌ପି ଧାର୍ଯ୍ୟ କରିବାର ତିନୋଟି ପଦ୍ଧତି ବା ଫର୍ମୁଲା ରହିଛି। ପ୍ରଥମଟି ହେଉଛି ଏ୨ ଅର୍ଥାତ୍ ଫସଲ ପାଇଁ ଆବଶ୍ୟକୀୟ ବିହନ, ସାର, କୀଟନାଶକ, ମୂଲିଆଙ୍କ ମଜୁରି ଓ ଜଳସେଚନ ପରି ଆନୁଷଙ୍ଗିକ ସମସ୍ତ ଖର୍ଚ୍ଚ ବା ଲଗୁଡି ବାବଦରେ ହେଉଥିବା ସମସ୍ତ ବ୍ୟୟ(ଏ୨) ଉପରେ ୫୦% ଲାଭ ବା (ଏ୨ + ୫୦%)। ଦ୍ୱିତୀୟଟି ହେଉଛି (ଏ୨+ଏଫ୍‌ଏଲ୍) ଅର୍ଥାତ୍ ଫସଲର ଲଗୁଡି ସହିତ କୃଷିରେ ନିୟୋଜିତ ଚାଷୀଙ୍କ ପରିବାର ସଦସ୍ୟମାନଙ୍କ ଶ୍ରମର ମୂଲ୍ୟ(ଏଫ୍‌ଏଲ୍)କୁ ମିଶାଇ, ଯାହାକୁ ଏ୨+ଏଫ୍‌ଏଲ୍ କୁହାଯାଏ, ତା'ଉପରେ ୫୦% ଲାଭ ଅର୍ଥାତ୍ (ଏ୨+ ଏଫ୍‌ଏଲ୍+୫୦%)। ତୃତୀୟଟି ହେଲା, ଏ୨ + ଏଫ୍‌ଏଲ୍ ସହିତ ଜମିର ଭଡ଼ା (ଖଜଣା କିମ୍ବା ଭାଗଚାଷ ବାବଦରେ ଦେୟ) ଏବଂ କୃଷି ପାଇଁ ନିଆଯାଇଥିବା ଋଣର ସୁଧକୁ ମିଶାଇ ବ୍ୟୟ; ଯାହାକୁ ସି୨ କୁହାଯାଏ, ତା' ଉପରେ ୫୦% ଅର୍ଥାତ୍ ସି୨+୫୦%।

ଉପରୋକ୍ତ ତିନୋଟି ପଦ୍ଧତି ମଧ୍ୟରୁ ସି୨+ ୫୦%କୁ ହିଁ ଏମ୍.ଏସ୍.ସ୍ୱାମୀନାଥନ୍ କମିଶନ ତାଙ୍କ ରିପୋର୍ଟରେ ସବୁଠାରୁ ଉପଯୁକ୍ତ ବୋଲି କହିବା ସହିତ ତା' ଆଧାରରେ ହିଁ ଫସଲର ଏମ୍‌ଏସ୍‌ପି ଘୋଷଣା କରିବାକୁ କହିଛନ୍ତି। ଏପରି କି ଖୋଦ୍ ସିଏସିପି ଓ ନଅଟି ରାଜ୍ୟ ସରକାର ମଧ୍ୟ ଏହି ଫର୍ମୁଲାରେ ହିଁ ଏମ୍‌ଏସ୍‌ପି ଧାର୍ଯ୍ୟ କରିବାକୁ ଅତୀତରେ କେନ୍ଦ୍ର ସରକାରଙ୍କ ପାଖରେ ଦାବି କରିଛନ୍ତି। କିନ୍ତୁ ଏଯାଏ ସବୁ ସରକାର ଏ୨ + ଏଫ୍‌ଏଲ୍ ହିସାବରେ ହିଁ ଏମ୍‌ଏସ୍‌ପି ଘୋଷଣା କରି ଆସିଛନ୍ତି ; ଯାହା କି ଦେଶର ଚାଷୀକୁଳଙ୍କ ପ୍ରତି ପ୍ରତାରଣା ବୋଲି କୁହାଯାଇପାରେ। କିଛିବର୍ଷ ତଳେ ଅନ୍ତର୍ଜାତୀୟ ସଂସ୍ଥା, ଓ.ଇ.ସି.ଡି ତା'ରିପୋର୍ଟରେ କହିଥିଲା ଯେ, ଯଦି ଭାରତ ସରକାର ଆରମ୍ଭରୁ ହିଁ ସି୨ + ୫୦% ହିସାବରେ କୃଷିଜାତ ଦ୍ରବ୍ୟର ଏମ୍‌ଏସ୍‌ପି ପ୍ରଦାନ କରିଥାନ୍ତେ, ତା'ହେଲେ ସରକାରଙ୍କୁ କୃଷକମାନଙ୍କୁ ଏଯାଏ ଅଧିକ ୪୫ ଲକ୍ଷ କୋଟି ଟଙ୍କା ଦେବାକୁ ପଡ଼ିଥାନ୍ତା।

ଭୟଙ୍କର କୃଷି ସଙ୍କଟ ଓ ଅଭାବୀ ବିକ୍ରିର ସାମ୍ନା କରୁଥିବା ଚାଷୀମାନେ ନିଜର ଉତ୍ପାଦର ସର୍ବନିମ୍ନ ସହାୟକ ଦର ପାଇବାର ନିଶ୍ଚିତ ବ୍ୟବସ୍ଥା କରିବାକୁ ଅତୀତରେ ବାରମ୍ବାର ଦାବି କରି ଆସିଛନ୍ତି। ଏପରି କି ପ୍ରଧାନମନ୍ତ୍ରୀ ମୋଦି ଗୁଜରାଟର ମୁଖ୍ୟମନ୍ତ୍ରୀ ଥିବାବେଳେ ଏମ୍‌ଏସ୍‌ପି ପାଇଁ ଆଇନ କରିବାକୁ ତତ୍କାଳୀନ ଉପା ସରକାର ପାଖରେ ଦାବି କରିଥିଲେ। ଅତଏବ ଏମ୍‌ଏସ୍‌ପି ପାଇଁ ଆଇନ ତିଆରି କରିବାକୁ ଚାଷୀମାନଙ୍କ ଦାବିଟି ଆଦୌ ନୂଆ ନୁହେଁ। ବରଂ ଆଜି ଯେତେବେଳେ କୃଷି ଆଇନ ଜରିଆରେ ସରକାର ଘରୋଇ କମ୍ପାନୀଙ୍କୁ ପ୍ରୋତ୍ସାହନ ଦେଇ ସରକାରୀ ମଣ୍ଡି ଓ ଏମ୍‌ଏସ୍‌ପି ବ୍ୟବସ୍ଥାକୁ ସମାପ୍ତ କରିବାକୁ ବସିଛନ୍ତି, ସେତେବେଳେ ଏହି ଦାବିଟି ଜୋରଦାର ହୋଇଛି।

ସରକାର ଯେତେ ପ୍ରଚାର କଲେ ବି ଗୋଟି କଥା ସତ ଯେ ଖୋଲାବଜାରରେ ଚାଷୀକୁ ଉତ୍ପାଦର ଭଲ ଦର କଦାପି ମିଳେନାହିଁ। ମଣ୍ଡି ବାହାରେ ହେଉଥିବା କିଣାବିକାରେ ଚାଷୀକୁ ଲାଭଜନକ ଦର ମିଳିବା ଦୂରର କଥା, ଏମ୍‌ଏସ୍‌ପି ବି ମିଳିବା କେଉଁଠି ଦେଖାଯାଇନି। ବରଂ ବର୍ତ୍ତମାନ ଏକ ବିକଳ୍ପ ଭାବେ ସରକାରୀ ମଣ୍ଡି ବ୍ୟବସ୍ଥା ଏବଂ ଏମ୍‌ଏସ୍‌ପି ଥିବାରୁ ମଣ୍ଡି ବାହାରେ ବଜାରରେ ବି ଚାଷୀର କିଛି ମାତ୍ରାରେ ମୂଲଚାଲ କ୍ଷମତା ରହୁଛି। ଯଦି ସରକାରୀ କ୍ରୟ ବ୍ୟବସ୍ଥା ନ ଥାନ୍ତା, ତା'ହେଲେ ମଣ୍ଡି ବାହାରେ ଚାଷୀ ଆଜି ଯେତିକି ବି ଦର ପାଉଛନ୍ତି, ତାହା ପାଇପାରି ନ ଥାନ୍ତେ। ଓଡ଼ିଶାରେ ମାଣ୍ଡିଆ ଚାଷକୁ ପ୍ରୋତ୍ସାହନ ଦେବା ପାଇଁ ସରକାର ମିଲେଟ୍ ମିଶନ୍ ଆରମ୍ଭ କରି ମଣ୍ଡିରେ ତାକୁ ସଂଗ୍ରହ କରିବା ପରେ ମାଣ୍ଡିଆ ଚାଷୀମାନେ ଅପେକ୍ଷାକୃତ ଭଲ ଦର ପାଉଛନ୍ତି। ପୂର୍ବରୁ ମାଣ୍ଡିଆ କିଲୋ ପିଛା ଦର ୧୦-୧୨ ଟଙ୍କା ଥିବା ବେଳେ ବର୍ତ୍ତମାନ ସରକାରୀ ମଣ୍ଡିରେ ଚାଷୀ କିଲୋ ପିଛା ୩୦ ଟଙ୍କା ପାଉଛନ୍ତି।

ଭାଜପା ୨୦୧୪ ସାଧାରଣ ନିର୍ବାଚନ ଇସ୍ତାହାରରେ ସ୍ୱାମୀନାଥନ୍ କମିଶନଙ୍କ ସୁପାରିସ ପ୍ରକାରେ ସି୨+୫୦% ହିସାବରେ ଏମ୍‌ଏସ୍‌ପି ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଏହା ପରିବର୍ତ୍ତେ ଏ୨+୫୦%ର ଆଧାରରେ ହିଁ ଏମ୍‌ଏସ୍‌ପି ଦେଇ ଆସିଛନ୍ତି। ଗତ ଛଅ ବର୍ଷ ମଧ୍ୟରେ ବିଭିନ୍ନ ଫସଲର ଏମ୍‌ଏସ୍‌ପିରେ ବାର୍ଷିକ ବୃଦ୍ଧିର ହାର ମାତ୍ର ୩-୫% ରହିଛି; ଯାହା କି ଫସଲର ଉତ୍ପାଦନ ଖର୍ଚ୍ଚରେ ବୃଦ୍ଧିର ହାର,ଏପରି କି ବଜାରରେ ଦରଦାମ୍‌ର ବୃଦ୍ଧିହାର ବା ମୁଦ୍ରାସ୍ଫୀତିଠାରୁ ବି କମ୍ ରହିଛି।

ଚାଷୀ ଆନ୍ଦୋଳନ ପରିପ୍ରେକ୍ଷୀରେ ଏମ୍‌ଏସ୍‌ପି ବନ୍ଦ ହେବନି ବୋଲି ପ୍ରଧାନମନ୍ତ୍ରୀ ସ୍ପଷ୍ଟୀକରଣ ଦେଇଥିଲେ ବି ସରକାରଙ୍କ ନୀତି ଓ କାର୍ଯ୍ୟ ଭିନ୍ନ କଥା କହୁଛି। ପୂର୍ବରୁ ସରକାରଙ୍କ ଦ୍ୱାରା ନିୟୋଜିତ ବିଭିନ୍ନ କମିଟି ବି ଏମ୍‌ଏସ୍‌ପି ବ୍ୟବସ୍ଥାର ସମାପ୍ତି ପାଇଁ ସୁପାରିସ କରି ଆସିଛନ୍ତି। ଏପରି କି ସରକାର ଯେଉଁ ନୂଆ ଏପିଏମ୍‌ସି ଆଇନ ଆଣିଛନ୍ତି, ସେଥିରେ ଏମ୍‌ଏସ୍‌ପିର ଆଦୌ ଉଲ୍ଲେଖ ହିଁ ନାହିଁ। ଘରୋଇ କମ୍ପାନୀ ସରକାରୀ ମଣ୍ଡିରେ ଚାଷୀଙ୍କ ଉତ୍ପାଦକୁ କିଣିବା ବେଳେ ଏମ୍‌ଏସ୍‌ପି ଦେବାକୁ ବାଧ୍ୟ ହୋଇଥିବା ବେଳେ ନୂଆ ଆଇନରେ ସେମାନେ ସରକାରୀ ମଣ୍ଡି ବାହାରେ ଚାଷୀଙ୍କ ଉତ୍ପାଦକୁ ସିଧାସଳଖ କିଣିଲେ ଏମ୍‌ଏସ୍‌ପି ଦେବାକୁ ବାଧ୍ୟ ନୁହନ୍ତି।

ନୂଆ ଆଇନ ଫଳରେ ଘରୋଇ କମ୍ପାନୀ ସରକାରୀ ମଣ୍ଡି ବାହାରେ ଚାଷୀଙ୍କ କୃଷି ଉତ୍ପାଦକୁ ସିଧାସଳଖ କିଣିବାକୁ ସୁଯୋଗ ପାଇଲେ ଚାଷୀକୁ ଏମ୍‌ଏସ୍‌ପିଠାରୁ ବି ଅଧିକ ଦାମ୍ ମିଳିବ ବୋଲି ସରକାର ଯୁକ୍ତି କରୁଛନ୍ତି। ଏଠାରେ ପ୍ରଶ୍ନ ଉଠେ, ଯଦି ଘରୋଇ କମ୍ପାନୀ ଆସିଲେ ସତରେ ଚାଷୀଙ୍କୁ ସରକାରୀ ଘୋଷିତ ଏମ୍‌ଏସ୍‌ପିଠାରୁ ବି ଅଧିକା ଦାମ୍ ମିଳିବ, ତା'ହେଲେ ସରକାର କୃଷି ଉତ୍ପାଦର ସଂଗ୍ରହରେ ଏମ୍‌ଏସ୍‌ପି ଦେବାକୁ ବାଧ୍ୟ ବୋଲି ଆଇନଗତ ବ୍ୟବସ୍ଥା କରୁ ନାହାନ୍ତି କାହିଁକି? ନୂଆ ଆଇନ ଲାଗୁହେବା ପରେ, ଥରେ ସରକାରୀ ଏମ୍‌ଏସ୍‌ପି ବ୍ୟବସ୍ଥା ଦୁର୍ବଳ ହୋଇ କୃଷି ବଜାର ଉପରେ କମ୍ପାନୀଙ୍କ ଏକାଧିକାର ଆସିଗଲେ, ଚାଷୀ ଏବେ ତା'ର ଉତ୍ପାଦର ଯେତିକି ବି ଦର ପାଉଛି, ତାହା ବି ପାଇବାର ସମ୍ଭାବନା ନାହିଁ। ଚାଷୀ ବିକଳ୍ପହୀନ ହୋଇ କମ୍ ଦରରେ ନିଜର ଉତ୍ପାଦକୁ ବିକ୍ରି କରିବାକୁ ବାଧ୍ୟ ହେବେ। ବିଶ୍ୱରେ କୃଷି ଉତ୍ପାଦର କିଣାବିକା ଉପରେ ଓ.ଇ.ସି.ଡି. ସଂସ୍ଥାର ଅଧ୍ୟୟନରୁ ବି ଜଣାପଡ଼ିଛି ଯେ, ଯେଉଁ ଦେଶରେ ସରକାରଙ୍କ ପକ୍ଷରୁ କୃଷି ଉତ୍ପାଦକୁ କିଣିବାର କୌଣସି ବ୍ୟବସ୍ଥା ନାହିଁ ସେସବୁ ଦେଶରେ ଚାଷୀଙ୍କୁ ନିଜ ଉତ୍ପାଦର ବହୁତ କମ୍ ଦାମ୍ ମିଳୁଛି।

ଖାଦ୍ୟଶସ୍ୟର ସଂଗ୍ରହ ଓ ଗଣବଣ୍ଟନ ବ୍ୟବସ୍ଥା ପରସ୍ପର ଅଙ୍ଗାଙ୍ଗୀ ଭାବେ ଜଡ଼ିତ ଏବଂ ପରସ୍ପରର ପରିପୂରକ। ସରକାର ଏମ୍‌ଏସ୍‌ପି ଦେଇ ଚାଷୀଙ୍କଠାରୁ ଖାଦ୍ୟଶସ୍ୟ ସଂଗ୍ରହ କରୁଥିବାରୁ ତାକୁ ପ୍ରତିମାସରେ ଦେଶର ଗରିବ ଲୋକଙ୍କ ମଧ୍ୟରେ ରିହାତି ଦରରେ ବାଣ୍ଟି ପାରୁଛନ୍ତି। ବର୍ତ୍ତମାନ ଏମ୍‌ଏସ୍‌ପିରେ ସଂଗୃହୀତ ଦେଶର ନବେ ଭାଗ ଖାଦ୍ୟଶସ୍ୟ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଜରିଆରେ ବଣ୍ଟା ଯାଉଛି। ଯଦି ସରକାରୀ ସଂଗ୍ରହ ବ୍ୟବସ୍ଥାଟି ବନ୍ଦ ହୁଏ, ତା'ହେଲେ ସରକାର ଲୋକଙ୍କୁ ଦେବା ପାଇଁ ସେସବୁ ଆଣିବେ ବା କେଉଁଠୁ ? ଏ କ୍ଷେତ୍ରରେ ସରକାରଙ୍କ ପାଖରେ ଦୁଇଟି ବିକଳ୍ପ ରହିବ। ଘରୋଇ କମ୍ପାନୀଙ୍କଠାରୁ ଚଢ଼ାଦରରେ ଖାଦ୍ୟଶସ୍ୟ ସଂଗ୍ରହ କରିବେ ଅଥବା ଲୋକଙ୍କୁ ଖାଦ୍ୟଶସ୍ୟ ବଦଳରେ ପ୍ରଥମେ ସବ୍‌ସିଡିର ନଗଦ ହସ୍ତାନ୍ତର କରି ଶେଷରେ ତାକୁ ବନ୍ଦ କରିଦେବେ। ଉଭୟ ପରିସ୍ଥିତିରେ ଘରୋଇ କମ୍ପାନୀ ହିଁ ଲାଭାନ୍ୱିତ ହେବେ।

ଏମ୍‌ଏସ୍‌ପି ପାଇଁ ଆଇନ କଲେ ସରକାରଙ୍କ ଖର୍ଚ୍ଚଭାର ବଢ଼ିବାର ଯୁକ୍ତି ଦିଆଯାଉଛି। କୃଷି କ୍ଷେତ୍ରରେ ସରକାରୀ ଖର୍ଚ୍ଚକୁ ବିରୋଧ କରୁଥିବା ଲୋକେ ଦେଶର କତିପୟ କର୍ପୋରେଟଙ୍କ ପାଇଁ ପ୍ରତିବର୍ଷ ବଜେଟ୍‌ରେ କର ଟିକସ ବାବଦରେ ଦିଆଯାଉଥିବା ଲକ୍ଷ ଲକ୍ଷ କୋଟି ଟଙ୍କାର ଛାଡ଼ ନେଇ ପାଟି ଖୋଲୁନାହାନ୍ତି। ଅସଲ କଥା ହେଉଛି, ବିନା ସରକାରୀ ସହାୟତାରେ କୃଷି ତିଷ୍ଠିବା ଆଦୌ ସମ୍ଭବ ନୁହେଁ। ଭାରତର କୃଷି, କୃଷକ ଏବଂ ଖାଦ୍ୟ ସୁରକ୍ଷା ପାଇଁ ଏମ୍‌ଏସ୍‌ପି ଅତ୍ୟନ୍ତ ଜରୁରୀ। ସରକାର ସେଥିପାଇଁ ଆଇନ କରିବା ସହିତ ଚାଷୀଙ୍କ ସବୁ ଫସଲର ଦର ଓ ତା'ର ସଂଗ୍ରହକୁ ନିଶ୍ଚିତ କରିବା ଆବଶ୍ୟକ।

ମୋ :୯୪୩୭୧୬୭୩୯୧

# ଶେଷକଥା



ଅଞ୍ଜନ ଚାନ୍ଦ

ଆପଣମାନେ ଖୁସିରେ ଅସମ୍ଭାଳ ହୋଇ ସହରକୁ ଦୁଲୁକାଇଲେ। କେଉଁଠି କର୍ଫ୍ୟୁ, କେଉଁଠି ୧୪୪ଧାରା, ସେସବୁକୁ ଖାତିର କଲେ ନାହିଁ। ପାର୍ଟି, ଫଙ୍କ୍‌ସନ, ପିକ୍‌ନିକରେ ମୋତେ ବିଦାୟ ଦେଲେ। ମୁଁ ଗଲି ଅନେକ ଅପବାଦ ମୁଣ୍ଡରେ ମୁଣ୍ଡାଇ, ନିନ୍ଦା ଅପମାନ ସହି। ମୋର ୩୬୬ଦିନର କାର୍ଯ୍ୟକାଳ ପରେ ଅତି ଦୁଃଖରେ ମୁଁ ଚାଲିଗଲି। ମୋ ମନର କଥାକୁ କେବଳ ସହୃଦୟ ଓ ବିଚାରଶୀଳ ଲୋକମାନେ ହିଁ ବୁଝିବେ। ଏଇ ସମୟଖଣ୍ଡରେ ଯାହା ସବୁ ଘଟିଲା ସେଥିପାଇଁ ଦାୟୀ କିଏ? ଯାହା ବି ଘଟିଛି ସେଥିରେ କ'ଣ କେବଳ ଖରାପ ହିଁ ରହିଛି? ଭଲ ବୋଲି କିଛି ନାହିଁ?

ଯେଉଁ ଦିନ ମୁଁ ଧରାକୁ ଆସିଲି ସେଦିନ ଥିଲା ବୁଧବାର। ତୁମ ଭାଷାରେ ବାରି। ମଉଜ ମଜଲିସର ଦିନ। ତୁମ ମଉଜ ପାଇଁ ହଜାର ହଜାର ପ୍ରାଣୀ ବଳିପଡ଼ିଲେ। ସେମାନଙ୍କ ମୃତ୍ୟୁକାଳୀନ ଆର୍ତ୍ତଚିତ୍କାର ଚଉଦିଗକୁ ବ୍ୟାପିଗଲା। ରକ୍ତରେ ରଞ୍ଜିତ ହେଲା ପୃଥିବୀ। ଅଥଚ ତୁମ ଆନନ୍ଦ ଓ ଉତ୍ତେଜନାର କୋଳାହଳ ଭିତରେ ତାହା ଅତି ନଗଣ୍ୟ ଭାବରେ ଲୁଚିଗଲା ଏବଂ ତୁମେ ଭାବିନେଲ ଯେ ବର୍ଷଟି ତୁମପାଇଁ ଶୁଭଙ୍କର ହେବ। ଯାହାକୁ ଦେଖିଲ ଖୁସିରେ କହିଲ, ହାପି ନିଉ ଇୟର।

ଗତବର୍ଷର ଶେଷରୁ ପଡ଼ୋଶୀ ଦେଶରେ ମହାମାରୀ ବ୍ୟାପିବା ଆରମ୍ଭ ହେଲା। ତୁମେ ଆଲୋଚନାରେ ବ୍ୟସ୍ତ ରହିଲ। କେଉଁ ଦେଶକୁ ଭୂତାଣୁ ଗଲା। କେତେ ଆକ୍ରାନ୍ତ ହେଲେ। କେତେ ମଲେ। ମୃତଲୋକଙ୍କ ଶବକୁ କିଏ ଦରିଆରେ ଭସେଇଲା। କିଛି ସତ, ବେଶି ଗୁଜବ। ଅଥଚ ସତର୍କ ହେବାକୁ ତୁମ ମନ ବଳିଲାନାହିଁ। ଯେତେବେଳେ ହେଲ ସେତେବେଳକୁ କୁମ୍ଭୀର ନେଇଯାଇଛି ମଝି ନଈକୁ। ଆଶ୍ଚର୍ଯ୍ୟ କଥା ଯେ, ନଈ ମଝିରେ ଥାଇ ବି କେତେଜଣ କହିଲେ, ଏଇଟା ଜଳ ନୁହେଁ। ଜଳ ପରି ଦିଶୁଛି। ଯିଏ ତାଙ୍କୁ ଉଦ୍ଧାର କରିବାକୁ ଗଲେ ସେମାନଙ୍କୁ ମାରି ଗୋଡ଼ାଇଲେ। ପୃଥିବୀ ଯେ ଏକବିଂଶ ଶତକର ବିଂଶତିବର୍ଷରେ ଚାଲିଛି ଏହା ବିଶ୍ୱାସ ହେଲାନାହିଁ।

ବହୁ ବାଦ ବିସମ୍ବାଦ ଭିତରେ ଚାଲିଲା ଲକ୍‌ଡାଉନ। ଶଟ୍‌ଡାଉନ। ଲୋକମାନଙ୍କୁ ଗୃହବନ୍ଦୀ କରି ରଖିବାକୁ ପ୍ରଶାସନକୁ ନାକେଦମ ହେବାକୁ ପଡ଼ିଲା। କିଛିଦିନ ପରେ ସେମାନେ ଧୀରେ ଧୀରେ କଥାଟିକୁ ବୁଝିଲେ। ଶରୀରକୁ ଘର ଭିତରେ ରଖି ଭାବନାକୁ ବିକଶିତ କଲେ । ଜାଣିଲେ ଘର ହେଉଛି ସବୁଠାରୁ ନିରାପଦ ଆଶ୍ରୟ। ଅନ୍ୟଆଡ଼େ ଖୋଜି ହେଉଥିବା ସୁଖ ଶାନ୍ତି ନିଜ ପରିବାରରେ ହିଁ ରହିଛି। ପରିବାର ପରେ ଯଦି କିଏ ନିଜର ଥାଆନ୍ତି ସେ ହେଉଛନ୍ତି ପଡ଼ୋଶୀ। ସୁଖ ଦୁଃଖର ସହଭାଗୀ। ରାତି ଅଧରେ ବିପଦ ପଡ଼ିଲେ ସେମାନେ ପ୍ରଥମେ ସାହାଯ୍ୟର ହାତ ବଢ଼ାଇବେ।

ଠାକୁର ମନ୍ଦିରରେ ଅଛନ୍ତି। ଫୁଲ ଫଳ ଧୂପ ଦୀପ ଷୋଡ଼ଶ ଉପଚାର ସହିତ ପୂଜକ ରହିଲେ ତାଙ୍କୁ ପାଇହୁଏ। ମନରେ ଘର କରିଥିବା ଏହି ପାରମ୍ପରିକ ଭାବନା କ୍ଷଣକେ ଦୂର ହୋଇଗଲା। ଦେବତା କାଠ ପଥର କିମ୍ବା ମାଟିର ମୂର୍ତ୍ତିରେ ନାହାନ୍ତି। ଅଛନ୍ତି କେବଳ ଭାବରେ। ଜୀବନଯାକ ଅଭାବ ପଛରେ ଧାଇଁଥିବା ମଣିଷ ଘରେ ବସି ଭାବନାରେ ବୁଡ଼ିଗଲା। ବେଗରୁ ଓହରି ଆସିବାପରେ ତା' ଭିତରେ ସୃଷ୍ଟି ହେଲା ଆବେଗ। ସେ ବୁଝିଲା ଲାଭପ୍ରବଣତା ନୁହେଁ ଭାବପ୍ରବଣତା ହିଁ ପ୍ରକୃତ ମଣିଷ ପଣିଆ।

କେଜାଣି କେତେଯୁଗ ପରେ ନୂତନ ସତ୍ୟଟିଏ ଜଣାପଡ଼ିଲା। ପରିବେଶର ସୁରକ୍ଷାପାଇଁ ମଣିଷ କିଛି କରିବା ଦରକାର ନାହିଁ। ସେମାନେ ନିଷ୍କ୍ରିୟ ରହିଲେ ହିଁ ପର୍ଯ୍ୟାବରଣ ପବିତ୍ର ହୋଇଯିବ। ଧୂଳି ଧୂଆଁରୁ ନିସ୍ତାର ପାଇ ପବନ ଖୁସିରେ ଖେଳିବୁଲିବ। ଆବର୍ଜନାରୁ ମୁକ୍ତି ପାଇ ଜଳ ନାଚିବ ନଈରେ। ମାଟି କହିବ ଆଜି ମୋ ଦେହରେ କ୍ଷତ ନାହିଁ। ବିଷ ବୁଣୁନାହିଁ କେହି ମୋ ଉପରେ। ପରିବେଶର ଶୁଦ୍ଧତାରେ ଜୀବଜଗତରେ ନୂତନଜୀବନ ଭରିଯିବ। ଏତେ ପରେ ବି ତୁମେମାନେ ମୋତେ ନିନ୍ଦିବ। କହିବ ମୃତ୍ୟୁର ଆତଙ୍କରେ ଆତଙ୍କିତ ହୋଇ କିଛି କରି ହେଲାନାହିଁ। ଅଥଚ ସତ୍ୟ ହେଉଛି ଏହା ତ ମର୍ତ୍ତ୍ୟପୁର। ଏଠାରେ ଯିଏ ଜନ୍ମ ହୁଏ ଦେବତା ହେଲେ ବି ମୃତ୍ୟୁମୁଖରେ ପଡ଼େ। ଅର୍ଥାତ୍ ସଂସାରରେ ଯିଏ ଜନ୍ମିଛି ତା'ର ସବୁ ସମୟରେ ମୃତ୍ୟୁର ଆଶଙ୍କା ରହିଛି। ଆଜି ତୁମେ ଭୂତାଣୁଜନିତ ମୃତ୍ୟୁକୁ ଗଣୁଛ। ହିସାବ ରଖିଛ କି ଦୁର୍ଘଟଣାଜନିତ ମୃତ୍ୟୁ କେତେ କମିଛି। ମହାମାରୀର ସତର୍କତା କାରଣରୁ ଅନ୍ୟ ରୋଗଗୁଡ଼ିକ କେତେ ପରିମାଣରେ ଦୂରେଇ ଯାଇଛି। ଆଜି ତୁମେ ମୁହଁରେ ମାସ୍କ ପିନ୍ଧିବା ଶିଖି ଯାଇଛ। ସାନିଟାଇଜର ବ୍ୟବହାର କରୁଛ। ବାହାରୁ ଘରକୁ ଫେରିଲେ ଗୋଡ଼ ହାତ ଧୋଉଛ। ପିନ୍ଧା ଲୁଗା ସଫା କରୁଛ। ବାହାର ଖାଦ୍ୟ ପାନୀୟ ପ୍ରତି ସତର୍କ ରହୁଛ। ଘରେ ବି ସମସ୍ତେ ପରିଷ୍କାର ପରିଚ୍ଛନ୍ନତା ପାଇଁ ଯତ୍ନବାନ ହେଉଛନ୍ତି । ଏମିତି ଆହୁରି ଅନେକ ସତର୍କତା ତୁମକୁ ନିରାମୟ କରିଛି। ଗୁରୁଜନଙ୍କ ଉପଦେଶ, ସାଧୁଙ୍କ ପ୍ରବଚନ, ସରକାରଙ୍କ ବିଜ୍ଞାପନ, ସର୍ବୋପରି ଶାସ୍ତ୍ରର ନୀତିକଥା ଯାହା କରିପାରି ନ ଥିଲା ଏଇ କେତୋଟି ମାସର ସାମୟିକ ପ୍ରଭାବ ହିଁ ତୁମ ଭିତରେ ବିପୁଳ ପରିବର୍ତ୍ତନ ଆଣିଦେଲା। ଅଥଚ ତୁମେ ଆଜି ସେଇ ସମୟକୁ ନିନ୍ଦା କରୁଛ। ଅପବାଦ ଦେଉଛ। ତା' ପାଖରୁ ନିସ୍ତାର ପାଇଲ ବୋଲି ଖୁସିରେ ମସ୍‌ଗୁଲ ହେଉଛ।

ମୁଁ ସେଇ ସମୟଖଣ୍ଡ। ବହୁ ନିନ୍ଦା ଅପମାନ ସହି ଦୁଃଖରେ ଚାଲିଗଲି ,ହେଲେ ଶେଷକଥା କହିରଖୁଛି। ଶୁଭ କି ଅଶୁଭ ସମୟରେ ନ ଥାଏ। ଥାଏ ମଣିଷର କର୍ମରେ । କର୍ମ ଭଲ ଥିଲେ ଫଳ ଶୁଭ ହୁଏ। ମନ୍ଦ କର୍ମର କୁଫଳ କର୍ମୀକୁ ହିଁ ଭୋଗିବାକୁ ପଡ଼େ। ସମୟ କେବଳ ସେଗୁଡ଼ିକୁ ନିଜ ଦେହରେ ଲେଖି ରଖେ। ମୋ ଶରୀରରେ ସେମିତି ଅନେକ ଆଲେଖ୍ୟ। ତୁମେ ତାହାକୁ ପଢ଼। ଶିଖ। ଭଲ ମନ୍ଦ ବିଶ୍ଳେଷଣ କର। ନିଜକୁ ସୁଧାର। ଆଗକୁ ଆସୁଥିବା ବିପଦ ପ୍ରତି ସତର୍କ ରୁହ। ତେବେ ଯାଇ ତୁମେ ଚାହୁଁଥିବା ଶୁଭ ସମୟଟି ପାଖେଇ ଆସିବ। ତାହା ନ ହୋଇ ଯଦି ପୂର୍ବ ପରି ଶୃଙ୍ଖଳାବିହୀନ ତାମସିକତା ଆଡ଼କୁ ତୁମର ଯାତ୍ରା ଜାରି ରହେ ଯେଉଁ ଶୁଭ ସମୟର ଆଗମନ ପାଇଁ ତୁମେ ଆନନ୍ଦରେ ଅଧୀର ହୋଇପଡୁଛ ତାହା ମଧ୍ୟ ତୁମ ଭାଷାରେ ତୁମ ପାଇଁ ଅଧିକ ଅଶୁଭଙ୍କର ସାବ୍ୟସ୍ତ ହେବ।

ବିକାଶନଗର, ଅଙ୍ଗାରଗଡ଼ିଆ, ବାଲେଶ୍ୱର
ମୋ: ୬୩୭୦୬୬୧୧୪୭

## ଏଇ ଭାରତରେ

ସମୀର ବର୍ଦ୍ଦୋଲୋଇ ଯୁବକମାନଙ୍କୁ ନେଇ ଗଠନ କରିଛନ୍ତି ସବୁଜ ସେନା। ଏହି ସେନାରେ ରହିଛନ୍ତି ୩୨୬ ଜଣ ଗ୍ରୀନ ବା ସବୁଜ କମାଣ୍ଡୋ। ଏହି କମାଣ୍ଡୋମାନେ ଆସାମରେ କୃଷିରେ ଏକ କ୍ରାନ୍ତିକାରୀ ପରିବର୍ତ୍ତନ ଆଣିପାରିଛନ୍ତି। ଅରୁଣାଚଳପ୍ରଦେଶରେ ସମୀରଙ୍କ ପିଲାଦିନ କଟିଥିଲା, ହେଲେ କର୍ମଭୂମି ପାଲଟିଛି ଆସାମ। ତାଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା 'ଗ୍ରେଡ୍ ଏନ୍‌ଇ'ଏନ୍‌ଜିଓ ମାଧ୍ୟମରେ ୨,୫୦୦ କୃଷକଙ୍କୁ ପ୍ରଶିକ୍ଷଣ ଦିଆଯାଇଛି। ଗ୍ରୀନ୍ କମାଣ୍ଡୋମାନେ ବୈଜ୍ଞାନିକ ତଥା ପରିବେଶକୁ କ୍ଷତି ନ ପହଞ୍ଚାଇବା ଭଳି ପାରମ୍ପରିକ ପଦ୍ଧତିରେ କିଭଳି କୃଷିକାର୍ଯ୍ୟ କରାଯିବ ସେ ସମ୍ପର୍କରେ କୃଷକମାନଙ୍କୁ ପ୍ରଶିକ୍ଷଣ ଦେଉଛନ୍ତି। ସମଗ୍ର ଦେଶର ୮% ହେଉଛି ଉତ୍ତରପୂର୍ବାଞ୍ଚଳ। ପ୍ରାକୃତିକ ବିପର୍ଯ୍ୟୟ ସାଙ୍ଗକୁ କୃଷି କାର୍ଯ୍ୟରେ ବାଧା ଲାଗି ରହିଥିବାରୁ ଏଠାରେ ଖାଦ୍ୟାଭାବ ଲାଗିରହେ। ଏଣୁ କୃଷକମାନଙ୍କୁ ସଶକ୍ତ କରିବା ପାଇଁ ଯୁବକମାନଙ୍କୁ ନେଇ ଆସାମରେ ଏଭଳି ନିଆରା ଅଭିଯାନ ଆରମ୍ଭ କରିଛନ୍ତି ସମୀର। ଗାଁର କୃଷକ ପରିବାରଗୁଡ଼ିକୁ ସହର ବାସିନ୍ଦା ପରିବାରଗୁଡ଼ିକ ପୋଷ୍ୟ ଭାବେ ଗ୍ରହଣ କରିବାର ବ୍ୟବସ୍ଥା ମଧ୍ୟ କରିଛନ୍ତି। ଏହି ଅଭିଯାନରେ ସହରୀ ପରିବାରଗୁଡ଼ିକ ଏବେ ସୁଦ୍ଧା ୪୦ଟି କୃଷକ ପରିବାରକୁ ପୋଷ୍ୟ ଭାବେ ଗ୍ରହଣ କରି ସେମାନଙ୍କଠାରୁ କୃଷି ଉତ୍ପାଦ କିଣୁଛନ୍ତି। ଆଉ ଯାହା କୃଷକଙ୍କ ପାଖରେ ବଳୁଛି ତାହାକୁ ସେମାନେ ବଜାରରେ ବିକ୍ରି କରୁଛନ୍ତି। ସମୀର ମଧ୍ୟ ୧୫୦ରୁ ଊର୍ଦ୍ଧ୍ୱ ସ୍କୁଲକୁ ତାଙ୍କ ଅଭିଯାନରେ ସାମିଲ କରିଛନ୍ତି । ଏମାନେ ସବୁଜ କମାଣ୍ଡୋଙ୍କ ସହ କୃଷକଙ୍କୁ ପ୍ରଶିକ୍ଷଣ ଦେବାରେ ସାହାଯ୍ୟ କରୁଛନ୍ତି।

## ଚିରନ୍ତନୀ

ତନୁରେ ଲାଗେ କୋମଳ ବାଆ
କପୋଳେ ଲାଗେ ପାଦପ-ଛାୟା
ପାଦପ ଡାଳେ ଡାହୁକ ଡାକେ
ଡାକେ କପୋତ ପକ୍ଷୀ
ଗ୍ରାମର ବାଳା ଏ ପଥେ ପାଦ ରଖି!
-(କୁହୁ ପ୍ରାସ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୨୨ ଜାନୁୟାରୀ ୧୯୯୬

- ଉତ୍ତର ବାଂଲାଦେଶରେ ବସ୍-ଟ୍ରକ୍ ମଧ୍ୟରେ ଦୁର୍ଘଟଣା ଘଟି ୧୫ ଯାତ୍ରୀ ମୃତ।
- ପ୍ରଥମ ପାଲେଷ୍ଟାଇନ ସ୍ୱୟଂଶାସିତ ପରିଷଦର ନିର୍ବାଚନରେ ପାଲେଷ୍ଟାଇନ ମୁକ୍ତି ସଙ୍ଗଠନର ଅଧ୍ୟକ୍ଷ ୟାସେର ଆରାଫତ ଏବଂ ତାଙ୍କ ଫତାହ ପାର୍ଟି ନିରଙ୍କୁଶ ସଂଖ୍ୟାଗରିଷ୍ଠତା ହାସଲ କରିଛି।
- ରାମାରାଓଙ୍କ ଦ୍ୱିତୀୟ ପତ୍ନୀ ଲକ୍ଷ୍ମୀପାର୍ବତୀ ତେଲୁଗୁଦେଶମ୍ ରାମାରାଓ ଗୋଷ୍ଠୀର ସଭାପତି ନିର୍ବାଚିତ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | 8 | | | 4 | 7 | | | 9 | | | | | D |
| | | 9 | | | | | | C | 8 | 6 | A | | | 5 |
| 6 | | 4 | | C | 1 | | | 5 | E | | | | 8 | |
| | E | | | | 6 | | B | | | | | 7 | | |
| 1 | | | | | B | 8 | D | | | | 2 | | A | C |
| | 7 | | | | 5 | | 2 | | | | D | | 6 | |
| | | | 8 | 0 | | | | D | 5 | | B | 3 | | |
| | 2 | | | | | | 7 | B | 6 | | | E | | |
| | | | | | | | 9 | | | E | | 5 | | A |
| | 8 | | | 1 | | | C | 3 | | | | | 2 | |
| | D | | | E | 2 | | | 0 | | 7 | | | 9 | |
| | 6 | | | 5 | | | 4 | 9 | A | | 0 | C | | |
| 9 | | | | | | | | | | | | 4 | 5 | 3 |
| 2 | | | | 9 | | E | | 1 | | | | 0 | | 7 |
| 3 | | | | | | | 6 | | | C | | A | | 2 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 2 | 4 | B | 0 | C | 7 | 9 | 5 | A | 6 | 3 | E | 8 | D | 1 |
| 5 | 6 | 1 | 9 | E | D | 7 | 4 | 3 | 2 | 8 | C | 0 | A | B |
| 8 | 0 | 3 | A | 6 | 4 | E | C | D | B | 7 | 1 | 2 | 9 | 5 |
| 9 | E | C | B | 2 | 3 | 8 | 0 | 1 | A | D | 5 | 6 | 7 | 4 |
| 7 | D | A | 5 | 8 | 1 | B | 2 | 6 | 4 | 9 | 0 | E | C | 3 |
| 6 | 9 | 5 | 1 | D | 2 | 4 | 8 | C | 7 | 0 | A | B | 3 | E |
| A | B | E | 8 | 4 | 0 | 3 | 9 | 7 | C | 5 | 2 | 1 | 6 | D |
| C | 1 | 4 | 7 | 3 | 5 | D | 6 | 0 | E | B | 9 | A | 2 | 8 |
| 3 | 2 | 7 | E | A | 9 | 1 | B | 5 | 8 | 6 | D | C | 4 | 0 |
| 0 | 8 | D | 6 | B | C | 2 | A | E | 3 | 1 | 4 | 7 | 5 | 9 |
| E | 7 | 9 | 3 | 5 | B | C | 1 | 2 | 0 | 4 | 6 | D | 8 | A |
| 1 | 5 | 6 | 2 | 7 | E | 0 | 3 | 4 | D | A | 8 | 9 | B | C |
| D | 3 | 8 | 4 | 9 | 6 | A | E | B | 1 | C | 7 | 5 | 0 | 2 |
| 4 | C | 0 | D | 1 | A | 5 | 7 | 8 | 9 | 2 | B | 3 | E | 6 |
| B | A | 2 | C | 0 | 8 | 6 | D | 9 | 5 | E | 3 | 4 | 1 | 7 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଆୟୁଷ ସରି ସରି ଆସୁଛି

ମହାଶୟ,

ଅପୂର୍ଣ୍ଣ ସୃଷ୍ଟିକୁ ପୂର୍ଣ୍ଣ କରିବା ପାଇଁ ଈଶ୍ୱର ଶେଷରେ ମନୁଷ୍ୟ ସୃଷ୍ଟି କରିଛନ୍ତି। ବହୁ ଜନ୍ମର ତପସ୍ୟା ଫଳରେ ମନୁଷ୍ୟ ଜନ୍ମ ମିଳିଥାଏ। ମନୁଷ୍ୟ ଓ ପଶୁ ମଧ୍ୟରେ ଈଶ୍ୱର ପ୍ରଭେଦ ରଖିଛନ୍ତି। ଈଶ୍ୱର ପଶୁଙ୍କୁ ବଳ ଦେଇଛନ୍ତି ଓ ନୈସର୍ଗିକ ଶକ୍ତି ମଧ୍ୟ ଦେଇଛନ୍ତି। ମାତ୍ର ବୁଦ୍ଧି ଓ ବିଚାରଶକ୍ତି ଦେଇନାହାନ୍ତି। ବୁଦ୍ଧି, ବିବେକ ଓ ବିଚାରଶକ୍ତି ମନୁଷ୍ୟର ବିଶେଷତ୍ୱ। ଏଠାରେ ପ୍ରୟୋଗ କରି ମନୁଷ୍ୟ ଅସାଧ୍ୟ ସାଧନ କରିପାରେ। ମନୁଷ୍ୟ ସୃଷ୍ଟିର ଶ୍ରେଷ୍ଠ ପ୍ରାଣୀ। ଶ୍ରେଷ୍ଠ ପ୍ରାଣୀ ହିସାବରେ ଈଶ୍ୱର ମନୁଷ୍ୟଠାରୁ ଯଥେଷ୍ଟ କିଛି ଆଶା କରନ୍ତି। ଈଶ୍ୱରଙ୍କ ଗୁଣ, କର୍ମ ଓ ସ୍ୱଭାବକୁ ଅନୁସରଣ କରି ମନୁଷ୍ୟ ସୃଷ୍ଟିର ସୁରକ୍ଷା ସହିତ ଜଗତ କଲ୍ୟାଣ ଦିଗରେ କାର୍ଯ୍ୟ କରୁ ଏହା ଈଶ୍ୱରଙ୍କ ଇଚ୍ଛା। ତେବେ ଜନ୍ମ ହେଲେ ମୃତ୍ୟୁ ସୁନିଶ୍ଚିତ। ମୃତ୍ୟୁ କେତେବେଳେ ଆସି ପହଞ୍ଚି ଯିବ ତାହା କହି ହେବ ନାହିଁ। ଜୀବନର ଗୋଟିଏ ଦିନ ଅତିବାହିତ ହେଲା ଅର୍ଥ ଆୟୁଷରୁ ଗୋଟିଏ ଦିନ ସରିଯାଉଛି। ଜୀବନର ପ୍ରତ୍ୟେକ ଦିନ ଓ ପ୍ରତ୍ୟେକ ମୁହୂର୍ତ୍ତକୁ ହାତଛଡ଼ା ନ କରି ସଦୁପଯୋଗ କରିବା ଉଚିତ। ସତ୍‌କର୍ମ ମାଧ୍ୟମରେ ନିଜର ଓ ବିଶ୍ୱର କଲ୍ୟାଣ ଦିଗରେ କାର୍ଯ୍ୟ କରିବା ଆବଶ୍ୟକ। ମନୁଷ୍ୟ କେତେଦିନ ବଞ୍ଚିଛି ତାହା ଉପରେ ଗୁରୁତ୍ୱ ନ ଦେଇ ଆଗାମୀ ପିଢ଼ି ପାଇଁ କିଛି ଶ୍ରେଷ୍ଠତ୍ୱର ପଦଚିହ୍ନ ଛାଡ଼ି ଦେଇଯିବା ଉଚିତ।

-ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡ଼ି, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ମା'ଙ୍କୁ ହତ୍ୟାକରି ଫେରାର୍ ଥିବା ପୁଅ ଗିରଫ

ରାଜଗାଙ୍ଗପୁର,(ଡି.ଏନ.ଏ): ରାଜଗାଙ୍ଗପୁର ଥାନା ବାହିଆମ ଗ୍ରାମରେ ଗତ ୭ ତାରିଖରେ ନିଜ ମାଆକୁ କୁରାଢ଼ି ସାହାଯ୍ୟରେ ହତ୍ୟା କରି ଫେରାର୍ ଥିବା ପୁଅ ରାଜୁ ଗୌଡଙ୍କୁ ପୋଲିସ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ୭ ତାରିଖ ରାଜୁ ମାଆ ଲକ୍ଷ୍ମୀଙ୍କୁ କିଛି ଟଙ୍କା ମାଗିଥିଲେ। ଲକ୍ଷ୍ମୀ ଟଙ୍କା ନ ଦେବାରୁ ଦୁଇ ଜଣଙ୍କ ଭିତରେ ବଚସା ହୋଇଥିଲା। ରାଜୁ ଉତକ୍ଷିପ୍ତ ହୋଇ କୁରାଢ଼ିରେ ମା'ଙ୍କ ବେକ କାଟି ହତ୍ୟା କରି କୁରାଢ଼ିକୁ ପାଖ ପୁଆଳ ଗଦା ଭିତରେ ଲୁଚାଇ ଫେରାର ହୋଇଥିଲେ। ପୋଲିସ ଏକ ମାମଲା ( ନଂ. ୧୭/୨୧) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା ଓ ଫେରାର ରାଜୁ ଗୌଡ ପାଖ ଜଙ୍ଗଲରେ ଲୁଚି ଥିବାର ଖବରପାଇ ଧରିବାରେ ସଫଳ ହୋଇଥିଲେ।



# ଗାଁ ମଧ୍ୟଦେଇ କୋଇଲା ପରିବହନ ବନ୍ଦ ଦାବି

■ ପ୍ରଦୂଷଣଜନିତ କ୍ଷୟକ୍ଷତି ପ୍ରଦାନ କରାଯାଉ
■ ୯ପଞ୍ଚାୟତବାସୀଙ୍କ ଆନ୍ଦୋଳନ, କୋଇଲା ପରିବହନ ବାଧାପ୍ରାପ୍ତ

ସୁନ୍ଦରଗଡ,୨୧।୧ (ଡି.ଏନ୍.ଏ.)

ସୁନ୍ଦରଗଡ ଜିଲା ହେମଗିର ବ୍ଲକ ଅନ୍ତର୍ଗତ ବାଙ୍କୀବାହାଲ –ଟପରିଆ ରାସ୍ତାରେ ଗାଁ ମଧ୍ୟଦେଇ ଆଇନ୍ ଉଲ୍ଲଘଂନ ପୂର୍ବକ କୋଇଲା ପରିବହନକୁ ଅଞ୍ଚଳବାସୀଙ୍କ ତରଫରୁ ବିରୋଧ କରାଯାଉଛି। ଏହି ରାସ୍ତାର ଗାଁ ମଧ୍ୟଦେଇ ପ୍ରତିଦିନ ଶହଶହ ସଂଖ୍ୟାରେ ପଡୋଶୀ ଛତିଶଗଡକୁ କୋଇଲା ପରିବହନ ହେଉଥିବା ଯୋଗୁ ରାସ୍ତାପାର୍ଶ୍ୱସ୍ଥ ଗ୍ରାମର ଅଧିବାସୀ ଭୟଙ୍କର ପ୍ରଦୂଷଣର ଶିକାର ହେଉଛନ୍ତି। ଏହା ସହ ଦୁର୍ଘଟଣାରେ ଅନେକଙ୍କ ଜୀବନହାନି ହେଉଛି। ଏହାର ପ୍ରତିକାର ଦିଗରେ ଜିଲା ପ୍ରଶାସନ ତଥା ଏମ୍‌ସିଏଲ୍ କର୍ତ୍ତୃପକ୍ଷଙ୍କ ଉଦାସୀନତା ମନୋଭାବ ପ୍ରତିବାଦରେ ଅଞ୍ଚଳବାସୀଙ୍କ ତରଫରୁ ଟପରିଆଠାରେ ଗତ ୧୯ଠାରୁ ଆରମ୍ଭ ହୋଇଥିବା ଆନ୍ଦୋଳନ ଗୁରୁବାର ତୃତୀୟ ଦିବସରେ ପହଞ୍ଚିଛି। ଜନଶକ୍ତି ବିକାଶ ପରିଷଦ ଓ ଅଞ୍ଚଳବାସୀଙ୍କ ତରଫରୁ ବାଙ୍କୀବାହାଲ ଓ ଟପରିଆ ରାସ୍ତାରେ ଗାଁ ମଧ୍ୟଦେଇ କୋଇଲା ପରିବହନ ସମ୍ପୂର୍ଣ୍ଣ ବନ୍ଦ କରିଦିଆଯିବା ଏବଂ ପ୍ରଦୂଷଣ ନିୟନ୍ତ୍ରଣ ସହ ଖଣିଜଦ୍ରବ୍ୟ ପରିବହନ ଯୋଗୁ ଅଞ୍ଚଳବାସୀଙ୍କ ହୋଇଥିବା କ୍ଷୟକ୍ଷତିର ଉଚିତ ପାରିପାର୍ଶ୍ୱିକ ମୂଲ୍ୟ ପ୍ରଦାନ ଦାବିନେଇ ଚାଲିଥିବା ଏହି ଆନ୍ଦୋଳନରେ ହେମଗିର ବ୍ଲକର ପ୍ରଭାବିତ ୯ଟି ଗ୍ରାମପଞ୍ଚାୟତର ଜନସାଧାରଣ ସାମିଲ ହୋଇଛନ୍ତି। ସଦର ଉପଜିଲାପାଳ ଅଭିମନ୍ୟୁ ବେହେରା ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ ହେଁ କୌଣସି ସମାଧାନର ରାସ୍ତା ଫିଟି ନ ଥିବାରୁ ଆନ୍ଦୋଳନ ଜାରିରହିଛି। ଫଳରେ ଏହି ରାସ୍ତା ଦେଇ ଏମ୍‌ସିଏଲ ବସୁନ୍ଧରା ଓ କୁଲଡା କୋଇଲ ଖଣିରେ ପଡୋଶୀ ରାଜ୍ୟ ଛତିଶଗଡକୁ ହେଉଥିବା କୋଇଲା ପରିବହନ ସମ୍ପୂର୍ଣ୍ଣ ରୂପେ ବାଧାପ୍ରାପ୍ତ ହୋଇଛି। ଜନଶକ୍ତି ବିକାଶ ପରିଷଦର ଆବାହକ ବୀରେନ୍ଦ୍ର ପ୍ରଧାନ, ରାଜେନ୍ଦ୍ର କୁମାର ନାଏକ, ତେଜରାମ ସା ଙ୍କ ନେତୃତ୍ୱରେ ଚାଲିଥିବା ଏହି ଆନ୍ଦୋଳନ ସ୍ଥଳକୁ ପୂର୍ବତନ ବିଧାୟକ ଯୋଗେଶ କୁମାର ସିଂ, ଜିଲାପରିଷଦ ଉପାଧ୍ୟକ୍ଷ କାଶୀନାଥ ରାଉତ, ହେମଗିର ବ୍ଲକ ଅଧ୍ୟକ୍ଷା ସୁଧାରାଣୀ ରାଉଡିଆ ପ୍ରମୁଖ ପହଞ୍ଚି ଆନ୍ଦୋଳନକୁ ସମର୍ଥନ ଜଣାଇଛନ୍ତି। ଆନ୍ଦୋଳନକାରୀମାନେ ଗତ ୧୫ତାରିଖରେ ଜିଲାପାଳ ନିଖିଳପବନ କଲ୍ୟାଣଙ୍କୁ ଭେଟି ଏନେଇ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଏଥିରେ ଦର୍ଶାଯାଇଥିଲା ଯେ ,ଉଚ୍ଚ ନ୍ୟାୟାଳୟଙ୍କ ଆଦେଶ ତଥା ପରିବେଶ ମଞ୍ଜୁରୀ ପତ୍ରସଂଖ୍ୟା ଜେ – ୧୧୦୧୫ /୧୦ /୧୯୯୫ – ୧ଆଇ ଏ – ୧୧(ଏମ୍)ର ଆଇନ୍ ଉଲ୍ଲଘଂନ ପୂର୍ବକ ବେଆଇନ୍ ଭାବେ ଗାଁ ମଝିଦେଇ କୋଇଲା ପରିବହନ ଯୋଗୁ ସମ୍ବିଧାନର ଧାରା –୨୧ ଅନୁଯାୟୀ ସ୍ୱାଭିମାନ ସହ ବଂଚିବାର ଅଧିକାର କ୍ଷୁର୍ଣ୍ଣ ହେଉଛି। ଅଞ୍ଚଳବାସୀ ବାଙ୍କୀବାହାଲରୁ ଟପରିଆ ରାସ୍ତାର ସମସ୍ୟା ସମ୍ପର୍କରେ ଗତ ଡିସେମ୍ବର ୨୨ରେ ଜନଶକ୍ତି ବିକାଶ ପରିଷଦ ତଥା ଅଞ୍ଚଳବାସୀଙ୍କ ଦ୍ୱାରା ଦୀର୍ଘ ୩୫କିମି ଦୂରତା ଅତିକ୍ରମ କରିଏକ ଚେତାବନୀ ପଦଯାତ୍ରା ଏମ୍ ସିଏଲ ଠାରେ ପହଞ୍ଚି ହେମଗିର ବିଡିଓଙ୍କ ଜରିଆରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏହି ରାସ୍ତାରେ ଦିନରାତି ଅହରହ ହଜାର ହଜାର ମଲ୍ଟି ଏକ୍ସେଲ ଭାରିଯାନ ଚଳାଚଳ ଯୋଗୁ ଧ୍ୱନୀ ପ୍ରଦୂଷଣ ତଥା ରାସ୍ତାକଡରେ ଥିବାସ୍କୁଲ,ଅଙ୍ଗନୱାଡିର ଛୋଟ ଛୋଟ ଶିଶୁମାନଙ୍କ ପାଠପଢାରେ ବ୍ୟାଘାତ ହେଉଛି । ଏପରିକି କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ନିର୍ଦ୍ଦେଶନାମା ଅନୁସାରେ ସ୍କୁଲ ,ଅଙ୍ଗନବାଡି ଓ ଡାକ୍ତରଖାନାର ୧୦୦ମି ଦୂରତା ଅଞ୍ଚଳକୁ ନୀରବ ଅଞ୍ଚଳ (ସାଇଲେଣ୍ଟ ଜୋନ୍ ) ଘୋଷଣା କରାଯାଇଥିଲେ ହେଁ ଏହାର ଉଲଘଂନ କରାଯାଉଛି । ଏପରିକି କୋଇଲା ପରିବହନଞ୍ଜବେଳେ ଥିବା ନିୟମକୁ ଉଲ୍ଲଂଘନ କରାଯାଇ ଖୋଲାମେଲାରେ କୋଇଲା ବୋଝେଇ ଟ୍ରକରୁ ମାତ୍ରାଧିକ କୋଇଲା ଗୁଣ୍ଡ ଉଡିଆସି ପାଖରେ ଥିବା ଚାଷଜମି ,କୂଅ ପୋଖରୀ ଓ ଘରଭିତରେ ପ୍ରବେଶ କରି ଖାଦ୍ୟପଦାର୍ଥ ତଥା ଘରର ଯାବତୀୟ ଜିନିଷ ନଷ୍ଟ ହେଉଛି। ବାଙ୍କୀବାହାଲରୁ ଟପରିଆ ମଧ୍ୟରେ ଥିବା ୯ଟି ପଞ୍ଚାୟତର ଗୋପାଳପୁର, ରତନସରା, ତରନପୁର, ନାକଟିଦେଉଳ, ଛତାବର, ବିଲେଇମୁଣ୍ଡା, ଲୁଆବାହାଲ, ବେଲଡିପା ,କନ୍ଦାଡୁଡା ଓ ଟପରିଆ ଗ୍ରାମର ଅଧିବାସୀ ଭୟଙ୍କର ପ୍ରଦୂଷଣର ଶିକାର ହେଉଛନ୍ତି। ବାଙ୍କୀବାହାଲ –ଟପରିଆ ରାସ୍ତାରେ ଗାଆଁ ମଧ୍ୟଦେଇ କୋଇଲା ପରିବହନକୁ ସମ୍ପୂର୍ଣ୍ଣ ରୂପେ ବନ୍ଦ କରାଯିବା ଓ ପ୍ରଦୂଷଣ ନିୟନ୍ତ୍ରଣ ଆଇନ୍ ଉଲ୍ଲଂଘନ କରି କୋଇଲା ପରିବହନ ଯୋଗୁ ଅଞ୍ଚଳରେ ହେଉଥିବା କ୍ଷୟକ୍ଷତିର ଉଚିତ ପାରିପାର୍ଶ୍ୱିକ ମୂଲ୍ୟ ପ୍ରଦାନ ସକାଶେ ଦାବି କରାଯାଇଛି।


ଟପରିଆଠାରେ ୨ଦଫା ଦାବିନେଇ ଜନଶକ୍ତି ବିକାଶ ପରିଷଦ ତଥା ଅଞ୍ଚଳବାସୀଙ୍କ ତରଫରୁ ଚାଲିଥିବା ଆନ୍ଦୋଳନ।

## ୨ଲକ୍ଷ ଜରିମାନା ଆଦାୟ

**ପରିବହନ ବିଭାଗ, ପୋଲିସ ପକ୍ଷରୁ ଗାଡ଼ି ଯାଞ୍ଚ**

କୁଆଁରମୁଣ୍ଡା,୨୧।୧(ଡି.ଏନ.ଏ.)

ଜାତୀୟ ସଡ଼କ ସୁରକ୍ଷା ମାସ ପାଳନ ଅବସରରେ ଗୁରୁବାର ରାଉରକେଲା ପରିବହନ ବିଭାଗ ଓ କୁଆଁରମୁଣ୍ଡା ଫାଣ୍ଡି ପକ୍ଷରୁ ଗାଡି ଚାଳକମାନଙ୍କୁ ସୁରକ୍ଷିତ ଗାଡି ଚାଳନା ସହ ସଡ଼କ ସୁରକ୍ଷା ବିଷୟରେ ସଚେତନ କରାଯାଇଛି। ଏହା ସହ ମଦ୍ୟପ ଗାଡି ଚାଳକ, ବିନା ହେଲମେଟ୍‌ରେ ଗାଡି ଚଳାଉଥିବା ଗାଡି ଚାଳକଙ୍କଠାରୁ ଜରିମାନା ଆଦାୟ କରାଯାଇଛି। ଉକ୍ତ ସଡ଼କ ସୁରକ୍ଷା ସଚେତନତା ଓ ଗାଡି ଯାଞ୍ଚ ପ୍ରକ୍ରିୟା ଅପରାହ୍ନ ୪ଟାରୁ ୫ ଟା ପର୍ଯ୍ୟନ୍ତ ଚାଲିଥିଲା। ନିୟମ ଉଲ୍ଲଘଂନ କରି ବେପରୁଆ ଗାଡି ଚାଳକଙ୍କଠାରୁ ପ୍ରାୟ ୨ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଜରିମାନା ଆଦାୟ କରାଯାଇଛି। ଏହି ଗାଡି ଯାଞ୍ଚ ପ୍ରକ୍ରିୟା ରାଉରକେଲା ପରିବହନ କାର୍ଯ୍ୟାଳୟର ଅତିରିକ୍ତ ଆରଟିଓ ତୋଳନୀ ସା ଓ କୁଆଁରମୁଣ୍ଡା ଫାଣ୍ଡି ଅଧିକାରୀ ଶ୍ୟାମଲାଲ ଓରାମଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଉଭୟ ରାଉରକେଲା ପରିବହନ ବିଭାଗ କର୍ମଚାରୀ ଓ କୁଆଁରମୁଣ୍ଡା ଫାଣ୍ଡି ପୋଲିସ ଉପସ୍ଥିତ ରହି ଗାଡି ଯାଞ୍ଚ ପ୍ରକ୍ରିୟାରେ ସାମିଲ ଥିଲେ।

## ସଂକ୍ଷେପରେ

### ଟ୍ରାନ୍ସଫର୍ମର କଏଲ, ତେଲ ଚୋରି

ଲହୁଣୀପଡା, ୨୧।୧ (ଡି.ଏନ.ଏ): ସୁନ୍ଦରଗଡ ଜିଲା ଲହୁଣୀପଡା ଥାନା ଅନ୍ତର୍ଗତ ଟେଟେଙ୍ଗାଗିଳା ଗ୍ରାମରେ ବିଦ୍ୟୁତ୍ ଟ୍ରାନ୍ସଫର୍ମରକୁ ଖୋଲି କଏଲ ଓ ତେଲ ଚୋରିକରି ନେଇ ଯାଇଥିବା ଥାନାରେ ଅଭିଯୋଗ ହୋଇଛି। ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ପୋଲିସ ଚୋରଙ୍କର ପତ୍ତା ପାଉ ନାହିଁ। ଅନେକ ଦିନ ପରେ ପୁଣି ଥରେ ବିଦ୍ୟୁତ ଚୋରମାନେ ସକ୍ରିୟ ହୋଇଥିବା ଜଣାପଡିଛି। ଏମାନେ ଗ୍ରାମର ଜନବସତି ଦୂରରେ ଥିବା ବିଦ୍ୟୁତ ଟ୍ରାନ୍ସଫର୍ମରଗୁଡିକ ରାତିରେ ଖୋଲି ଟ୍ରାନ୍ସଫର୍ମର କଏଲ ଓ ତେଲକୁ ଚୋରି କରି ନେଇ ଯାଉଛନ୍ତି। କେବଳ ଟେଟେଙ୍ଗାଗିଳା ନୁହେଁ ମହୁଲଡିହା ସବଷ୍ଟେସନ ପରିସର ଭିତରୁ ଅନୁରୂପ ଭାବେ ଚୋରମାନେ ଚୋରି କରିବାକୁ ପଛେଇ ନାହାନ୍ତି। ବଣାଇ ସବଷ୍ଟେସନ ଅନ୍ତର୍ଗତ ଦୁଇଟି ଗ୍ରାମରୁ ଅନୁରୂପ ଭାବେ ଟ୍ରାନ୍ସଫର୍ମରୁ କଏଲ ଓ ତେଲ ଚୋରି ହୋଇଛି।

### ଛାତରୁ ପଡ଼ି ଶ୍ରମିକ ଗୁରୁତର

ରାଉରକେଲା ଅଫିସ୍, ୨୧।୧: ରଘୁନାଥପାଲି ଥାନା ଅନ୍ତର୍ଗତ ଫାଦର କଲୋନୀ ଅଞ୍ଚଳରେ ଜଣେ ଶ୍ରମିକ ଛାତରୁ ପଡ଼ି ଗୁରୁତର ହୋଇଛନ୍ତି । ରମେଶ ମୁଣ୍ଡା(୩୩) ବେଦବ୍ୟାସ ମନ୍ଦିର ରୋଡ଼ରେ ବାସ କରନ୍ତି। ରମେଶ ସହରରେ ବିଭିନ୍ନ ସ୍ଥାନରେ ସେଣ୍ଟରିଙ୍ଗ୍ ମିସ୍ତ୍ରୀ ଭାବେ କାମ କରନ୍ତି। ସେ ପାନପୋଷ ଅଞ୍ଚଳରେ ଥିବା ଫାଦର କଲୋନୀରେ ଏକ ଦୁଇ ମହଲା ଛାତ ଉପରେ ଚଢ଼ି ଲୁହାରଡ଼ ବାନ୍ଧୁଥିବାବେଳେ ହଠାତ ତାଙ୍କ ଗୋଡ ଖସିଯାଇଥିଲା। ଫଳରେ ସେ ଛତ ଉପରୁ ଖସି ପଡ଼ିଥିଲେ। ତାଙ୍କ ଛାତି ଓ ମୁଣ୍ଡରେ ଖୁବ ଜୋରରେ ମାଡ଼ ହେବାରୁ ତାଙ୍କ ଅବସ୍ଥା ଗୁରୁତର ହୋଇ ପଡ଼ିଥିଲା। ତାଙ୍କୁ ଉଦ୍ଧାର କରି ସ୍ଥାନୀୟ କଣ୍ଟ୍ରାକ୍ଟର ଆରଜିଏଚ୍‌ରେ ଭର୍ତ୍ତି କରିଥିଲେ । ସେଠାରୁ ତାଙ୍କୁ ଆଇଜିଏଚ୍‌କୁ ସ୍ଥାନାନ୍ତରିତ କରାଯାଇଥିଲା।

### ଜଙ୍ଗଲରୁ ମହିଳାଙ୍କ ଦଗ୍ଧ ଗଳିତ ମୃତଦେହ ଜବତ

ବଡ଼ଗାଁ, ୨୧।୧ (ଡି.ଏନ.ଏ): ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ବରଙ୍ଗାକଛାର ପଞ୍ଚାୟତର ରାଣୀବୁଡା ଜଙ୍ଗଲରୁ ଜଣେ ମହିଳାଙ୍କ ଦଗ୍ଧ ଗଳିତ ମୃତଦେହ ପୋଲିସ ଗୁରୁବାର ଉଦ୍ଧାର କରିଛି। ସୂଚନାନୁଯାୟୀ, ୨ ଦିନ ପୂର୍ବରୁ ଆଖପାଖ ଗ୍ରାମର ଲୋକେ ଜଙ୍ଗଲକୁ ଗଲାବେଳେ ଶିବମନ୍ଦିର ନିକଟରେ ଏକ ଗଛ ମୂଳେ ଜଣେ ମହିଳାଙ୍କ ଉଲଗ୍ନ ଦଗ୍ଧ ମୃତଦେହ ପଡିଥିବା ଦେଖିଥିଲେ । ଏ ନେଇ ଗୁରୁବାର ସକାଳେ ପୋଲିସକୁ ସୂଚନା ଦିଆଯାଇଥିଲା। ପୋଲିସ ମୃତଦେହ ଉଦ୍ଧାର କରି ସାଇଣ୍ଟିଫିକ୍ ଟିମ୍ ଦ୍ୱାରା ତଦନ୍ତ କରିଛି। ମହିଳାଙ୍କ ବୟସ ୨୨ରୁ ୨୫ ବର୍ଷ ହେବ । ମହିଳା କେଉଁଠିକାର ଓ କେଉଁ ପରିସ୍ଥିତିରେ ମୃତ୍ୟୁ ହେଲା ଜଣାପଡିନାହିଁ। ମହିଳାଙ୍କୁ କିରୋସିନ ଢ଼ାଳି ପୋଡି ଦିଆଯାଇଥିବା ଜଣାପଡିଛି।

### ଏନ୍‌ଆଇଟି ଛାତ୍ରଙ୍କ ଗ୍ରାମୀଣ ବିକାଶ ନିମନ୍ତେ ପ୍ରୟାସ

ରାଉରକେଲା ଅଫିସ, ୨୧।୧: ଏନ୍‌ଆଇଟି ରାଉରକେଲା ଟେକ୍ନିକାଲ ସୋସାଇଟି ପକ୍ଷରୁ 'ଆମେରିକାନ୍ ଇନଷ୍ଟିଚ୍ୟୁଟ୍ ଅଫ୍ କେମିକାଲ ଇଞ୍ଜିନିୟର୍ସ' ସହଯୋଗରେ ଗ୍ରାମୀଣ ବିକାଶ ପାଇଁ ନବଧାରା-ଗ୍ରାମୀଣ ବିକାଶ ଆଉଟ୍‌ରିଚ୍ କାର୍ଯ୍ୟକ୍ରମ ସମାପନ ହୋଇଛି। କାର୍ଯ୍ୟକ୍ରମରେ ଅନେକ ଛାତ୍ର ଅନ୍‌ଲାଇନ୍ ମାଧ୍ୟମରେ ଭାଗ ନେଇଥିଲେ। ଏନ୍‌ଆଇଟି ପକ୍ଷରୁ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବିଜ୍ଞାନ ସହିତ ଜଡ଼ିତ ଛାତ୍ରଙ୍କୁ ଏକତ୍ରିତ କରି ସେମାନଙ୍କୁ ଗ୍ରାମୀଣ ସମସ୍ୟା ସମ୍ପର୍କରେ ଅବଗତ କରାଇବା କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ରହିଛି। ସୋସିଆଲ ମିଡ଼ିଆରେ ପ୍ଲାଟଫର୍ମରେ ବ୍ଲଗ, କ୍ଷୁଦ୍ର ଭିଡ଼ିଓ, ଏକାଙ୍କିକା, ପୋଷ୍ଟର, ଇଣ୍ଡଷ୍ଟ୍ରିଆଲ,ଡିଜାଇନ ଇତ୍ୟାଦି ସୃଷ୍ଟି କରି ବାକି ଦର୍ଶକଙ୍କ ନିକଟରେ ଏହାର ପ୍ରଚାର କରାଯାଇଛି ବୋଲି ଆମେରିକାନ୍ ଇନଷ୍ଟିଚ୍ୟୁଟ ଅଫ୍ କେମିକାଲ ଇଞ୍ଜିନିୟର୍ସର ଏନ୍‌ଆଇଟି ରାଉରକେଲା ସଭାପତି ଅଭିଷେକ ଅଗ୍ରୱାଲ କହିଛନ୍ତି । କ୍ଲବ ଦ୍ୱାରା ୱେବିନାର ଆୟୋଜନ କରାଯାଇ ଭବିଷ୍ୟତର ଇଞ୍ଜିନିୟରଙ୍କୁ ଉଦ୍ୟୋଗ ନିର୍ମାଣ କରିବା ନିମନ୍ତେ ମଧ୍ୟ ପରାମର୍ଶ ଦେଇଥିଲେ। ଅନ୍‌ଲାଇନ କାର୍ଯ୍ୟକ୍ରମକୁ ଏନ୍‌ଆଇଟିର ପ୍ରଫେସର ଅଧିଦେଶ କୁମାର ପରିଚାଳନା କରିଥିଲେ। ପ୍ରଫେସର ସୁବର୍ଣ୍ଣା ତ୍ରିବେଦୀ ଧନ୍ୟବାଦ ଦେଇଥିଲେ।

# ସଡ଼କ ସୁରକ୍ଷା ସଚେତନତା ରାଲି

ରାଜଗାଙ୍ଗପୁର, ୨୧।୧ (ଡି.ଏନ.ଏ)

ଝଗରପୁର ସ୍ଥିତ ଡାଲମିଆ ଶିଳ୍ପ ତାଲିମ କେନ୍ଦ୍ର (ଡିଆଇଟିଆଇ)ରେ ସଡକ ସୁରକ୍ଷା ସଚେତନତା ରାଲି ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟଅତିଥି ଭାବେ ଡାଲମିଆ ସିମେଣ୍ଟ (ଭାରତ) ଲିମିଟେଡର ରାଜଗାଙ୍ଗପୁର କାରଖାନା ମୁଖ୍ୟ ଲୋକେଶ କୁମାର ବାହେତି ପତାକା ଦେଖାଇ ରାଲିର ଉଦଘାଟନ କରିଥିଲେ । ସେ ଛାତ୍ରୀଛାତ୍ରଙ୍କୁ ସଡକ ସୁରକ୍ଷା ସଚେତନତା ଉପରେ ଅବଗତ କରିଥିଲେ। ଏହି ଅବସରରେ ସମ୍ମାନିତ ଅତିଥି ଭାବେ କମ୍ପାନୀର ମାନବସମ୍ବଳ ବିଭାଗର ମୁଖ୍ୟ ସୁଧିର ମହାନ୍ତି ଯୋଗଦେଇଥିଲେ। ସଡକରେ କିପରି ଯାନବାହାନ ଚଳାଇବେ ସେ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ସଚେତନ କରାଇଥିଲେ। ଉକ୍ତ ରାଲ ଝଗରପୁର ଡିଆଇଟିଆଇରୁ ବାହାରି ରାଣୀବନ୍ଧ ପର୍ଯ୍ୟନ୍ତ ଯାଇ ପୁଣି ଡିଆଇଟିଆଇକୁ ଫେରିଥିଲା । କୋଭିଡ ନିୟମକୁ ଦୃଷ୍ଟିରେ ରଖି ମାସ୍କ ପରିଧାନ, ସାନିଟାଇଜର ବ୍ୟବସ୍ଥା ଓ ପରସ୍ପର ମଧ୍ୟରେ ଦୂରତା ରକ୍ଷା କରାଯାଇଥିଲା। ଏହି ଅବସରରେ ଅନୁଷ୍ଠାନର ଅଧକ୍ଷ ଦେବବ୍ରତ ପ୍ରଧାନ ସମସ୍ତ କର୍ମଚାରୀ ବୃନ୍ଦ ଏବଂ ଛାତ୍ରୀଛାତ୍ରମାନେ ଯୋଗଦେଇ ରାଲି ସଫଳ କରାଇଥିଲେ ।



ରାଜଗାଙ୍ଗପୁରରେ ସଡ଼କ ସୁରକ୍ଷା ସଚେତନତା ରାଲି।

## ରାମମନ୍ଦିର ନିର୍ମାଣ ପାଇଁ ଜଲଦା ବିଶ୍ୱହିନ୍ଦୁ ପରିଷଦର ଧର୍ମସଭା

ରାଉରକେଲା ଅଫିସ୍,୨୧।୧

ଅଯୋଧାରେ ଭବ୍ୟ ରାମମନ୍ଦିର ନିର୍ମାଣ ପାଇଁ ଦକ୍ଷିଣ ରାଉରକେଲା ଅନ୍ତର୍ଗତ ବିଶ୍ୱହିନ୍ଦୁ ପରିଷଦ ପକ୍ଷରୁ ସହାୟତା ପ୍ରଦାନ କରାଯାଇଛି। ଏହି ଅବସରରେ ଜଲଦା 'ସି' ବ୍ଲକରେ ଥିବା ଜନତା କେନ୍ଦ୍ର ପ୍ରାଙ୍ଗଣରେ ବିଶ୍ୱହିନ୍ଦୁ ପରିଷଦ ପକ୍ଷରୁ ଧର୍ମସଭା ଅନୁଷ୍ଠିତ ହୋଇଯାଇଛି। ବିଶ୍ୱହିନ୍ଦୁ ପରିଷଦର ବରିଷ୍ଠ କାର୍ଯ୍ୟକର୍ତ୍ତା ଶାନ୍ତନୁ କୁସୁମ ଯୋଗଦେଇ ଜାନୁୟାରୀ ୨୫ରୁ ଫେବୃୟାରୀ ୧୦ ପର୍ଯ୍ୟନ୍ତ ଯାଉଥିବା ନିଧି ସମର୍ପଣ ଅଭିଯାନରେ ସାମିଲ ହେବାକୁ କର୍ମକର୍ତ୍ତାଙ୍କୁ ଆହ୍ୱାନ ଦେଇଥିଲେ। ଏହି ସଭାରେ ଦୁଲାଲ ଶର୍ମା, ଜୟଶ୍ରୀ ମହାନ୍ତ, ସରୋଜ ମହାନ୍ତ, ଦେବିଲାଲ ଲୋହାର, ଦୀପା କୁମ୍ଭା, ପଦ୍ମାବତୀ ପଣ୍ଡା, ପୁଷ୍ପା କୁମ୍ଭାର, ଝରଣା ତନ୍ତୀ,ଖୁଦିରାମ ଭୂମିଜ, ସଙ୍ଗୀତା କୁମ୍ଭାରଙ୍କ ସହ ପରିଷଦର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

# ଟ୍ରକ ମାଲିକ ସଂଘ ଦ୍ୱାରା ଚକ୍ଷୁ ଚିକିତ୍ସା ଶିବିର


ଟ୍ରକ ଡ୍ରାଇଭରଙ୍କ ଚକ୍ଷୁ ପରୀକ୍ଷା କରାଯାଉଛି ।

ରାଜଗାଙ୍ଗପୁର, ୨୧।୧ (ଡି.ଏନ.ଏ)

ରାଜଗାଙ୍ଗପୁର ଟ୍ରକ ମାଲିକ ସଂଘ ଦ୍ୱାରା ସଡକ ସୁରକ୍ଷା ସପ୍ତାହ ଉପଲକ୍ଷେ ରାଜଗାଙ୍ଗପୁର ମାଟି ଗେଟଠାରେ ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଛି। ଏହି ଶିବିରରେ ଚକ୍ଷୁ ବିଶେଷଜ୍ଞ ଡା. ଦେବବ୍ରତ ଦାଶ ଓ ଡା. ଗୁଣନିଧି ପ୍ରଧାନ ଟ୍ରକ ସଂଘ ଦ୍ୱାରା ପରିଚାଳିତ ହେଉଥିବା ଟ୍ରକ ଡ୍ରାଇଭର ତଥା ଏହି ଅଞ୍ଚଳକୁ ପରିବହନ କରି ଆସୁଥିବା ଟ୍ରକ ଡ୍ରାଇଭରମାନଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ଡ୍ରାଇଭରମାନଙ୍କୁ ମାଗଣାରେ ଔଷଧ ବିତରଣ କରାଯାଇଥିଲା। ଏହି ଶିବିରରେ ଟ୍ରକ ମାଲିକ ସଂଘର ସଭାପତି ରାଜେଶ ଶର୍ମାଙ୍କ ସହ ସଂଘର ବିଭିନ୍ନ ପଦାଧିକାରୀ, ଜିଲା ପରିବହନ ଅଧିକାରୀ ରାମଦାସ ଟୁଡୁ, ଓଡିଶା ଡାଲମିଆ ସିମେଣ୍ଟ ପରିବହନ ବିଭାଗର ମୁଖ୍ୟ ପରିଚାଳକ ଅଭିଶେଖ ଚନ୍ଦ୍ର ପ୍ରଭୃତି ଉପସ୍ଥିତ ରହି ଏହି ଶିବିରକୁ ପ୍ରୋତ୍ସାହିତ କରିଥିଲେ । ଏହି ଶିବିରରେ ୧୨୬ ଜଣ ଡ୍ରାଇଭରଙ୍କ ଚକ୍ଷୁପରୀକ୍ଷା କରାଯାଇଥିଲା ।

# ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟନ କଲେ ବିଧାୟକ

ରେଢାଖୋଲ,୨୧।୧(ଡି.ଏନ.ଏ.)

ବିଧାୟକ ରୋହିତ ପୂଜାରୀ ଗୁରୁବାର ରେଢାଖୋଲ ବ୍ଲକ ଚାରମାଲ ପଞ୍ଚାୟତରେ ନିର୍ମିତ ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ କରିଛନ୍ତି। ନବନିର୍ମିତ ମାର୍କେଟ କମ୍ପ୍ଲେକ୍ସ, ଉପସ୍ୱାସ୍ଥ୍ୟ କେନ୍ଦ୍ର ଓ ଖୁବେଲ ମନ୍ଦିର ପରିସରରେ ବିଧାୟକ ପାଣ୍ଠିରୁ ନିର୍ମିତ ମିନି ହାଇମାଷ୍ଟ ଲାଇଟ୍ ଉଦ୍‌ଘାଟନ କରିଥିଲେ। ବିଡିଓ ପରିକ୍ଷିତ ସାହୁ, ଜିଲାପରିଷଦ ସଭ୍ୟ ପ୍ରଦୀପ ପ୍ରଧାନ, ସରପଞ୍ଚ ସୁପ୍ରଭା ପ୍ରଧାନ, ସମିତିସଭ୍ୟ ବ୍ରଜକିଶୋର ପ୍ରଧାନ, ବିଜେଡି ବ୍ଲକ ସଭାପତି ଉଦିତ ତ୍ରିପାଠୀ ପ୍ରମୁଖ ଯୋଗ ଦେଇଥିଲେ ।

## ବିଦ୍ୟୁତ୍ ଆଘାତ: ଯୁବକ ମୃତ

କୁଚିଣ୍ଡା, ୨୧।୧ (ଡି.ଏନ.ଏ.)

କୁଚିଣ୍ଡା ଥାନା ଅନ୍ତର୍ଗତ ଲାଡ ଗ୍ରାମର ଚକ୍ରଧରପୁର ପଡାରେ ଗୁରୁବାର ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ହଲକାଡ଼ିପା ପଡାର ମିଶ୍ର ପଧାନ (୪୫)। ପୂର୍ବାହ୍ନ ପ୍ରାୟ ୧୧ଟାରେ ଚକ୍ରଧରପୁର ପଡାର ବାବୁଲା ହାତୀଙ୍କ ଗୃହ ନିର୍ମାଣ ଚାଲିଥିବା ବେଳେ ମିଶ୍ର ଘର ଉପରେ ଥିବା ୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଅଚେତ ହୋଇପଡିଥିଲେ। ତାଙ୍କୁ ସଙ୍ଗେ ସଙ୍ଗେ କୁଚିଣ୍ଡା ଡାକ୍ତରଖାନା ନିଆଯାଇଥିଲା। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ ଥାନାରେ ଏକ ମାମଲା ରୁଜୁ ସହ ଘଟଣାର ଅନୁସନ୍ଧାନ କରାଯାଉଥିବା ପୋଲିସ ସୂତ୍ରରୁ ପ୍ରକାଶ।

# ଜୈବିକ ଚାଷ ପ୍ରଶିକ୍ଷଣ ଶିବିର

କିର୍ମିରା, ୨୧।୧(ଡି.ଏନ.ଏ.)

ଝାରସୁଗୁଡା ଜିଲା କିର୍ମିରା ବ୍ଲକର କୁଲୁଥମାଲ, ଡୁମାଡିହି, ବରିହାପଡା ଗ୍ରାମରେ ଜିଲା କୃଷି କାର୍ଯ୍ୟାଳୟ ଓ ଆତ୍ମା ତରଫରୁ ଜୈବିକ ଚାଷ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଜୈବିକ ପଦ୍ଧତି ଦ୍ୱାରା କମ୍ ଖର୍ଚ୍ଚରେ ଅଧିକ ଶସ୍ୟ ଅମଳ ଓ ବିହନ ବିଶୋଧନ ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇଥିଲା। ଏଥିରେ କିର୍ମିରା ବ୍ଲକ କୃଷି ଅଧିକାରୀ ଦମୟନ୍ତୀ ମଲ୍ଲିକ, ଲଇକେରା ଅତିରିକ୍ତ ଉଦ୍ୟାନ ବିଭାଗ ଅଧିକାରୀ ମୌସୁମୀ ସରପାଟିକ, ଗ୍ରାମ୍ୟ କୃଷି କର୍ମଚାରୀ ତପସ୍ୱିନୀ ନାଏକ ଯୋଗଦେଇ ଚାଷୀମାନଙ୍କୁ ବୁଝାଇଥିଲେ। ଲଇକେରା ବ୍ଲକ ସୁନାମାଲ ଗ୍ରାମର ସଫଳ ଚାଷୀ ଦଶରୁ କିଷାନ ମଧ୍ୟ ଜୈବିକ ଚାଷ ବିଷୟରେ କହିଥିଲେ। ୟୁରିଆ ସାର ତିଆରି ପାଇଁ ଗାଜର ଘାସ, ଗୋମୂତ୍ର, ଫିଟକିରୀ, ଗୁଡ ଏବଂ ପୋକମରା ପାଇଁ ଲିମ୍ବପତ୍ର, ଗୋମୂତ୍ର, କଞ୍ଚାଲଙ୍କା, ଭାଙ୍ଗପତ୍ର ବ୍ୟବହାର କରି ଔଷଧ ପ୍ରସ୍ତୁତ ପାଇଁ ପରାମର୍ଶ ଦେଇଥିଲେ। ଏହା ଦ୍ୱାରା ଫଳ ପରିମାଣ ଓ ପରମାୟୁ ବଢିଥାଏ ବୋଲି କିଷାନ ଚାଷୀଙ୍କୁ କହିଥିଲେ ।

## ସଡ଼କ ସୁରକ୍ଷା ସଚେତନ କଲେ ଛାତ୍ରୀଛାତ୍ର

ରେଢାଖୋଲ,୨୧।୧(ଡି.ଏନ.ଏ.)

ଜାତୀୟ ସଡକ ସୁରକ୍ଷା ସପ୍ତାହ ପାଳନ ଅବସରରେ ନାକଟିଦେଉଳ ଓ ରେଢାଖୋଲ ବ୍ଲକର ବିଭିନ୍ନ ହାଇସ୍କୁଲ ଛାତ୍ରୀଛାତ୍ରଙ୍କ ସଚେତନତା ରାଲି ସହର ପରିକ୍ରମା କରିଥିଲା। ଥାନା ଅଧିକାରୀ ସୁରୁବାବୁ ଛତ୍ରିଆ ପତାକା ଦେଖାଇ ଏହାକୁ ଶୁଭାରମ୍ଭ କରିଥିଲେ। ସ୍ଥାନୀୟ ରାଣୀ ଅନ୍ନପୂର୍ଣ୍ଣା ସରକାରୀ ବାଳିକା ବିଦ୍ୟାଳୟଠାରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ କୁଇଜ୍, ପ୍ରବନ୍ଧ, ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନୀ ସମାରୋହରେ ଥାନା ଅଧିକାରୀ ସୁରୁବାବୁ ଛତ୍ରିଆ ମୁଖ୍ୟଅତିଥି, ଟ୍ରାଫିକ ସବ୍‌ଇନ୍ସପେକ୍ଟର ଯଶୋବନ୍ତ ଚିନ୍ନାରା ମୁଖ୍ୟବକ୍ତା ଓ ସାର୍କର ସଂଗଠକ ଚକ୍ରଧର ନନ୍ଦ ଓ ଅବସରପ୍ରାପ୍ତ ଶିକ୍ଷକ ଉଦିତ କୁମାର ପାଢଯୋଶି ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରିଥିଲେ। ଖେଳ ଶିକ୍ଷକ ନରେନ୍ଦ୍ର ଦେହୁରି ଧନ୍ୟବାଦ ଦେଇଥିଲେ।

## ବିରାଟ ଶିକ୍ଷାନୁଷ୍ଠାନର ମେଧାବୃତ୍ତି ପରୀକ୍ଷା ଫଳ ପ୍ରକାଶିତ

ସମ୍ବଲପୁର, ୨୧।୧(ବ୍ୟୁରୋ)

ସମ୍ବଲପୁର ସହଯୋଗ ନଗର ଛକ ନିକଟ ବିରାଟ ଶିକ୍ଷାନୁଷ୍ଠାନର ୨୦୨୦-୨୧ର ମେଧାବୃତ୍ତି ପରୀକ୍ଷା ଫଳ ପ୍ରକାଶିତ ହୋଇଛି। ଗୁରୁବାର ଶିକ୍ଷାନୁଷ୍ଠାନ ଅଧକ୍ଷ ରାହୁଲ ରାଜ ସୂଚନା ଦେଇ କହିଛନ୍ତି, ଚଳିତବର୍ଷ କୃତୀ ଛାତ୍ରୀଛାତ୍ରଙ୍କୁ ୧୦୦ ପ୍ରତିଶତ ପର୍ଯ୍ୟନ୍ତ ସ୍କଲାର୍ଶିପ ଦେବାକୁ ଅନୁଷ୍ଠାନ ନିଷ୍ପତ୍ତି ନେଇଛି। ଯେଉଁ ଛାତ୍ରୀଛାତ୍ର ୧୦ମ ଶ୍ରେଣୀ ପରୀକ୍ଷା ଦେଇଥିଲେ ସେମାନଙ୍କୁ ଯୁକ୍ତ ୨ ଇଣ୍ଟିଗ୍ରେଟେଡ୍ ଓ ଯୁକ୍ତ ୨ ରେଗୁଲାର ପାଠ୍ୟକ୍ରମରେ ନାମଲେଖା ପାଇଁ ସ୍କଲାର୍ଶିପ ଦିଆଯିବ। ସେହିପରି ଯେଉଁମାନେ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଦେଇଥିଲେ ସେମାନଙ୍କୁ ଇଞ୍ଜିନିୟରିଂ ଓ ମେଡିକାଲ ପ୍ରବେଶିକା ପରୀକ୍ଷା ପ୍ରସ୍ତୁତି ଲାଗି ଟାର୍ଗେଟ ବ୍ୟାଚରେ ନାମଲେଖା ପାଇଁ ସ୍କଲାର୍ଶିପ ମିଳିବ।



ବିରାଟ ଅଧକ୍ଷ ରାହୁଲ ରାଜ (ଡାହାଣ) ସୂଚନା ଦେଉଛନ୍ତି ।

# ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଗଣଧାରଣା

**ଲଖନପୁର ବ୍ଲକ୍ ବିଭାଜନ, ସବ୍‌ଡିଭିଜନ ମାନ୍ୟତା ଦାବି**

ଲଖନପୁର,୨୧।୧(ଡି.ଏନ୍.ଏ.)

ପରିସୀମା, ଜନସଂଖ୍ୟା ଆଦିକୁ ଦେଖିଲେ ଝାରସୁଗୁଡା ଜିଲାର ଲଖନପୁର ବ୍ଲକ୍ ଅନ୍ୟ ବ୍ଲକ୍ ଅପେକ୍ଷା ବହୁ ଅଧିକ । ସ୍ଥାନୀୟ ଲୋକେ ଅନେକ ସମୟରେ ବିଭିନ୍ନ ମୌଳିକ ସେବାରୁ ବଞ୍ଚିତ ହେଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ଅଞ୍ଚଳବାସୀଙ୍କ ତରଫରୁ ବ୍ଲକ୍‌କୁ ୩ଭାଗରେ ବିଭକ୍ତ ସହ ଲଖନପୁରକୁ ସବ୍‌ଡିଭିଜନ ମାନ୍ୟତା ପ୍ରଦାନ ପାଇଁ ଦାବି ହୋଇଆସୁଛି। ଏ ନେଇ ବାରମ୍ବାର ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ବି କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ। ଏହା ବିରୋଧରେ ବ୍ଲକ୍‌ବାସୀ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଏ ନେଇ ଗତ ମାସରେ ଲଖନପୁର ବ୍ଲକ୍ ନାଗରିକ ପରିଷଦ ତରଫରୁ ୫ଦିନ ଧରି ବ୍ଲକ୍ ସମ୍ମୁଖରେ ଗଣଧାରଣା ଦିଆଯାଇଥିଲା। ପୁନର୍ବାର ନାଗରିକ ପରିଷଦ ତରଫରୁ ପୂର୍ବପ୍ରସ୍ତୁତି ଅନୁଯାୟୀ ଗୁରୁବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦିଆଯାଇଥିଲା। ଏହି ଅବସରରେ ବ୍ଲକ୍‌ର ଶତାଧିକ ମହିଳାପୁରୁଷ ବ୍ୟାନର ପୋଷ୍ଟର ଧରି ବେହେରାମାଲ ଛକରୁ ଶୋଭାଯାତ୍ରାରେ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ପରେ ନାଗରିକ ପରିଷଦ କର୍ମକର୍ତ୍ତାମାନେ ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଦେଇଥିଲେ। ସେଠାରେ ବାସୁଦେବ ଭୋଇଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏହାକୁ ରଘୁନନ୍ଦନ ପଣ୍ଡା ପରିଚାଳନା କରିଥିଲେ। ଏଥିରେ ବିରଞ୍ଚି ସାହୁ, ପୀତାମ୍ବର ମିଶ୍ର, ଗୋପୀନାଥ ମାଝି, ସୁବ୍ରତ ପ୍ରଧାନ, ପଦ୍ମିନୀ ସିଂ, ମହମ୍ମଦ ରଉଫ୍, ଗୌତମ ପ୍ରଧାନ, ଲିଙ୍ଗରାଜ ବଡେଇ, ପ୍ରଦୀପ ବିଶ୍ୱାଳ, ସନତ ସିଂହ, ଦିଲୀପ ବଡେଇ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ ।



ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମହିଳାପୁରୁଷଙ୍କ ଗଣଧାରଣା।





## କେଉଁଠି ରହିବେ

### ପାନ୍ଥନିବାସ

- ପାନ୍ଥନିବାସ, ଭୁବନେଶ୍ୱର
- ପାନ୍ଥନିବାସ, ବାଲେଶ୍ୱର
- ପାନ୍ଥନିବାସ, ବରକୁଲ
- ପାନ୍ଥନିବାସ, ଭଦ୍ରକ
- ପାନ୍ଥନିବାସ, କଟକ
- ପାନ୍ଥନିବାସ, ଚାନ୍ଦିପୁର
- ଅରଣ୍ୟ ନିବାସ, ଚାନ୍ଦବାଲି
- ପାନ୍ଥଶାଳା, ଚନ୍ଦନେଶ୍ୱର
- ପାନ୍ଥିକା, ଧଉଳି
- ପାନ୍ଥନିବାସ, ଗୋପାଳପୁର
- ଯାତ୍ରୀନିବାସ, କୋଣାର୍କ
- ପାନ୍ଥନିବାସ, କେନ୍ଦୁଝର
- ପାନ୍ଥଶାଳା, ପଞ୍ଚଲିଙ୍ଗେଶ୍ୱର
- ପାନ୍ଥନିବାସ, ପାରାଦୀପ
- ପାନ୍ଥନିବାସ, ପୁରୀ
- ପାନ୍ଥନିବାସ, ରମ୍ଭା
- ପାନ୍ଥନିବାସ, ରାଉରକେଲା
- ଯାତ୍ରୀନିବାସ, ସାତପଡ଼ା
- ପାନ୍ଥନିବାସ, ସମ୍ବଲପୁର
- ପାନ୍ଥନିବାସ, ତପ୍ତପାଣି
- ଅରଣ୍ୟ ନିବାସ, ଭିତରକନିକା



# ୨୦୨୧ରେ ସମ୍ଭାବନା 'କ୍ରୁଜ୍ ଟୁରିଜମ୍'

ଓଡ଼ିଶାରେ ପରିବେଶ ପର୍ଯ୍ୟଟନର ଅତୀବ ଗୁରୁତ୍ୱ ରହିଛି। ରାଜ୍ୟ ସରକାର ପାରମ୍ପରିକ ପର୍ଯ୍ୟଟନକୁ ନୂଆ ରୂପ ଦେଇ ପର୍ଯ୍ୟଟକଙ୍କ ଆମୋଦ ନିମନ୍ତେ ପ୍ରତିବର୍ଷ ନୂଆ ପଦକ୍ଷେପ ନେବାରେ ଲାଗିଛନ୍ତି। ଇକୋ ରିଟ୍ରିଟ୍‌ଠାରୁ ଆରମ୍ଭ କରି କ୍ରୁଜ୍ ଟୁରିଜମ, ହୋମ୍ ଷ୍ଟେ, ନେଚର କ୍ୟାମ୍ପ ଆଦି ଅଭିନବ ପ୍ରୟାସ ଓଡ଼ିଶା ଟୁରିଜମ୍‌କୁ ନୂଆ ଦିଶା ଦେଖାଇଛି। ଏହା ଦ୍ୱାରା ଦେଶବିଦେଶରେ ରାଜ୍ୟର ପରିଚୟ ବଢ଼ିବା ସହ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବାରେ ଲାଗିଛି।

୨୦୨୧ରେ ପର୍ଯ୍ୟଟକଙ୍କ ପାଇଁ ଅନେକ ନୂଆ ଯୋଜନା ଆସିବାକୁ ଥିବାବେଳେ ଏହାମଧ୍ୟରେ ସବୁଠାରୁ ଆଗରେ ରହିଛି 'କ୍ରୁଜ୍ ଟୁରିଜମ୍' । ଯୁବ ଏବଂ ବିଦେଶୀ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବାକୁ ଚିଲିକା, ମହାନଦୀ, ଭିତରକନିକା, ସାତକୋଶିଆ ଗଣ୍ଡ ଓ ହୀରାକୁଦଠାରେ କ୍ରୁଜ୍ ବ୍ୟବସ୍ଥା କରିବାକୁ ଯୋଜନା ରହିଛି। ୨୦୨୧ ସୁଦ୍ଧା ଏହି ୪ଟି ସ୍ଥାନକୁ ନାଇଟ୍ କ୍ରୁଜ୍ ଭେସେଲ୍ ଅଣାଯିବାକୁ ସମସ୍ତ ବନ୍ଦୋବସ୍ତ ସରିଛି। କଟକ ନିକଟସ୍ଥ ମହାନଦୀରେ ଖୁବ୍‌ଶୀଘ୍ର 'ଦି ସିଲ୍‌ଭର୍ ସିଟି ବୋଟ୍ କ୍ଲବ୍' ଉଦ୍‌ଘାଟିତ ହେବାକୁ ଥିବାବେଳେ ଏଠାରେ ପର୍ଯ୍ୟଟକମାନେ ଆକର୍ଷଣୀୟ ଜଳକ୍ରୀଡ଼ାର ମଜା ନେଇପାରିବେ। ଚିଲିକାରେ ପର୍ଯ୍ୟଟକଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ନୌଚାଳକଙ୍କୁ ପାରମ୍ପରିକ କାଠ ଡଙ୍ଗା ପରିବର୍ତ୍ତେ ଅତ୍ୟାଧୁନିକ ଏଫ୍‌ଆର୍‌ପି ବୋଟ୍ କିଣିବା ଲାଗି ପ୍ରୋତ୍ସାହନର ବ୍ୟବସ୍ଥା କରାଯିବ। ଏହାବାଦ୍ ଫ୍ଲୋଟିଂ ରେଷ୍ଟୁରାଣ୍ଟ, ଜେଟ୍ ସ୍କି, ସ୍ପିଡ୍ ବୋଟ୍, ବାନାନା ବୋଟ୍ ଓ ୱାଟର ଜେଟି ଭଳି ଆକର୍ଷଣୀୟ ବ୍ୟବସ୍ଥା କରି ରାଜ୍ୟରେ ନୌ ପର୍ଯ୍ୟଟନର ଭିତ୍ତିଭୂମିକୁ ସୁଦୃଢ଼ କରିବାକୁ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି। ଏସିଆର ସର୍ବବୃହତ୍ ଲୁଣି ହ୍ରଦ ଚିଲିକା, ରାଜ୍ୟର ୪୮୨ କି.ମି. ସୁଦୀର୍ଘ ଉପକୂଳ, ୮ଟି ବୃହତ୍ ଜଳଭଣ୍ଡାର ସହ ସୌନ୍ଦର୍ଯ୍ୟପୂର୍ଣ୍ଣ ଜଳାଶୟଗୁଡ଼ିକରେ ଜଳକ୍ରୀଡ଼ା, ଆମୋଦପୂର୍ଣ୍ଣ କ୍ରୀଡ଼ା ସହ ହାଉସ୍-ବୋଟ ଭଳି ପର୍ଯ୍ୟଟନଧର୍ମୀ କାର୍ଯ୍ୟକ୍ରମ କରାଯିବ। ଓଡ଼ିଶାରେ ନୌ ପର୍ଯ୍ୟଟନର ବିକାଶ ନିମନ୍ତେ ଆଇଡବ୍ଲ୍ୟୁଏଆଇ ସହାୟତାରେ ବିଭିନ୍ନ ସ୍ଥାନରେ ନୌକା ବିହାରର ବ୍ୟବସ୍ଥା କରାଯିବ। ଚିଲିକାର ରମ୍ଭା ଏବଂ ବଡ଼କୂଳରେ ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ଫ୍ଲୋଟିଂ ରେଷ୍ଟୁରାଣ୍ଟ ବା ଭାସମାନ ଭୋଜନାଳୟ ବ୍ୟବସ୍ଥା କରିବାକୁ ଯୋଜନା ରହିଛି। ସର୍ଫିଙ୍ଗ୍‌କୁ ଲୋକପ୍ରିୟ କରାଇବାକୁ ଚଳିତବର୍ଷ ପ୍ରଥମଥର ପାଇଁ କୋଣାର୍କ ଇକୋ-ରିଟ୍ରିଟ୍‌ରେ ପର୍ଯ୍ୟଟକଙ୍କ ଲାଗି ସର୍ଫିଂ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି।




## ସୁଦୃଢ଼ ହେବ 'ହୋମ୍ ଷ୍ଟେ' ଭିତ୍ତିଭୂମି

ରାଜ୍ୟରେ ପର୍ଯ୍ୟଟନର ବିକାଶ ଲାଗି ପରିବେଶ ପର୍ଯ୍ୟଟନସ୍ଥଳୀଗୁଡ଼ିକରେ ହୋମ୍ ଷ୍ଟେ' ବ୍ୟବସ୍ଥା କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ପର୍ଯ୍ୟଟକମାନେ ଯେପରି ଓଡ଼ିଶାର ପାରମ୍ପରିକ ଖାଦ୍ୟ, ଏଠାକାର କଳା, ସଂସ୍କୃତି ଏବଂ ସାମାଜିକ ଚଳଣି ଆଦିକୁ ଅନୁଭବ କରିପାରିବେ ସେନେଇ ହୋମ୍ ଷ୍ଟେ' ମାଲିକମାନଙ୍କୁ ମଧ୍ୟ ପ୍ରଶିକ୍ଷଣ ଦିଆଯିବ। ହୋଟେଲ ନେଟ୍‌ୱାର୍କ ନଥିବା ଓଡ଼ିଶାର ଆଭ୍ୟନ୍ତରୀଣ ଅଞ୍ଚଳଗୁଡ଼ିକରେ ହୋମ୍ ଷ୍ଟେ' ସୁବିଧା ଉପଲବ୍ଧ କରାଯିବ। ହୋମ୍ ଷ୍ଟେ' ଗୁଡ଼ିକରେ ପର୍ଯ୍ୟଟକଙ୍କୁ ଉନ୍ନତମାନର ଆତିଥ୍ୟ ସହ ସ୍ୱଚ୍ଛ ପରିବେଶ, ସୁରକ୍ଷା ବ୍ୟବସ୍ଥା ଆଦି ଯୋଗାଇ ଦିଆଯିବ। ଏୟାର ବିଏନ୍‌ବି, ଓୟୋ ଏବଂ ମେକ୍ ମାଇଁ ଟ୍ରିପ୍ ଭଳି ଅନ୍‌ଲାଇନ୍ ଟ୍ରାଭେଲ ଆଗ୍ରେଗେଟର୍ସ ସାଇଟ୍‌ଗୁଡ଼ିକରେ ଏହି ହୋମ୍ ଷ୍ଟେ'ଗୁଡ଼ିକୁ ଲିଙ୍କ୍ କରାଯିବ। ତେବେ ଏଥିଲାଗି ସ୍ଥାନୀୟ ହୋମ୍ ଷ୍ଟେ' ୟୁନିଟ୍ ମାଲିକ ଏବଂ ସରକାରୀ ଅଧିକାରୀଙ୍କୁ ପର୍ଯ୍ୟଟନ ଏବଂ ଜଙ୍ଗଲ ଓ ପରିବେଶ ବିଭାଗ ସ୍ୱତନ୍ତ୍ରଭାବେ ପ୍ରଶିକ୍ଷଣ ଦେବ। ହୀରକ ତ୍ରିଭୁଜ ତଥା ବୁଦ୍ଧିଷ୍ଟ ସର୍କିଟ(ରତ୍ନଗିରି-ଉଦୟଗିରି-ଲଳିତଗିରି), କୋରାପୁଟ ଜିଲାର ଓଙ୍କାଡେଲି, କେନ୍ଦ୍ରାପଡ଼ା ଜିଲାର ଭିତରକନିକା ଜାତୀୟ ଉଦ୍ୟାନ, ଖୋଲା, ଗୁପ୍ତି, ଡାଙ୍ଗମାଳ, କନ୍ଧମାଳ ଜିଲାର ଦାରିଙ୍ଗବାଡ଼ି, ବେଲଘର, ମୟୂରଭଞ୍ଜର ଶିମିଳିପାଳ, ଯଶୀପୁର, ପିଠାବାଟ, ଅନୁଗୋଳ ଜିଲାର ଟିକରପଡ଼ା, ସାତକୋଶିଆ, ଖୋର୍ଦ୍ଧାର ମଙ୍ଗଳାଯୋଡ଼ି ଓ ଚିଲିକା ଏବଂ ବରଗଡ଼ ଜିଲାର ଡୋଡ୍ରୋକୁସୁମ ଓ ଜିରୋ ପଏଣ୍ଟରେ ପ୍ରଥମ ପର୍ଯ୍ୟାୟରେ ହୋମ୍ ଷ୍ଟେ' ବ୍ୟବସ୍ଥା ଉପଲବ୍ଧ କରିବାକୁ ଗୁରୁତ୍ୱ ଦିଆଯିବ।



କୋଭିଡ୍ ପରବର୍ତ୍ତୀ ସମୟରେ ରାଜ୍ୟରେ ପର୍ଯ୍ୟଟନ ଶିଳ୍ପର ପୁନରୁଦ୍ଧାର ପାଇଁ ଓଡ଼ିଶା ଟୁରିଜମ୍ ପକ୍ଷରୁ ଏକାଧିକ କ୍ୟାମ୍ପେନ୍ ଆରମ୍ଭ କରାଯାଇଛି। ଏହି କ୍ୟାମ୍ପେନ୍ ମାଧ୍ୟମରେ ଆଞ୍ଚଳିକ ପର୍ଯ୍ୟଟନର ପ୍ରଚାର ପ୍ରସାର ଲକ୍ଷ୍ୟ ରହିଛି। 'ଓଡ଼ିଶା ବାଇ ରୋଡ୍' କ୍ୟାମ୍ପେନ୍ ଦ୍ୱାରା ଓଡ଼ିଶାର ସହର, ଗ୍ରାମାଞ୍ଚଳ, ବିଚ୍, ଲ୍ୟାଣ୍ଡସ୍କେପ୍, ଜଙ୍ଗଲ, ବନ୍ୟଜନ୍ତୁ, ହିଲ୍ ଷ୍ଟେଶନ, ଜନଜାତି ସଂସ୍କୃତି ଓ ପରମ୍ପରା, ଓଡ଼ିଶାର ହସ୍ତତନ୍ତ ଓ ହସ୍ତଶିଳ୍ପ, ଐତିହ୍ୟକୁ ପର୍ଯ୍ୟଟକଙ୍କ ନିକଟରେ ପହଞ୍ଚାଯାଇ ପାରୁଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆହ୍ୱାନକ୍ରମେ ପୁରୀ ଶ୍ରୀଜଗନ୍ନାଥ ମନ୍ଦିରର ସୌନ୍ଦର୍ଯ୍ୟକରଣ ଦ୍ୱାରା ଆଧ୍ୟାତ୍ମିକ ପର୍ଯ୍ୟଟନକୁ ଆଉପାଦେ ଆଗକୁ ନିଆଯାଇଛି। ହୋମ୍ ଷ୍ଟେ' ଏବଂ ହେରିଟେଜ୍ ଷ୍ଟେ'କୁ ଅଧିକ ପ୍ରୋତ୍ସାହିତ କରିବାକୁ ଯୋଜନା ରହିଛି। ଚିଲିକା, ହୀରାକୁଦ, ଭିତରକନିକାରେ କ୍ରୁଜ୍ ଓ ହାଉସବୋଟ୍ ବ୍ୟବସ୍ଥା ଆରମ୍ଭ କରିବାକୁ ଯୋଜନା ରହିଛି। ଆମ ପାଖରେ ଯେଉଁ ସମ୍ବଳ ଏବଂ ଉପାଦାନ ଉପଲବ୍ଧ ଅଛି, ତାହାକୁ କିଭଳି ଆମେ ଅଭିନବ ଭାବରେ ବ୍ୟବହାର କରି ପର୍ଯ୍ୟଟକଙ୍କ ନିକଟରେ ପହଞ୍ଚିପାରିବୁ ସେଥିଲାଗି ଓଡ଼ିଶା ପର୍ଯ୍ୟଟନର ପ୍ରୟାସ ଜାରିରହିଛି।

**- ବିଶାଳ ଦେବ, ସଚିବ, ପର୍ଯ୍ୟଟନ ବିଭାଗ**

ଓଡ଼ିଶାର ପ୍ରାକୃତିକ ସୌନ୍ଦର୍ଯ୍ୟର ମଜାନେବା ଓ ସାଙ୍ଗସାଥୀଙ୍କ ମେଳରେ ମଉଜମସ୍ତି କରିବା ଲାଗି ଚଳିତବର୍ଷ ପ୍ରଥମଥର ପାଇଁ ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ(ଓଟିଡିସି) ପକ୍ଷରୁ ବଣଭୋଜି ପ୍ୟାକେଜ୍‌ର ବ୍ୟବସ୍ଥା କରାଯାଇଛି। ଘରୋଇ ପର୍ଯ୍ୟଟକଙ୍କ ପାଇଁ ଏଭଳି ବ୍ୟବସ୍ଥା କରିଛି ଓଟିଡିସି। ପ୍ରାରମ୍ଭିକ ପର୍ଯ୍ୟାୟରେ ଭୁବନେଶ୍ୱର ଉପକଣ୍ଠରେ ଥିବା ଚନ୍ଦକା, ଡେରାସ ଓ ଗୋଡ଼ିବାରିରେ ଏହି ସୁବିଧା ଉପଲବ୍ଧ କରାଯାଇଛି। ଏହାବାଦ୍ ଭିତରକନିକା ଜାତୀୟ ଉଦ୍ୟାନର ଡାଙ୍ଗମାଳ ଏବଂ ସାତକୋଶିଆର ବଡ଼ମୂଳଠାରେ ମଧ୍ୟ ଏହି ସୁବିଧା ଉପଲବ୍ଧ ହୋଇଛି। ଚନ୍ଦକା, ଡେରାସ ଓ ଗୋଡ଼ିବାରି ପ୍ୟାକେଜ୍‌ରେ ପର୍ଯ୍ୟଟକମାନେ କୋଭିଡ୍ ଗାଇଡଲାଇନକୁ ପାଳନ କରି ଚନ୍ଦକା ଜଙ୍ଗଲରେ ଓପନ୍ ଜିପ୍ ସଫାରି, ସାଇକେଲିଂ ଓ ଟ୍ରେକିଂ ଆଦିର ଅନୁଭୂତି ନେଇପାରିବେ। ଡାଙ୍ଗମାଳ ବଣଭୋଜି ପ୍ୟାକେଜରେ ପର୍ଯ୍ୟଟକ ଓଟିଡିସି ପକ୍ଷରୁ କରାଯାଇଥିବା ଅତିଥିନିବାସରେ ଖାଇବା ସହ ଜଙ୍ଗଲ ଟ୍ରେକିଂ ଓ ବୋଟିଂର ମଜା ପାଇପାରିବେ। ସାତକୋଶିଆ ବଡ଼ମୂଳଠାରେ ଜଣେ ପର୍ଯ୍ୟଟକକୁ ଖାଦ୍ୟପେୟ ସହ ଯାତାୟାତ ସୁବିଧା, ସାଇକେଲିଂ ଟ୍ରେକିଂ, ବୋଟିଂ, କେନୋପି ୱାକ୍ ଆଦିର ଅନୁଭୂତି ମିଳିପାରିବ।

## ପ୍ୟାକେଜ୍ ବଣଭୋଜି





ରାଜ୍ୟରେ ବୌଦ୍ଧ ଐତିହ୍ୟ କୀର୍ତ୍ତିରାଜିର ବିକାଶ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ପର୍ଯ୍ୟଟନ ବିଭାଗ ପକ୍ଷରୁ ହାତକୁ ନିଆଯାଇଛି





## ବଢୁଛି ନେଚରକ୍ୟାମ୍ପ

ଗୋଷ୍ଠୀ ପରିଚାଳିତ ପରିବେଶ ପର୍ଯ୍ୟଟନସ୍ଥଳୀ ତଥା ନେଚର କ୍ୟାମ୍ପ ମାଧ୍ୟମରେ ଓଡ଼ିଶା ସମଗ୍ର ଦେଶ ପାଇଁ ଉଦାହରଣ ସୃଷ୍ଟିକରିଛି। ସଷ୍ଟେନେବୁଲ୍ ଟୁରିଜମ୍‌ର ବିକାଶ ପାଇଁ ରାଜ୍ୟର ୧୮ଟି ଜିଲାରେ ୪୭ଟି ନେଚରକ୍ୟାମ୍ପ ପ୍ରତିଷ୍ଠା ହୋଇଛି। ଏହାମଧ୍ୟରେ ମାଲକାନାଗିରି, ସୁନ୍ଦରଗଡ଼, କନ୍ଧମାଳ, ବରଗଡ଼, ନୟାଗଡ଼, ମୟୂରଭଞ୍ଜ ଭଳି ଆଦିବାସୀ ଅଧ୍ୟୁଷିତ ଏବଂ ଆଭ୍ୟନ୍ତରୀଣ ଜିଲା ରହିଛି। ଏହି ନେଚର କ୍ୟାମ୍ପ ମାଧ୍ୟମରେ ରାଜ୍ୟର ୬୦୦ ସ୍ଥାନୀୟ ବାସିନ୍ଦା ନିଯୁକ୍ତି ସୁଯୋଗ ପାଇପାରିଛନ୍ତି। ୨୦୧୯-୨୦ରେ ଏହି ନେଚରକ୍ୟାମ୍ପଗୁଡ଼ିକରେ ୪୬ହଜାର ପର୍ଯ୍ୟଟକ ରାତ୍ରରହଣି କରିଥିବାବେଳେ ଏହାଦ୍ୱାରା ରାଜ୍ୟକୁ ୬.୮୫ କୋଟି ଟଙ୍କାର ରାଜସ୍ୱ ମିଳିପାରିଛି, ଯାହାକି ବିଗତବର୍ଷଗୁଡ଼ିକଠାରୁ ଢେର୍ ଅଧିକ। ଏହାକୁ ଦୃଷ୍ଟିରେ ରଖି ଶିମିଳିପାଳ ବରେହିପାଣି, ଚାନ୍ଦିପୁର, ମାଲକାନାଗିରି ଜିଲାର ଚିତ୍ରକୋଣ୍ଡା ଓ ସତୀଗୁଡ଼ା, ନୃସିଂହନାଥ, କୋରାପୁଟର ପାଇନ ଜଙ୍ଗଲ, ନୂଆପଡ଼ାର ପାଟୋରା ଡ୍ୟାମ୍ ଏବଂ ସୁନ୍ଦରଗଡ଼ର ଟେନ୍‌ସାକୁ ରାଜ୍ୟର ନୂତନ ଇକୋଟୁର୍ ଡେଷ୍ଟିନେଶନ କରାଯାଇଛି। ଆଗାମୀଦିନରେ ନେଚରକ୍ୟାମ୍ପର ଶଯ୍ୟାସଂଖ୍ୟାକୁ ଦୁଇଗୁଣା କରିବାକୁ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି।



## ବିଶ୍ୱସ୍ତରୀୟ ହେବ ୪୬ ପର୍ଯ୍ୟଟନସ୍ଥଳୀ

ରାଜ୍ୟର ପ୍ରତ୍ୟେକ ପର୍ଯ୍ୟଟନସ୍ଥଳୀକୁ ଯେପରି ଘରୋଇ ଓ ବିଦେଶୀ ପର୍ଯ୍ୟଟକଙ୍କ ପାଇଁ ଉପଯୋଗୀ କରାଯାଇପାରିବ ସେନେଇ ରାଜ୍ୟ ସରକାର ଗୁରୁତ୍ୱ ଦେଇଛନ୍ତି। ଏଥିପାଇଁ ପର୍ଯ୍ୟଟନସ୍ଥଳୀଗୁଡ଼ିକରେ ଆବଶ୍ୟକ ଜରୁରୀ ଭିତ୍ତିଭୂମିର ବିକାଶ କରାଯାଉଛି। ତେବେ ପ୍ରାଥମିକ ପର୍ଯ୍ୟାୟରେ ରାଜ୍ୟର ୪୬ଟି ପର୍ଯ୍ୟଟନସ୍ଥଳୀକୁ ବିକଶିତ କରିବାକୁ ଯୋଜନା ରହିଛି। ଏଠାରେ ଉନ୍ନତମାନର ସଡ଼କପଥ ସଂଯୋଗ ସହ ପାଥ୍‌ୱେ ଏବଂ ପାର୍କିଂ, ପାନୀୟ ଜଳ ବ୍ୟବସ୍ଥା, ବିଦ୍ୟୁତ୍ ଭିତ୍ତିଭୂମି, ୱାଚ୍ ଟାୱାର, ଶୌଚାଳୟ, ପର୍ଯ୍ୟଟନସ୍ଥଳୀର ସୌନ୍ଦର୍ଯ୍ୟକରଣ, ରେଷ୍ଟୁରାଣ୍ଟ ଏବଂ ଶପିଂ ସେଣ୍ଟର, କାଫେଟେରିଆ, ରହଣିସ୍ଥଳ, କଠିନ ବର୍ଜ୍ୟବସ୍ତୁ ପରିଚାଳନା ଆଦିର ବ୍ୟବସ୍ଥା କରାଯିବ। ବାର୍ଷିକ ପର୍ଯ୍ୟଟକଙ୍କ ଆଗମନ ସହ ପର୍ଯ୍ୟଟନସ୍ଥଳୀର ଗୁରୁତ୍ୱକୁ ଦୃଷ୍ଟିରେ ରଖି ଏହି ୪୬ଟି ପର୍ଯ୍ୟଟନସ୍ଥଳୀ ଚୟନ କରାଯାଇଛି। ଏହାବାଦ୍ ତାଳସାରି-ଉଦୟପୁର ବିଚ୍‌ଫ୍ରଣ୍ଟ, ପୁରୀ-କୋଣାର୍କ ବିଚ୍‌ଫ୍ରଣ୍ଟ ଏବଂ ମହେନ୍ଦ୍ରଗିରିର ସାମଗ୍ରିକ ବିକାଶ କରାଯିବ।

## ଗେମ୍‌ଚେଞ୍ଜର 'ଇକୋ ରିଟ୍ରିଟ୍'

ଚଳିତବର୍ଷ ରାଜ୍ୟରେ ୫ଟି ସ୍ଥାନରେ ଆୟୋଜିତ ହେଉଥିବା ଗ୍ଲାମ୍ପିଂ ଫେଷ୍ଟିଭାଲ 'ଇକୋ ରିଟ୍ରିଟ୍'ରେ ପର୍ଯ୍ୟଟକମାନେ ଲକ୍‌ଜୁରି କଟେଜ୍, ଆଡ୍‌ଭେଞ୍ଚର ସ୍ପୋର୍ଟସ, ୱାଟର୍ ସ୍ପୋର୍ଟସ, ବିଚ୍ ଭଲିବଲ୍, ପାରାସେଲିଂ, ଥେରାପେଟିକ୍ ୱାକ୍, ବିଚ୍ ସ୍ପା, ସେଲିବ୍ରିଟି ଡିଜେ, ଖ୍ୟାତନାମା ବ୍ୟାଣ୍ଡ ଓ ମନପସନ୍ଦର ଖାଦ୍ୟର ଅନୁଭବ ସାଉଁଟି ପାରୁଛନ୍ତି। ଫେବୃୟାରୀ ୨୮ ତାରିଖ ପର୍ଯ୍ୟନ୍ତ ରାମଚଣ୍ଡୀ ବେଳାଭୂମି ସମେତ ଭିତରକନିକା, ଦାରିଙ୍ଗବାଡ଼ି, ହୀରାକୁଦ ଏବଂ ସାତକୋଶିଆରେ ଆୟୋଜିତ ଇକୋ ରିଟ୍ରିଟ୍‌କୁ ଏଥର ବିପୁଳ ସଫଳତା ମିଳିଥିବାବେଳେ ଡିସେମ୍ବର ଶେଷ ଦୁଇ ସପ୍ତାହରେ ଶତ ପ୍ରତିଶତ ବୁକିଂ ହୋଇଛି। ଏଥର ପ୍ରଥମଥର ପାଇଁ ଇକୋ ରିଟ୍ରିଟ୍‌ରେ ଡେଷ୍ଟିନେଶନ ୱେଡିଂର ବ୍ୟବସ୍ଥା କରାଯାଇଛି। 'ମାଇସ୍ ଟୁରିଜମ୍'କୁ ନଜରରେ ରଖି ଏଠାରେ ସ୍ୱତନ୍ତ୍ର କନ୍‌ଫରେନ୍ସ ହଲ୍ କରାଯାଇଥିବା ବେଳେ ଏଥିପାଇଁ ସ୍ୱତନ୍ତ୍ର କର୍ପୋରେଟ୍ ପ୍ୟାକେଜ୍ ରହିଛି।









# ନୂଆ ରୂପରେ 'ଧାର୍ମିକ ପର୍ଯ୍ୟଟନ'

ମାଳ ମାଳ ମନ୍ଦିର ଓ ଧାର୍ମିକସ୍ଥଳ ପାଇଁ ବିଶ୍ୱ ଦରବାରରେ ଓଡ଼ିଶାର ଖ୍ୟାତି ରହିଛି। ହେଲେ ବିଭିନ୍ନ ଅବ୍ୟବସ୍ଥା ଏବଂ ଭିତ୍ତିଭୂମି ବିକାଶ ଅଭାବରୁ ଏହି ଧାର୍ମିକସ୍ଥଳିଗୁଡ଼ିକ ପର୍ଯ୍ୟଟନ ମାନଚିତ୍ରରେ ଉଚିତ୍ ସ୍ଥାନ ପାଇପାରୁ ନ ଥିଲା। ନିକଟରେ ରାଜ୍ୟ ସରକାରଙ୍କ 'ହେରିଟେଜ୍ କରିଡର୍' ବିକାଶ ଯୋଜାନା ମାଧ୍ୟମରେ ପୁରୀ ଶ୍ରୀମନ୍ଦିର, ଭୁବନେଶ୍ୱରସ୍ଥିତ ଲିଙ୍ଗରାଜ ମନ୍ଦିର ଏବଂ ସମ୍ବଲପୁରର ମା' ସମଲେଶ୍ୱରୀ ମନ୍ଦିର ନୂଆ ରୂପ ପାଇଛି। ମନ୍ଦିର ଚର୍ତ୍ତୁଃପାର୍ଶ୍ୱ ସୌନ୍ଦର୍ଯ୍ୟକରଣ ସହ ଶ୍ରଦ୍ଧାଳୁଙ୍କ ଯାତାୟାତକୁ ବ୍ୟବସ୍ଥିତ କରାଯାଇଛି। ଏହାସହ ଏହି ଯୋଜନା ମାଧ୍ୟମରେ ଏକାମ୍ର କ୍ଷେତ୍ରର ପ୍ରମୁଖ ଐତିହାସିକ ମନ୍ଦିର ଏବଂ ଚତୁଃପାର୍ଶ୍ୱ, କୋଣାର୍କ ସୂର୍ଯ୍ୟ ମନ୍ଦିରର ମଧ୍ୟ ଉନ୍ନତୀକରଣ କରାଯିବାର ଯୋଜନା ରହିଛି। ଏହାଦ୍ୱାରା ରାଜ୍ୟର ଧାର୍ମିକ ପର୍ଯ୍ୟଟନସ୍ଥଳକୁ ନୂଆ ପରିଚୟ ମିଳିଥିବାବେଳେ ଅଧିକ ସଂଖ୍ୟକ ପର୍ଯ୍ୟଟକଙ୍କୁ ଏହା ଆକର୍ଷିତ କରିପାରିବ ବୋଲି ରାଜ୍ୟ ପର୍ଯ୍ୟଟନ ବିଭାଗ ଆଶା ରଖିଛି।

**ରାଜ୍ୟର ପରିବେଶ ପର୍ଯ୍ୟଟନ ସାଙ୍ଗକୁ ଆଧାତ୍ମିକ କ୍ଷେତ୍ରର ବିକାଶ ସରକାରଙ୍କ ମୂଳଲକ୍ଷ୍ୟ ରହିଆସିଛି। ପୁରୀ ଶ୍ରୀମନ୍ଦିର ଏବଂ ଭୁବନେଶ୍ୱର ଲିଙ୍ଗରାଜ ମନ୍ଦିରର ଚତୁଃପାର୍ଶ୍ୱ ନୂଆରୂପରେ ସଜେଇ ହୋଇଛି। ଏଥିସହ ପାରମ୍ପରିକ ପର୍ଯ୍ୟଟନ କ୍ଷେତ୍ରର ବିକାଶ ମାଧ୍ୟମରେ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ନିମନ୍ତେ ବିଭିନ୍ନ ବ୍ୟବସ୍ଥା ଗ୍ରହଣ କରାଯାଇଛି। 'ଓଡ଼ିଶା ଡାକୁଛି ଆ' ଠାରୁ ଆରମ୍ଭ କରି 'ଓଡ଼ିଶା ବାଇ ରୋଡ୍'ହୋଟେଲ ହେରିଟେଜ୍ ଆଦି ଭିତ୍ତିଭୂମିର ଉନ୍ନତି କରାଯାଇ ରାଜ୍ୟକୁ ଦେଶବିଦେଶରେ ଏକ ଭିନ୍ନ ପରିଚୟ ସୃଷ୍ଟି କରାଯାଇପାରିଛି।**

## ଫାଇନ୍ ଡାଇନିଂରେ ପାରମ୍ପରିକ ଓଡ଼ିଆ ଖାଦ୍ୟ

ପର୍ଯ୍ୟଟକଙ୍କୁ ପାରମ୍ପରିକ ଓଡ଼ିଆ ଖାଦ୍ୟ ପରଷିବାକୁ ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ(ଓଟିଡିସି) ପକ୍ଷରୁ ଆରମ୍ଭ ହେବ ନୂଆ ଫାଇନ୍ ଡାଇନିଂ ରେଷ୍ଟୁରାଣ୍ଟ ଚେନ୍ 'ନିମନ୍ତ୍ରଣ'। ଏହି ନୂତନ ରେଷ୍ଟୁରାଣ୍ଟ ଚେନ୍ ମାଧ୍ୟମରେ ସମଗ୍ର ରାଜ୍ୟରେ ପାରମ୍ପରିକ ଓଡ଼ିଆ ଖାଦ୍ୟକୁ ପ୍ରୋତ୍ସାହିତ କରାଯିବ। ବିଶେଷକରି ହଜିଯାଉଥିବା ଓଡ଼ିଆ ଖାଦ୍ୟକୁ ଏହି ରେଷ୍ଟୁରାଣ୍ଟ ରାଜ୍ୟ ଓ ଦେଶ ବାହାରର ପର୍ଯ୍ୟଟକଙ୍କ ନିକଟରେ ପହଞ୍ଚାଇବ। ବିଭିନ୍ନ ଜିଲ୍ଲାର ଲୋକପ୍ରିୟ ଖାଦ୍ୟକୁ ନେଇ ମେନ୍ୟୁରେ ସ୍ଥାନିତ କରାଯିବ। ପ୍ରଥମ ପର୍ଯ୍ୟାୟରେ ଭୁବନେଶ୍ୱର, ପୁରୀ ଏବଂ ସମ୍ବଲପୁରରେ ଏହି 'ନିମନ୍ତ୍ରଣ' ରେଷ୍ଟୁରାଣ୍ଟ ଖୋଲିବାକୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ତେବେ ଏହି ରେଷ୍ଟୁରାଣ୍ଟ ମାଧ୍ୟମରେ ପ୍ରଥମଥର ପାଇଁ ପାରମ୍ପରିକ ଓଡ଼ିଆ ଖାଦ୍ୟ ସହ ଲୋକେ ଫାଇନ୍ ଡାଇନିଂର ମଜା ନେଇପାରିବେ। ଏହାସହ 'ଫୁଡ୍ ଅନ୍ ହ୍ୱିଲ୍' ମାଧ୍ୟମରେ ଭୁବନେଶ୍ୱର ଏବଂ ପୁରୀରେ ଓଟିଡିସି ପକ୍ଷରୁ ଓଡ଼ିଆ ଖାଦ୍ୟ ପରଷାଯିବ। ନିକଟରେ ପୁରୀ ବ୍ଲୁ ଫ୍ଲାଗ୍ ବିଚ୍‌ରେ ଓଟିଡିସି ପକ୍ଷରୁ 'ଦି ହ୍ୱାଇଟ୍ କ୍ରାବ୍' କାଫେଟେରିଆ ଖୋଲାଯାଇଥିବା ବେଳେ ଚନ୍ଦ୍ରଭାଗା ବେଳାଭୂମିରେ 'ଚନ୍ଦ୍ରଭାଗା ବିଚ୍ କାଫେ' ଖୋଲାଯାଇଛି।






## ଓଡ଼ିଶା ଡାକୁଛି 'ଆ'

ବନ୍ୟା, ବାତ୍ୟା ଓ ମହାମାରୀ ଭଳି ପ୍ରାକୃତିକ ବିପର୍ଯ୍ୟୟ ପର୍ଯ୍ୟଟନ ଭିତ୍ତିଭୂମିକୁ ଦୋହଲାଇ ଦେଇଥିଲେ ମଧ୍ୟ ହାର୍ ମାନିନି ଓଡ଼ିଶା। କେବଳ ପର୍ଯ୍ୟଟନସ୍ଥଳୀ ନୁହେଁ, ରାଜ୍ୟର ଐତିହାସିକ କୀର୍ତ୍ତିରାଜି, କଳା, ସଂସ୍କୃତି, ନୃତ୍ୟ, ସଙ୍ଗୀତ, ହସ୍ତତନ୍ତ, ହସ୍ତଶିଳ୍ପ ଏବଂ ପାରମ୍ପରିକ ଓଡ଼ିଆ ଖାଦ୍ୟସମ୍ଭାର ମାଧ୍ୟମରେ ପର୍ଯ୍ୟଟକଙ୍କ ହୃଦୟ ଜିତିପାରିଛି ଓଡ଼ିଶା। ରାଜ୍ୟର ପରିବେଶ ପର୍ଯ୍ୟଟନ ଶିଖର ଛୁଇଁଥିବା ବେଳେ ପଛରେ ପଡ଼ିନି ଆଡ୍‌ଭେଞ୍ଚର ଓ ୱାଟର୍ ସ୍ପୋର୍ଟସ ଟୁରିଜମ୍। 'ଇକୋ ରିଟ୍ରିଟ୍' ମାଧ୍ୟମରେ ଯୁବ ପର୍ଯ୍ୟଟକଙ୍କ ନିକଟତର ହେବାର ପ୍ରଚେଷ୍ଟା କରିଛି ଓଡ଼ିଶା ପର୍ଯ୍ୟଟନ। ପୂର୍ବ ଭାରତର ଏକମାତ୍ର ଗ୍ଲାମ୍ପିଂ ଫେଷ୍ଟିଭାଲ ଆୟୋଜନ କରି ଓଡ଼ିଶା ଉଦାହରଣ ସୃଷ୍ଟି କରିଥିବା ବେଳେ ରିକ୍ରିଏଶନ୍ ଏବଂ ମାଇସ୍ ଟୁରିଜମ୍‌ର ପ୍ରଚାର ପ୍ରସାର ମାଧ୍ୟମରେ ଓଡ଼ିଶା ପ୍ରତି ଅଧିକ ପର୍ଯ୍ୟଟକ ଆକର୍ଷିତ ହୋଇଛନ୍ତି। ସୁଦୀର୍ଘ ବେଳାଭୂମି ସାଙ୍ଗକୁ ପ୍ରାକୃତିକ ସୌନ୍ଦର୍ଯ୍ୟଭରା ପରିବେଶ ପର୍ଯ୍ୟଟନ କ୍ଷେତ୍ର। ମାଳମାଳ ମନ୍ଦିରକୁ ନେଇ ଐତିହ୍ୟର ଗନ୍ତାଘର ଓଡ଼ିଶା। ସେଥିପାଇଁ କଥାରେ ଅଛି ଯାହା ନାହିଁ ଭାରତରେ ତାହା ଅଛି ଓଡ଼ିଶାରେ। ଐତିହ୍ୟ, କୀର୍ତ୍ତିରାଜି, କଳାକୃତି, ବନ୍ୟଜନ୍ତୁ, ପରିବେଶ ଓ ପ୍ରାକୃତିକ ସମ୍ପଦ, ସବୁକ୍ଷେତ୍ରରେ ଓଡ଼ିଶାର ସ୍ଥାନ ରହିଛି ବହୁ ଆଗରେ। ଆଦିବାସୀ ଏବଂ ହସ୍ତତନ୍ତ ଓ ହସ୍ତଶିଳ୍ପ ପର୍ଯ୍ୟଟନ ରାଜ୍ୟକୁ ଦେଇଛି ଏକ ନୂଆ ପରିଚୟ।

## କୋଭିଡ୍ ସମୟରେ ପର୍ଯ୍ୟଟକଙ୍କ ସୁରକ୍ଷା

ରାଜ୍ୟକୁ ଆସୁଥିବା ପର୍ଯ୍ୟଟକ ଯେପରି କୋଭିଡ୍‌ରୁ ସୁରକ୍ଷିତ ରହିବେ ତାହା ନିଶ୍ଚିନ୍ତ କରିବାକୁ ରାଜ୍ୟ ପର୍ଯ୍ୟଟନ ବିଭାଗ ହୋଟେଲ ଓ ହସ୍ପିଟାଲିଟି କ୍ଷେତ୍ରରେ ସେବା ଯୋଗାଇ ଦେଉଥିବା ସଂସ୍ଥାଗୁଡ଼ିକ ସହ ମିଳିତଭାବେ କାର୍ଯ୍ୟକରୁଛି। ପର୍ଯ୍ୟଟକଙ୍କ ସୁରକ୍ଷା ପାଇଁ ହୋଟେଲଗୁଡ଼ିକରେ କୋଭିଡ୍ ଗାଇଡ୍‌ଲାଇନ୍‌ର କଡ଼ାକଡ଼ି ପାଳନ କରିବାକୁ ହୋଟେଲ ଆଣ୍ଡ୍ ରେଷ୍ଟୁରାଣ୍ଟ ଆସୋସିଏଶନ ଅଫ୍ ଓଡ଼ିଶା(ଏଚ୍‌ଆର୍‌ଏଓ)କୁ ନିର୍ଦ୍ଦେଶ ଦେଇଛି ବିଭାଗ। ଏହାସହ ଜିଲାସ୍ତରରେ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ପର୍ଯ୍ୟଟନସ୍ଥଳୀରେ ବିଭାଗ ଦ୍ୱାରା ପ୍ରସ୍ତୁତ କୋଭିଡ୍-୧୯ ସେଫ୍ଟି ପ୍ରୋଟୋକଲ୍‌ର ପାଳନ ହେଉଛି ନା ନାହିଁ ତାହାର ଯାଞ୍ଚ କରାଯାଉଛି। ଏହାବ୍ୟତୀତ ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ(ଓଟିଡିସି) ପରିଚାଳିତ ପାନ୍ଥନିବାସ ଏବଂ ପାନ୍ଥିକା ଏବଂ ଗୋଷ୍ଠୀ ପରିଚାଳିତ ନେଚର କ୍ୟାମ୍ପର କର୍ମଚାରୀଙ୍କୁ ଆଇଏଚ୍‌ଏମ୍ ଏବଂ ଆଇଆଇଟିଟିଏମ୍ ଦ୍ୱାରା କୋଭିଡ୍-୧୯ ସୁରକ୍ଷା ସମ୍ପର୍କିତ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି। ସେହିଭଳି ବିଭାଗ ପକ୍ଷରୁ ରାଜ୍ୟର ୫ଟି ସ୍ଥାନରେ ଆୟୋଜିତ ଇକୋ-ରିଟ୍ରିଟ୍‌ରେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ସମସ୍ତ ଗାଇଡ୍‌ଲାଇନ ଓ ଏସ୍‌ଓପି ଅନୁପାଳନ କରାଯାଉଛି। କୋଭିଡ୍ ସଂକ୍ରମଣକୁ ଦୃଷ୍ଟିରେ ରଖି କଣ୍ଟାକ୍ଟଲେସ୍ ଚେକ୍-ଇନ୍ ଓ ଚେକ୍-ଆଉଟ୍‌ରୁ ଆରମ୍ଭକରି କର୍ମଚାରୀଙ୍କ ପିପିଇ କିଟ୍, ନିୟମିତ ବ୍ୟବଧାନରେ ରୁମ୍ ସାନିଟାଇଜେଶନ, ଥର୍ମାଲ୍ ସ୍କ୍ରିନିଂ, ପ୍ରତ୍ୟେକ ଅତିଥିଙ୍କୁ ସାନିଟେଶନ ପ୍ୟାକେଜ୍, ଲଗେଜ୍ ସାନିଟାଇଜେଶନ ଏବଂ ସାମାଜିକ ଦୂରତ୍ୱ ନିୟମକୁ କଡ଼ାକଡ଼ି କରାଯାଇଛି।

## ଆସିବ ନୂଆ ଟୁରିଜମ୍ ପଲିସି

ରାଜ୍ୟରେ ପର୍ଯ୍ୟଟନ ଶିଳ୍ପର ଅଭିବୃଦ୍ଧିରେ ସହାୟକ ହେବାଭଳି ଏକ ନୂଆ ଟୁରିଜମ୍ ପଲିସି ତଥା ପର୍ଯ୍ୟଟନ ନୀତି ଖୁବ୍‌ଶୀଘ୍ର ଆସିବ। ନୂତନ ଶିଳ୍ପ ନୀତି ଆଧାରରେ ଏହାକୁ ପ୍ରସ୍ତୁତ କରାଯାଇଛି। ପର୍ଯ୍ୟଟକଙ୍କୁ ଭିନ୍ନ ଅନୁଭୂତି ଦେବା ଏବଂ ଆମୋଦପ୍ରମୋଦ ଭିତ୍ତିକ ପର୍ଯ୍ୟଟନକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ଏହି ନୂତନ ନୀତି ଅଣାଯିବ। ଏଥିଲାଗି ପୁଞ୍ଜିନିବେଶକାରୀଙ୍କ ପାଇଁ ଅଧିକ ପ୍ରୋତ୍ସାହନ ତଥା ସହାୟତା ରାଶିର ବ୍ୟବସ୍ଥା କରାଯିବ। ଏହାସହ ପର୍ଯ୍ୟଟକଙ୍କ ସୁରକ୍ଷା, ସଷ୍ଟେନେବୁଲ୍ ଟୁରିଜମ୍ ବା ନିରନ୍ତର ପର୍ଯ୍ୟଟନ, କୋଭିଡ୍ ଭଳି ମହାମାରୀ ସମୟରେ ପର୍ଯ୍ୟଟନ ଶିଳ୍ପର ଅଭିବୃଦ୍ଧି, ପର୍ଯ୍ୟଟନସ୍ଥଳୀର ଭିତ୍ତିଭୂମି ବିକାଶ, ପର୍ଯ୍ୟଟକଙ୍କୁ ବିଶ୍ୱସ୍ତରୀୟ ସେବା ଆଦିକୁ ଏହି ନୂତନ ପଲିସିରେ ପ୍ରାଥମିକତା ଦିଆଯାଇଛି।

## ହେରିଟେଜ୍ ହୋମ୍‌ଷ୍ଟେ

- ବେଲଗାଡ଼ିଆ ପ୍ୟାଲେସ୍, ମୟୂରଭଞ୍ଜ
- ମହୋଦଧି ପ୍ୟାଲେସ୍, ପୁରୀ
- ଆଳି ପ୍ୟାଲେସ୍, କେନ୍ଦ୍ରାପଡ଼ା
- ଢେଙ୍କାନାଳ ପ୍ୟାଲେସ୍



## ହେରିଟେଜ୍ ହୋଟେଲ ପାଇଁ ନୂଆ ଯୋଜନା

ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ରାଜସ୍ଥାନ, ଗୁଜରାଟ ଆଦି ରାଜ୍ୟ ଭଳି ରୟାଲ ଟୁରିଜମ୍ ଉପରେ ଏବେ ଓଡ଼ିଶା ଫୋକସ୍ କରିବ। ଏଥିପାଇଁ ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ଏକ ସ୍ୱତନ୍ତ୍ର ଯୋଜନା କାର୍ଯ୍ୟକାରୀ ହେବ। ହେରିଟେଜ୍ ହୋଟେଲ ପ୍ରତିଷ୍ଠା ପାଇଁ ପୁଞ୍ଜିନିବେଶକାରୀଙ୍କୁ ପ୍ରୋତ୍ସାହନ ଯୋଗାଇ ଦିଆଯିବ। ରୟାଲ ହେରିଟେଜ୍ ଟୁର୍ ପ୍ୟାକେଜ୍‌ର ଚାହିଦାକୁ ଦୃଷ୍ଟିରେ ରଖି 'ହେରିଟେଜ୍ ପ୍ୟାଲେସ୍ ଟୁରିଜମ୍' ଯୋଜନା ଆରମ୍ଭ କରାଯିବ। ଢେଙ୍କାନାଳ, ଆଳି ଓ ନୀଳଗିରି ରାଜଉଆସ ଓ ବେଲ୍‌ଗଡ଼ିଆ ରାଜପ୍ରାସାଦ ଭଳି ତାଳଚେର ରାଜପ୍ରାସାଦ, ଗଜଲକ୍ଷ୍ମୀ ରାଜପ୍ରାସାଦ, କଳାହାଣ୍ଡି ରାଜପ୍ରାସାଦ, ଡାଳିଯୋଡ଼ା ରାଜପ୍ରାସାଦକୁ ହେରିଟେଜ୍ ହୋମ୍ ଷ୍ଟେ' ଦୌଡ଼ରେ ସାମିଲ କରାଯିବାକୁ ନିଷ୍ପତ୍ତି ହୋଇଛି। ଓଡ଼ିଶାରେ ଏବେ ୫୧ଟି ରାଜପ୍ରାସାଦ ରହିଥିବା ବେଳେ ସେଥିମଧ୍ୟରୁ ୧୯ଟି ପ୍ରାସାଦକୁ ଆଗାମୀ ୨ବର୍ଷ ମଧ୍ୟରେ ବୁଟିକ୍ ହେରିଟେଜ୍ ହୋଟେଲ ଏବଂ ହେରିଟେଜ୍ ହୋମ୍ ଷ୍ଟେ' ଭାବେ ବିକଶିତ କରିବାକୁ ଯୋଜନା ରହିଛି।



## ଓଡ଼ିଶା ବାଇ ରୋଡ୍

କୋଭିଡ୍ ସମୟରେ ସାଧାରଣ ପରିବହନ ବ୍ୟବସ୍ଥାରେ ଯାତ୍ରା କରିବାକୁ ପର୍ଯ୍ୟଟକମାନେ ସୁରକ୍ଷିତ ମଣୁ ନ ଥିବାବେଳେ ଓଡ଼ିଶା ପର୍ଯ୍ୟଟନ ପକ୍ଷରୁ ଆରମ୍ଭ ହୋଇଛି ଏକ ଅଭିନବ ଅଭିଯାନ। ରାଜ୍ୟକୁ ବିଦେଶୀ ପର୍ଯ୍ୟଟକଙ୍କ ପ୍ରବେଶ ନିଷେଧ ରହିଥିବାରୁ କିଭଳି ଅଧିକରୁ ଅଧିକ ଘରୋଇ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିହେବ ତାହାକୁ ଗୁରୁତ୍ୱ ଦିଆଯାଇଥିଲା। ପୋଷ୍ଟ ଲକ୍‌ଡାଉନ୍ ରୋଡ୍‌ମ୍ୟାପ୍ ସ୍ୱରୂପ ବିଭାଗ ପକ୍ଷରୁ ଆରମ୍ଭ ହୋଇଥିଲା 'ଓଡ଼ିଶା ବାଇ ରୋଡ୍' ବା 'ସଡ଼କ ପଥରେ ଓଡ଼ିଶା' ଏବଂ 'ରୋଡ୍ ଟ୍ରିପ୍ ଟୁ ଆଣ୍ଡ୍ ଥ୍ରୁ ଓଡ଼ିଶା' କ୍ୟାମ୍ପେନ୍। ଏହାଦ୍ୱାରା ରାଜ୍ୟର ସୁଦୂରପ୍ରସାରୀ ସଡ଼କ ପଥର ସଦୁପଯୋଗ କରି ପର୍ଯ୍ୟଟକମାନେ ବିଭିନ୍ନ ପ୍ରାକୃତିକ ତଥା ପର୍ଯ୍ୟଟନ ସ୍ଥଳୀର ଉପଭୋଗ କରିପାରିବେ। 'ଓଡ଼ିଶା ବାଇ ରୋଡ୍' କ୍ୟାମ୍ପେନ୍‌ରେ ପର୍ଯ୍ୟଟକଙ୍କ ପାଇଁ ୭ଟି ଭିନ୍ନ ଭିନ୍ନ ଇଟିନେରାରି ବା ପ୍ୟାକେଜ୍ ଘୋଷଣା କରାଯାଇଛି। ଏହି ୭ ପ୍ୟାକେଜ୍ ସମଗ୍ର ରାଜ୍ୟକୁ କଭର୍ କରୁଥିବା ବେଳେ ଏହା ମାଧ୍ୟମରେ ପର୍ଯ୍ୟଟକମାନେ ଓଡ଼ିଶାର ପ୍ରାକୃତିକ ସୌନ୍ଦର୍ଯ୍ୟକୁ ରୋଡ୍ ଟ୍ରିପ୍ ମାଧ୍ୟମରେ ଉପଭୋଗ କରିପାରିବେ। ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ(ଓଟିଡିସି) ପରିଚାଳିତ ହୋଟେଲ ଏବଂ ଜଙ୍ଗଲ ବିଭାଗ ପରିଚାଳିତ ନେଚର କ୍ୟାମ୍ପରେ ସୁରକ୍ଷିତଭାବେ ରାତି ବିତାଇପାରିବେ। ସବୁଠାରୁ ବଡ଼କଥା ହେଲା ଏହି ରୋଡ୍ ଟ୍ରିପ୍‌ରେ ପର୍ଯ୍ୟଟକମାନେ ବିଚ୍, ହିଲ୍ ଷ୍ଟେଶନ, ଜଙ୍ଗଲ, ଆଦିବାସୀ ଗ୍ରାମ ଓ ଚାଲିଚଳଣି, ଜଳପ୍ରପାତ ଏବଂ ସହର, ସବୁକିଛିର ଅନୁଭୂତି ପାଇପାରିବେ। ସେହିଭଳି ଓଡ଼ିଶାର ପାରମ୍ପରିକ ଖାଦ୍ୟର ମଜାନେବା ସହ ଉତ୍କୃଷ୍ଟ ହସ୍ତଶିଳ୍ପ ଓ ହସ୍ତତନ୍ତ, ଐତିହାସିକ ସ୍ଥଳୀ, ବନ୍ୟଜନ୍ତୁ ଆଦିକୁ ନିକଟରୁ ଦେଖିପାରିବେ। ସଡ଼କ ପଥ ଭ୍ରମଣ ଦ୍ୱାରା ସ୍ଥାନୀୟ ଅଞ୍ଚଳର ବିକାଶ ସହ ରାଜ୍ୟ ଅର୍ଥନୀତିର ମଧ୍ୟ ବିକାଶ ହେବ।



## କେଉଁଠି ରହିବେ

### ନେଚରକ୍ୟାମ୍ପ୍

- ଭିତରକନିକା ନେଚରକ୍ୟାମ୍ପ୍
- ଶିମିଳିପାଳ ନେଚରକ୍ୟାମ୍ପ୍
- ସାତକୋଶିଆ ନେଚରକ୍ୟାମ୍ପ୍
- ସାତକୋଶିଆ ସ୍ୟାଣ୍ଡ୍‌ସ ରିଜର୍ଟ(ବଡ଼ମୂଳ)
- ଦେବ୍ରୀଗଡ଼ ନେଚରକ୍ୟାମ୍ପ୍(ହୀରାକୁଦ)
- ଚିଲିକା ନେଚରକ୍ୟାମ୍ପ୍
- ନୁଆନଈ ନେଚରକ୍ୟାମ୍ପ୍(ପୁରୀ)
- ରିଷିଆ ନେଚରକ୍ୟାମ୍ପ୍(କୁଲ୍‌ଡିହା)
- ବିଚିତ୍ରପୁର ନେଚରକ୍ୟାମ୍ପ୍
- ଦାରିଙ୍ଗବାଡ଼ି ନେଚରକ୍ୟାମ୍ପ୍
- ଫୁଲବାଣୀ ନେଚରକ୍ୟାମ୍ପ୍
- ଚନ୍ଦକା ନେଚରକ୍ୟାମ୍ପ୍
- ସାନଘାଗରା ନେଚରକ୍ୟାମ୍ପ୍
- ଖଣ୍ଡାଧାର ନେଚରକ୍ୟାମ୍ପ୍
- ସିଦ୍ଧମୂଳ ନେଚରକ୍ୟାମ୍ପ୍
- ସରାଫଗଡ଼ ନେଚରକ୍ୟାମ୍ପ୍
- ସତୀଗୁଡ଼ା ନେଚରକ୍ୟାମ୍ପ୍
- ଚିତ୍ରକୋଣ୍ଡା ନେଚରକ୍ୟାମ୍ପ୍
- ଚାନ୍ଦିପୁର ନେଚରକ୍ୟାମ୍ପ୍






## ବିଚ୍ ଟୁରିଜମ୍, 'ବ୍ଲୁ ଫ୍ଲାଗ୍' ଷ୍ଟାଣ୍ଡାର୍ଡ

ରାଜ୍ୟରେ ୪୮୦ କିମି ବିସ୍ତୀର୍ଣ୍ଣ ବେଳାଭୂମି ରହିଥିବାବେଳେ ପୁରୀର ସ୍ୱର୍ଣ୍ଣିମ ବେଳାଭୂମି ପର୍ଯ୍ୟଟକଙ୍କ ପାଇଁ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥାଏ। ତେବେ ଦୀର୍ଘ ଦଶନ୍ଧିର ପ୍ରତୀକ୍ଷା ପରେ ଏହି ବେଳାଭୂମି ବ୍ଲୁ ଫ୍ଲାଗ୍ ମାନ୍ୟତା ସହ ବିଶ୍ୱସ୍ତରୀୟ ବିଚ୍‌ର ରୂପ ପାଇଛି। ବେଳାଭୂମିରେ ପର୍ଯ୍ୟଟକଙ୍କ ପାଇଁ ଅନ୍ତର୍ଜାତୀୟମାନର ସୁବିଧା ସୁଯୋଗ ଉପଲବ୍ଧ କରାଯାଇଛି। ବିଚ୍ ସାକ୍ ସହ କ୍ୟାଫେଟେରିଆ, ସ୍ୱତନ୍ତ୍ର ବାଥିଂ ଜୋନ୍, ଅତ୍ୟାଧୁନିକ ଶୌଚାଳୟ, ପାନୀୟ ଜଳ ଓ ପାର୍କିଂ ସୁବିଧା ଆଦି ଯୋଗାଇ ଦିଆଯାଇଛି। ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ(ଓଟିଡିସି) ପକ୍ଷରୁ ଓଡ଼ିଶାର ପାରମ୍ପରିକ ଖାଦ୍ୟ ଏବଂ ସି-ଫୁଡ୍‌କୁ ନେଇ ଏକ ସ୍ୱତନ୍ତ୍ର କ୍ୟାଫେଟେରିଆ କରାଯାଇଛି। ପିଲାମାନଙ୍କ ଖେଳିବା ପାଇଁ ଏକ ପ୍ଲେ ଜୋନ୍ ମଧ୍ୟ ରହିଛି। ଗୋଆ ବେଳାଭୂମି ଭଳି ପାଲ୍‌ମିରା ପାମ୍ ଟ୍ରି ଏଠାରେ ଶୋଭାପାଉଛି। ଗାନ୍ଧୀ ପାର୍କରେ ହୋଟେଲ ମେ' ଫେୟାର ପର୍ଯ୍ୟନ୍ତ ବିସ୍ତୀର୍ଣ୍ଣ ଏହି ବ୍ଲୁ ଫ୍ଲାଗ୍ ବିଚ୍‌ର ବିକାଶ ପାଇଁ ୧୦ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି। ତେବେ ଆଗାମୀଦିନରେ ରାଜ୍ୟର ପ୍ରମୁଖ ୧୦ଟି ବିଚ୍‌କୁ ପୁରୀ 'ବ୍ଲୁ ଫ୍ଲାଗ୍' ଷ୍ଟାଣ୍ଡାର୍ଡ ବିଚ୍ ଭଳି ବିକଶିତ କରାଯିବ ବୋଲି ପର୍ଯ୍ୟଟନ ସଚିବ ବିଶାଳ ଦେବ କହିଛନ୍ତି। ପ୍ରଥମ ପର୍ଯ୍ୟାୟରେ ୫ଟି ବିଚ୍ ପାଇଁ ବ୍ଲୁ ଫ୍ଲାଗ୍ ମାନ୍ୟତା ଆଣିବାକୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଏହାମଧ୍ୟରେ ପୁରୀ ଜିଲା ଅସ୍ତରଙ୍ଗର ପୀର୍ ଜାହାନିଆ, ପୁରୀ ସହରର ନୀଳାଦ୍ରି ଏବଂ ମୁହାଣ ବିଚ୍, ଗଞ୍ଜାମ ଜିଲାର ହରିପୁର ଓ ସୋନପୁର ବିଚ୍ ରହିଛି। ଏହାବାଦ୍ ତାଳସାରି, ଉଦୟପୁର ବିଚ୍, ଚନ୍ଦ୍ରଭାଗା ବିଚ୍ ଫ୍ରଣ୍ଟର ବିକାଶକୁ ମଧ୍ୟ ପ୍ରାଥମିକତା ଦିଆଯାଉଛି।

ଧରିତ୍ରୀ
DHARITRI
ସମ୍ବଲପୁର, ଶୁକ୍ରବାର, ୨୨ ଜାନୁୟାରୀ, ୨୦୨୧

## ମଦ ଗୋଦାମ ଉପରେ ଚଢ଼ାଉ: ବନ୍ଧାହେଲେ ମାଲିକାଣୀ

ବ୍ରଜରାଜନଗର,(ଡି.ଏନ.ଏ.): ବ୍ରଜରାଜନଗର ଥାନା ଗାନ୍ଧୀ ଛକ ଫାଣ୍ଡି ଅନ୍ତର୍ଗତ ଲୋଇସିଂ ପଞ୍ଚାୟତର ତିଲେଇମାଲ ଗ୍ରାମର ଜଣକ ଘରୁ ବିପୁଳ ପରିମାଣର ମଦ ଜବତ କରାଯାଇଛି। ଦୀର୍ଘଦିନ ହେବ ଘରର ମାଲିକାଣୀ ସୁରେଖା ଘାସି ଏହି ମଦ କାରବାର କରିଆସୁଥିଲେ। ଅବକାରୀ ଅଧୀକ୍ଷକ ଦିଲୀପ କୁମାର ପଲେଇ ଓ ଜିଲାପାଳ ସରୋଜ କୁମାର ସାମଲଙ୍କ ନିର୍ଦ୍ଦେଶକ୍ରମେ ଜିଲା ଅବକାରୀ ବିଭାଗର ସ୍ୱତନ୍ତ୍ର ଟିମ୍ ବୁଧବାର ସକାଳେ ସଦଳବଳ ଚଢ଼ାଉ କରିଥିଲେ। ସୁରେଖାଙ୍କ ଘରୁ ୩୯୮ ଗୋଟି ବିଦେଶୀ ମଦ ବୋତଲ ଜବତ କରାଯାଇଛି। ଝାରସୁଗୁଡା ଅବକାରୀ ବିଭାଗ ଏକ ମାମଲା (ନଂ.୫୭/୨୧) ରୁଜୁ କରି ସୁରେଖାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏସବୁ ମଦ ଝାଡଖଣ୍ଡ ଚାଲାଣ ହେଉଛି।



## ସଂକ୍ଷେପରେ

### ଜମି ଦୁର୍ନୀତିର ଭିଜିଲାନ୍ସ ତଦନ୍ତ ହେଉ: କଂଗ୍ରେସ

**ରାଉରକେଲା ଅଫିସ,୨୧।୧:** ରାଉରକେଲା ତହସିଲ୍‌ର ପୂର୍ବତନ ତହସିଲଦାର ମାନସ ରଞ୍ଜନ ସାହୁଙ୍କ କାର୍ଯ୍ୟକାଳ ସମୟରେ ହୋଇଥିବା କୋଟି କୋଟି ଟଙ୍କା ଜମି ଦୁର୍ନୀତିର ତଦନ୍ତ ପାଇଁ ରାଉରକେଲା କଂଗ୍ରେସ ପକ୍ଷରୁ ଭିଜିଲାନ୍ସରେ ଏତଲା ଦାୟର କରାଯାଇଛି। ଜିଲା କଂଗ୍ରେସ ସଭାପତି ଜର୍ଜ ତିର୍କୀଙ୍କ ନେତୃତ୍ୱରେ କଂଗ୍ରେସର ଏକ ପ୍ରତିନିଧି ଦଳ ରାଉରକେଲା ଭିଜିଲାନ୍ସ ଏସ୍‌ପିଙ୍କୁ ସାକ୍ଷାତ କରି ପୂର୍ବତନ ତହସିଲଦାର ସାହୁଙ୍କ ସମୟରେ କରାଯାଇଥିବା ବେଆଇନ୍ ସରକାରୀ ଜମିପଟ୍ଟା, ଜମିଜମା ରେକର୍ଡ ସଂଶୋଧନ ଓ କିସମ ପରିବର୍ତ୍ତନ ସମ୍ପର୍କରେ ଅବଗତ କରିଛନ୍ତି । ଏଥିରେ ପୂର୍ବତନ ଜିଲା କଂଗ୍ରେସ ସଭାପତି ବିରେନ ସେନାପତି, ପିସିସି ସଭ୍ୟ ରାମାନନ୍ଦ ଶ୍ରୀଚନ୍ଦନ, ଦେବବ୍ରତ ବିହାରୀ, ସନ୍ତୋଷ ବିଶ୍ୱାଳ, ମହିଳା ସଭାନେତ୍ରୀ ଲତା ନାୟକ, କାର୍ଯ୍ୟକାରୀ ସଭାନେତ୍ରୀ ନିରୂପମା ବଳିୟାରସିଂ, ଓବିସି ସେଲ୍ ଅଧ୍ୟକ୍ଷ କୈଳାସ ସାହୁ, ବରିଷ୍ଠ ନେତା ଚିତ୍ତରଞ୍ଜନ ମହାନ୍ତି ଉପସ୍ଥିତ ଥିଲେ ।

### ଟିକା ନେଲେଣି ୧୨୨ କରୋନା ଯୋଦ୍ଧା

**କୁତ୍ରା,୨୧।୧ (ଡି.ଏନ.ଏ.):** ଦେଶରେ କରୋନା ଟିକାକରଣ ଆରମ୍ଭ ହୋଇଥିବା ବେଳେ ସୁନ୍ଦରଗଡ ଜିଲାର କୁତ୍ରାରେ ଏହା ଗତ ୧୮ ତାରିଖରୁ ଆରମ୍ଭ ହୋଇଛି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଗତ ୧୮, ୧୯ ଓ ୨୦ ତାରିଖ ମଧ୍ୟରେ ସର୍ବମୋଟ ୯୮ ଜଣ ଟିକା ନେଇ ସାରିଥିବା ବେଳେ ସମନ୍ୱିତ ଶିଶୁ ପ୍ରକଳ୍ପ ବିଭାଗ ପକ୍ଷରୁ ୨୪ଜଣ କର୍ମୀଙ୍କୁ ଟିକା ପ୍ରଦାନ କରାଯାଇଛି। ବର୍ତ୍ତମାନ ସୁଦ୍ଧା ୧୨୨ ଜଣ କରୋନା ଯୋଦ୍ଧା ଟିକା ନେଇ ସାରିଲେଣି। ସେମାନଙ୍କ ଠାରେ କୌଣସି ପାର୍ଶ୍ୱ ପ୍ରତିକ୍ରିୟା ଦେଖିବାକୁ ମିଳିନାହିଁ । ଆଗାମୀ ଦିନେ ଦୁଇ ଦିନ ମଧ୍ୟରେ ଅନ୍ୟ କରୋନା ଯୋଦ୍ଧାମାନଙ୍କୁ ଟିକା ପ୍ରଦାନ କରାଯିବ ବୋଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ କୁହାଯାଇଛି ।

### ସ୍ୱାମୀଙ୍କ ଟାଙ୍ଗିଆ ଚୋଟରେ ସ୍ତ୍ରୀ ମୃତ

**ନୂଆଗାଁ, ୨୧।୧ (ଡି.ଏନ.ଏ):** ସୁନ୍ଦରଗଡ଼ ଜିଲା ନୂଆଗାଁ ବ୍ଲକ ଅନ୍ତର୍ଗତ ଯୋକେତା ସୁକବାସୀ କଲୋନୀରେ ବୁଧବାର ରାତିରେ ଘଟିଛି ଏକ ହତ୍ୟାକାଣ୍ଡ। ବିଚା ଓରାମ (୫୫) ନାମକ ଜଣେ ଯୁବକଙ୍କ ଟାଙ୍ଗିଆ ଚୋଟରେ ସ୍ତ୍ରୀ ଭୀନସାରୀ ଓରାମ (୬୬)ଙ୍କ ଜୀବନ ଯାଇଛି। ଖବରପାଇ ଗୁରୁବାର ବୀରମିତ୍ରପୁର ଏସଡିପିଓ ଜଗବନ୍ଧୁ ସାମଲ ହାତୀବାରି ଥାନା ଦାୟିତ୍ୱରେ ଥିବା ଏସଆଇ ଲକ୍ଷ୍ମୀଧର ପ୍ରଧାନ ପ୍ରମୁଖ ସାଇଣ୍ଟିଫିକ୍ ଦଳ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି । ଏନେଇ ହାତୀବାରି ଥାନାରେ ଏକ ମାମଲା (ନଂ. ୭/୨୧) ରୁଜୁ ହୋଇଛି । ବୁଧବାର ବିଳମ୍ବିତ ରାତିରେ ବିଚା ଓ ତାଙ୍କ ସ୍ତ୍ରୀଙ୍କ ମଧ୍ୟରେ ସାମାନ୍ୟ କଥାକୁ ନେଇ ଗଣ୍ଡଗୋଳ ହୋଇଥିଲା । ଏଥିରେ ବିଚା ଉତକ୍ଷିପ୍ତ ହୋଇ ପାଖରେ ଥିବା ଏକ ଟାଙ୍ଗିଆ ସାହାଯ୍ୟରେ ନିଜ ସ୍ତ୍ରୀ ଭୀନସାରୀଙ୍କ ମୁଣ୍ଡରେ ବାରମ୍ବାର ଆକ୍ରମଣ କରିଥିଲା । ଘଟଣା ସ୍ଥଳରେ ହିଁ ଭୀନସାରୀଙ୍କ ମୃତ୍ୟୁ ଘଟିଥିଲା ।

### ଏଆଇଟିୟୁସି ଶ୍ରମିକ ସଂଗଠନର ବାର୍ଷିକ ସମ୍ମିଳନୀ

**ବ୍ରଜରାଜନଗର, ୨୧।୧(ଡି.ଏନ.ଏ.):** ବ୍ରଜରାଜନଗର ସହରର ଇବ୍‌ଭ୍ୟାଲି କମ୍ପ୍ଲେକ୍ସ ରବୀନ୍ଦ୍ର ଭବନଠାରେ ବୁଧବାର ଏଆଇଟିୟୁସି ଶ୍ରମିକ ସଂଗଠନର ୫୩ତମ ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସଂଗଠନର ରାଜ୍ୟ ସଭାପତି ଅଶୋକ ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇ ଆଗାମୀ ଦିନର କାର୍ଯ୍ୟପନ୍ଥା ବିଷୟରେ ଅବଗତ କରାଇଥିଲେ। ସଂଗଠନର ରାଜ୍ୟ ସାଧାରଣ ସମ୍ପାଦକ ଅନିତ ଚକ୍ରବର୍ତ୍ତୀ ସ୍ୱାଗତ ଭାଷଣ ଓ ମଞ୍ଚ ସଞ୍ଚାଳନ କରିଥିଲେ। କାର୍ଯ୍ୟକ୍ରମରେ ନୂତନ କମିଟି ଗଠନ, ଶ୍ରମିକମାନଙ୍କ ସମସ୍ୟା, ବାର୍ଷିକ ଖର୍ଚ୍ଚ ହିସାବ ଆଦି ଉପରେ ଆଲୋଚନା କରାଯାଇଥିଲା। ଇବ୍ ଭ୍ୟାଲି, ଓରିଏଣ୍ଟ, ଲଖନପୁର ଆଦି ଖଣି ଏରିଆରୁ ଶ୍ରମିକ ନେତାମାନେ ଉପସ୍ଥିତ ରହି ଅଞ୍ଚଳର ସୁବିଧାଅସୁବିଧା ଉତ୍ଥାପନ କରିଥିଲେ। ପ୍ରକାଶ ରାଏ, କିଶୋର ମିଶ୍ର, ବିକ୍ରମ ପଣ୍ଡା, ସୁବାସ ଚନ୍ଦ୍ର ଜାଲ, ସପନ ବାନାର୍ଜୀ, ମଦନ ମୋହନ, ପ୍ରଦୀପ୍ତ ନାଏକ ପ୍ରମୁଖ ଶ୍ରମିକ ନେତା ମଞ୍ଚାସୀନ ଥିଲେ।

# ସମସ୍ୟା ସମାଧାନ ଉପରେ ଗୁରୁତ୍ୱ

## ବରିଷ୍ଠ ନାଗରିକ ପରିଷଦର ସାଧାରଣ ସଭା

**ଜମନକିରା, ୨୧।୧(ଡି.ଏନ.ଏ.)**

ଜମନକିରା ବ୍ଲକର ଫାଶୀମାଲ ରାଜୀବ ଗାନ୍ଧୀ ଭବନଠାରେ ବୁଧବାର ବ୍ଲକସ୍ତରୀୟ ବରିଷ୍ଠ ନାଗରିକ ପରିଷଦର ବାର୍ଷିକ ସାଧାରଣ ସଭା ଅସ୍ଥାୟୀ ସଭାପତି ତଥା କୁଚିଣ୍ଡା ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଟଙ୍କଧର ପଟେଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। କୁଚିଣ୍ଡା ଅବସରପ୍ରାପ୍ତ ତହସିଲଦାର ଶାନ୍ତନୁ କୁମାର ସାହୁ ମୁଖ୍ୟଅତିଥିଭାବେ ଯୋଗଦେଇ ବରିଷ୍ଠ ନାଗରିକଙ୍କ ବିଭିନ୍ନ ସମସ୍ୟା ଓ ସମାଧାନ ଦିଗରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଜମନକିରା ଥାନା ଏସ୍‌ଆଇ ସୁଧାସ୍ମିତା ପୃଷ୍ଟି, ସନ୍ତୋଷ ପଟ୍ଟନାୟକ, ଗୋକୁଳାନନ୍ଦ ଦାନି, ସରୋଜ ପଟ୍ଟନାୟକ ପ୍ରମୁଖ ସମ୍ମାନିତ ଅତିଥିଭାବେ ମଞ୍ଚାସୀନ ଥିଲେ। ପ୍ରଥମେ ପରଲୋକ ଗମନ କରିଥିବା ବରିଷ୍ଠ ନାଗରିକ ଗିରୀନ୍ଦ୍ର ପ୍ରସାଦ ଦାନି, ଅରବିନ୍ଦ ଖୁଣ୍ଟିଆ ଓ ଅନ୍ୟମାନଙ୍କ ପାଇଁ ୨ ମିନିଟ



ବୈଠକରେ ଯୋଗଦେଇଥିବା ବରିଷ୍ଠ ନାଗରିକ।

ନୀରବ ପ୍ରାର୍ଥନା କରାଯାଇଥିଲା। ପରିଷଦକୁ ପଞ୍ଜୀକରଣ ପାଇଁ ଏକ ନୂତନ କମିଟି ଗଠନ କରାଯାଇଥିଲା। ସଭାପତି ଭାବେ ସନ୍ତୋଷ ପଟ୍ଟନାୟକ, କାର୍ଯ୍ୟକାରୀ ସଭାପତି ଗୋକୁଳାନନ୍ଦ ଦାନି, ସାଧାରଣ ସମ୍ପାଦକ ଅମରେଶ୍ୱର ସ୍ୱାଇଁ, ସମ୍ପାଦକ ହେମନ୍ତ ପୃଷ୍ଟେଠ, ମାୟାଧର କାଲୋ, କୋଷାଧ୍ୟକ୍ଷ ସାଲେକରାମ ପଧାନ ଓ ସଂଯୋଜକ ଭାବେ କିଶୋର ଚନ୍ଦ୍ର ମହାପାତ୍ର ରହିଛନ୍ତି। ସଭ୍ୟଭାବେ ଅଯୋଧ୍ୟା ସେଠ, ଦୁର୍ଗା ସେନାପତି, ଭିକାରୀ ପୃଷ୍ଟେଠ, ରମେଶ ମିଶ୍ର ଏବଂ ଉପଦେଷ୍ଟା କମିଟିରେ ଟଙ୍କଧର ପଟେଲ, ଦିଲୀପ କୁମାର ପଟେଲ, ହରିଶଙ୍କର ନାୟକ, ରବୀନ୍ଦ୍ର ମଲ୍ଲିକ ପ୍ରମୁଖ ରହିଛନ୍ତି। ବ୍ଲକସ୍ତରୀୟ ବରିଷ୍ଠ ନାଗରିକଙ୍କୁ ପରିଷଦରେ ଯୋଡ଼ିବା ପାଇଁ ସମସ୍ତଙ୍କୁ ଅନୁରୋଧ କରାଯାଇଥିଲା। ବ୍ୟାଙ୍କଗୁଡ଼ିକରେ ବରିଷ୍ଠ ନାଗରିକମାନେ ଯେଉଁଭଳି ସୁବିଧାରେ ଟଙ୍କା ଦେଣନେଣ କରି ପାରିବେ ସେ ନେଇ ଥାନା ଅଧିକାରୀ ବ୍ୟାଙ୍କ ଶାଖା ପରିଚାଳକଙ୍କ ସହ ଆଲୋଚନା ପାଇଁ କୁହାଯାଇଥିଲା। ସାଇବର କ୍ରାଇମ ସମ୍ପର୍କରେ ଥାନା ଅଧିକାରୀ ଉପସ୍ଥିତ ନାଗରିକଙ୍କୁ ବୁଝାଇବା ସହ ସେପରି କିଛି ସମସ୍ୟା ଥିଲେ ତୁରନ୍ତ ଥାନାକୁ ଜଣାଇବା ପାଇଁ ପରାମର୍ଶ ଦିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଆନନ୍ଦ ନାଏକ, ଅକ୍ଷୟ ଦାସ, ବୀରେନ୍ଦ୍ର କାରୱାର, ସୁଜଳ ନାୟକ, ସୁଶୀଲ ନାଏକ, ମାୟାଧର କାଲୋ, ମଦନ ଧରୁଆ, ହରିଶଙ୍କର ନାଏକ ପ୍ରମୁଖ ଯୋଗଦେଇଥିଲେ। ଏଥିରେ ଦେଢ଼ଶହରୁ ଅଧିକ ବରିଷ୍ଠ ନାଗରିକ ଯୋଗଦେଇଥିଲେ।

## ଜିଏମ୍‌ୟୁ ଗ୍ରନ୍ଥାଗାର ଖୋଲିବା ସମୟ ପରିବର୍ତ୍ତନ ଦାବି



ଜିଏମ୍‌ୟୁ ଛାତ୍ରୀଛାତ୍ର କୁଳସଚିବଙ୍କ ସହ ଆଲୋଚନା କରୁଛନ୍ତି ।

**ସମ୍ବଲପୁର, ୨୧।୧ (ବ୍ୟୁରୋ)**

ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମ୍‌ୟୁ) ପରିସରରେ ମାୟାଧର ମାନସିଂ ଗ୍ରନ୍ଥାଗାର ରହିଛି। କରୋନା ପୂର୍ବରୁ ସକାଳ ୮ଟାରୁ ରାତି ୮ଟା ପର୍ଯ୍ୟନ୍ତ ଗ୍ରନ୍ଥାଗାର ଖୋଲା ରହୁଥିଲା। ସମ୍ପ୍ରତି ଏହି ସମୟର ପରିବର୍ତ୍ତନ କରି ସକାଳ ୧୦ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ କରାଯାଇଛି। ଏହାଦ୍ୱାରା ଛାତ୍ରୀଛାତ୍ରଙ୍କ ଅଧ୍ୟୟନରେ ଅସୁବିଧା ସୃଷ୍ଟି ହେଉଛି। ତେଣୁ ପୂର୍ବ ସମୟ ବଳବତ୍ତର ରଖିବାକୁ ଛାତ୍ରୀଛାତ୍ର ଦାବି କରିଛନ୍ତି। ଏକ ପ୍ରତିନିଧି ଦଳ ବିଶ୍ୱବିଦ୍ୟାଳୟ କୁଳସଚିବ ଗିରିଶ ଚନ୍ଦ୍ର ସିଂଙ୍କ ସହ ଆଲୋଚନା କରିଛନ୍ତି । ପୂର୍ବ ସମୟସୀମା ବଜାୟ ରଖାଯିବ ବୋଲି କୁଳସଚିବ ପ୍ରତିଶ୍ରୁତି ଦେଇଛନ୍ତି। ଚୁମନ ପ୍ରଧାନ, ପ୍ରିତିଶ ସା, ଦୀପକ ମେହେର, ଶିଶିର ଭୋଇ, ଅଙ୍କିତ ପ୍ରଧାନ, ଆଦି ପ୍ରଧାନ, ବେବିରାଣୀ ପ୍ରଧାନ, ପ୍ରତିମା ନାୟକ, ମିଲି ସାହୁ ସାମିଲ ଥିଲେ।

# ଥଇଥାନ ଦାବିରେ ବିସ୍ଥାପିତଙ୍କ ଧାରଣା




ରାଉରକେଲା ଏଡିଏମ୍ ଅଫିସ୍ ସମ୍ମୁଖରେ ଧାରଣା ଦିଆଯାଇଛି ।

**ରାଉରକେଲା ଅଫିସ,୨୧।୧**

ରାଉରକେଲା ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ୭୦ ମୌଜାର ବିସ୍ଥାପିତମାନେ ବୁଧବାର ଧାରଣା ଦେଇଛନ୍ତି। ଆରଏସ୍‌ପିରର ଉନ୍ନତୀକରଣ ସମୟରେ ବିସ୍ଥାପିତମାନେ ସେମାନଙ୍କ ଜମି ହରାଇଥିଲେ। ବିସ୍ଥାପିତମାନଙ୍କୁ ଥଇଥାନ କରିବା ପାଇଁ ଆରଏସ୍‌ପି ପକ୍ଷରୁ ପ୍ରତିଶ୍ରୁତି ମିଳିଥିଲା। ସେଥିମଧ୍ୟରୁ ଆରଏସ୍‌ପିରେ ବର୍ତ୍ତମାନ ୧୦ ହଜାର ବିସ୍ଥାପିତ ଚାକିରି ପାଇଛନ୍ତି। ଯେଉଁମାନେ ଚାକିରିରୁ ବାଦ୍ ପଡ଼ିଛନ୍ତି ସେମାନଙ୍କୁ ୨୦୧୩ ମସିହାରେ ଆରଏସ୍‌ପିରେ ଥଇଥାନ କରାଯିବ ବୋଲି କୁହାଯାଇଥିଲା। କିନ୍ତୁ ଆଜିଯାଏ ବାଦ୍ ପଡ଼ିଥିବା କୌଣସି ବିସ୍ଥାପିତ ଚାକିରି ଖଣ୍ଡେ ପାଇ ନାହାନ୍ତି । ୨୦୧୯ ଡିସେମ୍ବର ୨୧ରେ ତତ୍‌କାଳୀନ ଅତିରିକ୍ତ ଜିଲାପାଳ ଆରପିଡିଏସି ମିଟିଂରେ ଆରଏସ୍‌ପିର ଚେୟାରମ୍ୟାନଙ୍କ ସହ ଏକ ବୈଠକ କରି ବିସ୍ଥାପିତ ମାନଙ୍କୁ କିପରି ନିଯୁକ୍ତି ପ୍ରଦାନ କରାଯିବ ସେ ନେଇ ଆଲୋଚନା କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ଆଗାମୀ ଦିନରେ ବିସ୍ଥାପିତ ମାନଙ୍କୁ ଥଇଥାନ ଓ ନିଯୁକ୍ତି ପ୍ରଦାନ ସଂଘ ସଭାପତି ଖାଡ଼ା କୁଜୁରଙ୍କ ନେତୃତ୍ୱରେ ଏଡିଏମ୍ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏଥିରେ ଉପସଭାପତି ଶୁକ୍ରା କୁମ୍ଭାର, ସମ୍ପାଦକ ପୁରନ ଖାଲକୋ, ଶୋଭା ତନ୍ତୀ, ବସନ୍ତ କିଷାନ, ସିଲଭୋସ ଟପ୍ପୋଙ୍କ ସମେତ ଶତାଧିକ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

## କୃଷି ଆଇନ, ଲେବର କୋଡ୍ ବାତିଲ ଦାବିରେ ବିକ୍ଷୋଭ

**ରାଉରକେଲା ଅଫିସ,୨୧।୧**

ସୁନ୍ଦରଗଡ଼ ଜିଲା ପାନପୋଷ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅଲ ଇଣ୍ଡିଆ ୟୁଟିୟୁସିର କର୍ମକର୍ତ୍ତାମାନେ ବୁଧବାର କୃଷି ଆଇନ ଓ ଲେବର କୋଡ଼ ବାତିଲ ଦାବିରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ପରେ ସେମାନେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପାପପୋଷ ଉପଜିଲାପାଳଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରିଥିଲେ। ଅଲ ଇଣ୍ଡିଆ ୟୁଟିୟୁସି ସୁନ୍ଦରଗଡ଼ ଜିଲା କମିଟିର ସାଧାରଣ ସମ୍ପାଦକ ଅଜିତ ନାୟକ, ବିଷ୍ଣୁ ପଣ୍ଡା, ସୁବାଷ ଦଣ୍ଡପାଟ, ବିଜୟ ସାହୁ, ଆଲୋକ ବେହେରା, ଲେଲିନ ଟେଟେ, ଜଷ୍ଟିନ ଲୁଗୁନ, ଗୁରୁମୋହନ ସିଂ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟପକ୍ଷେ ଅଲ ଇଣ୍ଡିଆ ୟୁଟିୟୁସି ଜିଲା କମିଟି ସଭାପତି ସତ୍ୟପ୍ରିୟ ମହାନ୍ତିଙ୍କ ନେତୃତ୍ୱରେ ଶ୍ରୀନିବାସ ସେଠୀ, ଶେଖ ଇସ୍‌ଲାମ, ଧୋବର ବେହେରା, ଦିବାକାର ପାଣିଗ୍ରାହୀଙ୍କୁ ନେଇ ଏକ ପ୍ରତିନିଧି ମଣ୍ଡଳୀ ଜିଲାପାଳ ନିଖିଲ ପବନ କଲ୍ୟାଣଙ୍କୁ ଭେଟି ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି।

# କୋଭିଡ କଟକଣାରେ ପାଳନ ହେବ ସାଧାରଣତନ୍ତ୍ର ଦିବସ

**ରାଉରକେଲା ଅଫିସ,୨୧।୧**

ସାଧାରଣତନ୍ତ୍ର ଦିବସ ପାଳନ ଲାଗି ରାଉରକେଲା ଏଡିଏମ୍ ଆବୋଲି ସୁନୀଲ ନରୱେଣଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟରେ ବୁଧବାର ଅନୁଷ୍ଠିତ ହୋଇଛି। ରାଉରକେଲାରେ ଚଳିତ ବର୍ଷ କୋଭିଡ଼ କଟକଣା ଭିତରେ ୭୨ତମ ସାଧାରଣତନ୍ତ୍ର ଦିବସ ପାଳନ କରାଯିବ। ଏହିଦିନ ରାଉରକେଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଡାକବାଜି ଯନ୍ତ୍ର ଯୋଗେ ରାମଧୂନ୍ ପରିବେଷଣ ସହ ସାଢ଼େ ୭ଟାରେ ବିଭିନ୍ନ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟରେ ଜାତୀୟ ପତାକା ଉତ୍ତୋଳନ କରାଯିବ। ଉଦିତନଗର ପରେଡ଼ ପଡ଼ିଆରେ ସ୍ଥାନୀୟ ପ୍ରଶାସନ ପକ୍ଷରୁ ସକାଳ ସାଢ଼େ ୮ଟାରେ ପରେଡ଼ ପ୍ରଦର୍ଶନ କରାଯିବ। ମହାବିଦ୍ୟାଳୟ ଓ କୌଣସି ବିଦ୍ୟାଳୟକୁ ଏଥିରେ ସାମିଲ କରାଯିବ ନାହିଁ। ଏହାସହିତ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ହୋଇଥିବା ଅନ୍‌ଲାଇନ୍ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ଓ କୋଭିଡ଼ ଯୋଦ୍ଧାଙ୍କୁ ସମ୍ମାନିତ କରାଯିବ। ବୈଠକରେ ପାନପୋଷ ଉପଜିଲାପାଳ ଦୌଲତ ଚନ୍ଦ୍ରକାର, ଆରଏମ୍‌ସି ଉପଆୟୁକ୍ତ ହିମାଂଶୁ ଶେଖର ଭୋଇ, ଡିଏସ୍‌ପି ଡିଆବି ଲମ୍ବୋଦର ବୁଢ଼ା, ଉଦିତନଗର ଥାନା ଆଇଆଇସି ସୁଦର୍ଶନ ପଣ୍ଡା, ଆରଏସ୍‌ପି ପୋଟୋକଲ ଜିଏମ୍ ବି. କେ. ରାଉତ, ବିଶ୍ରା ଏବିଇଓ ସତ୍ୟଭାମା ବେହେରା, ପିଏଚ୍‌ଇଡ଼ି ସହକାରୀ ନିର୍ବାହୀ ଯନ୍ତ୍ରୀ ଆଦିଲ ମହମ୍ମଦ, ରିଜର୍ଭ ଇନ୍ସପେକ୍ଟର ଦୀପ୍ତି ପ୍ରସାଦ ଜେନା, ଅଗ୍ନି ସୁରକ୍ଷା ଅଧିକାରୀ କମଲ କୁମାର ଗୌଡ଼ ଓ ରାଉରକେଲା ସୂଚନା ଲୋକ ସମ୍ପର୍କ ଅଧିକାରୀ ସୀମା ଫତିମା ଏକା ପ୍ରମୁଖ ଉପସ୍ଥିତ ଥିଲେ।

# ଦେବଝରଣରେ ପରିଚାଳନା କରିବ ଭିଏସ୍‌ଏସ୍

**ସମ୍ବଲପୁର,୨୧।୧(ବ୍ୟୁରୋ)**

ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକର ଦେବଝରଣ ପର୍ଯ୍ୟଟନ ସ୍ଥଳ ଇକୋ ଟୁରିଜମ ଘୋଷଣା ପରେ ପର୍ଯ୍ୟଟକ ସଂଖ୍ୟା ବୃଦ୍ଧି ପାଇଛି। ଏହାର ପରିଚାଳନା ପାଇଁ ଏବେ ବନ ବିଭାଗ ସ୍ଥାନୀୟ ଗଇଲଗୁଡିର ବନ ସୁରକ୍ଷା ସମିତି (ଭିଏସ୍‌ଏସ୍)କୁ ଦାୟିତ୍ୱ ଦେଇଛି। ଦେବଝରଣ ପରିସରରେ ଅନୁଷ୍ଠିତ ବୈଠକରେ ଏହି ନିଷ୍ପତ୍ତି ହୋଇଛି। ଯୁଯୁମୁରା ତହସିଲଦାର ସୁମନ ମିଞ୍ଜ, ସଦର ରେଞ୍ଜର ଗୌରୀ ଦାସ, ଦେବଝରଣ ବିକାଶ ମଞ୍ଚର ଆବାହକ ଅରୁଣ ଦେହୁରି, ସଦସ୍ୟ ବୀରେନ ଭୋଇ, ଟଙ୍କ ପ୍ରଧାନ, ଭିଏସ୍‌ଏସ୍ ସଭାପତି ରମଣି ଭୋଇ, ବିରଞ୍ଚି ଭୋଇ, ରତ୍ନାକର ଭୋଇ ଓ ମହିଳା ସଦସ୍ୟମାନେ ଉପସ୍ଥିତ ଥିଲେ। ପର୍ଯ୍ୟଟକଙ୍କ ସୁରକ୍ଷା, ସଫେଇ, ପାର୍କର ରକ୍ଷଣାବେକ୍ଷଣ, ବୋଟିଂ ପରିଚାଳନା, ପରିବେଶ ସଫାସୁତୁରା ରଖିବା ଦିଗରେ ଆଲୋଚନା ହୋଇଥିଲା। ଦାୟିତ୍ୱ ଦିଆଯିବା ପରେ ଭିଏସ୍‌ଏସ୍ ମହିଳା ସଦସ୍ୟମାନେ ଏହାକୁ ନେଇ ଖୁସି ବ୍ୟକ୍ତ କରିଥିଲେ। ସେମାନଙ୍କୁ ବିକାଶ ମଞ୍ଚ ଓ ଅନ୍ୟ ଯୁବକମାନେ ସହଯୋଗ କରିବେ ବୋଲି ପ୍ରସ୍ତାବ ଗୃହୀତ ହୋଇଥିଲା। ବନ ବିଭାଗ ପକ୍ଷରୁ ମଧ୍ୟ ସମସ୍ତ ସହଯୋଗ କରାଯିବ ବୋଲି ରେଞ୍ଜର ଦାସ କହିଥିଲେ।

## ଚାଷୀଙ୍କୁ ବିହନ ବିଶୋଧନ ତାଲିମ

**ରେଢାଖୋଲ,୨୧।୧(ଡି.ଏନ.ଏ.)**

ବୁଧବାର ରେଢାଖୋଲ କୃଷି ଜିଲା ଅଧୀନ ଚାରମାଳ ପଞ୍ଚାୟତର ଖୁବେଲ ଓ ମୋଚିବାହାଳ ପଞ୍ଚାୟତର ଲଦଲଦା ଗ୍ରାମରେ ବିହନ ବିଶୋଧନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଉଭୟ ସ୍ଥାନରେ ପ୍ରାୟ ୫୦ ଜଣ ଲେଖାଏ ମହିଳାପୁରୁଷ ଚାଷୀଙ୍କୁ ବିହନ ବିଶୋଧନ କିପରି କରାଯିବ ତା' ଉପରେ ତାଲିମ ପ୍ରଦାନ କରାଯାଇଛି। ରେଢାଖୋଲ ସହକାରୀ କୃଷି ଅଧିକାରୀ ଗଗନ ବିହାରୀ ନାୟକ, ଚାରମାଳ ସହକାରୀ କୃଷି ଅଧିକାରୀ ଦିଲେଶ୍ୱର ସାହୁ, କୃଷି ଓଭରସିଅର ସୁଜାତା ପଣ୍ଡା ଯୋଗଦେଇ ବିହନ ବିଶୋଧନ ପ୍ରକାରଭେଦ ଉପରେ କହିଥିଲେ। ଶୁଷ୍କ ବିହନ, ଆର୍ଦ୍ର ବିହନ, କାଦୁଅ ବିହନ, ଚାରା ବିଶୋଧନର ଉପକାର ସମ୍ପର୍କରେ କହିଥିଲେ। ମୋଚିବାହାଲ କୃଷକ ସାଥୀ ସନ୍ତୋଷ ସାହୁ ଓ ଚାରମାଲ କୃଷକସାଥୀ ବୀରେନ ଚନ୍ଦ୍ର ପ୍ରଧାନ ସହଯୋଗ କରିଥିଲେ।

# ମନ୍ଦିର ଟ୍ରଷ୍ଟ ପରିବର୍ତ୍ତନ କରିବାକୁ ଦାବି



ସମ୍ବଲପୁର ଦେବୋତ୍ତର କମିଶନର ଅଫିସ ସମ୍ମୁଖରେ ଅଭିଯୋଗକାରୀ ।

**ସମ୍ବଲପୁର,୨୧।୧(ବ୍ୟୁରୋ)**

ସମ୍ବଲପୁରର ମାଁ ସମଲେଇ ମନ୍ଦିର ଟ୍ରଷ୍ଟ ବୋର୍ଡ ପୁନଃ ଗଠନ ପାଇଁ ବୁଧବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦେବୋତ୍ତୋର ବିଭାଗ କମିଶନରଙ୍କ ପାଖରେ ଦାବି ହୋଇଛି। ଭାଜପା ଜିଲା ସଭାପତି ଗିରିଶ ପଟେଲଙ୍କ ନେତୃତ୍ୱରେ କେତେକ ମନ୍ଦିର ପୂଜକ ଉପସ୍ଥିତ ଥିଲେ। ସେମାନଙ୍କ ଅଭିଯୋଗ କ୍ରମେ ବହୁ ବର୍ଷ ହେଲା ନୂତନ ଟ୍ରଷ୍ଟ ବୋର୍ଡ ଗଠନ ହୋଇନାହିଁ। କେତେକ ବ୍ୟକ୍ତି ପରିଚାଳନା କରୁଛନ୍ତି। ତେଣୁ ସ୍ଥାୟୀ ଟ୍ରଷ୍ଟବୋର୍ଡ କରାଯାଉ। ଦାବିପତ୍ରରେ ପ୍ରକାଶ ରାୟ, ଲକ୍ଷ୍ମୀନାରାୟଣ ପଟେଲ, ବିଦ୍ୟାଧର ସୁନା ପ୍ରମୁଖଙ୍କ ସ୍ୱାକ୍ଷର ରହିଛି। ମଙ୍ଗଳବାର ରାଜ୍ୟସ୍ତରୀୟ କମିଟି ଆସି ମନ୍ଦିର ସୌନ୍ଦର୍ଯ୍ୟକରଣ ଓ ପାରିପାର୍ଶ୍ୱିକ ଉନ୍ନତି କରି ବିଶ୍ୱସ୍ତରୀୟ କରିବା ପାଇଁ ଘୋଷଣା କରିଛନ୍ତି। ଉନ୍ନୟନ କାମ ମଧ୍ୟ ଆରମ୍ଭ ହୋଇଛି। ଏପରି ସମୟରେ ମନ୍ଦିର ଟ୍ରଷ୍ଟ ପରିବର୍ତ୍ତନ ଦାବିକୁ ନେଇ ଚର୍ଚ୍ଚା ଚାଲିଛି।

# ବଡ଼ଦେଓ ଜଙ୍ଗାଲିଙ୍ଗାଙ୍କ ବାର୍ଷିକ ପୂଜା ଉତ୍ସବ

**ଜମନକିରା,୨୧।୧(ଡି.ଏନ.ଏ.)**

ଜମନକିରା ବ୍ଲକ ନୂଆଁଡ଼ିହି ଆଞ୍ଚଳିକ କମିଟି ଗୁଡ଼ି ଆନୁକୂଲ୍ୟରେ ବୁଧବାର ଗୋଣ୍ଡ ସମାଜର ଇଷ୍ଟଦେବତା ବଡ଼ଦେଓ ଜଙ୍ଗାଲିଙ୍ଗାଙ୍କ ବାର୍ଷିକ ପୂଜା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଗୋଣ୍ଡ ସମାଜର ବରିଷ୍ଠ ସଦସ୍ୟ ଘନଶ୍ୟାମ ନାଏକଙ୍କ କହିବା ଅନୁସାରେ ଦୀର୍ଘ ୪୦ ବର୍ଷ ହେବ ଆମେ ଏଠି ପ୍ରଭୁ ଜଙ୍ଗାଲିଙ୍ଗାଙ୍କୁ ପୂଜା କରିଆସୁଛୁ । କିନ୍ତୁ ଚଳିତବର୍ଷ କରୋନା କଟକଣା ଯୋଗୁ ପୂଜା ଉତ୍ସବ ଫିକା ପଡିଯାଇଛି । ଆଞ୍ଚଳିକ ଗୁଡ଼ି ସମିତିର ସଭାପତି ନରେଶ କୁମାର ନାଏକଙ୍କ ଅଧ୍ୟକ୍ଷତାରେ ପୂଜକ ବୀରେନ୍ଦ୍ର କୁମାର ନାଏକ ପୂଜାର୍ଚ୍ଚନା କରିଥିଲେ । ସକାଳୁ ଘନାଘୋଷ ମନ୍ଦିର ଠାରୁ ଠାକୁରଙ୍କୁ ନିଆଯାଇ ନୂଆଁଡ଼ିହି ଗୁଡ଼ିର ଆସ୍ଥାନରେ ରଖାଯାଇଥିଲା। ପ୍ରଥମେ ଏକ କଳସ ଶୋଭାଯାତ୍ରା ଆରମ୍ଭ ହୋଇଥିଲା । ପ୍ରଭୁଙ୍କ ପୂଜା ସରିବା ପରେ ଆଖଡ଼ା ଓ ସନ୍ଧ୍ୟାରେ ମନୋରଞ୍ଜନ କାର୍ଯ୍ୟକ୍ରମ ହୋଇଥିଲା । କମିଟିର ୨୨ ଖଣ୍ଡ ଗ୍ରାମର ଭକ୍ତ ଆସି ପ୍ରଭୁଙ୍କୁ ଦର୍ଶନ କରିଥିଲେ। କମିଟି ଉପସଭାପତି ଭିକାରି ଚରଣ ନାଏକ, ସମ୍ପାଦକ ନକୁଳ ଚନ୍ଦ୍ର ନାଏକ, ସହସମ୍ପାଦକ ସୁଧୀର କୁମାର ନାଏକ, ସଦସ୍ୟ ସୁରେନ୍ଦ୍ର ଭୋଇ, ରଘୁନାଥ ନାଏକ, ଦେବାନନ୍ଦ ମାଝି ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

# ଏଲ୍‌ଆଣ୍ଡ୍‌ଟି ପକ୍ଷରୁ ସଡକ ସୁରକ୍ଷା ସପ୍ତାହ



ପରଧିଆପାଲିଠାରେ ଲୋକଙ୍କୁ ସଚେତନ କରାଯାଉଛି। ।

**ସମ୍ବଲପୁର,୨୧।୧(ବ୍ୟୁରୋ)**

ସମ୍ବଲପୁର-ଝାରସୁଗୁଡା ରାଜ୍ୟ ରାଜପଥର ପରଧିଆପାଲିଠାରେ ଏଲ୍‌ଆଣ୍ଡ୍‌ଟି ପକ୍ଷରୁ ବୁଧବାର ସଡକ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି। ଶାସନ ଥାନା ଅଧିକାରୀ ଜୟରଶ୍ମି ସେଠୀ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଯାତାୟାତ କରୁଥିବା ଗାଡିଗୁଡିକ ଅଟକାଇ ସଚେତନତାର ବାର୍ତ୍ତା ଦେଉଥିଲେ। ଗୋଲାପ ସହିତ ଲିଫ୍‌ଲେଟ ମଧ୍ୟ ବଣ୍ଟନ କରାଯାଉଥିଲା। ସଡକ ସୁରକ୍ଷା ନିୟମ ପାଳନ କରିବା ପାଇଁ ଚାଳକମାନଙ୍କୁ ଅନୁରୋଧ କରାଯାଉଥିଲା। ଏହି କାର୍ଯ୍ୟକ୍ରମରେ ଏଲ୍‌ଆଣ୍ଡ୍‌ଟି କମ୍ପାନୀର ରୁଟ ମ୍ୟାନେଜର ମନୋଜ କୁମାର ପଟ୍ଟନାୟକ, ସିଦ୍ଧାର୍ଥ ଗୌତମ, ରଞ୍ଜିତ ନାଗ ପ୍ରମୁଖ କର୍ମଚାରୀ ଉପସ୍ଥିତ ଥିଲେ।

# ଦନ୍ତାରିବାହାଲରେ ହାତୀ ଉପଦ୍ରବ

**ଦେବଗଡ,୨୧।୧(ଡି.ଏନ୍.ଏ.)**

ଦେବଗଡ ଜିଲା ଦନ୍ତାରୀବାହାଲ ଫରେଷ୍ଟ ସେକ୍ସନ ଅନ୍ତର୍ଗତ ଦନ୍ତାରିବାହାଲ ମକୁରଦୁମା ସାହିରେ ବୁଧବାର ରାତିରେ ଏକ ଦନ୍ତା ହାତୀର ଉପଦ୍ରବ ଦେଖିବାକୁ ମିଳିଥିଲା। ଗ୍ରାମର ପରମାନନ୍ଦ ଭୋଇଙ୍କ ଘର କାନ୍ଥ ଓ ଆଜବେଷ୍ଟସ ଛାତ ଭାଙ୍ଗି ଦେଇଥିଲା ହାତୀ। ପରେ ଘରେ ଥିବା ବାସନକୁସନ ଓ ଆସବାବ ପତ୍ର ଦଳି ନଷ୍ଟ କରିଥିଲା । ଧାନ ଓ ଚାଉଳ ଆଦି ମଧ୍ୟ ଖାଇ ଦେଇଥିଲା । ଏଥିସହ ତାଙ୍କ ବାଡିରେ ଥିବା ବହୁ କଦଳୀ ଗଛ ନଷ୍ଟ କରି ପକାଇଛି। ତେବେ ପରମାନନ୍ଦ ଓ ତାଙ୍କ ପରିବାରର ସଦସ୍ୟମାନେ



ହାତୀ ଭାଙ୍ଗି ପକାଇଥିବା ଘର।

ବାହାରକୁ ଦୌଡି ପ୍ରାଣ ବଞ୍ଚାଇଥିଲେ। ଏହାପରେ ଦନ୍ତା ବାଇଧର ମାଝୀଙ୍କ ଘର କାନ୍ଥ ଓ ଖପର ଛାଉଣି ଭାଙ୍ଗିବା ସହ ବିଭନ୍ନ ସମାଗ୍ରୀ ଫିଙ୍ଗା ଫୋପଡା କରିଥିଲା। ଏହାପରେ ଦନ୍ତା ତରଣୀ ନାୟକ, ଶଙ୍କର୍ଷଣ ନାୟକଙ୍କ ଘର ଭାଙ୍ଗିବା ସହ କଦଳୀ ଗଛ ଭାଙ୍ଗିଛି। ରେଙ୍ଗଟୁ ଭୋଇଙ୍କ ପିଆଜ ଚାଷକୁ ଦନ୍ତା ଦଳିଚକଟି ଦେଇଛି। ସୂଚନା ପାଇ ଫରେଷ୍ଟର ପ୍ରସନ୍ନ କୁମାର ମିଶ୍ର ବିଭାଗୀୟ କର୍ମଚାରୀଙ୍କ ସହ ଦନ୍ତାରିବାହାଲରେ ପହଞ୍ଚି ଗ୍ରାମବାସୀଙ୍କ ସହାୟତାରେ ଦନ୍ତାକୁ ଜଙ୍ଗଲ ମଧ୍ୟକୁ ଘଉଡାଇ ଦେଇଥିଲେ । ତେବେ ନିକଟସ୍ଥ ଜଙ୍ଗଲରେ ଥିବାରୁ ରାତିରେ ପୁଣିଥରେ ହାତୀ ଗାଁକୁ ପଶିବାର ଅଶଙ୍କା ଥିବାରୁ ଗ୍ରାମବାସୀ ଆତଙ୍କିତ ଅବସ୍ଥାରେ ରହିଛି । ହାତୀ ଉପଦ୍ରବରେ କ୍ଷତିଗ୍ରସ୍ତ ଗ୍ରାମବାସୀଙ୍କୁ ଆର୍ଥିକ ସହାୟତା ଯୋଗାଇ ଦେବାକୁ ଦାବି ହେଉଛି ।

## ରିଲାଏନ୍ସ-ଫ୍ୟୁଚର ଗ୍ରୁପ୍ ଡିଲ୍‌କୁ ସେବିର ମଞ୍ଜୁରୀ

ଭାରତୀୟ ପ୍ରତିଭୂତି ଏବଂ ବିନିମୟ ବୋର୍ଡ (ସେବି) ଫ୍ୟୁଚର ଗ୍ରୁପ୍‌ର ବ୍ୟବସାୟିକ ସମ୍ପତ୍ତି ରିଲାଏନ୍ସକୁ ବିକ୍ରି ପ୍ରକ୍ରିୟାକୁ ବୁଧବାର ସେବି ଅନୁମୋଦନ ପ୍ରଦାନ କରିଛି। ଏହାଦ୍ୱାରା ଆମାଜନକୁ ଶକ୍ତ ଧକ୍କା ଲାଗିଛି। ଫଳରେ ପ୍ରାୟ ୨୪,୭୧୩ କୋଟି ଟଙ୍କାର ଏହି କାରବାରକୁ ସେବିର ମଞ୍ଜୁରୀ ମିଳିବା ଦ୍ୱାରା ରିଲାଏନ୍ସ ଓ ଫ୍ୟୁଚର ଗ୍ରୁପ୍‌କୁ ବଡ଼ ଆଶ୍ୱସ୍ତି ମିଳିଛି।

# ସେନ୍‌ସେକ୍ସ ଆକାଶଛୁଆଁ

**ଗୁରୁବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜର ସେନ୍‌ସେକ୍ସ ପ୍ରଥମ ଥର ଲାଗି ୫୦ ହଜାର ପଏଣ୍ଟ ସ୍ତର ଛୁଇଁଛି। କାରବାର ଶେଷ ବେଳକୁ ଏଥିରେ ୧୬୭ ପଏଣ୍ଟ ହ୍ରାସ ହୋଇ ଏହା ୪୯,୬୨୫ ପଏଣ୍ଟ ଏବଂ ନିଫ୍ଟିରେ ୫୪ ପଏଣ୍ଟ ହ୍ରାସ ଘଟି ୧୪,୫୯୦ ପଏଣ୍ଟ ସ୍ତରରେ ବନ୍ଦ ହୋଇଛି। କୋଭିଡ୍ ଯୋଗୁ ବଜାର ଗତବର୍ଷ ମାର୍ଚ୍ଚରେ ରେକର୍ଡ ନିମ୍ନକୁ ଖସିଥିଲା। ଉଭୟ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ(ବିଏସ୍‌ଇ) ଏବଂ ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ(ଏନ୍‌ଏସ୍‌ଇ) ମହାମାରୀ ସତ୍ତ୍ୱେ ଭଲ କାରବାର କରିଛନ୍ତି। ସେନ୍‌ସେକ୍ସ ପ୍ରାୟ ୧୬% ବଢ଼ିଥିବା ନଜରକୁ ଆସିଛି। ସାଧାରଣ ବଜେଟ-୨୦୨୧ ଆସୁଥିବା ବେଳେ ଭାରତୀୟ ପୁଞ୍ଜିବଜାରରେ ଏହା ରେକର୍ଡ ସ୍ତର। ଆସନ୍ତୁ, ସେନ୍‌ସେକ୍ସ ସମ୍ପର୍କିତ କିଛି ରୋଚକ ତଥ୍ୟ ଏବଂ ସଫଳତା ଉପରେ ନଜର ପକାଇବା....**



### କେମିତି ଆରମ୍ଭ ହୋଇଥିଲା ଯାତ୍ରା

ସେନ୍‌ସେକ୍ସ ଭାରତରୁ ସବୁଠୁ ପୁରୁଣା ଷ୍ଟକ୍ ଏକ୍ସଚେଞ୍ଜ। ଏହା ୧୯୮୬ରେ ଆରମ୍ଭ ହୋଇଥିଲା। ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ(ବିଏସ୍‌ଇ)ର ଏଥିରେ ୩୦ ବୃହତ୍ ଏବଂ ସବୁଠାରୁ ଭଲ କାରବାର କରୁଥିବା ଷ୍ଟକ୍ ରହିଛି। ଏହି ସୂଚକାଙ୍କ ବେସ୍ ପ୍ରାଇସ ୧୦୦ରେ (ମୂଳ ବର୍ଷ ୧୯୭୮-୭୯)ରେ ଆରମ୍ଭ ହୋଇଥିଲା। ଷ୍ଟକ୍ ବଜାର ଆନାଲିଷ୍ଟ ଦୀପକ ମୋହନି ସେନ୍‌ସେକ୍ସ ଶବ୍ଦକୁ ଆଣିଥିଲେ। ସେନ୍‌ସିଟିଭ ଏବଂ ଇଣ୍ଡେକ୍ସ ଶବ୍ଦର ମିଶ୍ରଣରେ ସେନ୍‌ସେକ୍ସ ଶବ୍ଦର ଉତ୍ପତ୍ତି ହୋଇଥିଲା। ଆରମ୍ଭ ପରଠାରୁ ସେନ୍‌ସେକ୍ସ ବଜାର ପୁଞ୍ଜିକରଣକୁ ଆଧାରକରି ହିସାବ ହେଉଥିବା ବେଳେ ୨୦୦୩ ସେପ୍ଟେମ୍ବର ପରଠାରୁ ଫ୍ରିଫ୍ଲୋଟ୍ କ୍ୟାପିଟାଲାଇଜେଶନ ମେଥଡ ଆଧାରରେ ହିସାବ କରାଯାଉଛି।

### ୧୯୯୧ ପରର ଅଭିବୃଦ୍ଧି

୧୯୯୧ରେ ଭାରତ ଏୟାର ଅର୍ଥ ବ୍ୟବସ୍ଥା ସାରା ବିଶ୍ୱ ଲାଗି ଖୋଲିବା ପରେ ୩୦ ଶେୟାର ବିଶିଷ୍ଟ ବମ୍ବେ ଷ୍ଟକ ଏକ୍ସଚେଞ୍ଜ ଅନେକ ଅଭିବୃଦ୍ଧି ହାସଲ କରିବାକୁ ସକ୍ଷମ ହେଲା। ୨୦୦୦ ମସିହା ପୂର୍ବରୁ ସେନ୍‌ସେକ୍ସ ୫ ହଜାର ପଏଣ୍ଟ ସ୍ତରରେ ଥିବା ବେଳେ ୨୦୨୧ ଜାନୁୟାରୀରେ ଏହା ସର୍ବକାଳୀନ ରେକର୍ଡ ସ୍ତରରେ ରହିଛି। ୨୦୧୪ ମେ ମାସରେ ଏନ୍‌ଡିଏ ଶାସନ କ୍ଷମତାକୁ ଆସିବା ପରେ ସେନ୍‌ସେକ୍ସ ୨୫ ହଜାର ସ୍ତର ଟପିଥିଲା। ୩୫ ହଜାର ସ୍ତର ଛୁଇଁବାକୁ ବଜାରକୁ ୪ ବର୍ଷ ସମୟ ଲାଗିଗଲା। ମୋଦି ପୁଣି ଥରେ କ୍ଷମତାକୁ ଫେରିବା ପରେ ସେନ୍‌ସେକ୍ସ ୪୦ ହଜାର ପଏଣ୍ଟ ଟପିଲା। ମୋଦି କ୍ଷମତାକୁ ଆସିବା ବେଳେ ୨୫ ହଜାର ପଏଣ୍ଟରେ ଥିବା ସେନ୍‌ସେକ୍ସ ଏବେ ୫୦ ହଜାର ପଏଣ୍ଟ ଛୁଇଁଛି।

### ୪୫ରୁ ୫୦ ହଜାର ପଏଣ୍ଟ

ଚଳିତ ବର୍ଷ ୭ଟି ସେସନରେ ସେନ୍‌ସେକ୍ସ ୧୫୦୦ ପଏଣ୍ଟ ଯୋଡ଼ିପାରିଛି। ବିଦେଶୀ ପୁଞ୍ଜିନିବେଶକଙ୍କ ନିବେଶ ବଢ଼ିବା ଯୋଗୁ ଏହା ୪୮ ହଜାର ପଏଣ୍ଟକୁ ପଛରେ ପକାଇ ଦେଇଛି।

### କୋଭିଡ୍ ପ୍ରଭାବ

କୋଭିଡ୍ ଯୋଗୁ ବଜାର ମାର୍ଚ୍ଚରେ ଖସିଯାଇଥିଲା। ହେଲେ ପରେ ସରକାରଙ୍କ ପକ୍ଷରୁ ଆର୍ଥିକ ପ୍ୟାକେଜ ଘୋଷଣା ହେବା ପରେ ବଜାରରେ କାରବାର ଉନ୍ନତ ରହିଛି। କାରବାର ଖସିବା ପରେ ସେନ୍‌ସେକ୍ସ ୧୦ ମାସ ମଧ୍ୟରେ ୫୧ % ପ୍ରତ୍ୟାବର୍ତ୍ତନ କରିଛି। କୋଭିଡ୍ ସମୟରେ ଷ୍ଟକ୍ ବଜାରର ଲାଭ କ୍ଷତି ତୁଳନାରେ ଅଧିକ। କୋଭିଡ୍ ଚାପରୁ ବାହାରିବା ପରେ ବଜାର ନୂଆ ରେକର୍ଡ ସ୍ତର ଛୁଇଁଛି। ମୋଟାମୋଟି ଭାବେ ସେନ୍‌ସେକ୍ସ ୧୫.୭% ବଢ଼ିଥିବା ବେଳେ ନିଫ୍ଟି ୧୪.୯% ବଢ଼ିଛି। ଏହି ସମୟରେ ଆଇଟି ଏବଂ ଫାର୍ମା ଷ୍ଟକ୍ କାରବାର ସବୁଠାରୁ ଭଲ ରହିଛି। ବିଶ୍ୱ ସ୍ତରର ଷ୍ଟକ୍ ବଜାରଗୁଡ଼ିକୁ ଧ୍ୟାନରେ ରଖିଲେ ସେନ୍‌ସେକ୍ସ ୮୦% ଏବଂ ନାସ୍‌ଦାକ ୮୬% ସୁଧାର ହୋଇଛି।

### ଅର୍ଥ ବ୍ୟବସ୍ଥାର ଅନ୍ୟ ଦିଗ

୧୯୯୦ ପରଠାରୁ ଭାରତର ମୁଣ୍ଡ ପିଛା ଆୟରେ ସ୍ଥିର ବୃଦ୍ଧି ପରିଲକ୍ଷିତ ହୋଇଛି। ଆର୍ଥିକ ଅଭିବୃଦ୍ଧି ପ୍ରଭାବିତ ହୋଇ ରହିଥିବା ବେଳେ ସେନ୍‌ସେକ୍ସରେ ବୃଦ୍ଧି ସହ ଏହା ଗତି କରିପାରିନାହିଁ। ଗତ ୪ ଦଶନ୍ଧି ମଧ୍ୟରେ ଭାରତୀୟ ଅର୍ଥ ବ୍ୟବସ୍ଥା ସବୁଠାରୁ ଖରାପ ସ୍ଥିତି ଦେଇ ଗତି କରୁଥିବା ବେଳେ ସେନ୍‌ସେକ୍ସ ସର୍ବକାଳୀନ ରେକର୍ଡ ସ୍ତରରେ ରହିଛି।

### ବଜାର ପୁଞ୍ଜୀକରଣ ୨୦୦ ଲକ୍ଷ କୋଟି ନିକଟତର

ବିଏସ୍‌ଇ ସୂଚୀଭୁକ୍ତ କମ୍ପାନୀଗୁଡ଼ିକର ବଜାର ପୁଞ୍ଜୀକରଣ ପ୍ରାୟ ୨୦୦ ଲକ୍ଷ କୋଟି ଟଙ୍କା ନିକଟତର ହୋଇଛି।

### ସମୟ- ସଫଳତା

- ♦୧୮୭୫- ଶେୟାର ଏବଂ ଷ୍ଟକ୍ ବ୍ରୋକର ଆସୋସିଏଶନର ୩୧୮ ସଦସ୍ୟ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ ସ୍ଥାପନା ଲାଗି ଉଦ୍ୟମ କରିଥିଲେ।
- ♦୧୯୫୬- ଭାରତର ପ୍ରଥମ ଷ୍ଟକ୍ ଏକ୍ସଚେଞ୍ଜ ଭାବେ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜକୁ ସ୍ୱୀକୃତି, ସିକ୍ୟୁରିଟିଜ କଣ୍ଟ୍ରାକ୍ଟ(ରେଗୁଲେଶନ) ଆଇନ ପାସ୍।
- ♦୧୯୭୭- ରିଲାଏନ୍ସ ଆଇପିଓ ଲଞ୍ଚ। ଏହାପରଠାରୁ ରିଲାଏନ୍ସର ସଫଳତା ଯାତ୍ରା ଅବ୍ୟାହତ।
- ♦୧୯୮୬ ଜାନୁୟାରୀ- ୩୦-ସ୍କ୍ରିପ୍ ଫ୍ରିଫ୍ଲୋଟ ବିଏସ୍‌ଇ ଇଣ୍ଡେକ୍ସ ଆରମ୍ଭ।
- ♦୧୯୯୦- ଦେଶର ପ୍ରଥମ ଇଲେକ୍‌ଟ୍ରୋନିକ ଏକ୍ସଚେଞ୍ଜ ଓଭର ଦ କାଉଣ୍ଟର ଏକ୍ସଚେଞ୍ଜ ଇଣ୍ଡିଆ (ଓଟିସିଇଆଇ)
- ♦ଏପ୍ରିଲ ୧୯୯୨- ହର୍ଷଦ ମେହେଟା ସ୍କାମ ଯୋଗୁ ବମ୍ବେ ଷ୍ଟକ ଏକ୍ସଚେଞ୍ଜ ୧୨.୭୭% ଖସିଲା



- ♦୧୯୯୩- ଇନଫୋସିସର ବଜାର ପ୍ରବେଶ, ଆଇଟି କ୍ଷେତ୍ର ଶେୟାର ଲାଗି ବିଶ୍ୱାସ ବଢ଼ାଇଲା
- ♦୧୯୯୪- ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ(ଏନ୍‌ଏସ୍‌ଇ)ର କାର୍ଯ୍ୟାରମ୍ଭ, (ହୋଲସେଲ ଡେଟ ଏବଂ ଇକ୍ୱିଟି ବଜାର ଲାଇଭ ହେଲା)
- ♦୧୯୯୫- ବିଏସ୍‌ଇରେ ବୋଲ୍ଟ ନାମକ ଅନଲାଇନ ଟ୍ରେଡିଂ ଆରମ୍ଭ
- ♦୧୯୯୬- ନ୍ୟାଶନାଲ ସିକ୍ୟୁରିଟିଜ ଡିପୋଜିଟୋରି ଲିମିଟେଡ ସ୍ଥାପନା
- ♦୨୦୦୪ ମେ ୧୭- ୧୫.୫୨% ଖସିଲା ସେନସେକ୍ସ, କଂଗ୍ରେସ ଲୋକସଭା ନିର୍ବାଚନ ଜିତିଲା
- ♦୨୦୦୮ ଜାନୁୟାରୀ ୨୧- କଳା ସୋମବାର, ବିଏସ୍‌ଇରେ ୧୪୦୮ ପଏଣ୍ଟ ହ୍ରାସ, ନିବେଶକଙ୍କ ସମ୍ପତ୍ତିରେ ସର୍ବାଧିକ ହ୍ରାସ
- ♦୨୦୧୬ ନଭେମ୍ବର ୯- ଭାରତୀୟ ଟଙ୍କାର ବିମୁଦ୍ରୀକରଣ ପ୍ରଭାବ, ୧୬୮୯ ପଏଣ୍ଟ ଖସିଲା ସେନ୍‌ସେକ୍ସ,
- ♦୨୦୨୦ ଫେବୃୟାରୀ ୨୮- କୋଭିଡ ଯୋଗୁ ୧୪୮୪ ପଏଣ୍ଟ ଖସିଲା ସେନ୍‌ସେକ୍ସ
- ♦୨୦୨୦ ମାର୍ଚ୍ଚ ୨୩- ସାରା ଦେଶରେ ଲକଡାଉନ ଘୋଷଣା ଯୋଗୁ ୩୯୩୫ ପଏଣ୍ଟ (୧୩.୧୫%) ଖସିଲା ସେନ୍‌ସେକ୍ସ
- ♦୨୦୨୧ ଜାନୁୟାରୀ ୨୧- ୫୦ ହଜାର ସ୍ତର ଛୁଇଁଲା ସେନ୍‌ସେକ୍ସ

# ରିଲାଏନ୍ସ ଡିଜିଟାଲ ଇଣ୍ଡିଆ ସେଲ୍‌ର ଶୁଭାରମ୍ଭ

ନୂଆଦିଲ୍ଲୀ,୨୧ା୧

ସାଧାରଣତନ୍ତ୍ର ଦିବସ ଅବସରରେ ରିଲାଏନ୍ସ ଡିଜିଟାଲ ପକ୍ଷରୁ ଆକର୍ଷଣୀୟ 'ଡିଜିଟାଲ ଇଣ୍ଡିଆ ସେଲ୍'ର ଶୁଭାରମ୍ଭ କରାଯାଉଛି। ଏହା ଜରିଆରେ ଏକ୍ସକ୍ଲୁସିଭ୍ ଡିଲ୍ ଓ ଅତୁଳନୀୟ ଅଫର ସମୂହ ବ୍ୟାପକ ବର୍ଗର ଇଲେକ୍ଟ୍ରୋନିକ୍ସ ସାମଗ୍ରୀରେ ଚଳିତ ମାସ ୨୨ରୁ ୨୬ ତାରିଖ ପର୍ଯ୍ୟନ୍ତ ପ୍ରଦାନ କରାଯାଉଛି। ସେହିଭଳି ରିଲାଏନ୍ସ ଡିଜିଟାଲ ପକ୍ଷରୁ ୧୦ ହଜାର ଟଙ୍କା ପର୍ଯ୍ୟନ୍ତ ୧୦% ତୁରନ୍ତ ରିହାତି ସୁବିଧା ଦେଉଛି। ଏହା ସହିତ ସିଟି, ଆଇସିଆଇସିଆଇ ଓ କୋଟାକ ମହିନ୍ଦ୍ରା ବ୍ୟାଙ୍କର ଡେବିଟ୍ ଓ କ୍ରେଡିଟ୍ କାର୍ଡରେ ମଧ୍ୟ ଇଏମ୍‌ଆଇ ଏବଂ ଅଣ-ଇଏମ୍‌ଆଇ କାରବାରରେ ରିଲାଏନ୍ସ ଡିଜିଟାଲ ଓ ମାଇ ଜିଓ ଷ୍ଟୋରରେ ପ୍ରଦାନ କରୁଛି। ଏହି ସୁବିଧାକୁ ମଧ୍ୟ କୋଟକ ମହିନ୍ଦ୍ରା ବ୍ୟାଙ୍କ ଓ ଆଇସିଆଇସିଆଇ ବ୍ୟାଙ୍କର ଗ୍ରାହକ ଡୁରୋବଲ୍ ଲୋନ୍ ଉପରେ ଉପଲବ୍ଧ କରାଯାଇପାରିବ; ଯେଉଁଥିରେ ମଧ୍ୟ ରହିଛି କାର୍ଡଲେସ୍ ଇଏମ୍‌ଆଇ କାରବାର ତଥା କ୍ୟାଶ୍‌ବ୍ୟାକ୍‌ର ସୁବିଧା। ଡିଜିଟାଲ ଇଣ୍ଡିଆ ସେଲ୍ ସହିତ ଗ୍ରାହକମାନେ ଅତୁଳନୀୟ ମୂଲ୍ୟ ସୁବିଧା ଓ ଇଏମ୍‌ଆଇ ବିକଳ୍ପକୁ ବିଭିନ୍ନ ବର୍ଗର ସାମଗ୍ରୀ ଯଥା ଟେଲିଭିଜନ, ଗୃହ ଉପକରଣ, ମୋବାଇଲ ଫୋନ୍, ଲାପ୍‌ଟପ୍, ଆସେସୋରିଜ୍, ୱିରେବଲ୍ ଓ ଆହୁରି ଅନେକ ସାମଗ୍ରୀରେ ପାଇପାରିବେ। ରିଲାଏନ୍ସ ଡିଜିଟାଲ ଷ୍ଟୋର ଓ ମାଇ ଜିଓ ଷ୍ଟୋରରୁ କ୍ରୟ କରିପାରିବେ କିମ୍ବା ସଂସ୍ଥାର ଅନ୍‌ଲାଇନ କ୍ରୟ ସହିତ ଇନ୍‌ଷ୍ଟା ଡେଲିଭରି ସୁବିଧା ଏବଂ ନିକଟତମ ଷ୍ଟୋରରୁ ଷ୍ଟୋର ପିକ୍-ଅପ୍ ବିକଳ୍ପ ସୁବିଧା ପାଇପାରିବେ ବୋଲି କମ୍ପାନୀ ପକ୍ଷରୁ ସୂଚନା ରହିଛି।

---

WORKS DEPARTMENT No. B-661

## OFFICE OF THE SUPERINTENDING ENGINEER EASTERN CIRCLE (R&B), BALASORE

e-mail: seec_bls@rediffmail.com

**Government of Odisha "e" Procurement Notice**

**Bid Identification No. SEEC-07/2020-21**

**No. 6860** **Dt.31.12.20**

| | |
|---|---|
| Nature of Work | : Bridge & Building Works |
| Number of Works | : 03 (Three) Nos. Bridge Works & 05 (Five) Nos. Building Works |
| Amount put to tender | : Rs.160.55 lakh to Rs.599.54 lakh |
| Class of Contractor | : "B" & "A" & "Special" Clas |
| Date & time of availability of bid document in the portal | : Dt.22.01.2021 at 10.00 A.M. |
| Last date/time of receipt of bid in the portal | : Dt.05.02.2021 upto 05.00 P.M. |
| Date of opening of bid | : Dt.08.02.2021 at 11.00 A.M. |
| Name & address of the Office Inviting Bid | : Superintending Engineer, Eastern Circle (R&B), Balasore |

The bidders have to participate in **ONLINE** bidding only. Further details can be seen from the e-procurement portal **"http//tendersodisha.gov.in"**. All future corrigendum will be available on ONLINE mode only.

**Sd./- S.K. Mohanty**
**Superintending Engineer**
**Eastern Circle (R&B) Balasore**
**OIPR-34026/11/0008/2021**

---

## OFFICE OF THE EXECUTIVE ENGINEER, RWS&S DIVISION, BHANJANAGAR-761126

Phone No.06821-241026(O)/241079(R), Fax No.-06821-241026/240056, e-mail:eerwss_bnj@nic.in <eerwssbnj2009@gmail.com

**Govt. of Orissa "e" Procurement Notice**

No.O-922:- **Bid Identification No. E.E._RWS&S_56/2020-21**

| | | |
|---|---|---|
| 1. | The Executive Engineer, RWS&S Division, Bhanjanagar, Ganjam on behalf of Governor of Odisha invites percentage rate/$G_2$ bid in Double Cover system according to the norm of 'e' Procurement system in online mode for providing 100% functional TAP connection for different PWS Schemes in Ganjam District from the eligible contractors as per DTCN. | |
| 2. | Nature of work: | Supplying all labour T&P and materials for construction, testing, Commissioning of RCC ESR and OGR construction of valve chamber, 100% house connection laying of distribution of pipeline etc. for PWS schemes Hatiotta in Polasara Block. |
| 3. | No. of tender: | 02 Nos. |
| 4. | Tender paper cost: | Rs.10000/- |
| 5. | Tender cost: | 217.86 lakhs to 235.42 lakhs |
| 6. | Class of contractor: | B & A |
| 7. | Date and time of availability of bid documents in the portal : | Dt.25.01.2021 at 11.00 A.M. to 09.02.2021 upto 5.00 P.M. |
| 8. | Date of opening of bid: | Dt.10.02.2021 at 11.00 A.M. |
| 9. | Period of completion: | 300 (Three hundred) days |
| 10. | The bidders have to participate in online bidding only. Further details can be seen from the website https://tendersorissa.gov.in | |

**Sd./- Executive Engineer, RWS&S Division, Bhanjanagar**
OIPR-25021/11/0031/2021

---

## OFFICE OF THE SPECIAL PLANNING AUTHORITY, TALASARI

No.02/SPA, Talsari Dated the 20.01.2021

**QUOTATION CALL NOTICE**

Sealed quotations in plain paper are invited from the eligible intending bidders having past experience for "Operation & Management of Parking Place and Toilet Block at Udaypur" for a period of twelve months starting from dtd.01.03.2021 to dtd.28.02.2022. The eligible organization/individual having no criminal records interested to operate the Parking place & Toilet block may submit their quotations latest **by 2 P.M. of dtd.08.02.2021** through **(Registered/Speed Post only)** in the Office of the Tourist Officer, Balasore-cum-Secretary, Special Planning Authority, Talasari which will be taken up for evaluation on dtd. 10.02.2021 at 4.00 P.M. in presence of the quotationers / bidders or their authorized representatives. The upset price for the period has been fixed at Rs.4,00,000/- (Rupees Four Lakhs) only. The successful bidder shall have to deposit the bid price in full in shape of Bank Draft in favour of the Collector, Balasore & Chairman, Special Planning Autority, Talasari at any Nationalized Bank before issue of Work Order. He/She shall have to execute agreement prior to issue of the Work Order as per the terms & conditions. If the successful bidder fails to accept the award in his/her favour, his/her EMD shall be forfeited.

The tender document may be obtained from the Office of the Tourist Officer, Balasore-cum-Secretary, SPA, Talasari from **24.01.2021 (11 A.M.) to 07.02.2021 (2 P.M.) on payment of Rs.500/- (Non-refundable)** in favour of Collector, Balasore & Chairman, Special Planning Authority, Talasari in shape of Bank Draft, payable at Balasore. Applications received after due date & time will not be entertained for any reason. The authority reserves the right to reject any or all the quotations without assigning any reason thereof.

**Sd./- Collector, Balasore & Chairman**
**Special Planning Authority, Talasari**

---

## DIRECTORATE OF FISHERIES ODISHA, CUTTACK

No. M-39

**EOI No. 01/2021 Dated the Cuttack, 20th January, 2021**

**Expression of Interest for Selection of Consultant**

1. The Director of Fisheries, Odisha, Cuttack on behalf of the Governor of Odisha invites **Expression of Interest** from **valid Empaneled Consultants of NABET in Double Cover System** (Technical & Financial Proposal in separate sealed envelope) for selection of farm for preparation of **EIA/EMP & Obtaining Statutory Clearances** for obtaining **Environmental Clearance** on **turnkey basis** as per MOEF, Guidelines and amendments in force for the project **"Construction of Fishing Harbour at Chandipur (Balaramgadi) in Balasore District** in the State of Odisha". The Empaneled NABET accredited consultants including State/Central PSUs/Environment Consultants/Corporate house etc. who have completed similar type of works in **last 2 years ending March 2020** need to participate in prescribed format (along with valid PAN & GST Clearance Ceritificate, Credential Certificate etc.

| Sl. No. | Scope of Work | Place and Work | Qnty. | Period of Completion |
|---|---|---|---|---|
| 1 | 2 | 3 | 4 | 5 |
| 01 | Preparation of Rapid EIA/EMP Study (with one season data) including obtaining Statutory Clearances from Nodal Agencies & obtaining Environment Clearance from MOEF | Chandipur (Balaramgadi) Fishing Harbour in Balasore District. | 1 No. | 6 (Calendar Months) |
| 02 | The receipt of Expression of Interest shall start from | | | 22.01.2021 at 11.00 hours |
| 03 | Last date and time for submission of queries/ clarifications of EOI | | | 27.01.2021 at 11.00 hours |
| 04 | Date & time of Pre-Bid Meeting | | | 29.01.2021 at 11.00 hours |
| 05 | Last date/time for receipt of Expression of Interest | | | 08.02.2021 upto 15.00 hours |
| 06 | The Expression of Interest will be opened on | | | 08.02.2021 at 16.00 hours |
| 07 | Name & address of the Officer Inviting Expression of Interest | | | Director of Fisheries, Odisha, Mangalabag, Cuttack |

The requirement details can be collected online/offline from Office of the Director of Fisheries, Odisha, Cuttack during working hours.
Any addendum/corrigendum to this Expression of Interest Notice if required shall follow.

**Sd./- Director**
**OIPR-06030/11/0004/2021**

See Career Appointment on every Wednesday & Saturday

---

No. B-663

GOVERNMENT OF ODISHA

## OFFICE OF THE EXECUTIVE ENGINEER PARALAKHEMUNDI (R&B) DIVISION, PARALAKHEMUNDI

E-mail ID: eerbparala@yahoo.com

**e-Procurement Notice**

**Bid Identification No. E.E., PKD. R&B DIVN. - 16/2020-21**

**No. 72** **Date: 12.01.2021**

**INVITATION FOR BIDS**

| | | |
|---|---|---|
| 1. | The Executive Engineer, Paralakhemundi (R&B) Division on behalf of Governor of Odisha Invites Percentage rate bid in Double cover system to be received in on ONLINE MODE only for the construction of works as detailed in the table below: | |
| 2. | Nature of works | : Building works |
| 3. | No. of works | : 3 (three) Nos. of works |
| 4. | Estimaetd cost (Approximately) | : Rs.58.76 to Rs.63.99 lakhs |
| 5. | Bid Cost | : Rs.10000/- (each) |
| 6. | Class of Contractor | : "B" Class / "A" Class |
| 7. | Availability of Bid documents in the website | : 11.00 hrs. of Dt.25.01.2021 to 16.00 hrs. of Dt.03.02.2021 |
| 8. | Date of opening of the Bid | : 12.00 hrs. of Dt.04.02.2021 |
| 9. | The Bidders have to participate in **ONLINE** bidding only. Further details can be seen from the website **http://tendersorissa.gov.in.** Any Addendum /Corrigendum/Cancellation of tender can also be seen in the said website. The authority reserves the right to reject any or all bids without assigning any reason thereof. | |

**Sd./- Executive Engineer**
**Paralakhemundi (R&B) Division**
**OIPR-34065/11/0011/2021**

---

Annexure-A

## ଓଡ଼ିଶା ସରକାର
## ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଭୁବନେଶ୍ୱର
## ବିଜ୍ଞାପନ

**୩୧ତମ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର-୨୦୧୯ ଓ ୮ମ ରାଜ୍ୟ ଟେଲି ପୁରସ୍କାର-୨୦୧୯ ପାଇଁ ଦରଖାସ୍ତ ଆହ୍ୱାନ**

No. RR-14:- ରାଜ୍ୟରେ ଉଚ୍ଚକୋଟୀର ଗୁଣବତ୍ତା ସମ୍ପନ୍ନ ଓଡ଼ିଆ ଚଳଚ୍ଚିତ୍ର ଓ ଦୂରଦର୍ଶନରେ ପ୍ରସାରିତ ଧାରାବାହିକ ତଥା ଟେଲି ଚଳଚ୍ଚିତ୍ର ନିର୍ମାଣକୁ ପ୍ରୋତ୍ସାହିତ କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରତ୍ୟେକ ବର୍ଷ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ଓ ରାଜ୍ୟ ଟେଲି ପୁରସ୍କାର ପ୍ରଦାନ କରାଯିବାର ବ୍ୟବସ୍ଥା କରାଯାଇଅଛି । ଚଳିତବର୍ଷ ରାଜ୍ୟ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ତରଫରୁ ୩୧ତମ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର-୨୦୧୯ ପାଇଁ ୨୭ ଗୋଟି ବିଭାଗରେ ଓ ରାଜ୍ୟ ୮ମ ଟେଲି ପୁରସ୍କାର-୨୦୧୯ ପାଇଁ ୨୦ ଗୋଟି ବିଭାଗରେ ପୁରସ୍କାର ପ୍ରଦାନ ପାଇଁ ଦରଖାସ୍ତ ଆହ୍ୱାନ କରାଯାଉଅଛି । ଆଗ୍ରହୀ ପ୍ରଯୋଜକମାନେ ଆସନ୍ତା ତା୨୦।୦୨।୨୦୨୧ରିଖ ମଧ୍ୟରେ ସେମାନଙ୍କ ଦ୍ୱାରା ପ୍ରଯୋଜିତ ନିମ୍ନ ସର୍ତ୍ତାବଳୀ ମଧ୍ୟରେ ଆସୁଥିବା ମୌଳିକ ଓଡ଼ିଆ ଚଳଚ୍ଚିତ୍ର ଓ ଓଡ଼ିଆ ଦୂରଦର୍ଶନ ଧାରାବାହିକ/ଟେଲି ଚଳଚ୍ଚିତ୍ରଗୁଡ଼ିକୁ ଉଭୟ DVD Format ଏବଂ Pendriveରେ ରାଜ୍ୟ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ନିର୍ଦ୍ଦେଶାଳୟ କାର୍ଯ୍ୟାଳୟରେ ଦାଖଲ କରିପାରିବେ । ଦାଖଲ କରାଯାଉଥିବା DVD/ CD/ Pendriveଗୁଡ଼ିକର ୧. କାହାଣୀ (୧୦ କପି), ୨. ସମସ୍ତ ଗୀତର ଗୀତିକାର ତଥା ଗାୟକମାନଙ୍କର ସମ୍ପୂର୍ଣ୍ଣ ବିବରଣୀ (୧୦ କପି), ୩. କଳାକାର ଓ ଟେକ୍ନିସିଆନ୍‌ମାନଙ୍କର ସମ୍ପୂର୍ଣ୍ଣ ନାମ ଓ ଠିକଣା ତଥା ମୋବାଇଲ ନମ୍ବର (୧୦ କପି) ଲେଖାଏଁ ସଂଲଗ୍ନ କରାଯିବା ଆବଶ୍ୟକ । ଏତଦ୍‌ବ୍ୟତୀତ ପ୍ରତ୍ୟେକ ଚଳଚ୍ଚିତ୍ର ଧାରାବାହିକ DVD/ CD/ Pendrive ସହିତ ଟେଲି ଚଳଚ୍ଚିତ୍ର ପାଇଁ ଦାଖଲ କରାଯାଇଥିବା Censor Certificateର ଆଟେଷ୍ଟେଡ୍ କପି ସଂଲଗ୍ନ କରାଯିବା ବାଧ୍ୟତାମୂଳକ ଅଟେ । ସର୍ତ୍ତାବଳୀ ବହିର୍ଭୂତ କିମ୍ବା ଆବଶ୍ୟକୀୟ ଉପରୋକ୍ତ ପ୍ରମାଣପତ୍ର ତଥା ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଦାଖଲ କରାଯାଇ ନ ଥିବା DVD/ Pendrive ଗୁଡ଼ିକୁ ଚୟନ କମିଟିର ବିଚାର ପାଇଁ ଯୋଗ୍ୟ ବିବେଚିତ କରାଯିବ ନାହିଁ । ଟେଲି ଧାରାବାହିକ ପୁରସ୍କାର ୨୦୧୯ ପାଇଁ ସେହି ବର୍ଷ ପ୍ରସାରିତ ହୋଇଥିବା ଏପିସୋଡ୍‌ଗୁଡ଼ିକ ମଧ୍ୟରୁ ଯେକୌଣସି ଏକ ସମ୍ପୂର୍ଣ୍ଣ ଏପିସୋଡ୍‌ର DVD (୨୫ ମିନିଟ୍ ଅବଧି) ଏବଂ ମନୋନୟନ ପ୍ରକ୍ରିୟା ସହ ସମ୍ପୃକ୍ତ ବିଭିନ୍ନ ଅଭିନେତା ଅଭିନେତ୍ରୀ ଯଥା ମୁଖ୍ୟ ଅଭିନେତା, ଅଭିନେତ୍ରୀ, ହାସ୍ୟ ଅଭିନେତା, ଚରିତ୍ର ଅଭିନେତା/ଅଭିନେତ୍ରୀ, ଖଳନାୟକ/ଖଳନାୟିକା, ଶିଶୁ କଳାକାରଙ୍କ ଅଭିନୟର ଅଂଶ ସମ୍ବଳିତ DVD ଦରଖାସ୍ତ ସହ ଦାଖଲ କରିବା ବାଞ୍ଛନୀୟ । ଏଥି ସହିତ ଧାରାବାହିକର ଟାଇଟିଲ୍ କାର୍ଡ଼ ସମ୍ବଳିତ ଅନ୍ୟ ଏକ DVD/Pendrive ମଧ୍ୟ ଦାଖଲ କରିବା ଆବଶ୍ୟକ । ଆବେଦନକାରୀଙ୍କ ଦ୍ୱାରା ଦାଖଲ ହୋଇଥିବା ତଥ୍ୟ ପରବର୍ତ୍ତୀ କାଳରେ ପରିବର୍ତ୍ତନ କରାଯାଇପାରିବ ନାହିଁ ।

ଉପରୋକ୍ତ ୩୧ତମ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର-୨୦୧୯ ଓ ରାଜ୍ୟ ୮ମ ଟେଲି ପୁରସ୍କାର-୨୦୧୯ ପାଇଁ ଆବେଦନ ଫର୍ମ (Schedule-II), ମନୋନୟନ ପତ୍ରର ନମୁନା ଓ ଅନ୍ୟାନ୍ୟ ବିଶଦ ବିବରଣୀ ବିଭାଗର ୱେବ୍‌ସାଇଟ୍- **www.odishaculture.gov.in**ରେ ଉପଲବ୍ଧ ଅଛି ।

**ସର୍ତ୍ତାବଳୀ:**

୧. ଚଳଚ୍ଚିତ୍ର ଓ ଟେଲି ଚଳଚ୍ଚିତ୍ରଗୁଡ଼ିକ ୨୦୧୯ ବର୍ଷ (ତା୦୧।୦୧।୨୦୧୯ରିଖଠାରୁ ତା୩୧।୧୨।୨୦୧୯ରିଖ) ଅବଧି ମଧ୍ୟରେ ନିର୍ମିତ ହୋଇଥିବା ଆବଶ୍ୟକ । ଟେଲି ଧାରାବାହିକଗୁଡ଼ିକ ୨୦୧୯ ବର୍ଷ (ତା୦୧।୦୧।୨୦୧୯ରିଖଠାରୁ ତା୩୧।୧୨।୨୦୧୯ରିଖ) ମଧ୍ୟରେ ପ୍ରସାରିତ ହୋଇଥିବା ବାଞ୍ଛନୀୟ ଏବଂ ସମ୍ପୃକ୍ତ ଚ୍ୟାନେଲ୍‌ଠାରୁ ସେଗୁଡ଼ିକର ପ୍ରସାରଣ ପ୍ରମାଣପତ୍ର (ଟେଲିକାଷ୍ଟ ସାର୍ଟିଫିକେଟ୍) ଦରଖାସ୍ତ ସହ ସଂଯୁକ୍ତ କରିବା ବିଧେୟ ।

୨. କେବଳ ଓଡ଼ିଆ ଭାଷା ଓ ଓଡ଼ିଆ ଜନଜାତି ଭାଷାରେ ରାଜ୍ୟରେ ନିର୍ମିତ ମୌଳିକ ଚଳଚ୍ଚିତ୍ର / ଧାରାବାହିକ / ଟେଲି ଚଳଚ୍ଚିତ୍ରଗୁଡ଼ିକୁ ପୁରସ୍କାର ପାଇଁ ଦାଖଲ କରାଯାଇପାରିବ ।

୩. କିନ୍ତୁ, କେନ୍ଦ୍ର ସରକାର, ରାଜ୍ୟ ସରକାର କିମ୍ବା ଏଜେନ୍ସି ଦ୍ୱାରା ପ୍ରାଧିକୃତ କୌଣସି ଚଳଚ୍ଚିତ୍ର ଓ ଟେଲି ଧାରାବାହିକ ତଥା ଟେଲି ଚଳଚ୍ଚିତ୍ରଗୁଡ଼ିକୁ ପୁରସ୍କାର ପାଇଁ ଗ୍ରହଣ କରାଯିବ ନାହିଁ ।

୪. ନିର୍ଦ୍ଧାରିତ ତିନିକିତା ଆବେଦନପତ୍ର ସହିତ ଫିଚର ଫିଲ୍ମ ପାଇଁ ଟ.୩,୦୦୦/-ଙ୍କା (ଅଣଫେରସ୍ତ), ଟେଲି ଧାରାବାହିକ / ଚଳଚ୍ଚିତ୍ର ପାଇଁ ଟ.୩,୦୦୦/-ଙ୍କା (ଅଣଫେରସ୍ତ) ଓ ନନ୍-ଫିଚର ଫିଲ୍ମ ପାଇଁ ଟ.୧,୫୦୦/-ଙ୍କା (ଅଣଫେରସ୍ତ) ବ୍ୟାଙ୍କ ଡ୍ରାଫ୍ଟ Director, Odia Language, Literature & Culture, Odisha, Bhubaneswarଙ୍କ ସପକ୍ଷରେ ଦାଖଲ କରାଯିବା ଆବଶ୍ୟକ ।

୫. ଦରଖାସ୍ତ ପଠାଇବାର ଠିକଣା: ନିର୍ଦ୍ଦେଶକ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ନିର୍ଦ୍ଦେଶାଳୟ, ଓଡ଼ିଶା, ସଂସ୍କୃତି ଭବନ, ଭୁବନେଶ୍ୱର-୧୪ ଓ ଦରଖାସ୍ତ ଗ୍ରହଣର ଶେଷ ତାରିଖ: ୨୦।୦୨।୨୦୨୧ ।

୬. ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ସରକାରଙ୍କ ଦ୍ୱାରା ପ୍ରଣୀତ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ନିୟମ-୨୦୧୦ ଓ ସେହିପରି ରାଜ୍ୟ ଟେଲି ପୁରସ୍କାର ପ୍ରଣୀତ ରାଜ୍ୟ ଟେଲି ପୁରସ୍କାର ନିୟମ-୨୦୧୩ ଅନୁଯାୟୀ କାର୍ଯ୍ୟକାରୀ ହେବ ।

୭. ଓଡ଼ିଶା ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ନିୟମ-୨୦୧୦ ଏବଂ ଓଡ଼ିଶା ରାଜ୍ୟ ଟେଲି ପୁରସ୍କାର ନିୟମ-୨୦୧୩ ଅନ୍ତର୍ଗତ ସମସ୍ତ ବିଷୟ ଏବଂ ଏହି ନିୟମର ସମସ୍ତ ବ୍ୟାଖ୍ୟାନରେ ଓଡ଼ିଶା ସରକାରଙ୍କ ସିଦ୍ଧାନ୍ତ ଚୂଡ଼ାନ୍ତ ।

**ନିର୍ଦ୍ଦେଶକ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ,**
**ସଂସ୍କୃତି ଭବନ, ରାଜ୍ୟ ସଂଗ୍ରହାଳୟ ପରିସର,**
**ଭୁବନେଶ୍ୱର - ୭୫୧୦୧୪**

OIPR-03001/11/0012/2021

---

GOVERNMENT OF ODISHA No. A-494

## OFFICE OF THE EXECUTIVE ENGINEER KANUPUR REHABILITATION CAMPS & BUILDING DIVISION

At/P.O.: Basudevpur, Dist.- Keonjhar, PIN - 758047

**e-PROCUREMENT NOTICE**

**Bid Identification No. EE, KRC & BD-10/2020-21**

**E-mail: eekrcbdbasudevpur@gmail.com**

| Sl. No. | Name of Work | Approx. value of work (Rs. in lakh) | E.M.D./Bid Security in Rs. (To be remitted Online) | Cost of Bid document in Rs. (To be remitted Online) | Period of Completion | Class of Contractor | Name & address of the Division under which the work will be executed |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 01 | "Power supply to village electrification for R & R Colony, Dhobakuchuda (Kumulanali) for the DPs of village Dhobakuchuda under KIP" | 13.84 | 13,900.00 | 6,000.00 | 3 (Three) Calendar Months | Elect. HT | Kanupur Reh. Camps & Building Division, At/P.O.- Basudevpur, Dist.- Keonjhar |
| 02 | "Power supply to village electrification for cluster No.14 at Naradpur Panchayatsahi for the DPs of village Chamakpur under KIP" | 8.27 | 8,300.00 | 4,000.00 | 3 (Three) Calendar Months | Elect. HT | |
| 03 | "Power supply to village electrification for cluster No.05 at Sunakhanisahi, Basudevpur for the DPs of village Remenshapur (Ka) under KIP." | 5.15 | 5,150.00 | 4,000.00 | 2 (Two) Calendar Months | Elect. HT | |

| Procurement Officer | Bid Identification No. | Availability of Tender Online for Bidding | | Date & time of Opening of Tender | | Place of Opening |
|---|---|---|---|---|---|---|
| | | From | To | Date | Time | |
| 1 | 2 | 3 | 4 | 5 | 6 | 7 |
| Executive Engineer, Kanupur Reh, C. & B. Division, Basudevpur, Dist.- Keonjhar. | EE, KRC & BD-10/ 2020-21 | 01.02.2021 from 10.00 hours | 15.02.2021 upto 17.00 hours | 17.02.2021 | 11.00 hours | Office of the Executive Engineer, Kanupur Reh., Camps & Building Division, Basudevpur, Keonjhar |

**Sd./- Executive Engineer, Kanupur Reh., C & B Division, Basudevpur**
**OIPR-32053/11/0006/2021**

---

GOVERNMENT OF ODISHA

## OFFICE OF THE ENGINEER-IN-CHIEF, RURAL WATER SUPPLY & SANITATION, BHUBANESWAR

Jal O Parimal Bhawan, Unit - V, Bhubaneswar - 751001, Tel.: 0674-2395734, Fax No.: 0674-2394946
E-mail: cerwssodisha@gmail.com, janmejoy60@yahoo.com

**NOTICE INVITING BID**
**NATIONAL COMPETITIVE BIDING THROUGH e-PROCUREMENT**
**REQUEST FOR PROPOSAL (RFP)**

**No. 422** **Dated: 18.01.2021**

No. O-936: The Engineer-in-Chief, RWSS, Odisha, Bhubaneswar on behalf of the Governor of Odisha invites proposals for Consultancy Services for engagement of Authority's Engineer (AE) for supervision of Mega Piped Water Supply Projects on the basis of National Competitive Bidding for the works detailed in the table given below. The firm is advised to examine carefully all instructions in the RFP Document.

| Sl. No. | Name of the Rural Water Supply Project | Bid ID No. | Assignment Period (Months) | Availability of Bid docuemnts for Online Bidding | |
|---|---|---|---|---|---|
| | | | | From | To |
| 1 | RFP for Consultancy Services for Authority Engineer (AE) Services for **Bheden and Barapalli Blocks of Bargarh District**. | EIC, RWSS-16/20-21 | 24 Months (Twenty four months) | 17.00 hours of 18.01.2021 | 17.00 hours of 18.02.2021 |
| 2 | RFP for Consultancy Services for Authority Engineer (AE) Services for **Attabira, Bargarh, 1 No. G.P. of Barpali, Bijepur & Gaislet Block of Bargarh District** | EIC, RWSS-17/20-21 | 24 Months (Twenty four months) | 17.00 hours of 18.01.2021 | 17.00 hours of 18.02.2021 |

Name & Address of Officer Inviting RFP: Engineer-in-Chief, RWS&S, Jal O Parimal Bhawan, Unit - V, Bhubaneswar - 751001, Odisha, Tel.: 0674-2395734, Fax No.: 0674-2394946, E-mail: **cerwssodisha@gmail.com**.
Further details can be seen from the e-procurement portal **https://tendersodisha.gov.in**.

**Sd./- Engineer-in-Chief, RWS&S (O)**
**OIPR-25040/11/0011/2021**



ଅଷ୍ଟ୍ରେଲିଆରୁ ଗୁରୁବାର ପ୍ରତ୍ୟାବର୍ତ୍ତନ କରିଥିବା ଭାରତୀୟ କ୍ରିକେଟର ଟି. ନଟରାଜନଙ୍କୁ ତାମିଲନାଡୁରେ ସ୍ୱାଗତ ପାଇଁ ଜନସମୁଦ୍ର।



ପିତାଙ୍କ କବରସ୍ଥଳରେ ଶ୍ରଦ୍ଧାଞ୍ଜଳି ଜଣାଉଛନ୍ତି ମହମ୍ମଦ ସିରାଜ

## ଭାରତ ବିପକ୍ଷ ପ୍ରଥମ ଦୁଇ ଟେଷ୍ଟ ପାଇଁ ଇଂଲଣ୍ଡ ଦଳ ଘୋଷଣା

### ଫେରିଲେ ଷ୍ଟୋକ୍ସ, ଆର୍ଚର

**ଲଣ୍ଡନ, ୨୧।୧ (ପି.ଟି.):** ଭାରତ ବିପକ୍ଷ ପ୍ରଥମ ଦୁଇ ଟେଷ୍ଟ ମ୍ୟାଚ ପାଇଁ ୧୬ ଜଣିଆ ଇଂଲଣ୍ଡ କ୍ରିକେଟ ଦଳ ଘୋଷଣା କରାଯାଇଛି। ଏଥିରେ ବିସ୍ଫୋରକ ଅଲରାଉଣ୍ଡର ବେନ୍ ଷ୍ଟୋକ୍ସ ଏବଂ ପେସ୍ ବୋଲର ଜୋଫ୍ରା ଆର୍ଚରଙ୍କୁ ନିଆଯାଇଛି। ଫେବୃୟାରୀ ୫ରୁ ଚେନ୍ନାଇର ଏମ୍ଏ ଚିଦାମ୍ବରମ ଷ୍ଟାଡିୟମରେ ଖେଳାଯିବାକୁ ଥିବା ଏହି ଦୁଇଟି ମ୍ୟାଚ ଲାଗି ଚୟନକର୍ତ୍ତାମାନେ ଆହୁରି ମଧ୍ୟ ଇଂଲଣ୍ଡ ୬ ଟ୍ରାଭେଲିଂ ରିଜର୍ଭ ଖେଳାଳିଙ୍କ ନାମ ଘୋଷଣା କରିଛନ୍ତି। ଉଭୟ ଷ୍ଟୋକ୍ସ ଏବଂ ଆର୍ଚରଙ୍କୁ ଶ୍ରୀଲଙ୍କା ବିପକ୍ଷ ୨ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜରୁ ବିଶ୍ରାମ ଦିଆଯାଇଥିଲା। ପିତୃତ୍ୱ ଲାଭ କରିବାକୁ ଥିବାରୁ ରୋରି ବର୍ନ୍ସ ଶ୍ରୀଲଙ୍କା ଗସ୍ତରେ ସାମିଲ ହୋଇ ନ ଥିଲେ। ଜୋ ରୁଟ୍ ଅଧିନାୟକ ପଦ ବଜାୟ ରଖିଛନ୍ତି। ସରେ'ର ଓଲି ପୋପ୍ ଭାରତ ଗସ୍ତରେ ଯିବେ। ତେବେ ଏହା ପୂର୍ବରୁ ତାଙ୍କୁ ଫିଟ୍‌ନେସ୍ ପରୀକ୍ଷାରେ ଉତୀର୍ଣ୍ଣ ହେବାକୁ ପଡ଼ିବ। ଜାତୀୟ ଚୟନକର୍ତ୍ତାମାନେ ଜୋନାଥନ ବେୟାରଷ୍ଟୋ, ସାମ୍ କୁରାନ ଓ ମାର୍କ ଉଡ୍ ପ୍ରମୁଖ ୩ ଖେଳାଳିଙ୍କୁ ବିଶ୍ରାମ ଦେଇଛନ୍ତି। ଏହି ଖେଳାଳିମାନେ ବର୍ତ୍ତମାନ ଶ୍ରୀଲଙ୍କା ଟୁର୍‌ରେ ଅଛନ୍ତି। ସେମାନେ ଭାରତ ବିପକ୍ଷ ପ୍ରଥମ ଦୁଇ ଟେଷ୍ଟ ଖେଳିବେ ନାହିଁ। ଶ୍ରୀଲଙ୍କା ସିରିଜ ପରେ ସମରସେଟ୍‌ର କ୍ରେଗ୍ ଓଭରଟନ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିବେ ବୋଲି ଇଂଲଣ୍ଡ ଓ ୱେଲ୍ସ କ୍ରିକେଟ ବୋର୍ଡ (ଇସିବି) ପ୍ରକାଶ କରିଛି। ଗାଲେରେ ଦ୍ୱିତୀୟ ଟେଷ୍ଟ ଶେଷ ହେବାପରେ ଇଂଲଣ୍ଡ ଖେଳାଳିମାନେ ଏକ ଚାର୍ଟର ବିମାନ ଯୋଗେ ଚେନ୍ନାଇରେ ଓହ୍ଲାଇବେ। ଚେନ୍ନାଇପରେ ଅହମ୍ମଦାବାଦର ମୋଟେରା ଷ୍ଟାଡିୟମରେ ଖେଳ ଅନୁଷ୍ଠିତ ହେବ। ୧,୧୦,୦୦୦ ଆସନ ବିଶିଷ୍ଟ ବିଶ୍ୱର ଏହି ସର୍ବବୃହତ୍ କ୍ରିକେଟ ଷ୍ଟାଡିୟମରେ ଭାରତ ନିଜ ମାଟିରେ ଏହାର ଦ୍ୱିତୀୟ ଦିବାରାତ୍ର ଟେଷ୍ଟ ମ୍ୟାଚ ଖେଳିବ। ପ୍ରଥମ ପିଙ୍କ୍‌ବଲ ଟେଷ୍ଟ କୋଲକାତାରେ ଖେଳାଯାଇଥିଲା।

### ପ୍ରଥମ ଦୁଇ ଟେଷ୍ଟ ପାଇଁ ଇଂଲଣ୍ଡ ଦଳ

ଜୋ ରୁଟ୍, ଜୋଫ୍ରା ଆର୍ଚର, ମୋଇନ ଅଲି, ଜେମ୍ସ ଆଣ୍ଡରସନ, ଡମ୍ ବେସ୍, ଷ୍ଟୁଆର୍ଟ ବ୍ରଡ୍, ରୋରି ବର୍ନ୍ସ, ଜୋସ୍ ବଟଲର, ଜ୍ୟାକ୍ କ୍ରଲି, ବେନ୍ ଫୋକ୍ସ, ଡାନ୍ ଲରେନ୍ସ, ଜ୍ୟାକ୍ ଲିଚ୍, ବେନ୍ ଷ୍ଟୋକ୍ସ, ଓଲି ଷ୍ଟୋନ୍, କ୍ରିସ୍ ଓକ୍ସ।

# ରେଡ୍ କାର୍ପେଟ୍‌ରେ ରାହାନେଙ୍କୁ ସ୍ୱାଗତ

**ମୁମ୍ବାଇ/ନୂଆଦିଲ୍ଲୀ, ୨୧।୧ (ପି.ଟି.)**

ଅଷ୍ଟ୍ରେଲିଆ ବିପକ୍ଷ ଟେଷ୍ଟ ସିରିଜରେ ଐତିହାସିକ ବିଜୟ ହାସଲ କରିବା ପରେ ଭାରତୀୟ କ୍ରିକେଟ ଦଳ ସ୍ୱଦେଶ ଫେରିଛି। ଏଠାରେ ପହଞ୍ଚିବା ପରେ କାମଚଳା ଅଧିନାୟକ ଅଜିଙ୍କ୍ୟ ରାହାନେଙ୍କୁ ରେଡ୍ କାର୍ପେଟରେ ଜୋରଦାର ସ୍ୱାଗତ କରାଯାଇଛି। ରାହାନେଙ୍କ ସମେତ ହେଡ୍ କୋଚ୍ ରବି ଶାସ୍ତ୍ରୀ ଓ ଦଳର ଅନ୍ୟ ସଦସ୍ୟମାନେ ପହଞ୍ଚିବା ପରେ 'ଆଲା ରେ ଆଲା ଅଜିଙ୍କ୍ୟ ଆଲା' ଧ୍ୱନିରେ ସ୍ୱାଗତ କରାଯାଇଥିଲା।

ରାହାନେ ତାଙ୍କ ରେସିଡେନ୍ସିଆଲ କମ୍ପ୍ଲେକ୍ସରେ ପହଞ୍ଚିବା ପରେ ପାରମ୍ପରିକ ଢୋଲ ବାଜୁଥିଲା ଓ ଏହି ଧ୍ୱନିରେ ତାଙ୍କୁ ସ୍ୱାଗତ କରାଯାଇଥିଲା। ସେଠାରେ ଯେତେବେଳେ ସେ ଲାଲ୍ କାର୍ପେଟରେ ଚାଲିଥିଲେ ତାଙ୍କ ଉପରେ ପୁଷ୍ପ ବୃଷ୍ଟି କରାଯାଇଥିଲା। ରାହାନେଙ୍କ ବ୍ୟତୀତ ଶାସ୍ତ୍ରୀ, ତାରକା ବ୍ୟାଟ୍ସମ୍ୟାନ ରୋହିତ ଶର୍ମା, ଦ୍ରୁତ ବୋଲର ଶାର୍ଦ୍ଦୁଳ ଠାକୁର ଓ ଓପନର ପୃଥ୍ୱୀ ଶ ମଧ୍ୟ ଗୁରୁବାର ମୁମ୍ବାଇରେ ଅବତରଣ କରିଥିଲେ। ସେହିପରି ବ୍ରିସ୍‌ବେନ ଟେଷ୍ଟର ହିରୋ ତଥା ଉଇକେଟକିପର ବ୍ୟାଟ୍ସମ୍ୟାନ ରିଷଭ ପନ୍ତ ନିଜ ହୋମଟାଉନ୍ ଦିଲ୍ଲୀରେ ସକାଳେ ପହଞ୍ଚିଥିଲେ। ନେଟ୍ ବୋଲର ଭାବେ ଗସ୍ତ କରି ଅଷ୍ଟ୍ରେଲିଆ ଗସ୍ତରେ ୩ ଫର୍ମାଟ୍‌ରେ ପଦାର୍ପଣ କରି ରେକର୍ଡ ସୃଷ୍ଟି କରିଥିବା ଟି. ନଟରାଜନ ବେଙ୍ଗାଲୁରୁରେ ଅବତରଣ କରିବା ପରେ ସିଧା ତାଙ୍କ ଗାଁ ତାମିଲନାଡୁର ସାଲେମ୍‌କୁ ଯାଇଥିଲେ। ସେହିପରି ଚେନ୍ନାଇରେ ରହୁଥିବା ବରିଷ୍ଠ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ, ସ୍ପିନ ଅଲରାଉଣ୍ଡର ୱାଶିଂଟନ ସୁନ୍ଦର ଓ ବୋଲିଂ କୋଚ୍ ଭରତ ଅରୁଣ ଏବେ ଦୁବାଇରେ ଅଛନ୍ତି, ଶୁକ୍ରବାର ସକାଳେ ଏମାନେ ଭାରତରେ ପହଞ୍ଚିବା ଆଶା କରାଯାଉଛି।



ମୁମ୍ବାଇରେ ପହଞ୍ଚିବା ପରେ ଅଜିଙ୍କ୍ୟ ରାହାନେଙ୍କୁ ସ୍ୱାଗତ।

ମୁମ୍ବାଇରେ ପହଞ୍ଚିବା ପରେ ରାହାନେ, ଶାସ୍ତ୍ରୀ, ରୋହିତ, ଶାର୍ଦ୍ଦୁଳ ଓ ପୃଥ୍ୱୀଙ୍କୁ ମୁମ୍ବାଇ କ୍ରିକେଟ ଆସୋସିଏଶନ (ଏମ୍‌ସିଏ)ର ଅଧିକାରୀମାନେ ସମ୍ବର୍ଦ୍ଧିତ କରିଥିଲେ। ଏମ୍‌ସିଏ ଅଧ୍ୟକ୍ଷ ବିଜୟ ପାଟିଲ ଓ ଆପେକ୍ସ କାଉନସିଲ ସଦସ୍ୟ ଅଜିଙ୍କ୍ୟ ନାଏକ, ଅମିତ ଦାନୀ ଓ ଉମେଶ ଖାନଭିଲ୍‌କା ଖେଳାଳିମାନଙ୍କୁ ସ୍ୱାଗତ କରିଥିଲେ। ଦଳର ଏହି ଅସାଧାରଣ ବିଜୟରେ ରାହାନେ ଏକ କେକ୍ ମଧ୍ୟ କାଟିଥିଲେ। ତେବେ ସୁବରବନ ମାତୁଙ୍ଗାସ୍ଥିତ ନିଜର ହାଇସିଂ ସୋସାଇଟିରେ ପହଞ୍ଚିବା ପରେ ରାହାନେଙ୍କୁ ପୂର୍ବ ପ୍ରସ୍ତୁତି ଅନୁଯାୟୀ ସେଠାରେ ରହିଥିବା ଲୋକେ ଆହୁରି ନିଆରା ଢଙ୍ଗରେ ସ୍ୱାଗତ କରିଥିଲେ। ରାହାନେଙ୍କ ସହିତ ତାଙ୍କ ସ୍ତ୍ରୀ ଓ ଦୁଇବର୍ଷର ଝିଅ ଏହି ସ୍ୱାଗତ ଉତ୍ସବରେ ଯୋଗ ଦେଇଥିଲେ। ସେଠାରେ ଏକ ଉତ୍ସବମୟ ପରିବେଶ ସୃଷ୍ଟି ହୋଇଥିଲା। ରାହାନେ ମଧ୍ୟ ସମସ୍ତଙ୍କ ଅଭିବାଦନ ଗ୍ରହଣ କରିଥିଲେ। କୋଭିଡ୍-୧୯ ମହାମାରୀ ସତ୍ତ୍ୱେ ବହୁ ଲୋକ ଭାରତୀୟ ଖେଳାଳିଙ୍କୁ ସ୍ୱାଗତ କରିବା ପାଇଁ ମାସ୍କ ପିନ୍ଧି ବିମାନ ବନ୍ଦରରେ ଅପେକ୍ଷା କରି ରହିଥିଲେ। ରାହାନେ ରହୁଥିବା ସୋସାଇଟିରେ ଭିଡିଓଗ୍ରାଫରମାନେ ତାଙ୍କ ଚିତ୍ର ଉତ୍ତୋଳନରେ ବ୍ୟସ୍ତ ରହିଥିଲେ। ନିଜ ବିଲ୍ଡିଂରେ ପହଞ୍ଚିବା ପରେ ରାହାନେଙ୍କୁ ପାରମ୍ପରିକ ଢଙ୍ଗରେ ସ୍ୱାଗତ କରାଯାଇଥିଲା।

ଉଲ୍ଲେଖଥାଉ କି, ଆଘାତ ସମସ୍ୟା ଜର୍ଜରିତ ଭାରତୀୟ ଦଳ ବ୍ରିସ୍‌ବେନ୍‌ରେ ଅନୁଷ୍ଠିତ ଚତୁର୍ଥ ଟେଷ୍ଟରେ ବିଜୟୀ ହୋଇ ୨-୧ରେ ସିରିଜ ହାତେଇ ଇତିହାସ ସୃଷ୍ଟି କରିଥିଲା। ଆଡିଲେଡ୍‌ରେ ଦ୍ୱିତୀୟ ଇନିଂସରେ ମାତ୍ର ୩୬ ରନରେ ଅଲଆଉଟ ହେବା ପରେ ନିୟମିତ ଅଧିନାୟକ ବିରାଟ କୋହଲିଙ୍କ ଅନୁପସ୍ଥିତିରେ ରାହାନେ ଭାରତର ନେତୃତ୍ୱ ନେଇଥିଲେ। ମେଲବୋର୍ନରେ ଅନୁଷ୍ଠିତ ଦ୍ୱିତୀୟ ଟେଷ୍ଟରେ ସେ ଶତକ ହାସଲ କରି ଭାରତକୁ ଜିତାଇଥିଲେ ଓ ସିରିଜକୁ ୧-୧ ସମାନସ୍ତରକୁ ଆଣିଥିଲେ। ଏହାପରେ ରାହାନେ ଓ ଭାରତୀୟ ଦଳ ପଛକୁ ଫେରି ଚାହିଁ ନ ଥିଲେ ଓ ଶକ୍ତିଶାଳୀ ଅଷ୍ଟ୍ରେଲିଆକୁ ତା'ର ଘରୋଇ ପରିବେଶରେ ଚକ୍‌ମା ଦେଇ ସିରିଜ ବିଜୟ ହାସଲ କରିଥିଲେ।

**ଟିମ୍ ଇଣ୍ଡିଆକୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା**

## ପିତାଙ୍କ କବରସ୍ଥଳକୁ ଗଲେ ସିରାଜ

ଗସ୍ତ ଅବସରରେ ପିତା ମହମ୍ମଦ ଘୋଷଙ୍କ ପରଲୋକ ହୋଇଥିଲେ ମଧ୍ୟ ଯୁବ ଦ୍ରୁତ ବୋଲର ମହମ୍ମଦ ସିରାଜ ଅଷ୍ଟ୍ରେଲିଆରେ ରହି ଖେଳ ଜାରି ରଖିଥିଲେ ଓ ତାଙ୍କ ଶେଷକୃତ୍ୟରେ ଯୋଗ ଦେଇପାରି ନ ଥିଲେ। କିନ୍ତୁ ଅଷ୍ଟ୍ରେଲିଆରୁ ହାଇଦ୍ରାବାଦ୍‌ର ରାଜୀବ ଗାନ୍ଧୀ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ପହଞ୍ଚିବା ପରେ ସିରାଜ ସିଧା ପିତାଙ୍କ ସମାଧିରେ ପହଞ୍ଚି ତାଙ୍କୁ ଶେଷ ସମ୍ମାନ ଜଣାଇଥିଲେ। ଏଥିସହିତ ୨ମାସ ପ୍ରତୀକ୍ଷାର ଅନ୍ତ ଘଟିଥିଲା। ସିରାଜ ବ୍ରିସ୍‌ବେନ ଟେଷ୍ଟରେ ୫ ଉଇକେଟ ସଫଳତା ପାଇଥିଲେ।

ସିରାଜଙ୍କ ୫୩ ବର୍ଷୀୟ ପିତା ଜଣେ ଅଟୋ ଡ୍ରାଇଭର ଥିଲେ। ସିରାଜ ଅଷ୍ଟ୍ରେଲିଆରେ ପହଞ୍ଚିବାର ଗୋଟିଏ ସପ୍ତାହ ପରେ ତାଙ୍କ ପିତା ନଭେମ୍ବର ୨୦ ତାରିଖରେ ମୃତ୍ୟୁବରଣ କରିଥିଲେ। ତାଙ୍କୁ ଘରକୁ ଫେରିବାକୁ କୁହାଯାଇଥିଲେ ମଧ୍ୟ ସେ ଅଷ୍ଟ୍ରେଲିଆରେ ରହିବାକୁ ନିଷ୍ପତ୍ତି ନେଇଥିଲେ। ସିଡ୍‌ନୀ ଟେଷ୍ଟ ପୂର୍ବରୁ ଜାତୀୟ ସଙ୍ଗୀତ ଗାନ କରିବା ବେଳେ ସେ କାନ୍ଦି ପକାଇଥିଲେ। ମେଲବୋର୍ନରେ ଅନୁଷ୍ଠିତ ଦ୍ୱିତୀୟ ଟେଷ୍ଟରେ ସେ ପଦାର୍ପଣ କରିଥିଲେ। ସିରିଜରେ ସେ ମୋଟ ଉପରେ ଦଳ ତରଫରୁ ସର୍ବାଧିକ ୧୩ ଉଇକେଟ ହାସଲ କରିଥିଲେ।

## ସ୍ପୋର୍ଟ୍ସ ଏକାଡେମୀ ଯାଜପୁର ରୋଡ୍ ଚାମ୍ପିୟନ

**ଯାଜପୁର ଟାଉନ, ୨୧।୧ (ଡିଏନଏ)**

ଯାଜପୁର ବ୍ଲକ୍ ଅନ୍ତର୍ଗତ ନାଥସାହି ପଞ୍ଚାୟତର ମା' ମଙ୍ଗଳା ସ୍ପୋର୍ଟିଂ କ୍ଲବ୍ ଓ ଯାଜପୁର ଜିଲା କ୍ରିକେଟ ଆସୋସିଏଶନର ମିଳିତ ଆନୁକୂଲ୍ୟରେ ଯାଜପୁର ଟି୨୦ ଚ୍ୟାଲେଞ୍ଜର ଟ୍ରଫି କ୍ରିକେଟ୍ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଫାଇନାଲ୍ ମ୍ୟାଚ୍ ମା' ମଙ୍ଗଳା କ୍ରିକେଟ୍ କ୍ଲବ, ନୂଆପଡ଼ା ଓ ସ୍ପୋର୍ଟ୍ସ ଏକାଡ଼େମୀ ଯାଜପୁର ରୋଡ଼ ମଧ୍ୟରେ ହୋଇଥିଲା । ଏଥିରେ ସ୍ପୋର୍ଟ୍ସ ଏକାଡ଼େମୀ ଟସ୍ ଜିତି ବୋଲିଂ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରିବାକୁ ଯାଇ ମା' ମଙ୍ଗଳା କ୍ରିକେଟ୍ କ୍ଲବ୍ ନିର୍ଦ୍ଧାରିତ ୨୦ଓଭରରେ ୯ ଉଇକେଟ ହରାଇ ୧୪୫ ରନ୍ କରିଥିଲା। ଜବାବରେ ସ୍ପୋର୍ଟ୍ସ ଏକାଡ଼େମୀ ଯାଜପୁର ରୋଡ୍ ୧୮.୨ ଓଭର ଖେଳି ୩ ଉଇକେଟ୍ ବିନିମୟରେ ୧୪୬ ରନ୍ ସଂଗ୍ରହ କରି ବିଜୟ ହାସଲ କରିବା ସହ ଚାମ୍ପିୟନ୍ ହୋଇଥିଲା। ସ୍ପୋର୍ଟ୍ସ ଏକାଡ଼େମୀର ଟପ୍ ସ୍କୋରର ଆଦିତ୍ୟ ଜେନା ୪୯ବଲ୍‌ରେ ୮୪ରନ୍ କରି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ହୋଇଥିବା ବେଳେ ଆଦିତ୍ୟ ମହାନ୍ତି ମ୍ୟାନ୍ ଅଫ୍ ଦି ଟୁର୍ନାମେଣ୍ଟ ହୋଇଥିଲେ। ଫାଇନାଲ୍ ମ୍ୟାଚରେ ମୁଖ୍ୟଅତିଥି ଭାବେ ଯାଜପୁର ପୌରପାଳିକାର ପୂର୍ବତନ ଅଧ୍ୟକ୍ଷ ଭବ ପ୍ରସାଦ ଦାସ, ସମ୍ମାନିତ ଅତିଥି ଭାବେ ଜିଲା ସ୍ପୋର୍ଟ୍ସ ଅଫିସର ଫକୀର ମୋହନ ଟୁଡୁ, ବରିଷ୍ଠ ବିଜେଡି ନେତା ତଥା ସମାଜସେବୀ ତୁଷାରକାନ୍ତ ପରିଡ଼ା, ଜିଲା କ୍ରିକେଟ ଆସୋସିଏଶନର ଯୁଗ୍ମ ସମ୍ପାଦକ ଜ୍ଞାନଚାନ୍ଦ ଦାସ, ସମ୍ବିତ୍ ରାୟ, ସରୋଜ ଘଡ଼ାଇ, ପ୍ରେମଲତା ଜେନା, ପୂର୍ବତନ ସରପଞ୍ଚ ସୁବାସ ଚନ୍ଦ୍ର ପଣ୍ଡା ପ୍ରମୁଖ ବିଜୟୀ ଦଳକୁ ଚାମ୍ପିୟନ୍ ଟ୍ରଫି ସହ ନଗଦ ରାଶି ପ୍ରଦାନ କରିଥିଲେ। ଏହି ପୁରସ୍କାର ବିତରଣ ଉତ୍ସବକୁ ସଞ୍ଜିତ୍ ରାୟ, ଜ୍ଞାନ ଘଡ଼ାଇ, ରାଜେନ୍ଦ୍ର ରାୟ, ଶରତ ଜେନା, ମନୋରଞ୍ଜନ ଜେନା, ମହେଶ୍ୱର ନାୟକ, ମୃତ୍ୟୁଞ୍ଜୟ ପହି ପ୍ରମୁଖ ସହଯୋଗ କରିଥିଲେ ।



ଚାମ୍ପିୟନ ଯାଜପୁର ରୋଡ୍‌ର ଖେଳାଳିମାନେ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

## ଚିଲି ସିନିୟରକୁ ହରାଇଲା ଭାରତୀୟ ଜୁନିୟର ଦଳ

**ସାଣ୍ଟିଆଗୋ (ଚିଲି), ୨୧।୧ (ପି.ଟି.):** ସ୍ଥାନୀୟ ପ୍ରିନ୍ସ ଅଫ୍ ୱେଲ୍ସ କଣ୍ଟ୍ରି କ୍ଲବଠାରେ ଖେଳାଯାଇଥିବା ଏକ ମ୍ୟାଚରେ ଭାରତୀୟ ଜୁନିୟର ମହିଳା ହକି ଦଳ ଚିଲି ସିନିୟର ଦଳ ବିପକ୍ଷରେ ୩-୨ ଗୋଲରେ ଚମକପ୍ରଦ ବିଜୟ ହାସଲ କରିଛି। ଫର୍ନାଣ୍ଡା ଭିଲାଗ୍ରାନ୍ ୨୧ତମ ମିନିଟ୍‌ରେ ଏକ ଗୋଲ ସ୍କୋର କରି ଘରୋଇ ଦଳକୁ ପ୍ରଥମେ ଅଗ୍ରଣୀ କରାଇଥିଲେ। ପରେ ଭାରତ ତରଫରୁ ଦୀପିକା (୩୯ତମ), ସଙ୍ଗୀତା କୁମାରୀ(୪୫ତମ) ଓ ଲାଲ୍‌ରିଣ୍ଡିକି (୪୭ତମ ମିନିଟ୍) ଗୋଲ ସ୍କୋର କରିଥିଲେ। ମ୍ୟାଚରେ ଶେଷ ଭାଗରେ ବିପକ୍ଷ ଦଳର ୫୬ତମ ମିନିଟ୍‌ରେ ସିମୋନ ଆଭେଲି ଏକ ଗୋଲ ସ୍କୋର କରିଥିଲେ। ଚିଲି ପାଇଁ ମ୍ୟାଚକୁ ପ୍ରତ୍ୟାବର୍ତ୍ତନରେ ବହୁ ବିଳମ୍ବ ହୋଇଯାଇଥିଲା। ଫଳରେ ଭାରତୀୟ ଜୁନିୟର ଦଳ ସହଜରେ ମ୍ୟାଚ ଜିତି ନେଇଥିଲା। ଟୁର୍‌ରେ ଭାରତର ଏହା ହେଉଛି କ୍ରମାଗତ ତୃତୀୟ ବିଜୟ।

## ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ଉଦ୍‌ଯାପିତ



କୃତୀ ପ୍ରତିଯୋଗୀମାନେ ପୁରସ୍କାର ସହ ଅତିଥିଙ୍କ ଗହଣରେ।

**ଭୁବନେଶ୍ୱର, ୨୧।୧ (ସ୍ପୋର୍ଟ୍ସ ବ୍ୟୁରୋ)**

ଶାସ୍ତ୍ରୀନଗର ବ୍ୟାଡମିଣ୍ଟନ ଆସୋସିଏଶନ (ଏସବିଏ) ଆନୁକୂଲ୍ୟରେ ୨ ଦିନିକିଆ ପ୍ରଥମ ବାର୍ଷିକ ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଶାସ୍ତ୍ରୀନଗରଠାରେ ଖେଳାଯାଇଥିବା ଏହି ଟୁର୍ନାମେଣ୍ଟରେ ୩୨ଟି ଟିମ୍ ଅଂଶଗ୍ରହଣ କରିଥିଲେ। ୟୁନିଟ-୪ ଓ ଜୟଦେବ ବିହାର ଦଳ ମଧ୍ୟରେ ଫାଇନାଲ ଅନୁଷ୍ଠିତ ହୋଇଥିଲା। ଏଥିରେ ୟୁନିଟ -୪ ଚାମ୍ପିୟନ ଓ ଜୟଦେବ ବିହାର ରନର୍ସ ଅପ୍ ହୋଇଥିଲା। ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଖେଳାଳିମାନଙ୍କୁ ଅଭିନନ୍ଦନ ଜଣାଇବା ସହ ଆଗାମୀ ଦିନରେ ଜଣେ ଜଣେ ଭଲ କ୍ରୀଡାବିତ୍ ହୋଇ ରାଜ୍ୟର ନାମ ସହ ନିଜର ସୁନାମ ବୃଦ୍ଧି କରିବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବରେ ସାମାଜିକ କର୍ମୀ ଓ ଯୁବ ନେତା ଜଗନ୍ନାଥ ପ୍ରଧାନ ବିଜୟୀ ଦଳକୁ ଟ୍ରଫି ଓ ପୁରସ୍କାର ରାଶି ୭ ହଜାର ଟଙ୍କାର ଚେକ୍ ପ୍ରଦାନ କରିଥିଲେ। ରନର୍ସ ଟିମ୍‌କୁ ଟ୍ରଫି ସହ ୪ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଏସବିଏର ସମସ୍ତ ସଦସ୍ୟ ଓ ସ୍ଥାନୀୟ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ବରିଷ୍ଠ ନାଗରିକ ଉପସ୍ଥିତ ରହି ଟୁର୍ନାମେଣ୍ଟର ମଜା ଉଠାଇଥିଲେ।

## ବ୍ଲାକ୍ ଡାଇମଣ୍ଡକୁ ହରାଇ ଠାକୁରସାହି ଚାମ୍ପିୟନ

**ରାଜକନିକା, ୨୧।୧ (ଡି.ଏନ.ଏ.):** ରାଜକନିକା ବ୍ଲକ କଣ୍ଡିଆ ଗାଁର ସାଇ ହଷ୍ଟେଲ ପକ୍ଷରୁ ଆୟୋଜିତ କାରଗିଲ ଶହୀଦ ସଚ୍ଚିଦାନନ୍ଦ ମୋମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ବୁଧବାର ଶେଷ ହୋଇଛି। ଆଜିର ଠାକୁରସାହି ଓ ନମତରାର ବ୍ଲାକ୍ ଡାଇମଣ୍ଡ ମଧ୍ୟରେ ଫାଇନାଲ ମ୍ୟାଚ ହୋଇଥିଲା। ପ୍ରଥମେ ବ୍ଲାକ୍ ଡାଇମଣ୍ଡ ବ୍ୟାଟିଂ କରି ୨୦ ଓଭରରେ ୯ ଉଇକେଟ ହରାଇ ୮୫ ରନ କରିଥିଲା। ଜବାବରେ ଠାକୁରସାହି ୮ ଓଭରରେ ୨ ଉଇକେଟ ହରାଇ ୮୬ ରନ କରି ଚାମ୍ପିୟନ ହୋଇଥିଲା। ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ଅୟସ ସାମଲ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ବିକାଶ ଚନ୍ଦ୍ର ଦାସ, ସମ୍ମାନିତ ଅତିଥି ସରୋଜକାନ୍ତ ବଳ, ମୁଖ୍ୟବକ୍ତା ଭାବେ ଲୋକନାଥ ସାମଲ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶହୀଦଙ୍କ ସ୍ତ୍ରୀ ନିବେଦିତା ମଲ୍ଲିକ, ଅବସରପ୍ରାପ୍ତ ସୈନିକ ମାନସ ରଞ୍ଜନ ସାମଲ। କର୍ତ୍ତବ୍ୟରତ ସୈନିକ ରଜତ ରଞ୍ଜନ ପଡ଼ିଆରୀ ଯୋଗ ଦେଇଥିଲେ। ମୁଖ୍ୟଅତିଥି ଚାମ୍ପିୟନ ଠାକୁରସାହି ଦଳ ଓ ରନର୍ସ ଅଫ ବ୍ଲାକ ଡାଇମଣ୍ଡକୁ ଟ୍ରଫି ପ୍ରଦାନ କରିଥିଲେ।



ଠାକୁରସାହି ଦଳର ଖେଳାଳିମାନେ ଟ୍ରଫି ଗ୍ରହଣ କରୁଛନ୍ତି।

## ସମୀର, ସାତ୍ତ୍ୱିକ-ପୋନାପ୍ପା ଯୋଡ଼ି କ୍ୱାର୍ଟରରେ

**ବ୍ୟାଙ୍କକ୍, ୨୧।୧ (ପି.ଟି.):** ଟୋୟୋଟା ଥାଇଲାଣ୍ଡ ଓପନ୍ ସୁପର ୧୦୦୦ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟରେ ଭାରତର ସମୀର ବର୍ମା ତାଙ୍କ ପ୍ରଭାବୀ ପ୍ରଦର୍ଶନ ଜାରି ରଖିଛନ୍ତି। ଗୁରୁବାର ଦ୍ୱିତୀୟ ରାଉଣ୍ଡରେ ସେ ବିଶ୍ୱର ୧୭ ନମ୍ବର ର୍‍ୟାଙ୍କିଙ୍ଗ ଡେନମାର୍କର ରାସ୍‌ମସ୍ ଜେମ୍‌କିଙ୍କୁ ପରାସ୍ତ କରି ପୁରୁଷ ସିଙ୍ଗଲ୍ସ କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ପ୍ରଥମ ରାଉଣ୍ଡରେ ୮ମ ସିଡ୍ ତଥା ମାଲେସିଆର ଲି' ଜିଜିଆଙ୍କୁ ହରାଇ ଦେଇଥିବାର ବିଶ୍ୱର ୩୧ ନମ୍ବର ମାନ୍ୟତାପ୍ରାପ୍ତ ଏହି ଭାରତୀୟ ଖେଳାଳି ଜେମ୍‌କିଙ୍କୁ ୨୧-୧୨, ୨୧-୯ରେ ପରାସ୍ତ କରିବା ଲାଗି ମାତ୍ର ୩୯ ମିନିଟ ସମୟ ନେଇଥିଲେ। ଜେମ୍‌କିଙ୍କ ବିପକ୍ଷରେ ସମୀରଙ୍କର ଏହା ହେଉଛି ତୃତୀୟ ବିଜୟ। ସମୀର କ୍ୱାର୍ଟରଫାଇନାଲରେ ତୃତୀୟ ସିଡ୍ ଡେନମାର୍କର ଆଣ୍ଡର୍ସ ଆଣ୍ଟନସେନ୍‌ଙ୍କ ସହ ମୁକାବିଲା କରିବେ, ଯିଏକି କ୍ୱାର୍ଟରଫାଇନାଲରେ ୱାକ୍‌ଓଭର ପାଇଥିଲେ। ମିକ୍ସଡ ଡବଲ୍ସରେ ଭାରତୀୟ ଯୋଡ଼ି ସାତ୍ତ୍ୱିକ ସାଇରାଜ ରାଙ୍କିରେଡ୍ଡୀ ଓ ଅଶ୍ୱିନ ପୋନାପ୍ପା ବିଶ୍ୱର ୧୭ ନମ୍ବର ଜର୍ମାନ ଯୋଡ଼ି ମାର୍କ ଲାମସଫସ୍ ଓ ଇସାବେଲ ହର୍ଟ୍ରିଚ୍‌ଙ୍କ ବିପକ୍ଷରେ ୨୨-୨୦, ୧୪-୨୧, ୨୧-୧୬ରେ ବିଜୟ ହାସଲ କରିଛନ୍ତି। ଏହି ମ୍ୟାଚ ପ୍ରାୟ ୧ ଘଣ୍ଟା ଧରି ଚାଲିଥିଲା। ଅନ୍ୟପକ୍ଷରେ ଏଚ୍.ଏସ୍. ପ୍ରଣୟ ଦ୍ୱିତୀୟ ବାଧା ଅତିକ୍ରମ କରିବାରେ ବିଫଳ ହୋଇଛନ୍ତି।

# ତୋଷାଳି ଜାତୀୟ ହସ୍ତଶିଳ୍ପ ମେଳା ଆରମ୍ଭ

ଭୁବନେଶ୍ୱର,୨୧।୧(ବ୍ୟୁରୋ)

କୋଭିଡ୍ କଟକଣା ମଧ୍ୟରେ ଭୁବନେଶ୍ୱରରେ ଆରମ୍ଭ ହୋଇଛି ବହୁ ପ୍ରତୀକ୍ଷିତ ତୋଷାଳି ଜାତୀୟ ହସ୍ତଶିଳ୍ପ ମେଳା-୨୦୨୧। ରାଜ୍ୟ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ପକ୍ଷରୁ ସ୍ଥାନୀୟ ଜନତା ମଇଦାନଠାରେ ଆୟୋଜିତ ଏହି ମେଳାକୁ ଗୁରୁବାର ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନ୍‌ଫରେନ୍ସରେ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଲେ, ପୂର୍ବ ଭାରତର ସର୍ବବୃହତ ହସ୍ତଶିଳ୍ପ ମେଳା 'ତୋଷାଳି' ଚଳିତବର୍ଷ ଏକ ଅସାଧାରଣ ପରିସ୍ଥିତିରେ ଆୟୋଜିତ ହେଉଛି। ତେଣୁ ସମସ୍ତେ କୋଭିଡ୍ ଗାଇଡ୍‌ଲାଇନକୁ କଡ଼ାକଡ଼ି ପାଳନ କରନ୍ତୁ। ଓଡ଼ିଶା କଳା ଓ ସଂସ୍କୃତିର ଭୂମି। ଓଡ଼ିଆ କାରିଗର କୋଣାର୍କ ପରି ବିସ୍ମୟ ସୃଷ୍ଟି କରିପାରନ୍ତି। ଆମ କାରିଗରଙ୍କ ଦକ୍ଷତାର ତୁଳନା ନାହିଁ ବୋଲି ମୁଖ୍ୟମନ୍ତ୍ରୀ କହିବା ସହ ମେଳାରେ ରାଜ୍ୟ ହସ୍ତଶିଳ୍ପ ପୁରସ୍କାର ପାଉଥିବା କାରିଗରଙ୍କୁ ଅଭିନନ୍ଦନ ଜଣାଇଥିଲେ।

ଉଦ୍‌ଘାଟନୀ ସଭାରେ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପଦ୍ମିନୀ ଦିଆନ ଯୋଗଦେଇ ଚଳିତବର୍ଷ ମେଳାରେ ଭାଗନେଇଥିବା ହସ୍ତଶିଳ୍ପ କାରିଗର ଓ ବୁଣାକାରଙ୍କୁ ଉତ୍ସାହିତ କରିଥିଲେ। ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ, ବିଜ୍ଞାନ ଓ କାରିଗରି ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ବିଭାଗୀୟ ସଚିବ ଶୁଭା ଶର୍ମା, ବୟନ ଓ ହସ୍ତଶିଳ୍ପ ନିର୍ଦ୍ଦେଶକ ଜ୍ୟୋତିପ୍ରକାଶ ଦାସ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ୩ ଜଣ ଶିଳ୍ପୀଙ୍କୁ ୨୦୧୯ ମସିହା ଲାଗି 'ରାଜ୍ୟ ହସ୍ତଶିଳ୍ପ ପୁରସ୍କାର' ପ୍ରଦାନ କରାଯାଇଥିଲା। ସେମାନେ ହେଲେ ପଥର ଖୋଦେଇ ଶିଳ୍ପୀ ଦିବ୍ୟଜ୍ୟୋତି ବେହେରା, ତାଳପତ୍ର ଖୋଦେଇ ଶିଳ୍ପୀ ଦିଲୀପ କୁମାର ସ୍ୱାଇଁ ଓ ମୃତ୍ତିକା ଶିଳ୍ପୀ ପ୍ରିୟଙ୍କା ପାତ୍ର। ସେହିଭଳି ୬ଜଣ ଶିଳ୍ପୀ ସୁଶାନ୍ତ କୁମାର ଦାସ(ପଥର ଖୋଦେଇ), ନିତ୍ୟାନନ୍ଦ ସ(ପଥର ଖୋଦେଇ), ରୋନିବାଳା ମହାପାତ୍ର(ପଟ୍ଟଚିତ୍ର ଶିଳ୍ପ), ନିର୍ମଳ ଚନ୍ଦ୍ର ଦାସ(ତାଳପତ୍ର ଖୋଦେଇ), ସୁରେଶ ଚନ୍ଦ୍ର ମହାପାତ୍ର(ଚାନ୍ଦୁଆ ହସ୍ତଶିଳ୍ପ) ଓ କୁନି ପାତ୍ର(ନଡ଼ା ଶିଳ୍ପ)ଙ୍କୁ 'କଳାକୃତି ସମ୍ମାନ' ପ୍ରଦାନ କରାଯାଇଥିଲା। ବିଭାଗୀୟ ଅତିରିକ୍ତ ଶାସନ ସଚିବ ତଥା ସିଡାକ୍‌ର ସଭ୍ୟସଚିବ କୈଳାସ ଚନ୍ଦ୍ର ସାହୁ ସ୍ୱାଗତ ଭାଷଣ ଦେଇଥିଲେ।

ଫେବୃୟାରୀ ୪ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ମେଳାରେ ଚଳିତବର୍ଷ ୨୫୦ଟି ହସ୍ତତନ୍ତ ଓ ହସ୍ତଶିଳ୍ପ ଷ୍ଟଲ୍ ଖୋଲାଯାଇଛି। ଏଥିରେ ଓଡ଼ିଶାର ୧୭୦ ଓ ବାହାର ରାଜ୍ୟର ୮୦ଜଣ ହସ୍ତଶିଳ୍ପୀ ଓ ବୁଣାକାର ଅଂଶଗ୍ରହଣ କରିଛନ୍ତି। କୋଭିଡ୍ ପରିସ୍ଥିତିକୁ ଦୃଷ୍ଟିରେ ରଖି ଏଥର ମେଳାରେ କୌଣସି ସାଂସ୍କୃତିକ କାର୍ଯ୍ୟକ୍ରମ ହେବ ନାହିଁ। ପ୍ରତିଦିନ ଅପରାହ୍ନ ୨ଟାରୁ ରାତି ୯ଟା ପର୍ଯ୍ୟନ୍ତ ମେଳା ଖୋଲା ରହିବ।




ତୋଷାଳି ମେଳା ଭର୍ଚ୍ଚୁଆଲ ମାଧ୍ୟମରେ ଉଦ୍‌ଘାଟନ କରୁଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ (ବାମ)। ଅତିଥିମାନେ ଜଣେ ଶିଳ୍ପୀଙ୍କୁ ସମ୍ମାନିତ କରୁଛନ୍ତି।

■୩ ଶିଳ୍ପୀଙ୍କୁ 'ରାଜ୍ୟ ହସ୍ତଶିଳ୍ପ ପୁରସ୍କାର', ୬ଜଣଙ୍କୁ 'କଳାକୃତି ସମ୍ମାନ'
■୨୫୦ ଷ୍ଟଲ୍‌ରେ ଦେଶର ହସ୍ତତନ୍ତ, ହସ୍ତଶିଳ୍ପ
■କୋଭିଡ୍ ନିୟମ ପାଳନ ବାଧ୍ୟତାମୂଳକ

## ସଂକ୍ଷେପରେ

### ବନ୍ଦ ହେଲା ୧୩ ସ୍କୁଲ

**କୁଆମରା,୨୧।୧(ଡି.ଏନ୍.ଏ.):** ମୟୂରଭଞ୍ଜ ଜିଲା ଗୋପବନ୍ଧୁ ନଗର ବିଇଓଙ୍କ କାର୍ଯ୍ୟାଳୟ ଅଧୀନରେ ଥିବା ୧୩ଟି ସ୍କୁଲ୍ ଚଳିତ ଶିକ୍ଷା ବର୍ଷରୁ ବନ୍ଦ ହୋଇଛି। ଶିକ୍ଷା ବିଭାଗର ନିର୍ଦ୍ଦେଶ ତଥା ପତ୍ର ସଂଖ୍ୟା (୧୮୯୦୫/୧୪।୧୨।୨୦) ଅନୁସାରେ ୨୦ରୁ କମ୍ ଛାତ୍ରୀଛାତ୍ର ଥିବା ୮ଟି ଓ ୧୫ରୁ କମ୍ ଥିବା ୫ଟି ବିଦ୍ୟାଳୟ ବନ୍ଦ ହୋଇଛି। ୨୦ରୁ କମ୍ ଛାତ୍ରୀଛାତ୍ର ଥିବା ବିଦ୍ୟାଳୟଗୁଡ଼ିକ ହେଲା ଭଣ୍ଡଗାଁ ପଞ୍ଚାୟତର ଘଣ୍ଟଶୀଳା ପ୍ରାଥମିକ ବିଦ୍ୟାଳୟ, ପୁରୁଣା ବାରିପଦା ପଞ୍ଚାୟତର ତଳଗୋହିରାଡ଼ିଆ, ଶୀଳଘାଟି ପଞ୍ଚାୟତର ତିରାଲଡ଼ିହି, ବନ୍ଧସାହି ଓ ବିଏସ୍ ମଧୁସୂଦନ, ରାଣୀବନ୍ଧ ପଞ୍ଚାୟତର ଡିମଗଡ଼ିଆ ଓ ଚମ୍ପାଗଡ଼ି ଏବଂ ସାନଖୁଣ୍ଟା ପଞ୍ଚାୟତର ସାନଖୁଣ୍ଟା ପ୍ରାଥମିକ ବିଦ୍ୟାଳୟ। ସେହିପରି ୧୫ରୁ କମ୍ ଛାତ୍ରୀଛାତ୍ର ଥିବା ବିଦ୍ୟାଳୟ ହେଲା କୁଶଳଦା ପଞ୍ଚାୟତର ସଡ଼କସାହି ପ୍ରାଥମିକ ବିଦ୍ୟାଳୟ, ଭଣ୍ଡଗାଁ ପଞ୍ଚାୟତର କିତାଝରୀ ଓ ରାଣୀବନ୍ଧ ପଞ୍ଚାୟତର ବାଙ୍କିଶୋଳ, ମାଙ୍କଡ଼ିଆ ଏବଂ ଅଠିଲାଗଡ଼ି ପ୍ରାଥମିକ ବିଦ୍ୟାଳୟ। ତେବେ ବନ୍ଦ ହୋଇଥିବା ସ୍କୁଲର ପିଲାଙ୍କୁ ଏକରୁ ଦୁଇ କି.ମି ଦୂରତା ମଧ୍ୟରେ ଥିବା ସ୍କୁଲରେ ପାଠ ପଢ଼ିବା ପାଇଁ ସୁଯୋଗ ମିଳିପାରିବ ବୋଲି ବ୍ଲକ ଶିକ୍ଷା ଅଧିକାରୀ ବିନୋଦ ସିଂ ଓ ବିଆର୍‌ସିସି କୁଳମଣି ନାୟକ ସୂଚନା ଦେଇଛନ୍ତି।

### କୁଲି ମେହେର ଜାତିକୁ ଆଦିବାସୀ ତାଲିକାରୁ ବାଦ୍ ଦାବି

ବଲାଙ୍ଗୀର ଅଫିସ, ୨୧।୧

କୁଲି ମେହେର ଜାତିକୁ ଆଦିବାସୀ ତାଲିକାରୁ ବାଦ୍ ଦେବାକୁ ପଶ୍ଚିମ ଓଡିଶା ଆଦିବାସୀ ମହାସଂଘ ପକ୍ଷରୁ ଦାବି କରାଯାଇଛି। ଓଡିଶାର ବଲାଙ୍ଗୀର, ସୁବର୍ଣ୍ଣପୁର, ବରଗଡ, ସମ୍ବଲପୁର, ବୌଦ୍ଧ ଏବଂ ଅନଗୋଳ ଜିଲାରେ ବାସ କରୁଥିବା କୁଲି ଜାତିର ଲୋକମାନେ ଆଦିବାସୀ ନୁହନ୍ତି। କୁଲି ଜାତିର ଆଦିବାସୀ ସଂସ୍କୃତି ନାହିଁ ଏବଂ ଏହି ଜାତିକୁ ଆଦିବାସୀ ତାଲିକାରୁ ବାଦ୍ ଦେବାପାଇଁ ୧୯୬୫ ମସିହାରେ ଜଷ୍ଟିସ ବି.ଏନ. ଲୋକୁରଙ୍କ ଅଧକ୍ଷତାରେ ଗଠିତ ତିନି ଜଣିଆ ଏଡଭାଇଜରି କମିଟି କେନ୍ଦ୍ର ସରକାରଙ୍କୁ ରିପୋର୍ଟ ଦେଇଥିବା ଉଲ୍ଲେଖ କରାଯାଇଛି। ପଶ୍ଚିମ ଓଡିଶା ଆଦିବାସୀ କଲ୍ୟାଣ ମହାସଂଘ ଏହି ଅଣ ଆଦିବାସୀ କୁଲି ଜାତିକୁ ତାଲିକାରୁ ତୁରନ୍ତ ବିଦା କରି ଏ ଜାତିର ଲୋକଙ୍କୁ ଆଦିବାସୀ ନାମରେ ଜାତି ସାର୍ଟିଫିକେଟ ନ ଦେବାକୁ ଦାବି କରିଆସୁଛନ୍ତି। ହେଲେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଉଦାସୀନତା ଯୋଗୁଁ ବହୁ ଆଦିବାସୀ ଯୁବକ/ଯୁବତୀଙ୍କ ସଂରକ୍ଷଣ ସ୍ଥାନଗୁଡ଼ିକୁ ଏହି କୁଲି ଜାତି ଛଡାଇ ନେଇ ଅନଗ୍ରସର ଆଦିବାସୀ ସମ୍ପ୍ରଦାୟକୁ ସର୍ବନାଶର ମୁହଁକୁ ଠେଲି ଦେଉଛନ୍ତି। ଏଣୁ ଏହି ଜାତିକୁ ତୁରନ୍ତ ଆଦିବାସୀ ତାଲିକାରୁ ବାଦ ଦେଇ ସମଗ୍ର ଆଦିବାସୀ ସମାଜର ସ୍ୱାର୍ଥ ରକ୍ଷା ପାଇଁ ରାଜ୍ୟ ଓ କେନ୍ଦ୍ର ସରକାର ଶୀଘ୍ର ପଦକ୍ଷେପ ନେବା ପାଇଁ ବଲାଙ୍ଗୀର ଜିଲା ଆଦିବାସୀ କଲ୍ୟାଣ ସଂଘ ସଭାପତି ବ୍ରଜକିଶୋର ସିଂଭୋଇ, ସୋନପୁର ଜିଲା ସଭାପତି ଯୋଗେନ୍ଦ୍ର ଭୋଇ, ସମ୍ବଲପୁର ଜିଲା ସଭାପତି କୁସମନ ମୁଣ୍ଡା, କଳାହାଣ୍ଡି ଜିଲା ସଭାପତି ପରମାନନ୍ଦ ମାଝି, ବରଗଡ ଜିଲା ସଭାପତି ସାମନ୍ତ ମାଝି, ନୂଆପଡା ଜିଲ୍ଲା ସଭାପତି ଭାନୁପ୍ରତାପ ସିଂ ମାଝି, ରାୟଗଡା ଜିଲା ସଭାପତି ଜିତୁ ଜାକେସିକା ଦାବି କରିଛନ୍ତି।

### ଗୁରୁତରଙ୍କୁ ଚିକିତ୍ସାଳୟ ନେଲେ ଆର୍‌ଟିଓ

**ଛେଣ୍ଡିପଦା,୨୧।୧(ସ୍ୱ.ପ୍ର.):** ରାସ୍ତାରେ ଗୁରୁତର ଅବସ୍ଥାରେ ପଡ଼ିଥିବା ଜଣେ ଦୁର୍ଘଟଣାଗ୍ରସ୍ତ ବାଇକ୍ ଚାଳକଙ୍କୁ ନିଜ ଗାଡ଼ିରେ ନେଇ ଅନୁଗୋଳ ଜିଲା ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି ଦେବଗଡ ଆର୍‌ଟିଓ ପ୍ରଶାନ୍ତ କୁମାର ପରିଡା। ନିଜର ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକୁ ପଛରେ ରଖି ଜଣେ ଦୁର୍ଘଟଣାଗ୍ରସ୍ତଙ୍କ ଜୀବନ ରକ୍ଷା ଦିଗରେ ଆର୍‌ଟିଓଙ୍କ ଏହି ପଦକ୍ଷେପ ଗୁରୁବାର ଅନୁଗୋଳ ଜିଲାରେ ଚର୍ଚ୍ଚାର ବିଷୟ ହୋଇଛି। ସୂଚନା ଅନୁଯାୟୀ, ଜରପଡା ଥାନା ମାଟିଗାଡିଆ ଗ୍ରାମର ଲିପୁନ ପ୍ରଧାନ ଛେଣ୍ଡିପଦା ଅଭିମୁଖେ ବାଇକ୍ ଯୋଗେ ଯାଉଥିବାବେଳେ ଛେଣ୍ଡିପଦା-ଜରପଡା ରାସ୍ତାର ଶୁନଭୂଇଁ ନିକଟରେ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ। ସେହି ସମୟରେ ଦେବଗଡ ଯାଉଥିବା ଆର୍‌ଟିଓ ପରିଡା ଦୁର୍ଘଟଣାଗ୍ରସ୍ତ ଯୁବକ ତଳେ ପଡ଼ିଥିବା ଦେଖି ଗାଡ଼ି ଅଟକାଇଥିଲେ। ଘଟଣାସ୍ଥଳରେ ପହଞ୍ଚିଥିବା ଆଇନଜୀବୀ ନଗେନ ନନ୍ଦଙ୍କ ସହାୟତାରେ ଆର୍‌ଟିଓ ଗୁରୁତର ଲିପୁନଙ୍କୁ ନିଜ ଗାଡ଼ିରେ ନେଇ ଛେଣ୍ଡିପଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଡାକ୍ତରଙ୍କଠାରୁ ଯୁବକଙ୍କ ସ୍ୱାସ୍ଥ୍ୟବସ୍ଥା ଭଲ ଥିବା ଜାଣିବା ପରେ ଆର୍‌ଟିଓ ନିଜ କର୍ମକ୍ଷେତ୍ର ଅଭିମୁଖେ ବାହାରି ଯାଇଥିଲେ। ଆର୍‌ଟିଓ ଏବଂ ଆଇନଜୀବୀଙ୍କ ଏହି ସହଯୋଗକୁ ସ୍ଥାନୀୟ ଲୋକେ ପ୍ରଶଂସା କରିଛନ୍ତି।

## ଭୁବନେଶ୍ୱରରେ ହେବ ହେଲ୍‌ଥ ମେଡିକନ୍

ଭୁବନେଶ୍ୱର,୨୧।୧(ବ୍ୟୁରୋ)

ଇଣ୍ଡିଆନ ପ୍ରୋକ୍ଟୋଲୋଜି ସୋସାଇଟି (ଆଇପିଏସ୍) ଆନୁକୂଲ୍ୟରେ ଆସନ୍ତା ୩୦ ତାରିଖରେ ଭୁବନେଶ୍ୱରରେ 'ହେଲ୍‌ଥ ମେଡିକନ୍-୨୦୨୧' ସମ୍ମିଳନୀ ଅନୁଷ୍ଠିତ ହେବ। ଏହି ଜାତୀୟ ସ୍ତରୀୟ ସମ୍ମିଳନୀରେ 'ଆୟୁର୍ବେଦ ଶିକ୍ଷା ଓ ଚିକିତ୍ସା ପ୍ରଣାଳୀର ସଦ୍ୟତମ ଅଗ୍ରଗତି' ସମ୍ପର୍କରେ ଆଲୋଚନା ହେବ। ନିକୋ ପାର୍କ ଛକସ୍ଥିତ ଜୟ ଭାରତ ଅଡିଟୋରିୟମ ପରିସରରେ ୪ ଅଧିବେଶନରେ ସମ୍ମିଳନୀ ଅନୁଷ୍ଠିତ ହେବ। ଓଡ଼ିଶା ଓ ରାଜ୍ୟ ବାହାରୁ ପ୍ରତିଷ୍ଠିତ ଆୟୁର୍ବେଦ ବିଶେଷଜ୍ଞ, ବରିଷ୍ଠ ପ୍ରଫେସର, ବୈଜ୍ଞାନିକ, ଆୟୁର୍ବେଦରେ ଉଚ୍ଚ ଶିକ୍ଷା ଗ୍ରହଣ କରୁଥିବା ଛାତ୍ରୀଛାତ୍ରମାନେ ଏଥିରେ ଅଂଶଗ୍ରହଣ କରିବେ। ଅଖିଳ ଭାରତ ଆୟୁର୍ବେଦ ବିଶେଷଜ୍ଞ(ପିଜି) ସଂଘ, ଅଖିଳ ଭାରତ ଆୟୁର୍ବେଦ କଂଗ୍ରେସ, ଓଡ଼ିଶା ସରକାରୀ ଆୟୁର୍ବେଦ ଶିକ୍ଷକ ସଂଘ ଏବଂ ଓଡ଼ିଶା ସରକାରୀ ଆୟୁର୍ବେଦ ଚିକିତ୍ସକ ସଂଘର ମିଳିତ ସହଯୋଗରେ କୋଭିଡ୍ ନିୟମର କଡ଼ାକଡ଼ି ପାଳନ କରାଯିବ ବୋଲି ଆଇପିଏସ୍‌ର ପ୍ରତିଷ୍ଠାତା ସଭାପତି ତଥା ଚିକିତ୍ସାବିଜ୍ଞାନୀ ପ୍ରଫେସର ଚତୁର୍ଭୁଜ ଭୂୟାଁ, ସଂଗଠନ ସମ୍ପାଦକ ଡାକ୍ତର ପ୍ରସନ୍ନ କୁମାର ପଟ୍ଟନାୟକ ଏବଂ ଅର୍ଥ ଓ ଲୋକସମ୍ପର୍କ ସମ୍ପାଦକ ଡାକ୍ତର ଅନ୍ନଦା ପ୍ରସାଦ ଦାଶ ସୂଚନା ଦେଇଛନ୍ତି।

## ୩ ବିଭାଗକୁ ରିପୋର୍ଟ ତଲବ

ଭୁବନେଶ୍ୱର, ୨୧।୧(ବ୍ୟୁରୋ)

**ବିଧାନସଭା ପରିବେଶ ଗୃହ କମିଟି ବୈଠକ**

ଶିଳ୍ପସଂସ୍ଥା ଏବଂ ସହରାଞ୍ଚଳରୁ ନିର୍ଗତ ବର୍ଜ୍ୟ ଜଳ ନଦୀ, ଜଳାଶୟକୁ ପ୍ରଦୂଷିତ କରୁଛି। ସ୍ପଞ୍ଜ୍ ଆଇରନ କାରଖାନା ଦ୍ୱାରା ବାୟୁ ପ୍ରଦୂଷଣ ବଢୁଛି। ଏହାକୁ ନେଇ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ, ପଞ୍ଚାୟତିରାଜ ବିଭାଗ, ଜଙ୍ଗଲ ଓ ପରିବେଶ ବିଭାଗ ସଚିବଙ୍କଠାରୁ ରିପୋର୍ଟ ତଲବ କରିଛି ପରିବେଶ ପ୍ରଦୂଷଣ ନିୟନ୍ତ୍ରଣ ସଂକ୍ରାନ୍ତ ଗୃହ କମିଟି। ଫେବୃୟାରୀ ୧ରେ ହେବାକୁ ଥିବା ବୈଠକରେ ସମ୍ପୃକ୍ତ ବିଭାଗ କମିଟି ନିକଟରେ ରିପୋର୍ଟ ଦାଖଲ କରିବେ। ବିଧାନସଭା ସମ୍ମିଳନୀ କକ୍ଷରେ ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ରଙ୍କ ଅଧକ୍ଷତାରେ ଗୁରୁବାର ଅନୁଷ୍ଠିତ ଉକ୍ତ ବୈଠକରେ ଏହି ନିଷ୍ପତ୍ତି ହୋଇଛି।

ଶିଳ୍ପସଂସ୍ଥାର ବର୍ଜ୍ୟ ଜଳ ଜଳାଶୟକୁ ପ୍ରଦୂଷିତ କରୁଛି। ଚାଷ ଜମି ପ୍ରଭାବିତ ହେଉଛି। ସ୍ପଞ୍ଜ ଲୁହା କାରଖାନାର ବିଷାକ୍ତ ବାଷ୍ପ ଚିନ୍ତା ବଢ଼ାଇଛି। ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳ ପରିବେଶ ବିଗିଡ଼ିବାରେ ଲାଗିଛି। ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ (ଏନ୍‌ଜିଟି) ତରଫରୁ ପ୍ରଦୂଷଣ ନିୟନ୍ତ୍ରଣ ଲାଗି ବିଭିନ୍ନ ପରାମର୍ଶ ଏବଂ ରାୟ ଦିଆଯାଇଛି। ଏହି ସମସ୍ତ ବିଷୟ ବୈଠକରେ ଆଲୋଚନା ହୋଇଥିଲା। ଜଳାଶୟକୁ ଶିଳ୍ପସଂସ୍ଥା ଦ୍ୱାରା ଛଡ଼ାଯାଉଥିବା ବର୍ଜ୍ୟ ଜଳ ଉପରେ ଅନୁଧ୍ୟାନ କରିବା ପାଇଁ ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝି, ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳର ପରିବେଶ ବିଶୁଦ୍ଧୀକରଣ ପାଇଁ କଂଗ୍ରେସ ବିଧାୟକ ଦଳନେତା ନରସିଂହ ମିଶ୍ର ଏବଂ ସ୍ପଞ୍ଜ ଲୁହା କାରଖାନାଗୁଡିକ ଦ୍ୱାରା ନିର୍ଗତ ବାଷ୍ପ ଉପରେ ଅନୁଧ୍ୟାନ ପାଇଁ ବିଧାୟକ ବଦ୍ରିନାରାୟଣ ପାତ୍ରଙ୍କ ଅଧକ୍ଷତାରେ ୩ ସବ୍ କମିଟି ଗଠନ କରାଯାଇଛି। ଉକ୍ତ କମିଟି ସ୍ଥିତି ଅନୁଧ୍ୟାନ କରି ବିଧାନସଭା ଅଧିବେଶନ ପୂର୍ବରୁ ରିପୋର୍ଟ ପ୍ରଦାନ କରିବେ। ବୈଠକରେ ଉପବାଚସ୍ପତି ରଜନୀକାନ୍ତ ସିଂ, ପଞ୍ଚାୟତିରାଜ ମନ୍ତ୍ରୀ ପ୍ରତାପ ଜେନା, ଖଣିମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ, ସରକାରୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, ବିରୋଧୀ ଦଳ ଉପନେତା ବିଷ୍ଣୁ ସେଠୀ, ବ୍ରଜକିଶୋର ପ୍ରଧାନ, ରମେଶ ଚନ୍ଦ୍ର ବେହେରା, ଦାଶରଥି ଗମାଙ୍ଗ, ମିନାକ୍ଷୀ ମହନ୍ତ, ପ୍ରକାଶ ସୋରେନ ପ୍ରମୁଖ ଯୋଗ ଦେଇଥିଲେ।

## ବାଚସ୍ପତିଙ୍କୁ ଭେଟିଲେ ନିଧି ସମର୍ପଣ ସମିତି କାର୍ଯ୍ୟକର୍ତ୍ତା

ଭୁବନେଶ୍ୱର, ୨୧।୧(ବ୍ୟୁରୋ)

ଅଯୋଧ୍ୟାରେ ଶ୍ରୀରାମଙ୍କ ଭବ୍ୟ ମନ୍ଦିର ନିର୍ମାଣ ଲାଗି ଆରମ୍ଭ ହୋଇଛି ନିଧି ସଂଗ୍ରହ ଅଭିଯାନ। ଏହି ପରିପ୍ରେକ୍ଷୀରେ ଓଡ଼ିଶା ବିଧାନସଭା ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ରଙ୍କୁ ରାମଜନ୍ମଭୂମି ମନ୍ଦିର ନିଧି ସମର୍ପଣ ସମିତିର କାର୍ଯ୍ୟକର୍ତ୍ତା ଗୁରୁବାର ସାକ୍ଷାତ କରିଛନ୍ତି। ସମିତିର ଉପାଧ୍ୟକ୍ଷ ମନସୁଖ ଲାଲ ସେଠିଆ, ଆର୍‌ଏସ୍‌ଏସ୍‌ର ବିପିନ ବିହାରୀ ନନ୍ଦ, ବିଶିଷ୍ଟ ସାମାଜିକ କର୍ମୀ ଲାଲଚନ୍ଦ ମେହତା ପ୍ରମୁଖ ବାଚସ୍ପତିଙ୍କ ପ୍ରକୋଷ୍ଠରେ ପାତ୍ରଙ୍କୁ ସାକ୍ଷାତ କରି ମନ୍ଦିର ନିର୍ମାଣ ସମ୍ପର୍କିତ ତଥ୍ୟ ପ୍ରଦାନ କରିଥିଲେ। ମନ୍ଦିର ନିର୍ମାଣ ଲାଗି ଓଡ଼ିଶାର ୩ କୋଟି ଭକ୍ତଙ୍କ ସହଯୋଗ ଲାଗି ଗଜପତି ମହାରାଜ ଦିବ୍ୟସିଂହ ଦେବଙ୍କ ଦ୍ୱାରା ନିଧି ସଂଗ୍ରହ ଅଭିଯାନ ଶୁଭାରମ୍ଭ ହୋଇଛି। ବହୁ ମାନ୍ୟଗଣ୍ୟ ବ୍ୟକ୍ତି ନିଧି ସମର୍ପଣ କରିଛନ୍ତି। ପୂର୍ବ ଓଡ଼ିଶାରେ ଜାନୁୟାରୀ ୧୫ରୁ ୩୦ ଏବଂ ପଶ୍ଚିମ ଓଡ଼ିଶାରେ ଜାନୁଆରୀ ୨୫ରୁ ଫେବୃଆରୀ ୧୦ ଯାଏ ନିଧି ସଂଗ୍ରହ ହେବ ବୋଲି ସୂଚନା ଦିଆଯାଇଥିଲା।

## ଜନ୍ମମାଟିରେ ଖୁସିବ୍ୟକ୍ତ କଲେ ଏଲ୍‌ଜି ଚଣ୍ଡିପ୍ରସାଦ



ଏଲ୍‌ଜି ଚଣ୍ଡିପ୍ରସାଦ ମହାନ୍ତିଙ୍କୁ ପୁଷ୍ପଗୁଚ୍ଛ ଦେଇ ଅଭିନନ୍ଦନ ଜଣାଯାଉଛି।

ଜଗତ୍‌ସିଂହପୁର ଅଫିସ, ୨୧।୧

ଲ୍ୟୁଟ୍‌ନାଣ୍ଟ ଜେନେରାଲ ଚଣ୍ଡିପ୍ରସାଦ ମହାନ୍ତି ଗୁରୁବାର ଜଗତ୍‌ସିଂହପୁର ଜିଲାରେ ପହଞ୍ଚିବାପରେ ଖୁସିବ୍ୟକ୍ତ କରିଛନ୍ତି। ସେ ଜଗତ୍‌ସିଂହପୁର ସହରର ଜୟବଡ଼ ଅଞ୍ଚଳରେ ଜନ୍ମଗ୍ରହଣ କରିଥିଲେ। କିଛିଦିନ ପରେ ସେ ଭାରତୀୟ ସେନାର ଦ୍ୱିତୀୟ ସର୍ବୋଚ୍ଚ ପଦବୀ ଅର୍ଥାତ୍ ଉପମୁଖ୍ୟ ଭାବେ ଦାୟିତ୍ୱ ନେବାକୁ ଯାଉଛନ୍ତି। ଏନେଇ ସାରା ରାଜ୍ୟ ଗର୍ବ ଅନୁଭବ କରୁଥିବା ବେଳେ ସେ ଜଗତ୍‌ସିଂହପୁରରେ ପହଞ୍ଚିବାପରେ ଭାବାବେଗ ପରିବେଶ ସୃଷ୍ଟି ହୋଇଛି। ଏହି ଅବସରରେ ସେ ପ୍ରଥମେ ମା'ଶାରଳାଙ୍କ ଦର୍ଶନ କରିଥିଲେ। ସେଠାରୁ ଫେରି ଗାଁ ଘରେ କିଛି ସମୟ କଟାଇଥିଲେ। ଖବରପାଇ ସେଠାରେ ଅନେକ ଲୋକଙ୍କ ସମାଗମ ହୋଇଥିଲା। ଏହି ଅବସରରେ ଚଣ୍ଡିପ୍ରସାଦ କହିଥିଲେ, ଜନ୍ମ ମାଟିରେ ପହଞ୍ଚି ବହୁତ ଭଲ ଲାଗୁଛି। ଲୋକେ ତାଙ୍କୁ ଅନେକ ମର୍ଯ୍ୟାଦା ଦେଇଛନ୍ତି। ତାହା ତାଙ୍କୁ ସନ୍ତୋଷ ଦେଉଛି। ନିଜ ମା'ଙ୍କ ଆଶୀର୍ବାଦ ଯୋଗୁ ସେ ଏହି ସ୍ଥାନରେ ପହଞ୍ଚି ପାରିଛନ୍ତି। ଜଗତ୍‌ସିଂହପୁର ବିଧାୟକ ପ୍ରଶାନ୍ତ ମୁଦୁଲି, ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର, ରାଜ୍ୟ କାଜୁ ନିଗମ ଅଧ୍ୟକ୍ଷ ଅମରେନ୍ଦ୍ର ଦାସ, ଭାଜପା ଜିଲା ସଭାପତି ସତ୍ୟବ୍ରତ ମହାପାତ୍ରଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ସେଠାରେ ପହଞ୍ଚି ଚଣ୍ଡିପ୍ରସାଦଙ୍କୁ ପୁଷ୍ପଗୁଚ୍ଛ ଦେଇ ଅଭିନନ୍ଦନ ଜଣାଇଥିଲେ।

ସୂଚନାଯୋଗ୍ୟ, ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ପ୍ରମୋଦ କୁମାର ମିଶ୍ର, ସିଏଜି ଗିରିଶ ଚନ୍ଦ୍ର ମୁର୍ମୁ, ଆର୍‌ବିଆଇ ଗଭର୍ନର ଶକ୍ତିକାନ୍ତ ଦାସ, ଭାରତୀୟ ପାଣିପାଗ ବିଭାଗ ମହାନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ମହାପାତ୍ରଙ୍କ ପରେ ଚଣ୍ଡିପ୍ରସାଦ ଅନ୍ୟତମ ଓଡ଼ିଆ ଭାବେ ଜାତୀୟସ୍ତରରେ ଏକ ଗୁରୁତ୍ୱପୂର୍ଣ୍ଣ ପଦବୀରେ ଯୋଗଦେବାକୁ ଯାଉଛନ୍ତି।

## ଇନ୍ଦ୍ରାବତୀ ଜଳଭଣ୍ଡାର ମଝିରେ ଲଞ୍ଚ ଅଚଳ

ଭବାନୀପାଟଣା/ଜୟପାଟଣା, ୨୧।୧(ସ୍ୱ.ପ୍ର./ଡି.ଏନ.ଏ.)

■ଅଳ୍ପକେ ବର୍ତ୍ତିଲେ ୭ ଯାତ୍ରୀ
■ନିର୍ବନ୍ଧ ପାଇଁ ଯାଉଥିଲେ

କଳାହାଣ୍ଡି ଜିଲା ଇନ୍ଦ୍ରାବତୀ ଜଳଭଣ୍ଡାର ମଝିରେ ଗୁରୁବାର ଏକ ଦେଶୀ ଲଞ୍ଚ ଅଚଳ ହୋଇଛି। ଏଥିରେ ବସିଥିବା ୭ ଯାତ୍ରୀଙ୍କ ଜୀବନ ଅଳ୍ପକେ ବର୍ତ୍ତିଯାଇଛି। ପ୍ରକାଶ ଯେ, ନବରଙ୍ଗପୁର ଜିଲା ବିକ୍ରାଗୁଡା ଗ୍ରାମରୁ ନିର୍ବନ୍ଧ ପାଇଁ ଥୁଆମୂଳ ରାମପୁର ଇନ୍ଦ୍ରାବତୀ ଜଳଭଣ୍ଡାର ମଧ୍ୟରେ ଥିବା ଉପରପଙ୍ଗା ଗ୍ରାମକୁ ଯାଉଥିଲେ। ମଧ୍ୟାହ୍ନ ୧୨ଟାରେ ହଠାତ୍ ଜଳଭଣ୍ଡାର ମଝିରେ ଲଞ୍ଚ ଖରାପ ହୋଇଯାଇଥିଲା। ଲଞ୍ଚ ଖରାପ ହୋଇଯିବା ଯୋଗୁ ପାଣିର ଲହଡିରେ ଲଞ୍ଚ ଆହୁରି ମଝିକୁ ଚାଲି ଯାଉଥିଲା। ଏହି ସମୟରେ ଏକ ଆମ୍ବୁଲାନ୍ସ ବୋଟ୍ ରୋଗୀଙ୍କୁ ଆଣିବା ପାଇଁ ଘୁଟୁଖାଲ ଅଭିମୁଖେ ଯାଉଥିଲା। ଲଞ୍ଚରେ ଥିବା ଲୋକମାନେ ବହୁ ସମୟ ଧରି ଏହି ଆମ୍ବୁଲାନ୍ସ ବୋଟ୍‌କୁ ଡାକିବା ପରେ ଆସି ଲଞ୍ଚରେ ଫସିଥିବା ଲୋକଙ୍କୁ ଉଦ୍ଧାର କରିଥିଲେ।

ସୂଚନାଯୋଗ୍ୟ ଯେ, ଇନ୍ଦ୍ରାବତୀ ଜଳଭଣ୍ଡାର ମଧ୍ୟରେ ଥୁଆମୂଳ ରାମପୁର ବ୍ଲକର ଗୋଟିଏ ପଞ୍ଚାୟତ ପୋଡାପଦର ସହ ୧୭ଖଣ୍ଡ ଗ୍ରାମ ରହିଛି। ଯିବାଆସିବା ପାଇଁ ଏହି ଅଞ୍ଚଳବାସୀଙ୍କ ଏକ ମାତ୍ର ଭରସା ଦେଶୀ ଲଞ୍ଚ। କୌଣସି କାମ ପଡିଲେ ଦେଶୀ ଲଞ୍ଚରେ ହିଁ ଯାତାୟାତ କରିଥାନ୍ତି। ଗୁରୁବାର ଉକ୍ତ ଲଞ୍ଚରେ ୭ଜଣ ଲୋକ ନିର୍ବନ୍ଧ ପାଇଁ ଯାଉଥିଲେ। ଜଳଭଣ୍ଡାର ମଝିରେ ହଠାତ୍ ଲଞ୍ଚ ଅଚଳ ହୋଇଯାଇଥିଲା।



ଫସିଯାଇଥିବା ଯାତ୍ରୀଙ୍କୁ ଉଦ୍ଧାର କରାଯାଉଛି।

## 'ସେବାରେ ଲଳିତଙ୍କ ଜୀବନ ଥିଲା ଉତ୍ସର୍ଗ'

**ବଲାଙ୍ଗୀର ଅଫିସ, ୨୧।୧:** ବଲାଙ୍ଗୀର ଟିକ୍ରାପଡା ଗାନ୍ଧୀ ପାଠାଗାରରେ ସ୍ୱର୍ଗତ ଲଳିତ କୁମାର ନାୟକଙ୍କ ବିୟୋଗରେ ଗୁରୁବାର ଶୋକସଭା ଅନୁଷ୍ଠିତ ହୋଇଛି। ନାଗରିକ କମିଟି ସଭାପତି ବିକ୍ରମାନନ୍ଦ ବହିଦାରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶୋକସଭାରେ ସାଧାରଣ ସମ୍ପାଦକ ବିଷ୍ଣୁପ୍ରସାଦ କେଡିଆ, ଉପସଭାପତି ନିତ୍ୟାନନ୍ଦ ମିଶ୍ର, ବୃନ୍ଦାବନ ବରାଳ, ନରେଶ କୁମାର ଦାଶ, ଗୋପବନ୍ଧୁ ନାଥ, ଛବିଲାଲ ବେହେରା, ପର୍ଶୁରାମ ନାଏକ, ଗୋପବନ୍ଧୁ ପୁରୋହି ପ୍ରମୁଖ ସ୍ୱର୍ଗତ ନାୟକଙ୍କ ସ୍ମୃତିଚାରଣ କରିଥିଲେ।

**ଗାନ୍ଧୀ ପାଠାଗାର:** ଟିକ୍ରାପଡା ଗାନ୍ଧୀ ପାଠାଗାରରେ ସଭାପତି ପ୍ରକାଶ ନେପାକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶୋକସଭାରେ ସ୍ୱର୍ଗତ ନାୟକଙ୍କ ନିସ୍ୱାର୍ଥପର ସେବା ଓ ତ୍ୟାଗକୁ ସ୍ମରଣ କରାଯାଇଥିଲା। ପାଠାଗାର ଉପସଭାପତି ସନ୍ତକ ବହିଦାର, ବରିଷ୍ଠ ସଭ୍ୟ ଭଗବାନ ବରର୍ତ୍ତି, ସମ୍ପାଦକ ପ୍ରଦୀପ ସାହୁ, ବରିଷ୍ଠ ସଭ୍ୟ ବୈଷ୍ଣବ ସାହୁ, ରବି ବହିଦାର, ରାଜେନ୍ଦ୍ର ମିଶ୍ର, ମହମ୍ମଦ ଅକବର ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

**ନ୍ୟାଶନାଲ ପିସ୍ ୟୁନିସନ:** ସ୍ଥାନୀୟ ହୋଟେଲ ପାର୍କଲ୍ୟାଣ୍ଡଠାରେ ନ୍ୟାଶନାଲ ପିସ୍ ୟୁନିସନ୍ ନିର୍ଦ୍ଦେଶକ ସତ୍ୟରଞ୍ଜନ ମିଶ୍ର ଓ ଅଧ୍ୟକ୍ଷ ରବିରଞ୍ଜନ ପୂଜାରୀଙ୍କ ଆବାହକତ୍ୱରେ ଅନୁଷ୍ଠିତ ଶୋକସଭାରେ ।ଡ. ଘାସିରାମ ମିଶ୍ର, ଡା.ଲକ୍ଷ୍ମୀକାନ୍ତ ମହାପାତ୍ର, ଡ. ଶ୍ରୀକର ମିଶ୍ର, ଓ ସତ୍ୟନାରାୟଣ ବେହେରା ମଞ୍ଚାସୀନ ଥିଲେ। ଅସହାୟଙ୍କୁ ସେବା ଯୋଗାଇବାରେ ଲଳିତ ନିଜ ଜୀବନକୁ ଉତ୍ସର୍ଗ କରିଥିଲେ ବୋଲି ବକ୍ତାମାନେ କହିଥିଲେ। ଶ୍ରଦ୍ଧାଞ୍ଜଳି ସଭାରେ ସହରର ବହୁ ବୁଦ୍ଧିଜୀବୀ, ମହିଳା ସଙ୍ଗଠନ କର୍ମକର୍ତ୍ତା, ବଣିକ ସଂଘ, ବିଙ୍ଗ ହ୍ୟୁମାନ ଫାଉଣ୍ଡେସନ୍, ମାହେଶ୍ୱରୀ ସଙ୍ଗଠନ କର୍ମକର୍ତ୍ତା ଯୋଗଦେଇଥିଲେ।

**ଶିଶୁବିକାଶ କେନ୍ଦ୍ର :** ସ୍ଥାନୀୟ ଟିକ୍ରାପଡା ରାମ ମନ୍ଦିରଠାରେ ଶିଶୁ ବିକାଶ କେନ୍ଦ୍ର ଓ ପୂଜ୍ୟପୂଜା ସେବା ସଙ୍ଗଠନ ପକ୍ଷରୁ ଅନୁଷ୍ଠିତ ସଭାକୁ ଡାକ୍ତର ଅଶୋକ କୁମାର ସେଠୀ ପରିଚାଳନା କରିଥିଲେ। ସଭାରେ ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ ସ୍ୱର୍ଗତ ନାୟକଙ୍କ ସ୍ମୃତିଚାରଣ କରି ସାଧାରଣ ଜନତାଙ୍କ ପ୍ରତି ତାଙ୍କର ସେବା ଓ ରକ୍ତଦାନ ପାଇଁ ସେ ସବୁବେଳେ ଅମର ରହିବେ ବୋଲି କହିଥିଲେ। ସମ୍ପାଦକ ମଦନ ମୋହନ ରଥ, ନୀଳମଣି ମିଶ୍ର, ସତ୍ୟବନ୍ତ ବେଦବାକ, ଅଚ୍ୟୁତାନନ୍ଦ ଉଦ୍‌ଗାତା ପ୍ରମୁଖ ସ୍ୱର୍ଗତ ନାୟକଙ୍କ ସହ ନିଜର ସ୍ମୃତି ଅନୁଭୂତି ବ୍ୟକ୍ତ କରିଥିଲେ।

## ପାଠପଢ଼ା ପାଇଁ ଡିବିରି ଆଲୁଅ ଭରସା

ମହାକାଳପଡ଼ା,୨୧।୧(ଡି.ଏନ.ଏ.)

**ମିଳୁନାହିଁ ମୌଳିକ ସୁବିଧା**

କେନ୍ଦ୍ରାପଡ଼ା ଜିଲାର ମହାକାଳପଡ଼ା ବ୍ଲକ ରାମନଗର ପଞ୍ଚାୟତର ରାମଚଣ୍ଡୀ ପଡା ୧ ନଂ. ୱାର୍ଡର ସଂଖ୍ୟାଲଘୁ ସମ୍ପ୍ରଦାୟ ପରିବାରକୁ ମିଳୁନି ବିଦ୍ୟୁତ୍ ସେବା। ଫଳରେ ପିଲାମାନେ ପାଠ ପଢିବାକୁ ଡିବିର ଆଲୁଅକୁ ଭରସା କରୁଛନ୍ତି। ବିଭାଗୀୟ ଅଧିକାରୀଙ୍କ ନିକଟରେ ସଂଖ୍ୟାଲଘୁ ପରିବାର ସଦସ୍ୟ ବର୍ଷ ବର୍ଷ ଧରି ନେହୁରା ହେଉଛନ୍ତି। ଖାଦ୍ୟ, ବାସଗୃହ, ପାନୀୟ ଜଳ, ବିଦ୍ୟୁତ୍, ଉଜ୍ୱଳା ଗ୍ୟାସ ଯୋଜନା ଆଦି ଅତ୍ୟାବଶ୍ୟକ ମୌଳିକ ସୁବିଧାରୁ ସଂଖ୍ୟାଲଘୁ ପରିବାର ବଞ୍ଚିତ। ଆମେ ସଂଖ୍ୟାଲଘୁ ପରିବାର ବୋଲି ମୌଳିକ ସୁବିଧା ମିଳୁପାରୁନାହିଁ ବୋଲି ଗୁଲୁଜାନ ବିବି କହିଛନ୍ତି। ବାସଗୃହ କରିବାକୁ ଇଞ୍ଚେ ନିଜସ୍ୱ ଜମି ନାହିଁ। କେବଳ ସରକାରୀ ଜମିରେ ନୁଆଁଣିଆ ଚାଳଘରେ ଛୋଟ ପିଲାଙ୍କୁ ନେଇ ମୁଣ୍ଡ ଗୁଞ୍ଜିଛୁ। ଝଡ଼ବାତ୍ୟାରେ ଜୀବନ ଦୁର୍ବିଷହ ହୋଇପଡେ। ପିଲାଙ୍କୁ ପାଠ ପଢାଇବାକୁ ପାଖରେ ପଇସାଟିଏ ନାହିଁ। ପର ଘରେ ମଜୁରି ଲାଗି ଅତିକଷ୍ଟରେ ପିଲାଙ୍କ ମୁହଁରେ ଦାନା ମୁଠାଏ ଦେଇଥାଏ। ନିର୍ବାଚନ ବେଳେ ରାଜନେତାମାନେ ମଧୁର କଥା କହି ଭୋଟ ହାତେଇଥାନ୍ତି। ନିର୍ବାଚନ ପରେ ସମସ୍ତେ ସବୁ କିଛି ଭୁଲିଯାଆନ୍ତି। ସନ୍ଧ୍ୟା ହେଲେ ପିଲାମାନେ ଘରେ ବିଦ୍ୟୁତ୍ ନ ଥିବାରୁ ଡିବିରି ଆଲୁଅରେ ପାଠ ପଢିଥାନ୍ତି। କେବେ କିରୋସିନ ସରିଗଲେ ସଞ୍ଜବତୀ ହିଁ ସାହା ଭରସା। ସରକାର ଶିକ୍ଷା ପାଇଁ ବହୁ ଯୋଜନା କରୁଛନ୍ତି। ଏହା ଆମ ନିକଟରେ କେବେ ପହଞ୍ଚିବ ବୋଲି ସେ ପ୍ରଶ୍ନ କରିଛନ୍ତି। ସେହିପରି ଅଷ୍ଟମ ଶ୍ରେଣୀ ଛାତ୍ରୀ ନୁରୁଜାନ ଖାତୁନ, ପଞ୍ଚମ ଶ୍ରେଣୀ ଛାତ୍ର ଶେଖ ରାଜନ, ଚତୁର୍ଥ ଶ୍ରେଣୀ ଛାତ୍ର ଶେଖ ସଲିମ କହିଛନ୍ତି, ଆମ ସାଙ୍ଗ ବିଦ୍ୟୁତ୍ ଆଲୁଅରେ ପଢୁଛନ୍ତି। ଆମେ ଅଧିକ ସମୟ ପଢିବାକୁ ଇଚ୍ଛାଥିଲେ ମଧ୍ୟ ଡିବିରି ଆଲୁଅରେ ପାଠ ପଢିଲେ ଆଖି, ନାକ ଆଦି ଉପରେ ପ୍ରଭାବ ପଡୁଛି। ଏହି ପରିବାରକୁ ମୌଳିକ ସେବା ଯୋଗାଇ ଦେବାକୁ ପଡାର ପବିତ୍ର ବେହେରା, ପଇଡ ଭକ୍ତା, ସୁଦାମ ନାୟକ, ସୁବଳ ଭକ୍ତା, ସପନ ଭକ୍ତା ପ୍ରମୁଖ ଦାବି କରିଛନ୍ତି।



ଡିବିରି ଆଲୁଅରେ ପାଠ ପଢୁଛନ୍ତି ପିଲାମାନେ।

ବେଙ୍ଗର ଦାମ୍ ଦେଢ଼ ଲକ୍ଷ



ଦୁନିଆର ସବୁଠୁ ବିଷାକ୍ତ ଓ ଦାମୀ ବେଙ୍ଗ 'ପଏଜନ ଡାର୍ଟ ଫ୍ରଗ୍'। ଏହି ଲୁପ୍ତପ୍ରାୟ ବେଙ୍ଗମାନେ ଦେଖିବାକୁ ହଳଦିଆ କିମ୍ବା କଳା ରଙ୍ଗର ହୋଇଥାନ୍ତି। ଏହି ପ୍ରଜାତିର ବେଙ୍ଗ ଅନ୍ତର୍ଜାତୀୟ କଳା ବଜାରରେ ୨୦୦୦ ଡଲାର ଅର୍ଥାତ୍ ଭାରତୀୟ ମୁଦ୍ରାରେ ୧୫୦୦୦୦ ଟଙ୍କାରେ ବିକ୍ରି ହୋଇଥାଏ। ଏପରି ବେଙ୍ଗ ବୋଲିଭିୟା, କୋଷ୍ଟରିକା, ବ୍ରାଜିଲ, କଲମ୍ବିଆ, ଭେନ୍‌ଜୁଏଲା, ପେରୁ, ଗୁଆନା, ପାନାମା ଆଦି ଦେଶରେ ଦେଖିବାକୁ ମିଳେ।

# ପ୍ରଜାପତିଠାରୁ ଉନ୍ନତ ଡ୍ରୋନ୍ ଟେକ୍‌ନିକ୍



**ପ୍ରକୃତିର ଅନ୍ୟତମ ସୁନ୍ଦରତମ ବିସ୍ମୟ ହେଉଛି ପ୍ରଜାପତି। ରଙ୍ଗ, ରୂପରେ ମନ ମୋହିନେବାର କ୍ଷମତା ରଖିଥିବା ଏହି କୀଟ ପାଇଁ ସବୁବେଳେ ସବୁବର୍ଗ ମଧ୍ୟରେ ରହିଛି ନିଆରା ଆକର୍ଷଣ। ଏବେ ପ୍ରଜାପତିଙ୍କ ଉଡ଼ିବା ଦକ୍ଷତାକୁ ନେଇ ରୋଚକ ତଥ୍ୟ ସାମ୍ନାକୁ ଆସିଛି, ଯାହାକୁ ଉପଯୋଗ କରି ଉନ୍ନତ ଧରଣର ହାଲୁକା ଡ୍ରୋନ୍ ତିଆରି କରାଯାଇପାରିବ ବୋଲି ବୈଜ୍ଞାନିକମାନେ ଆଶାବାଦୀ ରହିଛନ୍ତି।**

**ଷ୍ଟକ୍‌ହୋମ୍:** ପ୍ରକୃତି ହେଉଛି ମନୁଷ୍ୟର ପ୍ରଥମ ଗୁରୁ। ଏହାକୁ ଅନୁକରଣ କରି ଅନେକ ଉଦ୍ଭାବନ ହୋଇଛି। ଏବେ ସେଥିରେ ଯୋଡ଼ି ହୋଇଛି ପ୍ରଜାପତି। ଏହି ସୂକ୍ଷ୍ମକୀଟ ଉଡ଼ିବା ବେଳେ ଡେଣାକୁ ଭିନ୍ନ ଭାବେ ବ୍ୟବହାର କରିଥାଏ। ପବନ ସହିତ ଏଭଳି ସମନ୍ୱୟ ରକ୍ଷା କରି ଉଡ଼ିବା କ୍ୱଚିତ କୀଟ ଏବଂ ପକ୍ଷୀଙ୍କ ନିକଟରେ ଦେଖିବାକୁ ମିଳେ। ଏଥିରୁ ପ୍ରେରିତ ହୋଇ ବୈଜ୍ଞାନିକମାନେ କମ୍ ଶକ୍ତିରେ ପରିଚାଳିତ ହେଉଥିବା ହାଲୁକା ଡ୍ରୋନ୍ ନିର୍ମାଣ କରିବାର କୌଶଳ ଖୋଜିପାଇଛନ୍ତି।

ପ୍ରଜାପତି ଉଡ଼ିବା ବେଳେ ନିଜର ଡେଣାକୁ କପ୍ ଆକୃତିର କରିଥାନ୍ତି, ଯାହା ନାଟକୀୟ ଭାବେ ସେମାନଙ୍କ ଉଡ଼ିବା ସାମର୍ଥ୍ୟକୁ ବଢ଼ାଇ ଦେଇଥାଏ। ହଠାତ୍ ଦିଗ ପରିବର୍ତ୍ତନ କରିପାରିବାର ସ୍ୱତନ୍ତ୍ର କ୍ଷମତା ସେମାନଙ୍କୁ ଶତ୍ରୁଠାରୁ ସୁରକ୍ଷିତ ରଖିଥାଏ। କେତେକ ପ୍ରଜାତିର ମାଛ ଏବଂ ବେଙ୍ଗଙ୍କ ନିକଟରେ ମଧ୍ୟ ଏଭଳି କ୍ଷମତା ଦେଖିବାକୁ ମିଳେ। ୧୯୭୦ରୁ ଏହି ସିଦ୍ଧାନ୍ତ ଉପରେ କାମ କରାଯାଉଛି। ହେଲେ ଏହି ଅଧ୍ୟୟନରେ ପ୍ରଜାପତିଙ୍କୁ ସାମିଲ କରାଯାଇ ନ ଥିଲା। ପବନର ପ୍ରତିକୂଳ ଦିଗରେ ପ୍ରଜାପତିଙ୍କ ଉଡ଼ିବା କ୍ଷମତା କମ୍ ବୋଲି ଦୀର୍ଘଦିନରୁ ଧାରଣା ରହିଆସିଛି। ହେଲେ ନିକଟରେ ହୋଇଥିବା ଗବେଷଣାରୁ ସେମାନଙ୍କ ଡେଣାକୁ ନେଇ ନୂତନ ତଥ୍ୟ ପଦାକୁ ଆସିଛି। ସ୍ୱିଡେନରେ ଲୁଣ୍ଡ୍ ୟୁନିଭର୍ସିଟିର ବୈଜ୍ଞାନିକ ଦଶନ୍ଧି ତଳର ପୁରୁଣା ସିଦ୍ଧାନ୍ତ ଉପରେ କାମ କରୁଛନ୍ତି। ପ୍ରଜାପତିଙ୍କ ଡେଣା ଅତି ନମନୀୟ। ସେମାନଙ୍କ ଉଡ଼ିବା ଶୈଳୀ ଜେଟ୍ ଉଡାଣ କୌଶଳ ସହିତ ମେଳ ଖାଉଛି। କୀଟପତଙ୍ଗମାନେ ଖୁବ୍ କ୍ଷୀପ୍ରଗତିରେ ଡେଣା ହଲାଇଥାନ୍ତି। ଏହା ସେମାନଙ୍କ ସାମ୍ନାରେ ଥିବା ପବନକୁ ଅପସାରଣ କରିବାରେ ସହାୟତା କରିଥାଏ ଏବଂ ସେମାନେ ଅନାୟାସରେ ବାୟୁ ସହ ଭାରସାମ୍ୟ ରଖି ଉଡ଼ିପାରନ୍ତି। ପ୍ରଜାପତିଙ୍କ ଉଡ଼ିବା କ୍ଷମତା ଏବଂ ସେମାନେ ଉପଯୋଗ କରୁଥିବା କୌଶଳ ବିଜ୍ଞାନ ପାଇଁ ପ୍ରେରଣାଦାୟୀ ହୋଇପାରିଛି ବୋଲି ଇଣ୍ଟରଫେସ୍ ଜର୍ନାଲରେ ପ୍ରକାଶିତ ଏକ ସନ୍ଦର୍ଭରେ କୁହାଯାଉଛି।

ଗବେଷଣାର ସହ ଲେଖକ ପେର୍ ହେନିଙ୍ଗ୍‌ସନ କହିଛନ୍ତି, ପ୍ରଜାପତି ଉଡ଼ିବା ଦକ୍ଷତାକୁ ନେଇ ରହିଥିବା ଭାବନା ଭୁଲ୍ ପ୍ରମାଣିତ ହୋଇଛି। ଏଥିରୁ ହାଲୁକା ଡ୍ରୋନ୍ ତିଆରି କରିବା ଲାଗି ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳିପାରିଛି। ପ୍ରଜାପତି ଉଡ଼ିବା ସମୟରେ ଡେଣାକୁ ପକେଟ୍ ଆକୃତିର କରିଥାନ୍ତି। ଏହାକୁ ଦେଖିବା ପରେ ସମାନ ଆକୃତିର ଯାନ୍ତ୍ରିକ ଡେଣା ନିର୍ମାଣ କରାଯାଇଥିଲା, ଯାହାର ଶକ୍ତି ସୃଷ୍ଟି କରିବା କ୍ଷମତା ୨୨% ଯାଏ ବଢ଼ିଯାଇଥାଏ। ଏଥିରୁ ହାଲୁକା ଡ୍ରୋନ ତିଆରି କରିବାର ଆଶା ଉଜ୍ଜୀବିତ ହୋଇଛି।

# ୱାର୍କଆଉଟ୍ କରୁଛନ୍ତି କ୍ୟାଟ୍ରିନା



କ୍ୟାଟ୍ରିନା କୈଫ

**ମୁମ୍ବାଇ:** ବଲିଉଡ୍‌ର ଅଭିନେତ୍ରୀ କ୍ୟାଟ୍ରିନା କୈଫ ସବୁବେଳେ ନିଜର ଫିଟ୍‌ନେସ୍‌କୁ ନେଇ ଚର୍ଚ୍ଚାରେ ଥାନ୍ତି। ଆଜିକାଲି ଆଉ ଟିକେ ବେଶି ଚର୍ଚ୍ଚାରେ ରହୁଛନ୍ତି। ସୋସିଆଲ ମିଡିଆରେ ସେ ଶେୟାର କରିଥିବା ଫଟୋ ଏବେ ଭାଇରାଲ ହେବାରେ ଲାଗିଛି। କ୍ୟାଟ୍ରିନାଙ୍କ ଫ୍ୟାନ ଫଲୋଇଙ୍ଗ୍ ସଂଖ୍ୟା ଅଧିକ। ତାଙ୍କ ହଟ୍ ଏବଂ ଗ୍ଲାମର୍ସ ଲୁକ୍ ପାଇଁ ଫ୍ୟାନ୍‌ମାନେ ପାଗଳ। ନିକଟରେ କ୍ୟାଟ ଜିମ୍ ଯାଇ ଖୁବ ପରିଶ୍ରମ କରୁଛନ୍ତି। ଜିମ୍‌ରେ ସେ ପିଲେଟ ସେସନ ନେଉଥିବା ଦେଖିବାକୁ ମିଳିଛି। କ୍ୟାଟ୍ରିନା ରେଡ୍ ଆଉଟ୍‌ଫିଟ୍‌ରେ ୱର୍କଆଉଟ କରୁଥିବା ନଜର ଆସିଛନ୍ତି। ତାଙ୍କ ପାଖରେ ଜଣେ ଟ୍ରେନର ଠିଆ ହୋଇ ତାଙ୍କୁ ତାଲିମ ଦେଉଛନ୍ତି। ପିଲେଟ ଜରିଆରେ ମାଂସପେଶୀ ସୁଦୃଢ଼ ହୋଇଥାଏ। ତାଙ୍କ ୱାର୍କଆଉଟ୍‌ରୁ ଜଣାପଡୁଛି ସେ କେଉଁ ଫିଲ୍ମରେ ଏକ ଜବରଦସ୍ତ ଭୂମିକାରେ ଆସିବେ। ତେଣୁ ତାଙ୍କୁ ଏପରି କଠିନ ପରିଶ୍ରମ କରିବାକୁ ପଡୁଛି। କୁହାଯାଉଛି, ସଲମାନଙ୍କ ସହିତ ଟାଇଗର–୩ରେ ସେ ନଜର ଆସିବେ। ସୂଚନାଯୋଗ୍ୟ ଯେ, ୨୦୧୨ରେ ଟାଇଗର ଫିଲ୍ମରେ ସଲମାନ ଏବଂ କ୍ୟାଟ୍ରିନାଙ୍କୁ ଏକାସାଥିରେ ଦେଖିବାକୁ ମିଳିଥିଲା। ଏହି ଫିଲ୍ମରେ କବୀର ଖାନ ନିର୍ଦ୍ଦେଶନା ଦେଇଥିଲେ। ଫିଲ୍ମଟି ବ୍ଲକବଷ୍ଟର ହିଟ ହୋଇଥିଲା। ଏହା ବକ୍ସ ଅଫିସରେ ୩୨୦ କୋଟିର ବ୍ୟବସାୟ କରିଥିଲା। ଏହା ପରେ ୨୦୧୭ରେ ସଲମାନଙ୍କ ସହ ଫିଲ୍ମ 'ଟାଇଗର ଜିନ୍ଦା ହେ'ରେ ବି କ୍ୟାଟ ନଜର ଆସିଥିଲେ। ଏବେ କୁହାଯାଉଛି ଟାଇଗର–୩ ଆସିବ। ଫିଲ୍ମରେ ଅଲ୍ଲୀ ଅବାସ ନିର୍ଦ୍ଦେଶନା ଦେବେ। କ୍ୟାଟ୍ରିନା ଏହି ଅପ୍‌କମିଙ୍ଗ ଫିଲ୍ମ ପାଇଁ ନିଜକୁ ପ୍ରସ୍ତୁତ କରୁଛନ୍ତି।

# ୨୭ ସ୍ତ୍ରୀ, ୧୫୦ ସନ୍ତାନ

**ବୋଗୋଟା:** ୬୪ ବର୍ଷୀୟ ୱିନ୍‌ଷ୍ଟନ ବ୍ଲାକମୋର କାନାଡାର ସବୁଠୁ ପରିଚିତ ବ୍ୟକ୍ତି ଯେ କି ଏକାଧିକ ବିବାହ କରିଛନ୍ତି। କଲମ୍ବିଆରେ ରହୁଥିବା ୱିନ୍‌ଷ୍ଟନଙ୍କ ରହିଛନ୍ତି ୧୫୦ ସନ୍ତାନ। ସେ ୨୭ ଜଣ ମହିଳାଙ୍କୁ ବିବାହ କରିଥିବା ବେଳେ ବର୍ତ୍ତମାନ ୨୨ ଜଣ ଅଛନ୍ତି। ୱିନ୍‌ଷ୍ଟନଙ୍କ ୧୯ ବର୍ଷୀୟ ପୁଅ ମର୍ଲିନ ବ୍ଲାକମୋର ଏହି ବିରାଟ ପରିବାରକୁ ନେଇ ସୋସିଆଲ ମିଡିଆରେ ସୂଚନା ଦେଇଛନ୍ତି।

ମର୍ଲିନ କୁହନ୍ତି, ୨୧ ବର୍ଷୀୟ ତାଙ୍କ ସାବତ ଭାଇ ବରେନ ଏବଂ ୧୯ ବର୍ଷୀୟ ମରି ତାଙ୍କ କଥା ରଖନ୍ତି। ଏହି ତିନି ଭାଇ ବର୍ତ୍ତମାନ କଲମ୍ବିଆର ସୁନ୍ଦର ସହର ଛାଡ଼ିଛନ୍ତି। ତାଙ୍କ ପିଢ଼ି ମଧ୍ୟ ଗୋଟିଏ ପରିବାରରେ ରହିବେ ବୋଲି କହିଛନ୍ତି। ମର୍ଲିନ ଆମେରିକାରେ ରୁହନ୍ତି। ସୋସିଆଲ ମିଡିଆରେ ଏକ ଭିଡିଓ ଶେୟାର କରି ସେ କହିଛନ୍ତି, ତାଙ୍କ ନିଜର ୭ ଭାଇଭଉଣୀ। ସେ କହିଛନ୍ତି ମୁଁ ପରିବାରଠାରୁ ଦୂରରେ ରହୁଥିଲେ ମଧ୍ୟ ସବୁବେଳେ ଫୋନ୍‌ରେ ସେମାନଙ୍କ ସହ କଥା ହୁଏ। ଏଥିସହିତ ମର୍ଲିନ ତାଙ୍କର ପରିବାରର ସୁନ୍ଦର ସୁନ୍ଦର ଫଟୋ ସୋସିଆଲ ମିଡିଆରେ ଶେୟାର କରିଛନ୍ତି। କହିଛନ୍ତି, କୌଣସି ମହୋତ୍ସବ ହେଲେ ସବୁ ଭାଇଭଉଣୀ ଏକାଠି ହୁଅନ୍ତି। ସମସ୍ତ ଭାଇଭଉଣୀ ମିଶି ୧୫୦ ଜଣ। ତାଙ୍କର ଏହି ପରିବାରକୁ ନେଇ ସବୁଠୁ ଚର୍ଚ୍ଚା। ସେମାନେ ମଧ୍ୟ ଆଗକୁ ଏକାଠି ହୋଇରହିବେ ବୋଲି କହିଛନ୍ତି।



# ବୋତଲରେ ବିଶ୍ୱର ସପ୍ତାଶ୍ଚର୍ଯ୍ୟ



**କୋଚି:** ପ୍ରତ୍ୟେକ ମନୁଷ୍ୟଠାରେ ନିଜର ସ୍ୱତନ୍ତ୍ର କଳା ରହିଥାଏ। ଉକ୍ତ କଳାକୁ ଚିହ୍ନିପାରି ସେ ଦିଗରେ ଆଗ୍ରହ ଏବଂ ନିଷ୍ଠାର ସହ କାର୍ଯ୍ୟ କଲେ ସଫଳତା ନିଶ୍ଚୟ ମିଳିଥାଏ। ଏଭଳି ସ୍ୱତନ୍ତ୍ର କଳାର ଅଧିକାରୀ ହେଉଛନ୍ତି, କେରଳ ରାଜ୍ୟ କୋଚିସ୍ଥିତ ଆଙ୍ଗାମାଲି ଅଞ୍ଚଳର ଜିସ୍‌ନା ନାଗିର୍ଶା। ସେ ବିଶ୍ୱର ସପ୍ତାଶ୍ଚର୍ଯ୍ୟର କଳାକୃତିକୁ ବୋତଲ ଉପରେ ଅତି ସୁନ୍ଦରଭାବେ ତିଆରି କରିଛନ୍ତି। ଏହାଦ୍ୱାରା ସେ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସ ଏବଂ ଏସିଆନ୍ ବୁକ୍ ଅଫ୍ ରେକର୍ଡ୍ସରେ ପ୍ରବେଶ କରିବାରେ ସଫଳ ହୋଇଛନ୍ତି। ୪୦ ବର୍ଷୀୟା ଜିସ୍‌ନା ୬ ବର୍ଷ ହେଲା ଏହି କଳାକୃତି କରୁଛନ୍ତି। ତେବେ ୨ ବର୍ଷ ହେଲା ଏ ଦିଗରେ ଅତି ନିଷ୍ଠାର ସହ ଉଦ୍ୟମ ଚଳାଇଥିବା ସେ କୁହନ୍ତି। ବିଶ୍ୱର ନୂତନ ସପ୍ତାଶ୍ଚର୍ଯ୍ୟ ଗ୍ରେଟ୍ ୱାଲ୍ ଅଫ୍ ଚାଇନା, ତାଜ୍‌ମହଲ, ରୋମାନ୍ କଲେଜିଅମ୍, ଖ୍ରୀଷ୍ଟ ଦି ରିଡିମର ଅଫ୍ ରିଓ ଆଦି ସ୍ମାରକୀର ସୁନ୍ଦରତା ଦେଖି ସେ ବୋତଲ ଉପରେ ଏଗୁଡ଼ିକୁ ଡିଜାଇନ କରିବାକୁ ଚିନ୍ତା କରିଥିଲେ। ଏବେ ଏଥିରେ ସେ ସଫଳ ମଧ୍ୟ ହୋଇଛନ୍ତି। ମାଟି, ବାର୍ନିସ, ରଙ୍ଗ ଏବଂ ଅଠା ବ୍ୟବହାରକରି ସେ ଏସବୁ ଡିଜାଇନ କରିଥିବା କହିଛନ୍ତି। ତେବେ ବୋତଲର ଆକାରକୁ ଦେଖି ସେ ନିଜର ଡିଜାଇନ ପ୍ରସ୍ତୁତ କରିଥାନ୍ତି। ଜିସ୍‌ନାଙ୍କ ପରବର୍ତ୍ତୀ ଲକ୍ଷ୍ୟ ହେଲା ଲିମ୍‌କା ବୁକ୍ ଅଫ୍ ରେକର୍ଡ୍ସ। ଏଥିପାଇଁ ଆବଶ୍ୟକ ପ୍ରକ୍ରିୟାରେ ସେ ଏବେ ବ୍ୟସ୍ତ। ସପ୍ତାଶ୍ଚର୍ଯ୍ୟ ବ୍ୟତୀତ ଜିସ୍‌ନା ବୋତଲରେ ବିଭିନ୍ନ ଉପହାର ତିଆରି କରନ୍ତି।

# ଉଚ୍ଚତା ବୃଦ୍ଧି ପାଇଁ ୫୫ ଲକ୍ଷ

**ନୂଆଦିଲ୍ଲୀ:** ନିଜ ହାଇଟ୍ ବଢାଇବା ପାଇଁ କିଛି ଲୋକ ବିଭିନ୍ନ ପ୍ରକାରର ଯୋଗ କିମ୍ବା ଏକ୍ସରସାଇଜ୍ କରିଥାନ୍ତି। କିଛି ଲୋକ ମଧ୍ୟ ଡାକ୍ତରଙ୍କ ପରାମର୍ଶ ନେଇ ଔଷଧ ବି ଖାଇଥାନ୍ତି। ଠିକ୍ ଏମିତି ଏକ ଇଚ୍ଛା ପାଇଁ ଜଣେ ବ୍ୟକ୍ତି ୫୫ ଲକ୍ଷ ଟଙ୍କା ଖର୍ଚ୍ଚ କରିଛନ୍ତି। କଥାଟା ଶୁଣି ହୁଏତ ଅନେକ ଆଶ୍ଚର୍ଯ୍ୟ ହୋଇପାରନ୍ତି। କିନ୍ତୁ ଆମେରିକା ଟେକ୍ସାସର ଜଣେ ବ୍ୟକ୍ତି ଅଲଫାସୋ ଫ୍ଲୋରସ୍।

ଅଲଫାସୋଙ୍କର ଉଚ୍ଚତା ପୂର୍ବରୁ ୫ ଫୁଟ ୧୧ ଇଞ୍ଚ ଥିଲା। କିନ୍ତୁ ସେ ତାଙ୍କର ଉଚ୍ଚତାକୁ ୬ ଫୁଟରୁ ଅଧିକ କରିବା ପାଇଁ ସେ ଚାହୁଁଥିଲେ। ଏଥିପାଇଁ ସେ ବିଭିନ୍ନ ପ୍ରକାରର ଯୋଗ, ଏକ୍ସରସାଇଜ୍ ମଧ୍ୟ କରିଥିଲେ। କିନ୍ତୁ ତାଙ୍କ ଉଚ୍ଚତା ଆଦୌ ବୃଦ୍ଧି ପାଇ ନ ଥିଲା। ଶେଷରେ ଏଥିପାଇଁ ସେ ଲସ୍‌ବେଗାସ୍ ଯାଇ ଲିମ୍ବ ସର୍ଜରୀ କରାଇଥିଲେ। ଏଥିପାଇଁ ଅଲଫାସୋ ମୋଟ ୫୫ ଲକ୍ଷ ଟଙ୍କା ଖର୍ଚ୍ଚ କରିଥିଲେ। ଅଲଫାସୋଙ୍କ ସମ୍ପର୍କରେ ଏବେ ଏହି ଖବର ପ୍ରକାଶ ପାଇବା ପରେ ଲୋକେ ଆଶ୍ଚର୍ଯ୍ୟ ହୋଇଛନ୍ତି। କାରଣ ଅଲଫାସୋଙ୍କର ଉଚ୍ଚତା ଏତେ ବି ଗେଡ଼ା ନ ଥିଲା। କିନ୍ତୁ ସେ ତାଙ୍କର ପୂର୍ବ ଏବଂ ସର୍ଜରୀ ପରର ଫଟୋ ପୋଷ୍ଟ କରିବା ପରେ ତାଙ୍କର ଉଚ୍ଚତା ଅଳ୍ପ ବଡ଼ ହୋଇଥିବା ଜଣାପଡିଛି। ପୂର୍ବରୁ ତାଙ୍କର ଉଚ୍ଚତା ୫ ଫୁଟ ୧୧ ଇଞ୍ଚ ଥିବାବେଳେ ଏବେ ତାଙ୍କର ଉଚ୍ଚତା ୬ ଫୁଟ ୧ ଇଞ୍ଚ ହୋଇଛି। ତେବେ ଏତିକି ଉଚ୍ଚତା ବୃଦ୍ଧି ପାଇଁ ଅଲଫାସୋଙ୍କର ନିଶା ଏବଂ ଏତେ ଟଙ୍କା ଖର୍ଚ୍ଚ କରିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ନିଜକୁ ସୁନ୍ଦର କରିବା ପାଇଁ ଲୋକେ କିଭଳି ପାଗଳ ହୋଇପାରନ୍ତି ଏହା ଏକ ଉଦାହରଣ ନିଶ୍ଚୟ।

# କାଠ ବୁଲେଟ୍

**ଥିରୁଭାନନ୍ତପୁରମ୍:** କାରୁଲଇ କଲାମ ଅଞ୍ଚଳ ଶାଗୁଆନ ଗଛରେ ପୂର୍ଣ୍ଣ। ଏଠାରେ ରହୁଥିବା ଜିଧିନ କାରୁଲାଇ ଶାଗୁଆନ କାଠରେ ଏକ ବୁଲେଟ୍ ତିଆରି କରିଛନ୍ତି। ଯାହାକୁ ଦେଖି ଲୋକେ ଆଶ୍ଚର୍ଯ୍ୟ ହେବା ସହ ତାଙ୍କୁ ପ୍ରଶଂସାରେ ପୋତି ପକାଉଛନ୍ତି। ଜିଧିନ କୁହନ୍ତି, ଏହି ବୁଲେଟ୍ ତିଆରିରେ ଯେତିକି ଟଙ୍କା ଖର୍ଚ୍ଚ ହୋଇଛି ତାହା ଅସଲ ବୁଲେଟ୍ ଦାମ୍‌ଠାରୁ ଅଧିକ। ଏହାକୁ ଦେଖିବା ପାଇଁ ଦୂର ଦୂରାନ୍ତରୁ ଲୋକେ ଆସୁଛନ୍ତି।



ପେସାରେ ଇଲେକ୍ଟ୍ରିସିଆନ ଜିଧିନଙ୍କୁ କାଠର ବୁଲେଟ ତିଆରି କରିବାକୁ ୨ ବର୍ଷରୁ ଅଧିକ ସମୟ ଲାଗିଛି। ଏଥିପାଇଁ ତାଙ୍କୁ କଠିନ ପରିଶ୍ରମ କରିବାକୁ ପଡ଼ିଛି। ଏହି ବୁଲେଟରେ ଦୁଇଟି ବଡ଼ ଶାଗୁଆନ ଗଛର କାଠ ବ୍ୟବହାର ହୋଇଛି। ଖାଲି ଏତିକି ନୁହେଁ, ଜିଧିନ ବୁଲେଟ୍ ତିଆରି ପାଇଁ ମାଲେସିଆରୁ ମଧ୍ୟ କାଠ ମଗାଇଥିଲେ। ତେଲ ଟାଙ୍କି ତିଆରି ପାଇଁ ସେ ଶିଶୁ କାଠ ମଗାଇଥିଲେ। ବାକି ସବୁ ପାର୍ଟ ଶାଗୁଆନ କାଠରେ ତିଆରି ହୋଇଛି। ସବୁଠୁ ଆଶ୍ଚର୍ଯ୍ୟର କଥା ହେଉଛି ଜିଧିନ ଏହି ବୁଲେଟ୍ ତିଆରି ପାଇଁ କାହାର ସାହାଯ୍ୟ ନେଇନାହାନ୍ତି। ନିଜେ ଏକା ସବୁ କାମ କରିଛନ୍ତି।

CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

NAB (REGD.)
NAB (Regd.) ଭାରତର ସବୁଠୁ ବଡ କମ୍ପାନୀ ଦ୍ୱାରା ସମସ୍ତ ସମସ୍ୟାର ଉପାୟ
ମାର୍କସିଟ | ଆଧାରକାର୍ଡ | କୃଷି | ପଶୁପାଳନ | ସମ୍ପତି | ଲଘୁ ଉଦ୍ୟୋଗ | ବ୍ୟକ୍ତିଗତ | BPL ଋଣ
ଘରେବସି 5 ଘଣ୍ଟାରେ ପାଆନ୍ତୁ।
0% ସୁଧ 50% ଛାଡ
No File Charge
Online Facility Available
Plot No 428/74, Shahnajaf Rd, Lucknow, Uttar Pradesh 226001
6396011863

ଋଣ ପାଆନ୍ତୁ
ଉମ୍ମୀଦ ଫାଇନାନ୍ସ
ଦ୍ୱାରା ଋଣ ମାର୍କଶିଟ୍, ଆଧାରକାର୍ଡ, ପର୍ସନାଲ, କୃଷି, ଶିକ୍ଷା, ବ୍ୟବସାୟ, ଗ୍ରୁପ୍ ଋଣ, ମହିଳାଙ୍କ ପାଇଁ 24 ଘଣ୍ଟାରେ ବିନା ଫାଇଲ୍ ଚାର୍ଜରେ।
2% ସୁଧ, 40% ସବ୍‌ସିଡି
New Ashok Nagar, East Delhi, Delhi
9821043617

ନିଜର ଜମିକୁ ରୋଜଗାରର ମାଧ୍ୟମରେ ପରିଣତ କରନ୍ତୁ
HTL TOWER CO.
କମ୍ପାନୀ ଦ୍ୱାରା ଖାଲି ଜମି, ଛାତ, ଖେତ ଓ ପ୍ଲଟ୍‌ରେ ସିଧାସଳଖ କମ୍ପାନୀ ସିନିୟର ଅଧିକାରୀଙ୍କ ସହ କଥା ହୋଇ
4G/5G
ମଲ୍ଟିମିଡିଆ ଟାୱାର ଲଗାନ୍ତୁ।
ଅଗ୍ରିମ: 65 ଲକ୍ଷ
ଭଡ଼ା: 40 ହଜାର
+ ମାସିକ 20 ହଜାରର ଅନ୍ୟାନ୍ୟ ସୁବିଧା
ଦ୍ରଷ୍ଟବ୍ୟ: ଟାୱାର ଲଗାଇବାର ଅନୁମତି ଅଳ୍ପ କେତୋଟି କମ୍ପାନୀର ଅଛି
କମ୍ପାନୀ ତରଫରୁ ଫ୍ରି ମୋବାଇଲ + ବାଇକ୍
ସିଧାସଳଖ କମ୍ପାନୀ ସହ ଯୋଗାଯୋଗ କରନ୍ତୁ
79826-37439
96253-73491

ଅଗରବତି ମେସିନ
କମ୍ ଖର୍ଚ୍ଚରେ ନିଜ ଘରେ ଧୂପକାଠି ମେସିନ ବସାଇ ଦୈନିକ ୧୦୦୦ରୁ ୧୫୦୦ ଟଙ୍କା ରୋଜଗାର କରନ୍ତୁ।
ପ୍ରତ୍ୟେକ ମେସିନ ସହ
RAW MATERIAL FREE
Mob.-9078729199, 8018493464

PADMAJA FINANCE
ସରକାର ଯୋଜନା ଦ୍ୱାରା ନିଜର ପ୍ରପର୍ଟି, ବ୍ୟକ୍ତିଗତ, ମାର୍କସିଟ୍, ଗୃହଋଣ, କୃଷି, ଗାଈ ଓ କୁକୁଡ଼ା ପାଳନ ଆଦି ସମସ୍ତ ପ୍ରକାର LOAN 2% ସୁଧରେ ଘରେ ବସି ପାଆନ୍ତୁ।
Mob.-9437921472
7656825049
LAHANDA, BARGARH

ତାନ୍ତ୍ରିକ ଶକ୍ତିର ବାଦ୍‌ଶାହା
ବାବା ମୟୂର ସାହା
ସ୍ୱତନ୍ତ୍ର ବଶୀକରଣ, ବ୍ୟବସାୟ, ପ୍ରେମ ବିବାହ, ସ୍ୱାମୀ–ସ୍ତ୍ରୀ ସମସ୍ୟା, ଶତ୍ରୁ ସମସ୍ୟା, ସ୍ୱପ୍ନରେ ଛଳିବା ଇତ୍ୟାଦି ପାଇଁ ସମସ୍ତ ସ୍ଥାନରୁ ନିରାଶରେ ଫେରିଥିଲେ ଥରେ ମାତ୍ର ସାକ୍ଷାତ କରନ୍ତୁ। ସମସ୍ତ ପ୍ରକାର ସମସ୍ୟାରୁ ମୁକ୍ତିପାଇଁ ୧୦୦% ଫଳ ମିଳିବ।
SAHEED NAGAR, RUPALI SQUARE, BHUBANESWAR
Ph.: 8144114249

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



✓ପଦ୍ମଲୋଚନ ନାୟକ
ଗୋପବନ୍ଧୁ ନଗର, ଚାଉଳିୟାଗଞ୍ଜ, କଟକ
ଆବିର୍ଭାବ : ୦୫.୦୫.୧୯୩୮
ତିରୋଧାନ : ୧୨.୦୧.୨୦୨୧
ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଶ୍ରୀଚରଣାବିନ୍ଦରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଅଛୁ। ଆପଣଙ୍କର କର୍ତ୍ତବ୍ୟ, ନିଷ୍ଠା, ଆଦର୍ଶ, ଉପଦେଶ ଆମ୍ଭମାନଙ୍କୁ ସବୁଦିନ ପାଇଁ ପ୍ରେରଣା ଦେଉଥାଉ।
ଶୋକସନ୍ତପ୍ତ
ଆତ୍ମୀୟ ସ୍ୱଜନ, ବନ୍ଧୁ ଓ ପରିବାର ବର୍ଗ
ଧ–୧୯୬୭୦

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତା ଜାନକୀ ପଟ୍ଟନାୟକ
ସ୍ୱାମୀ: ସ୍ୱର୍ଗତ ଘନଶ୍ୟାମ ପଟ୍ଟନାୟକ
ସା/ପୋ– ଯାଁଳା
ତିରୋଧାନ: ୧୨।୦୧।୨୦୨୧ମଙ୍ଗଳବାର
ବୋଉ, ତୋର ମମତା, କର୍ମ, ତ୍ୟାଗ, ସଫରତା, ଆତ୍ମୀୟତା ଆମ୍ଭମାନଙ୍କର ଚିରଦିନ ପାଇଁ ମନେ ପଡ଼ିବ। ତୋର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରୁଛୁ।
–:ଶୋକସନ୍ତପ୍ତ:–
ପରିବାରବର୍ଗ, ଆତ୍ମୀୟସ୍ୱଜନ, ବନ୍ଧୁ ଏବଂ କୁଟୁମ୍ବ ସମସ୍ତେ।
ଧ–୧୯୬୪୪

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



✓କମଳ କୁମାରୀ ବେହେରା (କମଳା)
ସ୍ୱାମୀ: ଇଂ. ରଣଜିତ୍ କୁମାର ବେହେରା
କମଳା ନିଳୟ, ଏମ୍‌ବି–୯୬, ବଡ଼ଗଡ଼ ବ୍ରିଟ୍ କଲୋନୀ, ଭୁବନେଶ୍ୱର
ଆବିର୍ଭାବ: ୦୨.୧୦.୧୯୫୧
ତିରୋଧାନ: ୨୩.୦୧.୨୦୨୦
ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକ ସନ୍ତପ୍ତ:
ବନ୍ଧୁ ଓ ପରିବାର ବର୍ଗ
ଧ–୧୯୬୬୧



ନିର୍ମଳ କୁମାର ମିଶ୍ର

# ଏଥର ଇଂଲଣ୍ଡ

**ଆଗକୁ ଭାରତୀୟ କ୍ରିକେଟ ଦଳ ପାଇଁ ଏକ ବ୍ୟସ୍ତବହୁଳ କାର୍ଯ୍ୟସୂଚୀ ଅପେକ୍ଷା କରି ରହିଛି। ଅଷ୍ଟ୍ରେଲିଆ ବିପକ୍ଷ ଟେଷ୍ଟ ସିରିଜରେ ଐତିହାସିକ ବିଜୟ ପରେ ଭାରତ ଘରୋଇ ପରିବେଶରେ ଇଂଲଣ୍ଡ ବିପକ୍ଷରେ ଏକ ସମ୍ପୂର୍ଣ୍ଣ ସିରିଜ ଖେଳିବ। ପୁଣି ଆଇପିଏଲ୍ ସମେତ ଟି୨୦ ବିଶ୍ୱକପ୍, ଏସିଆ କପ୍ ଓ ଏକାଧିକ ଅନ୍ତର୍ଜାତୀୟ ଟେଷ୍ଟ, ଦିନିକିଆ ଓ ଟି୨୦ ମ୍ୟାଚ୍ ଖେଳାଯିବ। ଟିମ୍ ଇଣ୍ଡିଆ ୨୦୨୧ରେ ମୋଟ ଉପରେ ୧୬ ଏକଦିବସୀୟ ମ୍ୟାଚ, ୨୩ ଟି୨୦ ଏବଂ ୨୪ ଟେଷ୍ଟ ମ୍ୟାଚ ଖେଳିବାର କାର୍ଯ୍ୟକ୍ରମ ରହିଛି।**

ଭୟଙ୍କର କରୋନା ପରିସ୍ଥିତି ଯୋଗୁ ଆଇପିଏଲ-୧୩ ବିଳମ୍ବରେ ଆରମ୍ଭ ହୋଇଥିଲେ ମଧ୍ୟ ଆଇପିଏଲ-୧୪ ଠିକ୍ ସମୟରେ ଆରମ୍ଭ କରିବା ପାଇଁ ବିସିସିଆଇ ଏବେଠାରୁ ପ୍ରସ୍ତୁତି ଆରମ୍ଭ କରିଛି। ଏହି ସଂସ୍କରଣ ଭାରତରେ ଅନୁଷ୍ଠିତ ହେବ ବୋଲି ଦୃଢୋକ୍ତି ପ୍ରକାଶ କରିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଦର୍ଶକମାନେ ଏହି ମ୍ୟାଚଗୁଡିକୁ ଷ୍ଟାଡିୟମରେ ଦେଖିବାକୁ ସୁଯୋଗ ପାଇବେ। ବିଭିନ୍ନ ଭେନ୍ୟୁରେ ଖେଳାଯିବାକୁ ଥିବା ମ୍ୟାଚ୍‌ଗୁଡିକରେ ଷ୍ଟାଡିୟମ କ୍ଷମତାର ପଚାଶ ପ୍ରତିଶତ ଦର୍ଶକ ମ୍ୟାଚ ଦେଖିବାର ସୁଯୋଗ ପାଇବେ। ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ)ରେ ଅନୁଷ୍ଠିତ ହୋଇଥିବା ଏହାର ୧୩ତମ ସଂସ୍କରଣକୁ ବିପୁଳ ସମର୍ଥନ ମିଳିଥିଲା। ମୁମ୍ବାଇ ଏକାଦଶ ଏବଂ ଦିଲ୍ଲୀ କ୍ୟାପିଟାଲ୍ସ ମଧ୍ୟରେ ଖେଳାଯାଇଥିବା ଫାଇନାଲ ମ୍ୟାଚକୁ ସର୍ବାଧିକ ଦର୍ଶକ ଟିଭି ମାଧ୍ୟମରେ ଦେଖିବାର ସୁଯୋଗ ପାଇଥିଲେ। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ମଧ୍ୟ ଏହି ଲିଗ୍‌ରୁ ବେଶ୍ ଲାଭ ପାଇପାରିଥିଲା। ବର୍ତ୍ତମାନ ସମସ୍ତଙ୍କର ଦୃଷ୍ଟି ଆଇପିଏଲ-୧୪ର ଅକ୍‌ସନ୍ ପ୍ରକ୍ରିୟା ଉପରେ ରହିଛି। ସମସ୍ତ କ୍ରିକେଟପ୍ରେମୀ, ପ୍ରଶଂସକ, ଫ୍ରାଞ୍ଚାଇଜ୍‌ମାନେ ଉତ୍ସାହର ସହିତ ଅପେକ୍ଷା କରିଛନ୍ତି। ମିନି ଅକ୍‌ସନ୍ ପ୍ରକ୍ରିୟା ମାଧ୍ୟମରେ ଏହାକୁ ବିସିସିଆଇ ସମାପ୍ତ କରିବ। ୨୦୨୨ରେ ଅନୁଷ୍ଠିତ ହେବାକୁ ଥିବା ଅକ୍‌ସନ୍ ପ୍ରକ୍ରିୟାକୁ ବ୍ୟାପକ ରୂପେ କରିବାର ନିଷ୍ପତ୍ତି ନେଇଛି ବିସିସିଆଇ। କାରଣ ଏହି ଅକ୍‌ସନ୍ ପ୍ରକ୍ରିୟାରେ ୧୦ଟି ଦଳ ଭାଗନେବାର କାର୍ଯ୍ୟକ୍ରମ ରହିଛି। ଏହି ମିନି ଅକ୍‌ସନ୍‌ରେ ନୂଆ ଦୁଇଟି ସାମିଲ ହେବେ ନାହିଁ। ଏହି ମିନି ଅକ୍‌ସନ୍ ପ୍ରକ୍ରିୟା ଫେବୃୟାରୀ ମାସରେ ଆୟୋଜନ ହେବାର ସମ୍ଭାବନା ରହିଛି।

ଏହି ୧୪ତମ ସଂସ୍କରଣର ଉଦ୍‌ଘାଟନୀ ମ୍ୟାଚ ଏପ୍ରିଲ ୧୧ତାରିଖରୁ ଆରମ୍ଭ ହୋଇ ୬ ଜୁନ୍ ୨୦୨୧ ପର୍ଯ୍ୟନ୍ତ ଖେଳାଯିବାର କାର୍ଯ୍ୟସୂଚୀ ପ୍ରକାଶିତ ହୋଇଛି। ଏପ୍ରିଲ ୧୧ତାରିଖରେ ଖେଳାଯିବାକୁ ଥିବା ଉଦ୍‌ଘାଟନୀ ମ୍ୟାଚରେ ୫ମ ଥର ଚାମ୍ପିୟନ ହୋଇଥିବା ମୁମ୍ବାଇ ଏକାଦଶ ଏବଂ ରନର୍ସଅପ୍ ଦିଲ୍ଲୀ କ୍ୟାପିଟାଲ ମଧ୍ୟରେ ଖେଳାଯିବାର ଆଗୁଆ କାର୍ଯ୍ୟସୂଚୀ ପ୍ରକାଶିତ ହୋଇଛି। ଟିମ୍ ଇଣ୍ଡିଆ ଅଷ୍ଟ୍ରେଲିଆ ବିପକ୍ଷରେ ବର୍ଡର ଗାଭାସ୍କର ଟ୍ରଫି ଜିତି ସାରା ବିଶ୍ୱରୁ ପ୍ରଶଂସା ସାଉଁଟିଛି। ଟିମ୍ ଇଣ୍ଡିଆ ପାଇଁ ୨୦୨୧ ଏକ ବ୍ୟସ୍ତବହୁଳ ବର୍ଷ ସାବ୍ୟସ୍ତ ହେବାକୁ ଯାଉଛି। ଆଗକୁ ଆସୁଛି ଇଂଲଣ୍ଡ ବିପକ୍ଷ ଚ୍ୟାଲେଞ୍ଜିଂ ସିରିଜ। ଇଂଲଣ୍ଡ ବିପକ୍ଷରେ ଭାରତ ଏକ ସମ୍ପୂର୍ଣ୍ଣ ସିରିଜ୍ ଖେଳିବ। ଏଥିରେ ମୋଟ ୪ଟି ଟେଷ୍ଟ, ୩ଟି ଏକଦିବସୀୟ ଏବଂ ୫ଟି ଟି୨୦ ମ୍ୟାଚ ଖେଳାଯିବ। ଆଗକୁ ଏସିଆ କପ୍ ଏବଂ ଟି୨୦ ବିଶ୍ୱକପ୍ ମ୍ୟାଚ ରହିଥିବାରୁ ଇଂଲଣ୍ଡ ବିପକ୍ଷ ସିରିଜ ବେଶ୍ ଗୁରୁତ୍ୱପୂର୍ଣ୍ଣ ରହିବ। କୋଭିଡ-୧୯ର ପ୍ରକୋପ ଯୋଗୁ ୨୦୨୦ରେ ଅନେକ ଗୁରୁତ୍ୱପୂର୍ଣ୍ଣ ସିରିଜ ପ୍ରଭାବିତ ହେବା ଫଳରେ ଭାରତୀୟ ପ୍ରଶଂସକମାନେ ବେଶ୍ ନିରୁତ୍ସାହିତ ରହିଥିଲେ। ଯଦିଓ ଜୁଲାଇ ମାସରେ ଇଂଲଣ୍ଡ ଏବଂ ୱେଷ୍ଟଇଣ୍ଡିଜ୍ ମଧ୍ୟରେ ଖେଳାଯାଇଥିବା ସିରିଜରୁ ଅନ୍ତର୍ଜାତୀୟ କ୍ରିକେଟ ପୁନଃ ଆରମ୍ଭ ହୋଇଥିଲା। ମାତ୍ର ଟିମ୍ ଇଣ୍ଡିଆ ନଭେମ୍ବର ମାସରୁ ତା'ର କ୍ରିକେଟ ଆରମ୍ଭ କରିଥିଲା।

ଯଦିଓ ବିସିସିଆଇ ଟିମ୍ ଇଣ୍ଡିଆର ସମ୍ପୂର୍ଣ୍ଣ ସିରିଜ କ୍ୟାଲେଣ୍ଡର ୨୦୨୧ ପାଇଁ ପ୍ରକାଶିତ କରିନାହିଁ ତଥାପି ଟିମ୍ ଇଣ୍ଡିଆର ବିରାଟ ବାହିନୀ ୨୦୨୧ରେ ୧୬ଟି ଏକଦିବସୀୟ ମ୍ୟାଚ, ୨୩ଟି ଟି୨୦ ଏବଂ ୨୪ଟି ଟେଷ୍ଟ ମ୍ୟାଚ ଖେଳିବାର କାର୍ଯ୍ୟସୂଚୀ ରହିଛି। ଏପ୍ରିଲରୁ ଜୁନ ପ୍ରଥମ ସପ୍ତାହ ମଧ୍ୟରେ ଆଇପିଏଲ-୧୪ ପାଇଁ ଟିମ୍ ଇଣ୍ଡିଆର ସମସ୍ତ ଖେଳାଳିଙ୍କ ସମେତ ବହୁ ବିଦେଶୀ ଖେଳାଳି ବ୍ୟସ୍ତ ରହିବେ। ଆଇପିଏଲ-୧୪ର ସମାପ୍ତି ପରେ ଟିମ୍ ଇଣ୍ଡିଆ ୩ଟି ଏକଦିବସୀୟ ଏବଂ ୫ଟି ଟି୨୦ ମ୍ୟାଚ ପାଇଁ ଶ୍ରୀଲଙ୍କା ଗସ୍ତ କରିବା ସହିତ ଏସିଆ କପ୍ ପାଇଁ ସେଠାରେ କିଛିଦିନ ରହିବେ। ସୂଚନାଯୋଗ୍ୟ ଯେ, ଟିମ୍ ଇଣ୍ଡିଆ ଏସିଆ କପ୍‌ର ପୂର୍ବ ସଂସ୍କରଣ ବିଜେତା ଏବଂ ଦୀର୍ଘ ୨ବର୍ଷ ବ୍ୟବଧାନରେ ଟିମ୍ ଇଣ୍ଡିଆ ତା'ର ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ ସହିତ ଏହି ଗୁରୁତ୍ୱପୂର୍ଣ୍ଣ ଟୁର୍ନାମେଣ୍ଟରେ ମ୍ୟାଚ ଖେଳିବ।

ଜୁଲାଇ ମାସରେ ଟିମ୍ ଇଣ୍ଡିଆ ଜିମ୍ବାୱେ ସହିତ ଏକଦିବସୀୟ ସିରିଜ ଖେଳିବା ପାଇଁ ଯିବ। କୋଭିଡ୍-୧୯ ଯୋଗୁ ୨୦୨୦ରେ ଏହି ସିରିଜ ବାତିଲ ହୋଇଯାଇଥିବା ବେଳେ ଅନେକ ଯୁବ ଖେଳାଳି ଏହି ସିରିଜରେ ସେମାନଙ୍କର ଭାଗ୍ୟ ପରୀକ୍ଷା କରିବେ। ଅଗଷ୍ଟ ଏବଂ ସେପ୍ଟେମ୍ବର ମାସରେ ଟିମ୍ ଇଣ୍ଡିଆ ଏକ ୫ଟିକିଆ ଟେଷ୍ଟ ସିରିଜ ଖେଳିବା ପାଇଁ ଇଂଲଣ୍ଡ ଗସ୍ତ କରିବ। ଅକ୍ଟୋବର ମାସରେ ସାଉଥ ଆଫ୍ରିକା ଦଳ ଭାରତ ଗସ୍ତରେ ଆସିବ। ଏଥିସହ ଭାରତ ଟି୨୦ ୱାର୍ଲଡ୍ କପ୍ ଆୟୋଜନ କରିବା ସହିତ ଏହି ଟ୍ରଫି ପାଇଁ ଦୃଢ଼ ଦାବିଦାର ରୂପେ ନିଜକୁ ପ୍ରସ୍ତୁତ କରିବ। ଏହି ଶୋ ପିସ୍ ଇଭେଣ୍ଟ ପାଇଁ ଟିମ୍ ଇଣ୍ଡିଆ ତା'ର ପ୍ରସ୍ତୁତି ଆରମ୍ଭ କରିବ। ନଭେମ୍ବର-ଡିସେମ୍ବର ମାସରେ ନ୍ୟୁଜିଲାଣ୍ଡ ୨ଟି ଟେଷ୍ଟ ଏବଂ ୩ଟି ଟି୨୦ ମ୍ୟାଚ ପାଇଁ ଭାରତ ଆସିବ। ଏହି ସିରିଜ ମଧ୍ୟ ବେଶ୍ ରୋମାଞ୍ଚକର ରହିବ ଏବଂ ବର୍ଷର ଶେଷଭାଗ ଡିସେମ୍ବର ମାସରେ ଟିମ୍ ଇଣ୍ଡିଆ ସାଉଥ ଆଫ୍ରିକା ଗସ୍ତରେ ଯାଇ ୩ଟି ଟେଷ୍ଟମ୍ୟାଚ ଏବଂ ୩ଟି ଟି୨୦ ମ୍ୟାଚ ଖେଳି ତା'ର କ୍ୟାଲେଣ୍ଡର ବର୍ଷ ସମାପ୍ତ କରିବ।

ଏବେ ବିରାଟ କୋହଲିଙ୍କ ନେତୃତ୍ୱରେ ଭାରତ ଓ ଜୋ ରୁଟ୍‌ଙ୍କ ଅଧିନାୟକତ୍ୱରେ ଇଂଲଣ୍ଡ ପରସ୍ପରକୁ ଏକ ସମ୍ପୂର୍ଣ୍ଣ ସିରିଜରେ ପରସ୍ପରକୁ ଭେଟିବାକୁ ଯାଉଛନ୍ତି। ଇଂଲଣ୍ଡର ଭାରତ ଗସ୍ତ ଫେବୃୟାରୀ ୫ତାରିଖ ପ୍ରଥମ ଟେଷ୍ଟ ମ୍ୟାଚରୁ ଆରମ୍ଭ ହୋଇ ତୃତୀୟ ଏବଂ ଶେଷ ଏକଦିବସୀୟ ମ୍ୟାଚ ମାର୍ଚ୍ଚ ୨୮ତାରିଖରେ ସମାପ୍ତ ହେବ। ଆଇପିଏଲ ପ୍ରଫେଶନାଲ କ୍ରିକେଟ ଲିଗ୍ ସହିତ ଅନେକଗୁଡିଏ ଗୁରୁତ୍ୱପୂର୍ଣ୍ଣ ରୋମାଞ୍ଚକର ଟେଷ୍ଟ, ଏକଦିବସୀୟ ଏବଂ ଟି୨୦ ସିରିଜ ବିଭିନ୍ନ ଦେଶ ସହିତ ଖେଳାଯିବାକୁ ଥିବାବେଳେ ଟିମ୍ ଇଣ୍ଡିଆ ପାଇଁ ଏହି ସିରିଜଗୁଡିକ ବେଶ୍ ଚ୍ୟାଲେଞ୍ଜପୂର୍ଣ୍ଣ ରହିବ। ଅତ୍ୟଧିକ କ୍ରିକେଟ ବ୍ୟାକ୍ ଟୁ ବ୍ୟାକ୍ ରହିଥିବା ବେଳେ ଖେଳାଳିଙ୍କ ଆଘାତଜନିତ ସମସ୍ୟା ରହିବାର ସମ୍ଭାବନାକୁ ଏଡାଇ ଦିଆ ଯାଇ ନ ପାରେ। ରୋଟେସନ୍ ଭିତ୍ତିରେ ବିଭିନ୍ନ ଫର୍ମାଟ ପାଇଁ ଖେଳାଳି ମନୋନୟନ ଲାଗି ବିସିସିଆଇ ଗୁରୁତ୍ୱ ନିଶ୍ଚୟ ଦେବ। ଅଧିକାଂଶ ସିରିଜ ଟିମ୍ ଇଣ୍ଡିଆ ଘରୋଇ ମାଟିରେ ଖେଳିବାକୁ ଥିବା ବେଳେ ଚୟନ ପ୍ରକ୍ରିୟା ପାଇଁ ବିଶେଷ କିଛି ଅସୁବିଧା ହେବ ନାହିଁ। ମୋଟ ଉପରେ ଅତ୍ୟଧିକ ମ୍ୟାଚ ଯୋଗୁ ଚାପରେ ରହିବ ଟିମ୍ ଇଣ୍ଡିଆ। କ୍ରିକେଟ ପ୍ରେମୀମାନେ ମଧ୍ୟ ଏପରି ଗୁରୁତ୍ୱପୂର୍ଣ୍ଣ ଏବଂ ସମ୍ମାନଜନକ ସିରିଜଗୁଡ଼ିକରୁ କ୍ରିକେଟର ପୂରା ମଜା ନେବେ।

## ଭାରତ- ଇଂଲଣ୍ଡ ସିରିଜ୍

| ମ୍ୟାଚ୍ | ତାରିଖ | ଭେନ୍ୟୁ |
|---|---|---|
| | **ୱାର୍ଲ୍ଡ ଟେଷ୍ଟ ଚାମ୍ପିୟନଶିପ୍ ସିରିଜ** | |
| ପ୍ରଥମ ଟେଷ୍ଟ | ଫେବୃୟାରୀ ୫ରୁ ୯ | ଚେନ୍ନାଇ |
| ଦ୍ୱିତୀୟ ଟେଷ୍ଟ | ଫେବୃୟାରୀ ୧୩ରୁ ୧୭ | ଚେନ୍ନାଇ |
| ତୃତୀୟ ଟେଷ୍ଟ | ଫେବୃୟାରୀ ୨୪ରୁ ୨୮ | ଅହମ୍ମଦାବାଦ |
| ଚତୁର୍ଥ ଟେଷ୍ଟ | ମାର୍ଚ୍ଚ ୪ରୁ ୮ | ଅହମ୍ମଦାବାଦ |
| | **ଟି୨୦ ସିରିଜ** | |
| ପ୍ରଥମ ଟି୨୦ | ମାର୍ଚ୍ଚ ୧୨ | ଅହମ୍ମଦାବାଦ |
| ଦ୍ୱିତୀୟ ଟି୨୦ | ମାର୍ଚ୍ଚ ୧୪ | ଅହମ୍ମଦାବାଦ |
| ତୃତୀୟ ଟି୨୦ | ମାର୍ଚ୍ଚ ୧୬ | ଅହମ୍ମଦାବାଦ |
| ଚତୁର୍ଥ ଟି୨୦ | ମାର୍ଚ୍ଚ ୧୮ | ଅହମ୍ମଦାବାଦ |
| ପଞ୍ଚମ ଟି୨୦ | ମାର୍ଚ୍ଚ ୨୦ | ଅହମ୍ମଦାବାଦ |
| | **ୱାର୍ଲ୍ଡ କପ୍ ସୁପର ଲିଗ୍ ସିରିଜ** | |
| ପ୍ରଥମ ଦିନିକିଆ | ମାର୍ଚ୍ଚ ୨୩ | ପୁଣେ |
| ଦ୍ୱିତୀୟ ଦିନିକିଆ | ମାର୍ଚ୍ଚ ୨୬ | ପୁଣେ |
| ତୃତୀୟ ଦିନିକିଆ | ମାର୍ଚ୍ଚ ୨୮ | ପୁଣେ |

**ଲାଇଭ୍ ଟେଲିକାଷ୍ଟ: ଷ୍ଟାର ସ୍ପୋର୍ଟ୍ସ ନେଟ୍‌ୱର୍କ**



ଜୋ ରୁଟ୍



ବିରାଟ କୋହଲି

**ଏଥର ଡାକାର ରାଲି ସୌଦି ଆରବରେ ଅନୁଷ୍ଠିତ ହୋଇଛି। ଦୁର୍ଘଟଣା, ଖରାପ ପାଗ ଓ ବିଭିନ୍ନ କାରଣ ଯୋଗୁ ଏହି ରାଲି ପ୍ରଭାବିତ ହୋଇ ବିବାଦୀୟ ହୋଇଥିଲେ ମଧ୍ୟ ସଫଳତାର ସହ ଶେଷ ହୋଇଛି। ୧୨ଟି ପର୍ଯ୍ୟାୟ ଦେଇ ଏହି ରାଲି ଜେଦାରେ ଆରମ୍ଭ ଓ ଶେଷ ହୋଇଥିଲା। ଜାନୁୟାରୀ ୩ରୁ ଆରମ୍ଭ ହୋଇ ଏହା ୧୪ଦିନ ଧରି ଅନୁଷ୍ଠିତ ହୋଇଥିଲା...**

# ଡାକାର ରାଲି ୨୦୨୧



ବିଶ୍ୱ ପ୍ରସିଦ୍ଧ ୨୦୨୧ ଡାକାର ରାଲି ଇତିମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି ମେଗା ଇଭେଣ୍ଟର ୪୩ତମ ସଂସ୍କରଣର ଆୟୋଜକ ଦେଶ ଥିଲା ସୌଦି ଆରବ। ୧୨ଟି ପର୍ଯ୍ୟାୟ ଦେଇ ଅନୁଷ୍ଠିତ ହେଉଥିବା ଏହି ଇଭେଣ୍ଟ ଜେଦାରେ ଆରମ୍ଭ ଓ ଶେଷ ହୋଇଥିଲା। ମରୁଭୂମି ଓ ଲୋହିତ ସାଗରର ଉପକୂଳ ଦେଇ ପ୍ରତିଯୋଗୀମାନେ ସାହସିକତା ପ୍ରଦର୍ଶନ କରି ପରସ୍ପର ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ଏକ ପ୍ରସ୍ତାବିତ ପ୍ରାରମ୍ଭିକ ପର୍ଯ୍ୟାୟ ବା ପ୍ରୋଲୋଗ ଷ୍ଟେଜ୍ ସହିତ ୧୨ଟି ନର୍ମାଲ ଷ୍ଟେଜ ଦେଇ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସୌଦି ଆରବର ଉତ୍ତର ପଶ୍ଚିମରେ ଥିବା ସହର ହାଲାରେ ଜାନୁୟାରୀ ୯ ତାରିଖରେ ପ୍ରତିଯୋଗୀମାନଙ୍କ ବିଶ୍ରାମ ଦିନ ଥିଲା। ଏକାଧିକ ଦେଶ ଦେଇ ଏହି ରାଲି ଅନୁଷ୍ଠିତ ହୋଇଥାଏ। ସୌଦି ଆରବ ସହ ଇଜିପ୍ଟ ଓ ଜୋର୍ଡାନ ଦେଇ ଏହି ପ୍ରତିଯୋଗିତା ଆୟୋଜନ ହେବାର କାର୍ଯ୍ୟକ୍ରମ ଥିଲା। ତେବେ କୋଭିଡ୍-୧୯କୁ ଦୃଷ୍ଟିରେ ରଖି ଇଜିପ୍ଟ ଓ ଜୋର୍ଡାନ ସୀମାର କଟକଣା ଜାରି କରାଯାଇଥିଲା। ଫଳରେ ଏହି ରାଲିକୁ ସୌଦି ଆରବର ଟେରିଟୋରିରେ ସୀମିତ ରଖାଯାଇଥିଲା।

ରାଲି ପାଇଁ ଏକ ସମ୍ପୂର୍ଣ୍ଣ ନୂଆ ରୁଟ୍ ଧାର୍ଯ୍ୟ କରାଯାଇଥିଲା। ପ୍ରୋଲୋଗ ପର୍ଯ୍ୟାୟ ସହ ୨ଟି ଲୁପ୍ ଷ୍ଟେଜ୍ ଓ ଗୋଟିଏ ମାରାଥନ ଷ୍ଟେଜ ସମେତ ମୋଟ୍ ୧୨ ପର୍ଯ୍ୟାୟରେ ଏହି ରାଲି ଅନୁଷ୍ଠିତ ହୋଇଥିଲା। ଖରାପ ପାଗ ପାଇଁ ଏକାଦଶ ପର୍ଯ୍ୟାୟକୁ ୫୦ କି.ମି. କମାଇ ଦିଆଯାଇଥିଲା। କିନ୍ତୁ ପଞ୍ଚମ ପର୍ଯ୍ୟାୟ ବହୁତ କଷ୍ଟକର ଥିଲା। ପ୍ରତିଯୋଗୀମାନେ ବହୁ ବିଳମ୍ବରେ ଏହି ପର୍ଯ୍ୟାୟକୁ ଶେଷ କରିଥିଲେ। ଫଳରେ ଷଷ୍ଠ ପର୍ଯ୍ୟାୟର ଆରମ୍ଭକୁ ଆୟୋଜକମାନେ ଦେଢ଼ ଘଣ୍ଟା ବିଳମ୍ବିତ କରିଥିଲେ। ଷଷ୍ଠ ପର୍ଯ୍ୟାୟକୁ ମଧ୍ୟ ୧୦୦ କି.ମି. କମ୍ କରିଦିଆଯାଇଥିଲା। ରାଲିରେ ଏକାଧିକ ଦୁର୍ଘଟଣା ଘଟିଥିଲା। ପ୍ରଥମଥର ପାଇଁ ଏହି ବର୍ଷ କାର୍‌ଗୁଡିକରେ ଟର୍ବୋଚାର୍ଜଡ୍ ପେଟ୍ରୋଲ ଇଞ୍ଜିନ ବ୍ୟବହୃତ ହୋଇଥିଲା। ଆମଉରୀ ସ୍ପୋର୍ଟ୍ସ ଅର୍ଗାନାଇଜେଶନ ଦ୍ୱାରା ଡାକାର ରାଲି ପ୍ରତିବର୍ଷ ଆୟୋଜିତ ହୋଇଥାଏ। ୧୯୭୯ରୁ ଏହି ଇଭେଣ୍ଟ ଆରମ୍ଭ ହୋଇଥିଲା। ଏହି ରାଲି ଏକ ଅଫ୍‌ରୋଡ ଇଭେଣ୍ଟ ଭାବେ ସେତେବେଳେ ବେଶ୍ ଲୋକପ୍ରିୟତା ହାସଲ କରିଥିଲା। ଉଚ୍ଚ, ନୀଚ, ଖାଲ, ଢିପ, କାଦୁଅ, ପଥର ଓ ଘାସୁଆ ରାସ୍ତା ଉପରେ ଇଭେଣ୍ଟ ସବୁ ଆୟୋଜିତ ହୋଇଥାଏ। ଏହି ରାଲି ପାଇଁ ପାରମ୍ପରିକ ରାସ୍ତାର ବ୍ୟବହାର ହୋଇ ନ ଥାଏ। ପ୍ରତ୍ୟେକ ପର୍ଯ୍ୟାୟର ଦୂରତା ପରିସ୍ଥିତି ଅନୁସାରେ ଭିନ୍ନ ହୋଇଥାଏ। ପ୍ରଥମେ ୧୯୭୯ରୁ ୨୦୦୭ ପର୍ଯ୍ୟନ୍ତ ଏହି ରାଲି ୟୁରୋପ ଓ ଆଫ୍ରିକାରେ ଆୟୋଜିତ ହୋଇଥିଲା। ତା'ପରେ ୨୦୦୯ରୁ ୨୦୧୯ ପର୍ଯ୍ୟନ୍ତ ଏହା ଦକ୍ଷିଣ ଆମେରିକାରେ ଆୟୋଜିତ ହୋଇଥିଲା। ଶେଷରେ ୨୦୨୦ରୁ ଏପର୍ଯ୍ୟନ୍ତ ଏହି ରାଲି ସୌଦି ଆରବରେ ଆୟୋଜିତ ହୋଇଛି। ଏହି ରାଲି କାର, ବାଇକ୍, କ୍ୱାଡ, ଲାଇଟ୍ ପ୍ରୋଟୋ ଟାଇପ, ୟୁଟିଭିଏସ୍, ଟ୍ରକ୍, କ୍ଲାସିକ ବର୍ଗରେ ଆୟୋଜନ ହୋଇଥାଏ। ଡାକାର ରାଲିରେ ଏଥର କାର ୱିନର ଭାବେ ଫ୍ରାନ୍ସର ଷ୍ଟିଫେନ ପିଟରହାନସେଲ ଚାମ୍ପିୟନ ହୋଇଛନ୍ତି। ସେହିପରି ଆର୍ଜେଣ୍ଟିନାର କେଭିନ ବେନାଭାଇଡ୍ସ ବାଇକ୍ ୱିନର ବିବେଚିତ ହୋଇଛନ୍ତି। ଅନ୍ୟପଟେ ଲାଇଟ୍ ପ୍ରୋଟୋଟାଇପ୍‌ରେ ଚେକ୍ ଗଣରାଜ୍ୟର ଜୋଶେଫ୍ ମାଚାସେକ ବିଜେତା ଭାବେ ଉଭା ହୋଇଛନ୍ତି। ୟୁଟିଭିଏସ୍ ୱିନର ଭାବେ ଫ୍ରାନ୍‌ସିସ୍କୋ ଲୋପେଜ କଣ୍ଟାର୍ଡୋ ସମସ୍ତଙ୍କୁ ପଛରେ ପକାଇଥିଲେ। ରୁଷିଆର ଡମିଟ୍ରି ସୋଟନିକୋଭ ଟ୍ରକ୍ ୱିନର ବିବେଚିତ ହୋଇଥିଲେ। ସେହିପରି ମାର୍କ ଡୋଟନ କ୍ଲାସିକ ୱିନର ବିବେଚିତ ହୋଇଥିଲେ।

### ୪୩ତମ ସଂସ୍କରଣ

କାଟାଗୋରୀ: ରାଲି ରେଡ୍ (କ୍ରସ କଣ୍ଟ୍ରି ଅଫ୍-ରୋଡ ରେସିଂ)
ଆୟୋଜକ ଦେଶ: ସୌଦି ଆରବ
ତାରିଖ: ୩- ୧୫ ଜାନୁୟାରୀ
ପର୍ଯ୍ୟାୟ: ୧୨
ଷ୍ଟେଜ୍ ସର୍ଫେସ: ସାଣ୍ଡ, ରକ୍ସ, ଡର୍ଟ, ଟର୍ମାକ

**ଫଳାଫଳ**

କାର ୱିନର: ଷ୍ଟିଫାନ ପିଟରହନସେଲ
ବାଇକ ୱିନର: କେଭିନ ବେନାଭାଇଡ୍ସ
କ୍ୱାର୍ଡ୍ସ ୱିନର: ମାନୁଏଲ ଆଣ୍ଡୁଜାର
ଲାଇଟ୍ ପ୍ରୋଟୋଟାଇପ୍ ୱିନର: ଜୋଶେଫ୍ ମାଚାସେକ
ଟ୍ରକ୍ ୱିନର: ଡମିଟ୍ରି ସୋଟ୍‌ନିକୋଭ୍
କ୍ଲାସିକ ୱିନର: ମାର୍କ ଡୋଟନ

ଆଡାମ୍ ଗିଲ୍‌କ୍ରିଷ୍ଟ

# ଗଣନା ଭୁଲ୍ ହୋଇଗଲା

ଗାବାରେ ଭାରତୀୟ ଦଳର ବିଜୟ ଇତିମଧ୍ୟରେ ୭୨ ଘଣ୍ଟା ଅତିକ୍ରାନ୍ତ କରିଗଲାଣି। ହେଲେ ବିଶ୍ୱ କ୍ରିକେଟରେ ଏନେଇ ଚର୍ଚ୍ଚା ଜାରି ରହିଛି। କଷ୍ଟସାଧ୍ୟ ଲମ୍ବା ଟୁର୍ ପରେ ଭାରତୀୟମାନେ ଘରବାହୁଡ଼ା କରିଛନ୍ତି। ଆଘାତଜନିତ ସମସ୍ୟାରେ ଥାଇ ସୁଦ୍ଧା ଶକ୍ତିଶାଳୀ ଅଷ୍ଟ୍ରେଲିଆକୁ ପୁଣି ସେମାନଙ୍କ ଦେଶରେ ହରାଇବା ଛୋଟ କଥା ନୁହେଁ। ପରାଜୟ ପାଇଁ ଅଷ୍ଟ୍ରେଲୀୟମାନେ ଏବେ ନୈରାଶ୍ୟରେ ଥିବା ସ୍ୱାଭାବିକ। ସିରିଜ ଆରମ୍ଭରେ ପୂରା ଶକ୍ତିସମ୍ପନ୍ନ ଭାରତୀୟ ଦଳ ଆଗରେ ଅଷ୍ଟ୍ରେଲିଆ ଫେଭରାଇଟ୍ ଥିଲା। ମାତ୍ର ସମସ୍ତ ଗଣନା ଭୁଲ ପ୍ରମାଣିତ ହେଲା। ଆୟୋଜକ ଦେଶକୁ ନିଶ୍ଚିତ ରୂପେ ଏହା ବାଧିଥିବ। ସକାରାତ୍ମକ ଫଳାଫଳ ପାଇଁ ୨୦୧୮ରୁ ଅଷ୍ଟ୍ରେଲିଆ କ୍ରିକେଟ ଦଳର ପୁନର୍ଗଠନ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ସିରିଜରେ ଅଷ୍ଟ୍ରେଲିଆର ବୋଲିଂ ଖୁବ୍ ଭଲ ରହିଥିଲା। ପ୍ୟାଟ୍ କମିନ୍ସଙ୍କ ପ୍ରଦର୍ଶନ ଜବରଦସ୍ତ ଥିଲା। ଜୋସ୍ ହାଜେଲ୍‌ଉଡ୍ ତାଙ୍କ ସହିତ ତାଳ ଓ ଲୟ ରଖି ବୋଲିଂ କରୁଥିଲେ। ତେବେ ସିରିଜରେ ନାଥାନ ଲିଅନ ରିଦିମ ଫେରିପାଇବା ଲାଗି ସଂଘର୍ଷ କରୁଥିଲେ। ଭାରତୀୟ ବ୍ୟାଟ୍ସମ୍ୟାନଙ୍କ ଉପରେ ସେ ପ୍ରଭାବ ଜାହିର କରି ପାରୁ ନ ଥିଲେ। ଅନ୍ତିମ ଦୁଇ ଟେଷ୍ଟ ମ୍ୟାଚର ଶେଷ ଦିବସ ଖେଳରେ ବିଶେଷ କରି ଚେତେଶ୍ୱର ପୂଜାରାଙ୍କ ଆଗରେ ଅଷ୍ଟ୍ରେଲୀୟ ବୋଲର ପ୍ରଭାବହୀନ ମନେ ହେଉଥିଲେ। ଟେଷ୍ଟ ପରେ ହାମଷ୍ଟ୍ରିଙ୍ଗ ଇଞ୍ଜୁରି ପାଇଁ ମିଚେଲ ଷ୍ଟାର୍କଙ୍କ ସ୍ଥାନ ହୋଇଥିଲା। ଯାହା ଜଣାପଡ୍ଡୁଛି ସେ ସେ ମ୍ୟାଚ ବେଳେ ସମ୍ପୂର୍ଣ୍ଣ ଫିଟ୍ ନ ଥିଲେ। ଷ୍ଟାର୍କ ଅତୀତରେ ଦଳ ପାଇଁ ଉପଯୋଗୀ ସାବ୍ୟସ୍ତ ହୋଇଛନ୍ତି। ଅଷ୍ଟ୍ରେଲିଆ ସିରିଜ ପରାଜୟର ଅନ୍ୟ ଏ କାରଣ ହେଲା ବ୍ୟାଟ୍ସମ୍ୟାନମାନଙ୍କର ମିଳିତ ଉଦ୍ୟମ ନ ରହିବା, ଓପନିଂ ସ୍ଥାନରେ ବାରମ୍ବାର ପରିବର୍ତ୍ତନ କରାଯିବା, ସମାଧାନର ବାଟ ବାହାରିବା ପରେ ୱିଲ ପୁକୋଭସ୍କି ଆଘାତପ୍ରାପ୍ତ ହେବା ଇତ୍ୟାଦି। ସିରିଜରେ ଖୁବ୍ କମ୍ ଲମ୍ବା ପାର୍ଟନରଶିପ୍ ଦେଖିବାକୁ ମିଳିଥିଲା। ଦଳରେ ମାଥ୍ୟୁ ୱେଡ୍‌ଙ୍କ ସ୍ଥାନକୁ ନେଇ ତର୍ଜମା ହେବ। ସେ ୧୪ଟି ଇନିଂସରେ ଥରେ ହେଲେ ୫୦ରୁ ଅଧିକ ସ୍କୋର କରିପାରିନାହାନ୍ତି। ଅଷ୍ଟ୍ରେଲିଆ ଦଳରେ ସେଭଳି କୌଣସି ବଡ଼ ଧରଣର ପରିବର୍ତ୍ତନ ଆଶା କରାଯାଏ ନାହିଁ। ଅନ୍ତିମ ଦୁଇ ଟେଷ୍ଟରେ ଖରାପ ପ୍ରଦର୍ଶନ ବିଷୟ ପେନ୍ ସ୍ୱୀକାର କରିଛନ୍ତି। ହେଲେ ନେତୃତ୍ୱରେ କୌଣସି ପରିବର୍ତ୍ତନର ସମ୍ଭାବନା ମୁଁ ଦେଖୁ ନାହିଁ। ଦ୍ୱିତୀୟ ପ୍ରଶ୍ନ ହେଉଛି ସମସ୍ୟାରେ ଥାଇ ସୁଦ୍ଧା ଭାରତୀୟ ଦଳ କିପରି ବିଜୟ ହାସଲ କରିବାରେ ସକ୍ଷମ ହେଲା। ମୋ ମତରେ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଓ ଭାରତ ଏ' ଟୁର୍ ପାଇଁ ଏହା ସମ୍ଭବ ହୋଇ ପାରିଛି। ଆଇପିଏଲ ଦ୍ୱାରା ଯଦିଓ ଅନ୍ୟ ଦେଶର ଖେଳାଳିମାନେ ଉପକୃତ ହୋଇଛନ୍ତି ଭାରତୀୟ ଯୁବ ଖେଳାଳିମାନେ ବିଶେଷ ଲାଭବାନ ହୋଇପାରିଛନ୍ତି। ଭାରତୀୟ ଏ'ର ବିଦେଶ ଟୁର୍ ଯୋଗୁ ଖେଳାଳିମାନଙ୍କ ଦକ୍ଷତା ବୃଦ୍ଧି ପାଇଛି। ଦୁଇଟି ଉଦାହରଣ ହେଲା ଶାର୍ଦ୍ଦୁଳ ଠାକୁର ଓ ୱାଶିଂଟନ ସୁନ୍ଦର। କେତୋଟି ଆଇପିଏଲ୍ ଗେମ୍‌ରେ ମୁଁ ଠାକୁରଙ୍କ ଖେଳ ଦେଖିଛି। ଟେଷ୍ଟ ମ୍ୟାଚ ପାଇଁ ଯେଉଁ କ୍ୱାଲିଟିର ଆବଶ୍ୟକତା ରହିଛି, ତାହା ତାଙ୍କ ନିକଟରେ ରହିଛି। ସୁନ୍ଦର ହେଉଛନ୍ତି ଜଣେ ପାରଙ୍ଗମ ହ୍ୱାଇଟ୍ ବଲ୍ ଖେଳାଳି। ଟେଷ୍ଟରେ ତାଙ୍କ କ୍ଲାସିକ ଅଫ୍ ସ୍ପିନ ବୋଲିଂ ଦେଖିବାକୁ ମିଳିଲା ନାହିଁ। ପ୍ରଥମ ଇନିଂସରେ ଠାକୁରଙ୍କ ସହ ତାଙ୍କ ପାର୍ଟନରଶିପ୍ ଉଲ୍ଲେଖନୀୟ ଥିଲା। ରିଷଭ ପନ୍ତ ଜବରଦସ୍ତ ପ୍ରଦର୍ଶନ କରି ତାଙ୍କ ସମାଲୋଚକଙ୍କ ମୁହଁ ବନ୍ଦ କରିଦେଇଛନ୍ତି। ତେବେ ଏହି ଯୁବ ଖେଳାଳି ସ୍ଥିର ପ୍ରଦର୍ଶନ ବଜାୟ ରଖିବା ଜରୁରୀ।

-(ଗେମ୍‌ପ୍ଲାନ)



ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୬ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ଶୁକ୍ରବାର, ଜାନୁୟାରୀ ୨୨/୨୦୨୧ Sambalpur, Friday, January 22/ 2021



ଆଲ୍‌ପାଇନ୍ ସ୍କି ଅଭ୍ୟାସ ଅବସରରେ ରଞ୍ଜିତା ବେହେରା।

# ସ୍ନୋ ଗେମ୍ସରେ ଭାଗନେବେ ରଞ୍ଜିତା

**ଭୁବନେଶ୍ୱର, ୨୧।୧(କ୍ରୀଡ଼ା ପ୍ରତିନିଧି)**

ତୁଷାରପାତ ବିଶିଷ୍ଟ ରାଜ୍ୟ ଭାବେ ପରିଗଣିତ ହେଉ ନ ଥିଲେ ହେଁ ଓଡ଼ିଶା ସ୍ନୋ ଏବଂ ଆଇସ୍ ସ୍ପୋର୍ଟ୍ସ ପ୍ରତି ଆଗ୍ରହ ଦେଖାଇଛି। ରାଜ୍ୟର 'ସ୍ନୋ ଗର୍ଲ' ଭାବେ ପରିଚିତ ରଞ୍ଜିତା ବେହେରାଙ୍କୁ ସାହାଯ୍ୟ ସହଯୋଗ ଯୋଗାଇ ଦେଇ ସରକାର ଏ ଦିଗରେ ଏକପାଦ ଆଗକୁ ବଢ଼ିଛନ୍ତି। ଜମ୍ମୁ-କଶ୍ମୀରର ଗୁଲମାର୍ଗଠାରେ ଫେବୃୟାରୀ ୧୯ରୁ ୨୫ ପର୍ଯ୍ୟନ୍ତ ଦ୍ୱିତୀୟ ଖେଲୋ ଇଣ୍ଡିଆ ଜାତୀୟ ୱିଣ୍ଟର ଗେମ୍ସ ଅନୁଷ୍ଠିତ ହେବ। ଏହାର ଆଲ୍‌ପାଇନ୍ ସ୍କି ଇଭେଣ୍ଟରେ ଭାଗନେବେ ଓଡ଼ିଶାର ରଞ୍ଜିତା। ଏହା ବ୍ୟତୀତ ସେ ରାଜ୍ୟର ଏକମାତ୍ର ସ୍କିଅର ଭାବରେ ଭାରତୀୟ ସ୍କି ଓ ସ୍ନୋବୋର୍ଡ ପକ୍ଷରୁ ଆସନ୍ତା ସିନିୟର ଜାତୀୟ ସ୍କି ଓ ସ୍ନୋବୋର୍ଡ ଚାମ୍ପିୟନଶିପ୍‌ରେ ଭାଗନେବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଏହି ପ୍ରତିଯୋଗିତା ଉତ୍ତରାଖଣ୍ଡରେ ଫେବୃୟାରୀ ୨୬ରୁ ୨୮ ପର୍ଯ୍ୟନ୍ତ ଆୟୋଜିତ ହେବ। ଓଡ଼ିଶାର ପ୍ରଥମ ସ୍କିଅର ଭାବରେ ଆଗାମୀ ୨ଟି ସମ୍ମାନଜନକ ପ୍ରତିଯୋଗିତାରେ ଭାଗନେବାକୁ ଯାଉଥିବାରୁ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦିଆଯାଇଛି। ପ୍ରତିଯୋଗିତା ପୂର୍ବରୁ ବରଫ ସ୍ଥାନରେ ଥିବା ଭିତ୍ତିଭୂମିରେ ଅଭ୍ୟାସ ପାଇଁ ସେ ପ୍ରସ୍ତୁତ ହୋଇଛନ୍ତି।

ଦୁଃସାହସିକ କ୍ରୀଡ଼ା ପ୍ରତି ପ୍ରବଳ ଆଗ୍ରହ ରଞ୍ଜିତାଙ୍କୁ ଗ୍ରାଜୁଏଶନ ପରେ ବିଭିନ୍ନ ପ୍ରକାର ଆଡ୍‌ଭେଞ୍ଚର ଟ୍ରେନିଂ ପାଇଁ ପ୍ରେରିତ କରିଥିଲା। ୨୦୧୬ରେ କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ଆରମ୍ଭ କରାଯାଇଥିବା ପ୍ରଥମ ବିଜୁ ପଟ୍ଟନାୟକ ହିମାଳୟାନ ଏକ୍ସପେଡିଶନରେ ରୁଦୁଗାଇରା ପର୍ବତାରୋହଣ କରିଥିବା ଅଭିଯାତ୍ରୀଙ୍କ ମଧ୍ୟରେ ରଞ୍ଜିତା ସାମିଲ ଥିଲେ। ଏଥିରେ ସେ ଭାରତୀୟ ଟ୍ରେନିଂ ଇନ୍‌ଷ୍ଟିଚ୍ୟୁଟ ପକ୍ଷରୁ ମାଉଣ୍ଟେନେରିଂ ଓ ସ୍ନୋ ସ୍କିଂ ପାଇଁ ଉଦ୍ଦିଷ୍ଟ କୋର୍ସକୁ ସଫଳତାର ସହ ଶେଷ କରିଥିଲେ। ଏହା ବ୍ୟତୀତ ସେ ହିମାଳୟରେ ଥିବା ଆମେରିକାର ସମ୍ମାନଜନକ ନ୍ୟାଶନାଲ ଆଉଟଡୋର ଲିଡରଶିପ୍ ସ୍କୁଲ ଟ୍ରେନିଂ ଆରେନାରେ ଟ୍ରିପ୍ ଇଣ୍ଡିଆ ଲିଡର ଏବଂ ୱାଇଲ୍ଡରନେସ ଫାର୍ଷ୍ଟ ରେସ୍ପଣ୍ଡର କୋର୍ସ କରିଥିଲେ।



କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା ରଞ୍ଜିତା ବେହେରାଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

ଆଗାମୀ ଦୁଇଟି ସମ୍ମାନଜନକ ପ୍ରତିଯୋଗିତାରେ ଭାଗ ନେବାକୁ ଯାଉଥିବାରୁ ରଞ୍ଜିତାଙ୍କୁ କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା ସମ୍ବର୍ଦ୍ଧିତ କରିବା ସହ ଶୁଭେଚ୍ଛା ଜଣାଇଛନ୍ତି। ''ପ୍ରଥମ ଓଡ଼ିଆ ଭାବେ ରଞ୍ଜିତା ସ୍ନୋ ଗେମ୍ସରେ ଭାଗନେବାକୁ ଯୋଗ୍ୟ ବିବେଚିତ ହେବା ଆମ ପାଇଁ ଗର୍ବର ମୁହୂର୍ତ୍ତ। ଓଡ଼ିଶା ପରିବେଶରେ ବଢ଼ି ଏପରି ସଫଳତା ପାଇବା ଛୋଟ କଥା ନୁହେଁ। କଠିନ ପରିଶ୍ରମ ଯୋଗୁ ଏହା ସମ୍ଭବ ହୋଇପାରିଛି। ଜଣେ ସ୍କିଅର ହେବା ପାଇଁ ତାଙ୍କର ଉତ୍ସର୍ଗୀକୃତ ମନୋଭାବ ପ୍ରଶଂସନୀୟ। ସେ ପଦକ ହାସଲ କରିବା ପାଇଁ ଯାହା

## ଓଡ଼ିଶାର ପ୍ରଥମ

କିଛି ସହଯୋଗ ଆବଶ୍ୟକ ଯୋଗାଇ ଦିଆଯିବ। ସ୍କିଂ ସ୍ପୋର୍ଟ୍ସକୁ ନେଇ ସ୍ୱପ୍ନ ଦେଖୁଥିବା ଯୁବ ଖେଳାଳିଙ୍କ ପାଇଁ ସେ ଏକ ପ୍ରେରଣା'' ବୋଲି କ୍ରୀଡ଼ାମନ୍ତ୍ରୀ ପ୍ରକାଶ କରିଛନ୍ତି। ତୁଷାରପାତ ହେଉଥିବା ରାଜ୍ୟରେ ପ୍ରତିକୂଳ ପରିବେଶରେ ରହି ସ୍ନୋ ସ୍ଲୋପ୍ସରେ ନିଜକୁ ପ୍ରସ୍ତୁତ କରିବା ପାଇଁ ନିଃସର୍ତ୍ତ ସହଯୋଗ ଯୋଗାଇ ଦେଇଥିବା କ୍ରୀଡ଼ା ବିଭାଗର କର୍ମକର୍ତ୍ତା, ମେଣ୍ଟର ଏବଂ ଶୁଭେଚ୍ଛୁଙ୍କୁ ରଞ୍ଜିତା ଧନ୍ୟବାଦ ଜଣାଇଛନ୍ତି। ଓଡ଼ିଶା ଏନ୍‌ସିସି ନିର୍ଦ୍ଦେଶାଳୟର'ସି' ସାର୍ଟିଫିକେଟଧାରୀ ରଞ୍ଜିତାଙ୍କ ଘର ଇସ୍ପାତ ସହର ରାଉରକେଲା। ମା' ଅନ୍ନପୂର୍ଣ୍ଣା ଏବଂ ବାପା ରଘୁନାଥ ବେହେରାଙ୍କର ସେ ହେଉଛନ୍ତି କନିଷ୍ଠା କନ୍ୟା। ତାଙ୍କ ବାପା ହେଉଛନ୍ତି ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟର ଜଣେ ଅବସରପ୍ରାପ୍ତ କର୍ମଚାରୀ।

# ରେଫରି ବିକାଶ କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟ

**ଭୁବନେଶ୍ୱର, ୨୧।୧(କ୍ରୀଡ଼ା ପ୍ରତିନିଧି)**

ସର୍ବଭାରତୀୟ ଫୁଟବଲ ଫେଡେରେଶନ (ଏଆଇଏଫଏଫ), ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ଏବଂ ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ଆନୁକୂଲ୍ୟରେ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ କାଟେଗୋରି-୫ ରେଫରି ବିକାଶ କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟ ଗୁରୁବାର ଆରମ୍ଭ ହୋଇଛି। ଏହାକୁ ଫାଓର କୋଷାଧ୍ୟକ୍ଷ ଭକ୍ତବଲ୍ଲଭ ଦାସ ଉଦ୍‌ଘାଟନ କରିଛନ୍ତି। ପ୍ରଥମ ପର୍ଯ୍ୟାୟ ଭଳି ଦ୍ୱିତୀୟ ପର୍ଯ୍ୟାୟରେ ମଧ୍ୟ ବିଭିନ୍ନ ଜିଲ୍ଲାରୁ ୩୦ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ଚଳିତମାସ ୩୦ ତାରିଖ ସୁଦ୍ଧା ୩ ପର୍ଯ୍ୟାୟ ବିଶିଷ୍ଟ କାର୍ଯ୍ୟକ୍ରମ ଶେଷ କରାଯିବାର ଲକ୍ଷ୍ୟ ରଖାଯାଇଛି। ଏ ସମ୍ପର୍କରେ ମତ ଦେବାକୁ ଯାଇ ଫାଓ ସମ୍ପାଦକ ଆଶୀର୍ବାଦ ବେହେରା କହିଛନ୍ତି ଯେ, ''ରାଜ୍ୟ କ୍ରୀଡ଼ା ବିଭାଗର ଏହା ଏକ ବଡ଼ ପଦକ୍ଷେପ। ବିଶେଷ କରି ସକ୍ରିୟ ଫୁଟବଲରୁ ଦୂରେଇ ଯାଇଥିବା ଖେଳାଳିଙ୍କ ପାଇଁ ଏହା ବହୁତ ଉପାଦେୟ ସାବ୍ୟସ୍ତ ହେବ''। କର୍ନାଟକର ଜି, ମୂର୍ତ୍ତୀ, ପଶ୍ଚିମବଙ୍ଗର ପିଜୁସ ବିଶ୍ୱାସ, ଓଡ଼ିଶାର ସୁଶାନ୍ତ ଚନ୍ଦ୍ର ମହାନ୍ତି ଇନ୍‌ଷ୍ଟ୍ରକ୍ଟର ଭାବେ ଏହି କୋର୍ସ ପରିଚାଳନା କରୁଛନ୍ତି। ଫାଓର ରେଫରି ବିଭାଗ ମୁଖ୍ୟ ଦୁର୍ଗା ମାଧବ ନାଏକ ସଂଯୋଜକ ଦାୟିତ୍ୱ ତୁଲାଉଛନ୍ତି। ଉଦ୍‌ଘାଟନୀ ଅବସରରେ ରାଜ୍ୟ କ୍ରୀଡ଼ା ବିଭାଗର ଟେକ୍ନିକାଲ ସେଲ୍ ସଦସ୍ୟ ତଥା ବରିଷ୍ଠ କୋଚ୍ ରାଜେନ୍ଦ୍ର ପାଣି ଉପସ୍ଥିତ ଥିଲେ। ପ୍ରକାଶ ଯୋଗ୍ୟ ଯେ, ଏହାର ପ୍ରଥମ ପର୍ଯ୍ୟାୟ ଗତ ୧୬ ତାରିଖରେ ଆରମ୍ଭ ହୋଇଥିଲା। କ୍ରୀଡ଼ା ବିଭାଗର ପ୍ରମୁଖ ସଚିବ ବିଶାଲ ଦେବ ଏହାର ଶୁଭାରମ୍ଭ କରିଥିଲେ। ଅବସରପ୍ରାପ୍ତ ପୂର୍ବତନ ଖେଳାଳିଙ୍କ ପାଇଁ କୋଚ୍‌ଭାବେ ଦ୍ୱିତୀୟ ଇନିଂସ ଆରମ୍ଭ କରିବାକୁ ଏହା ସୁବର୍ଣ୍ଣ ସୁଯୋଗ ଆଣିଛି।




କଳିଙ୍ଗ ଷ୍ଟାଡ଼ିୟମ୍‌ରେ ଫୁଟ୍‌ବଲ ରେଫ୍‌ରି ବିକାଶ କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟରେ ଭାଗ ନେଇଥିବା ପୂର୍ବତନ ଖେଳାଳିମାନେ ଇନ୍‌ଷ୍ଟ୍ରକ୍ଟର ଓ ଅତିଥିଙ୍କ ସହ।



Chell-7149/21

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୯,୭୫,୪୭,୯୫୦ | ୨୦,୮୯,୧୨୧ | ୭,୦୦,୬୦,୪୬୬ |
| ଭାରତ | ୧,୦୬,୨୩,୯୨୦ | ୧,୫୩,୦୧୩ | ୧,୦୨,୭୯,୩୫୭ |
| ଓଡ଼ିଶା | ୩,୩୩,୮୬୬ | ୧୯୦୩(+୫୩) | ୩,୩୦,୫୪୫ |

ଗୁରୁବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର




# ମିଳିଲା ମହାପ୍ରଭୁଙ୍କ ଦର୍ଶନ

ପୁରୀ ଅଫିସ,୨୧।୧: ହଟିଛି କୋଭିଡ୍ ନେଗେଟିଭ୍ ରିପୋର୍ଟ କଟକଣା। ଦାରୁଦିଅଁଙ୍କ ଦର୍ଶନ ପାଇଁ ଶ୍ରୀମନ୍ଦିରକୁ ଛୁଟିଛନ୍ତି ଶ୍ରଦ୍ଧାଳୁ। ରାଜ୍ୟ ତଥା ରାଜ୍ୟ ବାହାରୁ ବହୁ ସଂଖ୍ୟାରେ ଦର୍ଶନାର୍ଥୀ ଗୁରୁବାର ଶ୍ରୀଜୀଉଙ୍କ ଦର୍ଶନ କରିଛନ୍ତି। ଗୁରୁବାର ସହଜ ଦର୍ଶନ ଆରମ୍ଭ ହୋଇଥିବାରୁ ଏଥିପାଇଁ ଶ୍ରୀମନ୍ଦିର ପ୍ରଶାସନ ବ୍ୟାପକ ପ୍ରସ୍ତୁତି କରିଥିଲା। ଶ୍ରୀମନ୍ଦିର ସମ୍ମୁଖ ଓ ପ୍ରବେଶ ଦ୍ୱାରକୁ ପୁଷ୍ପମାଳାରେ ସଜା ଯାଇଥିଲା। ମାର୍କେଟ ଛକରୁ ବ୍ୟାରିକେଡ୍ ବ୍ୟବସ୍ଥା ଲାଗୁ କରାଯାଇଥିଲା। ସକାଳ ୬ରୁ ୭ଟା ପର୍ଯ୍ୟନ୍ତ ପୁରୀ ସହରବାସୀ ଦର୍ଶନ କରି ସାରିବା ପରେ ୭ଟାରୁ ମାର୍କେଟ ଛକରୁ ବ୍ୟାରିକେଡ୍‌ରେ ସାଧାରଣ ଲୋକେ ପ୍ରବେଶ କରିଥିଲେ। ଥର୍ମାଲ ସ୍କ୍ରିନିଂ କରାଯିବାପରେ ଶ୍ରଦ୍ଧାଳୁଙ୍କୁ ମନ୍ଦିର ଭିତରକୁ ଛଡ଼ାଯାଇଥିଲା। ପୂର୍ବରୁ କିଓସ୍କୋ ବ୍ୟବସ୍ଥା ଦର୍ଶନ ବ୍ୟବସ୍ଥାର ଅଂଶ ରହି ଆସିଥିଲା। ତେବେ ଗୁରୁବାର ଦର୍ଶନରେ କିଓସ୍କୋ ଦେଖିବାକୁ ମିଳି ନ ଥିଲା। କିଓସ୍କୋ ରହିବା ଫଳରେ ଦର୍ଶନରେ ବିଳମ୍ବ ହେଉଥିବା ଯୁକ୍ତି ବାଢ଼ି ପ୍ରଶାସନ ଏହାକୁ ବନ୍ଦ କରିଛି। ତେବେ ପ୍ରଥମ ଦିନରେ ୩୦ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ମହାପ୍ରଭୁଙ୍କ ଦର୍ଶନ କରିଥିବା ପ୍ରଶାସନ ପକ୍ଷରୁ ଆକଳନ କରାଯାଇଛି। ଭୋର ୫ଟା ୨୫ରେ ମହାପ୍ରଭୁଙ୍କ ଦ୍ୱାର ଫିଟା ନୀତି ସମ୍ପାଦନ ହୋଇଥିଲା। ମହାପ୍ରଭୁଙ୍କ ମହାପ୍ରସାଦ ଆନନ୍ଦବଜାରରେ ସେବନ କରିବାର ସୁଯୋଗ ମିଳି ନ ଥିଲେ ମଧ୍ୟ ଆନନ୍ଦବଜାରରେ ଦିନ ତମାମ୍ ଅବଢ଼ା ବିକ୍ରି ହୋଇଛି। ଦୂରଦୂରାନ୍ତରୁ ଆସିଥିବା ଲୋକେ ଆନନ୍ଦବଜାରରୁ ଅବଢ଼ା କିଣି ଉତ୍ତର ଦ୍ୱାର ଦେଇ ଶ୍ରୀମନ୍ଦିରରୁ ପ୍ରସ୍ଥାନ କରିଥିବା ଦୃଶ୍ୟ ସାମ୍ନାକୁ ଆସିଛି।




# ପୋଲିସ-ଭାଜପା କର୍ମୀ ଧସ୍ତାଧସ୍ତି

**ସମ୍ବଲପୁରରେ ଚାଷୀ ଅଧିକାର ରାଲି**

- ୫୦ରୁ ଊର୍ଦ୍ଧ୍ୱ ଗିରଫ
- ଥାନା ଭିତରେ ଧାରଣାରେ ବସିଲେ ନେତା

ସମ୍ବଲପୁର, ୨୧।୧ (ବ୍ୟୁରୋ)

କେନ୍ଦ୍ର ସରକାର ଚାଷୀଙ୍କ ପାଇଁ ଅନେକ ଯୋଜନା କରିଥିଲେ ମଧ୍ୟ ରାଜ୍ୟରେ ଲାଗୁ କରାଯାଉ ନାହିଁ। ଉତ୍ପାଦିତ ଧାନ ବିକ୍ରି କରିବା ଲାଗି ଚାଷୀ ରାଜରାସ୍ତାକୁ ଓହ୍ଲାଉଛି। ରାଜ୍ୟ ସରକାରଙ୍କ ଅପାରଗତା ଯୋଗୁ ସମଗ୍ର ରାଜ୍ୟରେ ଚାଷୀ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ପାକିସ୍ତାନ ଓ ଆଫଗାନିସ୍ତାନର ଚାଷୀଙ୍କ ଭଳି ଓଡିଶା ଚାଷୀଙ୍କ ଦୁଃଖ ବଳିଯାଉଛି ବୋଲି ଗୁରୁବାର ବରଗଡ ଏମ୍‌ପି ସୁରେଶ ପୂଜାରୀ ଅଇଁଠାପାଲି ପିଏଚ୍‌ଡି ପଡିଆରେ ଆୟୋଜିତ ସମାବେଶରେ କହିଥିଲେ। ମଧ୍ୟାହ୍ନରେ ପୂର୍ବ ଘୋଷଣା ମୁତାବକ ଆର୍‌ଡିସି ଅଫିସ ଘେରାଉ ପାଇଁ ଚାଷୀ ଅଧିକାର ରାଲି ବାହାରିଥିଲା। ଏହି ସମୟରେ ଦଳର ନେତା ଓ କର୍ମୀଙ୍କ ସହ ପୋଲିସର ଧସ୍ତାଧସ୍ତି ହୋଇଥିଲା।

ଓଡ଼ିଶା ରାଜ୍ୟ ସହପ୍ରଭାରୀ ତଥା ରାଜ୍ୟ ସଭା ସଦସ୍ୟ ବିଜୟ ପାଲ ସିଂ ତୋମାର କହିଥିଲେ, ଭାଜପା ସରକାର କୃଷି ଓ କୃଷକ ପାଇଁ ବିଭିନ୍ନ ପଦକ୍ଷେପ ନେଉଛନ୍ତି। କେବଳ ଓଡିଶାରେ ମଣ୍ଡି ବ୍ୟବସ୍ଥାରେ ସମସ୍ୟା ଦେଖିବାକୁ


ଆର୍‌ଡିସି ଅଫିସ ସମ୍ମୁଖରେ ଭାଜପା ନେତା ଓ କର୍ମୀଙ୍କ ମଧ୍ୟରେ ପୋଲିସର ଧସ୍ତାଧସ୍ତି।

ମିଳିଛି। ରାଜ୍ୟ ସରକାର ଧାନ ସଂଗ୍ରହ ପ୍ରକ୍ରିୟାକୁ ପରିଚାଳନା କରି ପାରୁନାହାନ୍ତି। ଅନ୍ୟମାନଙ୍କ ମଧ୍ୟରେ ବିରୋଧୀ ଦଳ ନେତା ପ୍ରଦୀପ୍ତ ନାୟକ, ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି, ବଲାଙ୍ଗୀର ଏମ୍‌ପି ସଙ୍ଗୀତା ସିଂଦେଓ, କଳାହାଣ୍ଡି ଏମ୍‌ପି ବସନ୍ତ ପଣ୍ଡା, ଭାଜପା କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ପ୍ରଦୀପ ପୁରୋହିତ, ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର, ରେଙ୍ଗାଲି ବିଧାୟକ ତଥା ରାଜ୍ୟ ଉପସଭାପତି ନାଉରି ନାୟକ, ଦେବଗଡ ବିଧାୟକ ସୁବାସ ପାଣିଗ୍ରାହୀ, ଲୋଇସିଂହା ବିଧାୟକ ମୁକେଶ ମହାଲିଙ୍ଗ, ସୁନ୍ଦରଗଡ ବିଧାୟକ କୁସୁମ ଟେଟେ, ବୀରମିତ୍ରପୁର ବିଧାୟକ ଶଙ୍କର ଓରାମ, ତଳସରା ବିଧାୟକ ଭବାନୀ ଭୋଇ, କୃଷକ ମୋର୍ଚ୍ଚା ରାଷ୍ଟ୍ରୀୟ ଉପସଭାପତି ମହେଶ୍ୱର ସାହୁ, ରାଜ୍ୟ ସାଧାରଣ ସମ୍ପାଦକ ରବି ନାୟକ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ସେମାନେ କହିଥିଲେ, ରାଜ୍ୟ ସରକାରଙ୍କ ଟୋକନ୍ ବ୍ୟବସ୍ଥା ଚାଷୀଙ୍କ ପାଇଁ ସମସ୍ୟା ହୋଇଛି। ତେଣୁ ଏହି ବ୍ୟବସ୍ଥାକୁ ହଟାଯିବା ଦରକାର। ଖରିଫ ସମୟରେ ଅବଧି ଶେଷ ହୋଇଥିବା ଟୋକନ୍ ପୁନଃ କାର୍ଯ୍ୟକ୍ଷମ କରାଯାଉ। କଟ୍‌ନୀଛଟ୍‌ନୀ ଆଳରେ ମିଲରଙ୍କୁ ପ୍ରୋତ୍ସାହନ ବନ୍ଦ କରାଯାଉ। ଚାଷୀଙ୍କୁ ନ୍ୟାୟ ମିଳିବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ। ପରେ ମଧ୍ୟାହ୍ନରେ ପିଏଚ୍‌ଡି ପଡିଆଠାରୁ ଆର୍‌ଡିସି ଅଫିସ ଘେରାଉ ପାଇଁ ଏକ ରାଲି ବାହାରିଥିଲା। ଏହି ସମୟରେ ପୋଲିସ ସହ ଧସ୍ତାଧସ୍ତି ହୋଇଥିଲେ। ପରେ ପ୍ରାୟ ୫୦ରୁ ଅଧିକ ନେତା ଓ କର୍ମକର୍ତ୍ତାଙ୍କୁ ପୋଲିସ ଗିରଫ କରିଥିଲା। ଟାଉନ ଥାନାରେ ଗିରଫ ନେତା ଓ କର୍ମକର୍ତ୍ତାଙ୍କୁ ରଖାଯାଇଥିଲା। ସେଠାରେ ଧାରଣା ଦେଇ ସେମାନେ ନିଜ ଜିଦ୍‌ରେ ଅଟଳ ରହିଥିଲେ। ପ୍ରଥମେ ସରକାର ମଣ୍ଡିରୁ ଧାନ ଉଠାନ୍ତୁ, ତା' ପରେ ଥାନାରୁ ବାହାରକୁ ଯିବେ ବୋଲି କହିଥିଲେ। ଖବର ଲେଖାହେବା ପର୍ଯ୍ୟନ୍ତ ଗିରଫ ବିରୋଧୀ ଦଳ ନେତା ନାୟକଙ୍କ ସମେତ କର୍ମକର୍ତ୍ତାମାନେ ଟାଉନ ଥାନା ପରିସରରେ ରହିଥିଲେ। ଏହି ଚାଷୀ ଅଧିକାର ରାଲିରେ ପଶ୍ଚିମ ଓଡିଶାର ୩୫ ବିଧାନସଭା ମଣ୍ଡଳ, ବୌଦ୍ଧ ଓ କନ୍ଧମାଳ ବିଧାନସଭା ମଣ୍ଡଳର ଭାଜପା କର୍ମକର୍ତ୍ତା ଓ ଚାଷୀ ଯୋଗଦେଇଥିଲେ।

# ମାଈ ହାତୀର ମୃତଦେହ ଠାବ

ସମ୍ବଲପୁର,୨୧।୧(ବ୍ୟୁରୋ)

ସମ୍ବଲପୁର ବନଖଣ୍ଡ ସଦର ରେଞ୍ଜ କଂସର ଜଙ୍ଗଲରୁ ଗୁରୁବାର ଏକ ମାଈହାତୀର ମୃତଦେହ ବନ ବିଭାଗ ଠାବ କରିଛି। ଖାଦ୍ୟ ଅନ୍ୱେଷଣରେ ଆସି ନିକଟରେ ଥିବା ୧୧କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ମୃତ୍ୟୁ ଘଟିଥିବା ବନ ବିଭାଗ କହିଛି। ସଦର ରେଞ୍ଜର ଗୌରୀ ଦାସ କହିଛନ୍ତି, ଗୁରୁବାର ଭୋର ସମୟରେ ମାଈ ହାତୀର ମୃତଦେହ ପଡିଥିବା ଖବର ମିଳିଥିଲା। ରାତିରେ ବନ ବିଭାଗର ହାତୀ ଟ୍ରେକର ସ୍କ୍ୱାଡ୍, ଫରେଷ୍ଟର, ସମସ୍ତ କର୍ମଚାରୀ ହାତୀ ପଲର ଗତିବିଧି ଉପରେ ନଜର ରଖିଥିଲେ। ମାଈ ହାତୀଟି ଖାଇବା ପାଇଁ ଗଛ ଡାଳ ଭାଙ୍ଗୁଥିଲା। ସେହି ସମୟରେ ଗଛ ଡାଳ ୧୧ କେଭି ବିଦ୍ୟୁତ୍ ତାରରେ ଲାଗିଯାଇଥିଲା। ହାତୀ ମଧ୍ୟ ବିଦ୍ୟୁତ୍ ସଂସ୍ପର୍ଶରେ ଆସିଥିଲା। ବିଦ୍ୟୁତ୍ ତାର କମ୍ ଉଚ୍ଚତାରେ ରହିଥିବାରୁ ଏଭଳି ଅଘଟଣ ଘଟିଥିବା ସେ କହିଛନ୍ତି। ସୂଚନାଯୋଗ୍ୟ, ଏହାକୁ ମିଶାଇ ସଦର ରେଞ୍ଜରେ ପ୍ରାୟ ୬ ମାସ ବ୍ୟବଧାନରେ ୬ଟି ହାତୀର ମୃତ୍ୟୁ ଘଟିଲାଣି। ଏହା ମଧ୍ୟରେ ଟ୍ରେନ ଦୁର୍ଘଟଣାରେ ୨ଟି ଓ ଶିକାରୀ ଆକ୍ରମଣରେ ୩ଟି ଦନ୍ତା ହାତୀଙ୍କ ମୃତ୍ୟୁ ଘଟିଛି।

# ଅର୍କ ଦାସମହାପାତ୍ର ହେଲେ ମୁକ୍ତ ବିଶ୍ୱବିଦ୍ୟାଳୟ କୁଳପତି

ଭୁବନେଶ୍ୱର/ ସମ୍ବଲପୁର, ୨୧।୧ (ବ୍ୟୁରୋ)

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ(ଓଏସ୍‌ଓୟୁ)ର ନୂତନ କୁଳପତି ହେଲେ ପ୍ରଫେସର ଅର୍କ କୁମାର ଦାସ ମହାପାତ୍ର। ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ଅଧିନିୟମ-୨୦୧୪ (ଓଡ଼ିଶା ଆକ୍ଟ ୨୦୧୫) ଅନୁଯାୟୀ ପ୍ରଫେସର ମହାପାତ୍ରଙ୍କୁ ଏହି ନିଯୁକ୍ତି ଦିଆଯାଇଛି। ରାଜ୍ୟପାଳ ତଥା ବିଶ୍ୱବିଦ୍ୟାଳୟ କୁଳାଧିପତି ପ୍ରଫେସର ଗଣେଶୀ ଲାଲ୍ ଗୁରୁବାର ୩ଜଣ ଆଶାୟୀ ପ୍ରାର୍ଥୀଙ୍କ ସାକ୍ଷାତ୍‌କାର ନେବାପରେ ମହାପାତ୍ରଙ୍କ ନାମ ଘୋଷଣା କରାଯାଇଛି। କାର୍ଯ୍ୟରେ ଯୋଗଦେବା ପରଠାରୁ ୩ ବର୍ଷ ଲାଗି ସେ କୁଳପତି ଭାବେ କାର୍ଯ୍ୟ କରିବେ। ପ୍ରଫେସର ମହାପାତ୍ର ଏବେ ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ବିଜ୍‌ନେସ୍ ଆଡମିନିଷ୍ଟ୍ରେଶନ ବିଭାଗର ପ୍ରଫେସର ଭାବେ କାର୍ଯ୍ୟରତ। ସେ କିଛିଦିନ ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳପତି ଦାୟିତ୍ୱ ତୁଲାଇଥିଲେ। ନୂଆ ନିଯୁକ୍ତି ସମ୍ପର୍କରେ ପ୍ରଫେସର ମହାପାତ୍ର



କହିଛନ୍ତି, ପ୍ରଥମେ ବିଶ୍ୱବିଦ୍ୟାଳୟରେ ପାଠ୍ୟକ୍ରମ ସଂଖ୍ୟା ବୃଦ୍ଧି କରାଯିବ। ଏପରି କି ଇଚ୍ଛୁକ ଶିକ୍ଷିତ ଯୁବକ ଓ ମହିଳାଙ୍କ ପାଇଁ ଆଗକୁ ପାଠ ପଢିବାର ସୁଯୋଗ ସୃଷ୍ଟି କରାଯିବ।




# ଦୁର୍ଘଟଣା ନେଲା ୬ ଜୀବନ

ବରଗଡ଼ ଅଫିସ୍/ମନମୁଣ୍ଡା/ ତରବୋଡ,୨୧।୧(ଡି.ଏନ.ଏ.)

ବରଗଡ଼ ଜିଲା ଭେଡ଼େନ ଥାନା ଅନ୍ତର୍ଗତ ବୁର୍ଦ୍ଧା, ବୌଦ୍ଧ ଜିଲା ମନମୁଣ୍ଡା ଥାନା ଅଧୀନ ଗୋପାଳମାଲ ଛକ ଏବଂ ନୂଆପଡା ଜିଲା ବୋଡେନ ଥାନା ବୋଏରଭାଡି ଗାଁ ଧମନାପଡାରେ ଗୁରୁବାର ସଡ଼କ ଦୁର୍ଘଟଣା ଘଟିଛି। ସମସ୍ତ ଦୁର୍ଘଟଣାରେ ୬ଜଣଙ୍କ ମୃତ୍ୟୁ ହୋଇଛି। ମୃତକମାନେ ହେଲେ ବଲାଙ୍ଗୀର ଜିଲା ବେନ୍ଦ୍ରା ଗ୍ରାମର ମୂଳ ବାସିନ୍ଦା ତଥା ବର୍ତ୍ତମାନ ବୁର୍ଲାରେ ରହୁଥିବା ସପ୍ତାଞ୍ଜଳୀ ବାରିକ (୪୦) ଓ ଝିଅ ପ୍ରତୀକ୍ଷା(୪), ମନମୁଣ୍ଡା ଥାନା ଅନ୍ତର୍ଗତ ଫଗୁଣାମାଲ ଗ୍ରାମର ସୁରୁସୁତା ନାଗ (୪୫), ତାଙ୍କ ଝିଅ ସରୋଜିନୀ (୨୨) ଓ ପୁଅ ବାବୁଲା ନାଗ (୧୬) ଏବଂ ଟ୍ରାକ୍ଟର ଚାଳକ ବାସୁଦେବ ଜଗତ (୨୩)। ପୋଲିସ ମୃତଦେହ ଗୁଡିକ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି ।

ସୂଚନା ଅନୁସାରେ, ମାନ୍ଧାତା ବାରିକ ତାଙ୍କ ସ୍ତ୍ରୀ ସପ୍ତାଞ୍ଜଳୀ ଓ ଝିଅ ପ୍ରତୀକ୍ଷାଙ୍କୁ ଧରି ଏକ ବାଇକ୍ (ନଂ.ଓଡି୧୭ଭି/୪୫୧୬) ଯୋଗେ ଭେଡ଼େନ ଥାନା ଅଇଁଲାପାଲି ଗ୍ରାମର ଜଣେ ସମ୍ପର୍କୀୟଙ୍କ ଘରକୁ ଯାଉଥିଲେ। ବୁର୍ଦ୍ଧା ଗ୍ରାମ ନିକଟରେ ବିପରୀତ ଦିଗରୁ ଆସୁଥିବା ବାଲି ବୋଝେଇ ଟ୍ରାକ୍ଟର (ନଂ.ଓଡ଼ି୧୭ଟି/୨୫୮୫) ସେମାନଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ମା, ଝିଅଙ୍କ ମୃତ୍ୟୁ ହୋଇଥିଲା। ଏହି ଦୁର୍ଘଟଣାରେ ମାନ୍ଧାତା ଗୁରୁତର ହୋଇଛନ୍ତି। ସେହିପରି ମନମୁଣ୍ଡା ଥାନା ଫଗୁଣାମାଲ ଗ୍ରାମର ଗଣେଶ ତାଣ୍ଡିଆ ଏକ ଅଟୋ (ନଂ.ଓଡି୩୧ଏଫ/୭୭୨୬)ରେ ନିଜ ବଡ ଭଉଣୀ ସୁରୁସୁତା, ଭାଣିଜୀ ସରୋଜିନୀ, ଭଣଜା ବାବୁଲା ଓ ସମ୍ପର୍କୀୟ ପିଣ୍ଟୁ ତାଣ୍ଡିଆଙ୍କୁ ବସାଇ ପଲସାଗୋରା ଯାଉଥିଲେ। ବାଟରେ ଅଟୋଟି ୪୧ ନଂ. ରାଜ୍ୟ ରାଜପଥର ଗୋପାଳମାଲ ଛକ ନିକଟରେ ଛିଡା ହୋଇଥିବା ବେଳେ ପଛରୁ ଏକ ଚିପ୍‌ସ ବୋଝେଇ ହାଇୱା (ନଂ.ଓଆର ୩୧/୨୨୨୩) ଆସି ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ସୁରୁସୁତା, ତାଙ୍କ ପୁଅ ଓ ଝିଅଙ୍କ ମୃତ୍ୟୁ ଘଟିଥିଲା । ଦୁର୍ଘଟଣାରେ ଅଟୋ ଚାଳକ ଗଣେଶ ଓ ପିଣ୍ଟୁ ଗୁରୁତର ହୋଇଛନ୍ତି। ସେମାନଙ୍କୁ ସୋନପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ସେହିପରି ନୂଆପଡା ଜିଲା ବୋଡେନ ଥାନା ବୋଏରଭାଡି ଗାଁ ଧମନାପଡାଠାରେ ଗୁରୁବାର ଅପରାହ୍ନ ୩ଟା ସମୟରେ ବାସୁଦେବ ଟ୍ରାକ୍ଟର ଧରି ଯାଉଥିବା ବେଳେ ଭାରସାମ୍ୟ ହରାଇ ଓଲଟି ପଡିଥିଲା। ଫଳରେ ଟ୍ରାକ୍ଟର ତଳେ ଚାପି ହୋଇ ଘଟଣାସ୍ଥଳରେ ଡ୍ରାଇଭରଙ୍କ ମୃତ୍ୟୁ ହୋଇଥିଲା ।

# ଦମ୍ପତିଙ୍କ ମୃତଦେହ ଜବତ

ଭୋଗରାଇ, ୨୧।୧(ଡି.ଏନ.ଏ.)

**କଳହର କରୁଣ ପରିଣତି**

ବାଲେଶ୍ୱର ଜିଲା ଭୋଗରାଇ ଥାନା ଅଧୀନ ଚକଫୁଲବଣି ଗ୍ରାମରେ ଗୁରୁବାର ଏକ ଅଭାବନୀୟ ଘଟଣା ଘଟିଛି। ଅର୍ଥାଭାବ ଓ ଘରୋଇ କଳହରୁ ଏକ ବୃଦ୍ଧ ଦମ୍ପତି ଭାରସାମ୍ୟ ହରାଇ ଗାଁ ପୋଖରୀ ହୁଡ଼ାରେ ବୁଧବାର ରାତିରେ ବିଷପିଇ ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ କାହ୍ନୁ ମଣ୍ଡଳ (୮୦) ଓ ତାଙ୍କ ସ୍ତ୍ରୀ ବାସନ୍ତୀ ମଣ୍ଡଳ (୭୨)। ଦୁଇ ମୃତଦେହକୁ ପୋଲିସ୍ ଘଟଣାସ୍ଥଳରୁ ଜବତ କରିଛି। ଅପରାହ୍ନରେ ବାଲେଶ୍ୱରରୁ ଏକ ସାଇଣ୍ଟିଫିକ୍ ଟିମ୍ ସନ୍ଧାନୀ କୁକୁର ସହାୟତାରେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି। କାହ୍ନୁ ମଣ୍ଡଳଙ୍କର ଦ୍ୱିତୀୟ ସ୍ତ୍ରୀ ବାସନ୍ତୀ। ପ୍ରଥମ ସ୍ତ୍ରୀ ଦୁଇବର୍ଷ ପୂର୍ବେ ଆତ୍ମହତ୍ୟା କରିଥିଲେ। ପ୍ରଥମ ସ୍ତ୍ରୀଙ୍କ ପୁଅବୋହୂ ଥିବାବେଳେ ଦ୍ୱିତୀୟ ସ୍ତ୍ରୀଙ୍କ ଦୁଇ ବିବାହିତ ଝିଅ ଅଛନ୍ତି। ଅର୍ଥାଭାବ ଯୋଗୁ ଘରେ ଥିବା ପୁଅବୋହୂଙ୍କ ସହିତ ବାରମ୍ବାର କଳହ ଲାଗୁଥିଲା ବୋଲି ପଡ଼ୋଶୀମାନେ ପ୍ରକାଶ କରିଛନ୍ତି। ଏଭଳି ସ୍ଥିତିରେ ବୃଦ୍ଧ ଦମ୍ପତି ଘରୁ ବାହାରିଯାଇ ଅନତି ଦୂରରେ ଥିବା ଏକ ପୋଖରୀ ହୁଡ଼ାରେ ବିଷପାନ କରି ଆତ୍ମହତ୍ୟା କରିଥାଇପାରନ୍ତି ବୋଲି ପୋଲିସ ଅନୁମାନ କରିଛି। ପୋଖରୀରେ ପାଣି ନ ଥିବାବେଳେ ଏକ ବିଷ ବୋତଲ ପଡ଼ିଥିବା ସାଇଣ୍ଟିଫିକ୍ ଟିମ୍ ଉଦ୍ଧାର କରି ଅଧିକ ତଦନ୍ତ ଜାରି ରଖିଛି। ଭୋଗରାଇ ପୋଲିସ ଏକ ମାମଲା (ନଂ. ୧୯/୨୧) ରୁଜୁ କରି ଉଭୟଙ୍କ ମୃତଦେହକୁ ବ୍ୟବଚ୍ଛେଦ ଲାଗି ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି। ମୃତ ଦମ୍ପତିଙ୍କ ପୁଅବୋହୂକୁ ଭୋଗରାଇ ଥାନାରେ ଅଟକ ରଖାଯାଇ ପଚରାଉଚୁରା କରାଯାଉଛି।



**ପ୍ୟାକ୍ସରେ ତାଲା ପକାଇଲେ ଚାଷୀ**

ଗୁଡ଼ଭେଲା,(ଡି.ଏନ.ଏ.): ଗୁଡଭେଲା ବ୍ଲକ ନୂଆପଡ ପ୍ୟାକ୍ସର ୨୨ ଚାଷୀଙ୍କ ଧାନ ଟୋକନ ଲାପ୍ସ ହେବା ଆଶଙ୍କା ଦେଖାଦେଇଛି। ଏହାର ପ୍ରତିବାଦ କରି ଗୁରୁବାର ପ୍ୟାକ୍ସ କାର୍ଯ୍ୟାଳୟରେ ଚାଷୀମାନେ ତାଲା ପକାଇ ଦେଇଥିଲେ। ସେତେବେଳେ ସମ୍ପାଦକ ଓ ପିଅନ କାର୍ଯ୍ୟାଳୟରେ ଥିଲେ। ଅନ୍ୟପକ୍ଷରେ ଟାର୍ଗେଟ ନ ଥିବାରୁ ଧାନ କିଣା ଯାଇ ପାରୁ ନ ଥିବା ପ୍ୟାକ୍ସ ସମ୍ପାଦକ ଗୋକୁଳ ପ୍ରଧାନ କହିଛନ୍ତି। ତୁଷୁରା ଥାନା ଆଇଆଇସି ଯଶୋବନ୍ତ ପଧାନୀ ଘଟଣାସ୍ଥଳକୁ ଯାଇ ଚାଷୀଙ୍କୁ ବୁଝାସୁଝା ପରେ ତାଲା ଖୋଲିଥିଲା।

## ସଂକ୍ଷେପରେ

### କେଞ୍ଜିରିଆପାଲି ହାଇସ୍କୁଲ ପରିଦର୍ଶନ କଲା ବ୍ଲକ ମନିଟରିଂ ଟିମ୍

**ଅମରପାଲି, ୨୧।୧ (ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ କେଞ୍ଜିରିଆପାଲି ହାଇସ୍କୁଲକୁ ବ୍ଲକ ମନିଟରିଂ ଟିମ୍ ପରିଦର୍ଶନ କରିଛନ୍ତି। ବୀରମହାରାଜପୁର ବ୍ଲକ ଦାୟିତ୍ୱରେ ଥିବା ଗୋଷ୍ଠୀ ଶିକ୍ଷା ଅଧିକାରୀ ଶାନ୍ତନୁ କୁମ୍ଭକାର, ସିଆରସିସି ମନୋଜ ଦାଶ ମିଳିତ ଭାବେ ପରିଦର୍ଶନ କରିଛନ୍ତି । ସ୍କୁଲର ପ୍ରଧାନଶିକ୍ଷକ ବ୍ରଜମୋହନ ବାରିକଙ୍କ ସମେତ ସମସ୍ତ ଶିକ୍ଷକ ଓ କର୍ମଚାରୀ ଏହି ଅବସରରେ ଉପସ୍ଥିତ ଥିଲେ । ଦଶମ ଶ୍ରେଣୀରେ ପଢୁଥିବା ୧୦୦ ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୭୦ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ବ୍ଲକ ମନିଟରିଂ ଟିମ୍ ଶିକ୍ଷକମାନଙ୍କ ରୁଟିନ, ପାଠ୍ୟଖସଡା, ଲେସନ ଡାଏରୀ ସମ୍ପର୍କରେ ଆଲୋଚନା କରିଥିଲେ।

### ବରିଷ୍ଠ ନାଗରିକ ସଂଘର ବାର୍ଷିକ ଉତ୍ସବ

**ଅମରପାଲି, ୨୧।୧(ଡି.ଏନ.ଏ.):** ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବରିଷ୍ଠ ନାଗରିକ ସଂଘ କାର୍ଯ୍ୟାଳୟ ପରିସରରେ ସଂଘର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ଭଗବାନ ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ଅତିରିକ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାଶ ମୁଖ୍ୟଅତିଥି ଏବଂ ଉପଖଣ୍ଡୀୟ ପୋଲିସ ଅଧିକାରୀ ଧିରୋଜ ଚୌପଦାର ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ସର୍ବଭାରତୀୟ ବରିଷ୍ଠ ନାଗରିକ ସଂଘ ସଦସ୍ୟ ତଥା ଓଡିଶା ପ୍ରଭାରୀ ପ୍ରଫୁଲ୍ଲ ହୋତା ଏହି ଅବସରରେ ବରିଷ୍ଠ ନାଗରିକଙ୍କ ପ୍ରତି ସାଧାରଣ ନାଗରିକର କର୍ତ୍ତବ୍ୟ ଏବଂ ବରିଷ୍ଠ ନାଗରିକମାନଙ୍କ ସମାଜ ପ୍ରତି ଭୂମିକା ନେଇ ଆଲୋକପାତ କରିଥିଲେ। ସୌମିତ୍ରୀ ମେହେର ସଭା ସଂଯୋଜନା କରିଥିଲେ।

### ନାଟ୍ୟଚକ୍ର ସୁବର୍ଣ୍ଣପୁରର ନୂତନ କର୍ମକର୍ତ୍ତା

**ସୋନପୁର,୨୧।୧(ନି.ପ୍ର.):** ସୁବର୍ଣ୍ଣପୁରର ଅଗ୍ରଣୀ ନାଟ୍ୟାନୁଷ୍ଠାନ ନାଟ୍ୟଚକ୍ରର ବାର୍ଷିକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠାନର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ମନୋଜ ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସର୍ବସମ୍ମତି କ୍ରମେ ଆଗାମୀ ୫ ବର୍ଷ ପାଇଁ ନାଟ୍ୟଚକ୍ରର ଉପଦେଷ୍ଟା ଭାବେ ପଦ୍ମଶ୍ରୀ ଡ. ସାଧୁ ମେହେର, ନାଟ୍ୟଶ୍ରୀ ଗଦାଧର ବାରିକ୍ ଓ ନାଟ୍ୟକାର ଶ୍ୟାମା ଓଁ ପ୍ରସାଦ ମିଶ୍ର ରହିଛନ୍ତି। ନିର୍ଦ୍ଦେଶକ ଭାବେ ମନୋଜ କୁମାର ବାରିକ୍, କାର୍ଯ୍ୟକ୍ରମ ପରିଚାଳକ ଶିବ ପ୍ରସାଦ ଗୁରୁ, କାର୍ଯ୍ୟାଳୟ ସଂଯୋଜକ ଏ. ପି. ନରସିଂହ ହୋତା, ସାଂସ୍କୃତିକ ସଂଯୋଜକ ନୀଳମାଧବ ପଧାନ ଓ କୋଷାଧ୍ୟକ୍ଷ ଭାବରେ ସନ୍ତୋଷ କୁମାର ପ୍ରଧାନଙ୍କୁ ଚୟନ କରାଯାଇଛି। କାର୍ଯ୍ୟନିର୍ବାହୀ ସଭ୍ୟ ଭାବେ ବଳରାମ ପଟ୍ଟନାୟକ, ଗଣପତି ବାଗ, ଶାଶ୍ୱତ କୁମାର ମିଶ୍ର, ସଞ୍ଜୀବ ଥନାପତି, ପଦ୍ମଲୋଚନ ମହଲା, ରମେଶ ନନ୍ଦ ଓ ଶ୍ରଦ୍ଧାଞ୍ଜଳି ଷଡଙ୍ଗୀଙ୍କୁ ନିଆଯାଇଛି। ଆସନ୍ତା ମାର୍ଚ୍ଚ ୨୭ତାରିଖ ବିଶ୍ୱ ନାଟ୍ୟ ଦିବସ ଓ ନାଟ୍ୟଚକ୍ରର ଜନ୍ମଦିନ ପାଳନ ଅବସରରେ ଏକ ସୋଲୋ ନାଟକ ମହୋତ୍ସବ ପାଇଁ ପ୍ରସ୍ତୁତି ଜାରି ରଖିବା ସକାଶେ କାର୍ଯ୍ୟକ୍ରମ ପରିଚାଳକ ଶିବ ପ୍ରସାଦ ଗୁରୁ ଘୋଷଣା କରିଥିଲେ।

### ଟ୍ରେନ ଧକ୍କାରେ ଯୁବକ ମୃତ

**କଣ୍ଟାବାଞ୍ଜି, ୨୧।୧(ଡି.ଏନ.ଏ.)** କଣ୍ଟାବାଞ୍ଜି-ମୁରିବାହାଲ ରେଳ ସେକ୍ସନର ବଙ୍ଗୋମୁଣ୍ଡା ରେଳ ଫାଟକ ନିକଟ ଧାରଣାରେ ଏକ ମାଲବାହୀ ଟ୍ରେନ ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସିନ୍ଧେକେଲା ଥାନା ତୁରେକେଲା ଗ୍ରାମର ପରମେଶ୍ୱର ହଂସ (୩୮)। ଜିଆରପି ମୃତଦେହ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

### ବାଲି ବୋଝେଇ ଟ୍ରାକ୍ଟର ଜବତ

**ବିନିକା,୨୧।୧(ଡି.ଏନ୍.ଏ.):** ବିନିକା ତହସିଲ ଅନ୍ତର୍ଗତ ସିନ୍ଦୁରପୁର ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗୁରୁବାର ବେଆଇନ ବାଲିଚାଲାଣ କରୁଥିବା ଏକ ଟ୍ରାକ୍ଟର ରାଜସ୍ୱ ବିଭାଗ ପକ୍ଷରୁ ଜବତ ହୋଇଛି । ବିନିକା ମହାନଦୀ ଘାଟ ଠାରୁ ବାଲି ବୋଝେଇ କରି ଟ୍ରାକ୍ଟରଟି ସିନ୍ଦୁରପୁର ରାସ୍ତା ଦେଇ ଯାଉଥିବା ବେଳେ ଧରାପଡିଥିଲା। ଜବତ ଟ୍ରାକ୍ଟର ନଂ ହେଲା ଓଡି-୩୧ବି-୯୮୭୫ । ବିନିକା ତହସିଲଦାର ଅଲେଖ ଘୁଟା ଓ ସିନ୍ଦୁରପୁର ସର୍କଲ ଆର୍ଆଇ ବିବେକା ତ୍ରିପାଠୀ ଟ୍ରାକ୍ଟର ଡ୍ରାଇଭରଙ୍କୁ ବାଲି ଚାଲାଣ ନେଇ ଆବଶ୍ୟକ କାଗଜପତ୍ର ମାଗିଥିଲେ । ମାତ୍ର ସେ ଦେଖାଇ ନ ପାରିବାରୁ ୧୦ହଜାର ଟଙ୍କା ଜରିମାନା ଆଦାୟ କରିଥିଲେ ।

# ଧାନବସ୍ତା ରଖି ଚାଷୀଙ୍କ ରାସ୍ତାରୋକୋ

**ଲୋଇସିଂହା,୨୧।୧(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ଭରସୁଜା ମଣ୍ଡିରେ ଧାନକିଣାରେ ମନ୍ଥରତା ଦେଖାଦେଇଛି। ଏଥିଯୋଗୁ ଚାଷୀଙ୍କ ହଜାରହଜାର ବସ୍ତା ଧାନ ଗଦା ହୋଇ ରହିଛି। ଏହାର ପ୍ରତିବାଦରେ ଗୁରୁବାର ଚାଷୀମାନେ ଲୋଇସିଂହା-ପଦ୍ମପୁର ରାସ୍ତାର ଭରସୁଜାଠାରେ ଧାନବସ୍ତା ରଖି ରାସ୍ତାରୋକୋ କରିଥିଲେ। ଆଗଲପୁର ତହସିଲଦାର ସନ୍ତୋଷ କୁମାର ଦାସ ଓ ବ୍ଲକ ଯୋଗାଣ ଅଧିକାରୀ ସୌମ୍ୟ ମହାନନ୍ଦ ଘଟଣାସ୍ଥଳରେ ପହଞ୍ଚି ଚାଷୀଙ୍କ ସହ ଆଲୋଚନା କରିଥିଲେ। ଅସହଯୋଗ କରୁଥିବା ମିଲର୍ସଙ୍କୁ ବାଦ୍ ଦେଇ ଅନ୍ୟ ମିଲର୍ସଙ୍କୁ ଧାନ ଉଠାଇବାକୁ ଦାୟିତ୍ୱ ଦିଆଯିବ। ଦୁଇଦିନ ମଧ୍ୟରେ ଧାନ ଉଠାଇଯିବାର ପ୍ରତିଶ୍ରୁତି ଦେବା ପରେ



ଧାନବସ୍ତା ରଖି ଚାଷୀମାନେ ଭରସୁଜାଠାରେ ରାସ୍ତାରୋକୋ କରିଛନ୍ତି।

ଚାଷୀମାନେ ରାସ୍ତାରୋକୋରୁ ହଟିଥିଲେ।

ଆଗଲପୁର ବ୍ଲକ ଭରସୁଜା ପ୍ୟାକ୍ସରେ ଭରସୁଜା, ନୁନିଆପାଲି ଓ ଝରଣୀପାଲି ପଞ୍ଚାୟତର ୨୦ଖଣ୍ଡ ଗାଁର ଚାଷୀ ଧାନ ବିକ୍ରି କରିଥାନ୍ତି। ପ୍ୟାକ୍ସରେ ଧାନବିକ୍ରି ପାଇଁ ପଞ୍ଜୀକୃତ ଚାଷୀଙ୍କ ମଧ୍ୟରୁ ୪୫୦ଜଣଙ୍କ ଟୋକନ ଆସିଛି । ସେଥିରୁ ମାତ୍ର ୧ଶହ ଚାଷୀ

**ମଣ୍ଡିରୁ ଉଠୁନି ଧାନ**

ଧାନ ବିକ୍ରି କରିଛନ୍ତି। ପ୍ୟାକ୍ସରୁ ଧାନ ଉଠାଇବା ଦାୟିତ୍ୱରେ ଥିବା ମିଲର୍ସ କାଁଭାଁ ଗାଡି ପଠାଉଥିବାରୁ ଧାନ ଉଠିବାରେ ସମସ୍ୟା ହେଉଛି। ଫଳସ୍ୱରୂପ ଏବେ ପ୍ୟାକ୍ସରେ ୪ ହଜାର କୁଇଣ୍ଟାଲ ଧାନପଡି ରହିଛି । ସମସ୍ୟାର ସମାଧାନ ପାଇଁ ଚାଷୀମାନେ କହିଲେ ପ୍ୟାକ୍ସ ସମ୍ପାଦକ ବିଜୟ କୁମାର ତ୍ରିପାଠୀ ତାଙ୍କର ଅସହାୟତା ପ୍ରକାଶ କରୁଛନ୍ତି। ଏହାର ପ୍ରତିବାଦରେ ଗୁରୁବାର ଝରଣୀପାଲିର ଚାଷୀ ହିତାଂଶୁ ସାହୁ, ରାଜକିଶୋର ସାହୁ, ଭରସୁଜାର ପଞ୍ଚୁ ପଧାନ, ରଜନୀକାନ୍ତ ପାତ୍ର, ଦର୍ଲିପାଲିର ରତ୍ନାକର ସାହୁଙ୍କ ନେତୃତ୍ୱରେ ଚାଷୀମାନେ ଧାରଣା ଦେବାକୁ ବାଧ୍ୟ ହୋଇଥିବା କହିଛନ୍ତି।

# ୫୦ ମହିଳା ଏସ୍ଏଚ୍ଜିଙ୍କୁ ୧.୩୦କୋଟି ଋଣ ପ୍ରଦାନ

**ସୋନପୁର, ୨୧।୧(ନି.ପ୍ର.)**

ସୋନପୁର ବ୍ଲକ ପରିସରରେ ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍ଏଚ୍ଜି)ର ଋଣ ମେଳା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ମେଳାରେ ସୋନପୁର ବ୍ଲକର ହରଡଖୋଲ, ବିଶିମୁଣ୍ଡା, ମଲ୍ଲିକମୁଣ୍ଡା ଓ ମୟୂରଉଡାନ ପଞ୍ଚାୟତ ଅନ୍ତର୍ଗତ ବିଭିନ୍ନ ଗ୍ରାମର ୫୦ଟି ମହିଳା ଏସଏଚଜିଙ୍କୁ ୨ରୁ ୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ପ୍ରଦାନ କରାଯାଇଥିଲା। ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ସୋନପୁର ଶାଖା ପକ୍ଷରୁ ମୋଟ ୧କୋଟି ୩୦ଲକ୍ଷ ଟଙ୍କାର ଋଣ ପ୍ରଦାନ କରାଯାଇଛି। ଭାରତୀୟ ଷ୍ଟେଟ୍ ବ୍ୟାଙ୍କ୍, ଓଡିଶା ଜୀବିକା ମିଶନ ଓ ମିଶନ ଶକ୍ତି ସହଯୋଗରେ ଏହି ମେଗା ସମନ୍ୱୟ ମେଳା ଅନୁଷ୍ଠିତ ହୋଇଥିଲା। ପିଡି ଡିଆରଡିଏ ଡୋଳାମଣି ପଟେଲ ମୁଖ୍ୟଅତିଥି ଭାବରେ ଯୋଗଦେଇ ମହିଳା ଗୋଷ୍ଠୀଙ୍କୁ ଋଣ ପ୍ରଦାନ ଦ୍ୱାରା ସେମାନେ ବ୍ୟବସାୟ, ଚାଷ କରି ଆତ୍ମନିର୍ଭରଶୀଳ ହୋଇପାରିବେ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୋନପୁର ବିଡିଓ ଆକାଶ ରଞ୍ଜନ ସାହୁ, ଏସବିଆଇର ଆଞ୍ଚଳିକ ପରିଚାଳକ ସତ୍ୟକାନ୍ତ ଦାଶ, ଡିଡିଏମ୍ ନାବାର୍ଡ ତାପସ କୁମାର ରାଉତ, ଏଲଡିଏମ୍ ସରୋଜ ଦାଶ ଓ ଏସବିଆଇ ମୁଖ୍ୟ ପରିଚାଳକ ରାଜେନ୍ଦ୍ର ଦାସ ଅତିଥି ଭାବେ ଯୋଗଦେଇଥିଲେ। ଓଏଲଏମ ଡିପିଏମ ଯୁବରାଜ ସାହୁ, ଡିପିସି ମିଶନ ଶକ୍ତି କାର୍ତ୍ତିକ ନାୟକ, ଏପିଡି ପ୍ରଶିକ୍ଷଣ ଶୈବାଳିନୀ ପଟ୍ଟନାୟକ ଓ ଏସବିଆଇର କର୍ମଚାରୀମାନେ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ। ମହିଳା ଏସଏଚଜିର ସଭାନେତ୍ରୀ, ସମ୍ପାଦିକା ଓ ସଭ୍ୟମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ଜୁନିୟରରେ ଆୟୁଷ-ଆଲୋକ, ସିନିୟରରେ ରବୀନ୍ଦ୍ର-ରକି ଚାମ୍ପିୟନ

**ଗୁଡଭେଲା,୨୧।୧(ଡି.ଏନ.ଏ.)**

ଅଖିଳ ଭାରତୀୟ ମାରୱାଡି ଯୁବାମଞ୍ଚର ୩୭ତମ ସ୍ଥାପନା ଦିବସ ଉପଲକ୍ଷେ ବଲାଙ୍ଗୀର ଜିଲା ତୁଷୁରା ମାରୱାଡି ଯୁବାମଞ୍ଚ ପକ୍ଷରୁ ସ୍ଥାନୀୟ ଜୈନ ଭବନଠାରେ ଦିନିକିଆ ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟ ବୁଧବାର ରାତିରେ ଅନୁଷ୍ଠିତ ହୋଇଯାଇଛି। ଶିଳ୍ପପତି ଗିରଗିଧାରୀଲାଲ କେଡିଆ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଚନ୍ଦ୍ରଭାନ ଜୈନ, ଜଗଦୀଶ ପ୍ରସାଦ କେଡିଆ ସମ୍ମାନୀତ ଅତିଥିଭାବେ ଯୋଗ ଦେଇଥିଲେ। ଜୁନିୟର ଗ୍ରୁପର ଫାଇନାଲ ଖେଳ କଳାହାଣ୍ଡି ଜିଲା ରିଷିଡାର ଆୟୁଷ କେଡିଆ-ଆଲୋକ ଜୈନ ଯୋଡି ଓ ତୁଷୁରାର ରୋନକ ଅଗ୍ରୱାଲ-ସିଦ୍ଧାର୍ଥ ଜୈନ ଯୋଡିଙ୍କ ମଧ୍ୟରେ ହୋଇଥିଲା। ଏଥିରେ ଆୟୁଷ-ଆଲୋକ ଯୋଡି ବିଜୟୀ ହୋଇ ଚାମ୍ପିୟନ ହୋଇଥିଲେ।



ଅତିଥିମାନଙ୍କ ଗହଣରେ ଜୁନିୟର ଦଳର ବିଜେତା ଓ ଉପବିଜେତା।

ମ୍ୟାଚ ଅପ ଦ ଟୁର୍ନାମେଣ୍ଟଭାବେ ଆୟୁଷଙ୍କୁ ବିବେଚନା କରାଯାଇଥିଲା ।

ସିନିୟର ଗ୍ରୁପର ଫାଇନାଲ ଖେଳ ତୁଷୁରା ରବିନ୍ଦ୍ର ଆଣ୍ଡ ପାର୍ଟନର ରକି ଅଗ୍ରୱାଲ ଏବଂ ତୁଷୁରା ନିଷିଦ ଜୈନ ଆଣ୍ଡ ପାର୍ଟନର ରବିନ ଜୈନଙ୍କ ମଧ୍ୟରେ ହୋଇଥିଲା । ଏଥିରେ ରବିନ୍ଦ୍ର-ରକି ଯୋଡି ୨-୧ ସେଟ୍‌ରେ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ମ୍ୟାଚ ଅପ ଦ ଟୁର୍ନାମେଣ୍ଟ ତୁଷୁରାର ରକିଙ୍କୁ ପ୍ରଦାନ କରାଯାଇଥିଲା। ମାରୱାଡି ଯୁବାମଞ୍ଚ ସଭାପତି ମନୋଜ କୁମାର ଜୈନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୁବାମଞ୍ଚ ମଣ୍ଡଳ ୫ର ଉପାଧ୍ୟକ୍ଷ ଆଶିଷ ଚୌଧୁରୀ, ପୂର୍ବତନ ଯୁବାମଞ୍ଚ ସଭାପତି ବୀରେନ୍ଦ୍ର ଅଗ୍ରୱାଲ ସମ୍ମାନୀତ ଅତିଥିଭାବେ ଯୋଗ ଦେଇଥିଲେ ।

## ପାଇପଲାଇନ କାର୍ଯ୍ୟ ସମୀକ୍ଷା କଲେ ନିର୍ବାହୀ ଯନ୍ତ୍ରୀ

**ଲୋଇସିଂହା,୨୧।୧(ଡି.ଏନ.ଏ)**

ଲୋଇସିଂହା ବ୍ଲକ ବୁର୍ଡା ଗ୍ରାମକୁ ଫାସଡ ସୁକତେଲ ନଦୀରୁ ସ୍ୱତନ୍ତ୍ର ଭାବେ ପାଇପ ଲାଇନ କାର୍ଯ୍ୟ ଚାଲୁ ରହିଛି । ଗୁରୁବାର ଲୋଇସିଂହା ଗସ୍ତ କରି ଏହି କାର୍ଯ୍ୟର ସମୀକ୍ଷା କରିଥିଲେ ବଲାଙ୍ଗୀର ଆରଡବ୍ଲୁଏସଏସ ନିର୍ବାହୀ ଯନ୍ତ୍ରୀ ପ୍ରମୋଦ କୁମାର ମହାପାତ୍ର। ଜାତୀୟ ରାଜପଥ ଯୋଗୁ ପାଇପ ଲାଇନ ବିଛାଇବା ବାଧକ ସାଜିଛି । ଖୁବ୍‌ଶୀଘ୍ର ସମସ୍ୟାର ସମାଧାନ କରି ବୁର୍ଡାକୁ ଜଳ ଯୋଗାଣ ଦିଗରେ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି। ଫାସଡସ୍ଥିତ ସୁକତେଲ ନଦୀରୁ ଲୋଇସିଂହା ଓ ବୁର୍ଡାକୁ ଗୋଟିଏ ପାଇପ ଲାଇନରେ ଜଳଯୋଗାଣ ହେଉଛି। ଏଥିଯୋଗୁ ଅନେକ ସମୟରେ ଜଳଯୋଗାଣ ହୋଇ ପାରୁ ନାହିଁ। ୩ ବର୍ଷତଳେ ବୁର୍ଡା ଗ୍ରାମବାସୀ ୨୬ ନଂ ଜାତୀୟ ରାଜପଥ ଅବରୋଧ କରି ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ଦାବି କରିଥିଲେ। ଫଳରେ ଫାସଡଠାରୁ ସ୍ୱତନ୍ତ୍ର ପାଇପ ଲାଇନ ଓ ଓଭରହେଡ ଟାଙ୍କି ପାଇଁ ଅନୁଦାନ ଦିଆଯାଇଥିଲା। ଟାଙ୍କି କାମ ସରିଯାଇଛି। ପାଇପ ଲାଇନ କାମରେ ବିଳମ୍ବ ଯୋଗୁ ପ୍ରକଳ୍ପ କାର୍ଯ୍ୟକ୍ଷମରେ ସମସ୍ୟା ହୋଇଛି। ସ୍ଥାନୀୟ ଯନ୍ତ୍ରୀ ପ୍ରସାଦ ସାମନ୍ତରାୟ ଓ କର୍ମଚାରୀ ଉପସ୍ଥିତ ଥିଲେ।

# ଯୁବତୀଙ୍କୁ ଗଣ ବଳାତ୍କାର ଘଟଣା, ଜଣେ ଗିରଫ

**ସୋନପୁର,୨୧।୧(ନି.ପ୍ର.)**

ସୁବର୍ଣ୍ଣପୁର ସହରରେ ଜଣେ ଦଳିତ ଯୁବତୀଙ୍କୁ ଗଣବଳାତ୍କାର କରାଯିବା ଘଟଣାରେ ସୋନପୁର ଟାଉନ ପୋଲିସ ଅଭିଯୁକ୍ତ ନରସିଂହ ବୁଡେକ୍(୪୭)ଙ୍କୁ ଗୁରୁବାର ଗିରଫ କରିଛି। ଅନ୍ୟ ଜଣେ ଅଭିଯୁକ୍ତ ଫେରାର ଅଛନ୍ତି । ନରସିଂହଙ୍କ ଘର ସହରର ରାୟଗୁରୁପଡା ଅଞ୍ଚଳରେ। ପୋଲିସ ଜିଲା ମୁଖ୍ୟ ଚିକିତ୍ସାଳୟରେ ଅଭିଯୁକ୍ତଙ୍କ ଡାକ୍ତରୀ ପରୀକ୍ଷା କରିବା ପରେ କୋର୍ଟ ଚାଲାଣ କରିଛି । ବିଚାରପତି ଅଭିଯୁକ୍ତଙ୍କ ଜାମିନ ନାମଞ୍ଜୁର କରିବାରୁ ତାଙ୍କୁ ସୋନପୁର ସବ୍‌ଜେଲକୁ ପଠାଇ ଦିଆଯାଇଛି। ଅନ୍ୟପକ୍ଷେ ପୀଡିତା ଅଭିଯୁକ୍ତଙ୍କୁ ଚିହ୍ନଟ କରିବା ପାଇଁ ଜେଲ ପରିସରରେ ଟିଆଇ ପ୍ୟାରେଡ୍ କରାଯିବ। ତେଣୁ ଅଭିଯୁକ୍ତଙ୍କୁ ରିମାଣ୍ଡରେ ଆଣିବା ପାଇଁ ପୋଲିସ ଶୁକ୍ରବାର ଅଦାଲତଙ୍କଠାରେ ଆବେଦନ କରିବ ବୋଲି ଆଇଆଇସି ତଥା ତଦନ୍ତକାରୀ ଅଧିକାରୀ ପୁଷ୍ପେନ୍ଦୁ ସାଗର ସୂଚନା ଦେଇଛନ୍ତି। ଅଭିଯୁକ୍ତ ନରସିଂହଙ୍କ ନାମରେ ବହୁ ମାମଲା ବିଚାରାଧୀନ ଅଛି। ଏକ ମାସ ପୂର୍ବରୁ ସେ ଜାମିନରେ ଜେଲରୁ ମୁକୁଳିଥିବା ଜଣାପଡିଛି। ଗତ ୧୮ ତାରିଖ ପୂର୍ବାହ୍ନରେ ସ୍ଥାନୀୟ ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ର କ୍ୟାମ୍ପସ୍‌ରେ ଦୁଇ ଜଣ ଯୁବକ ଅସହାୟ ଦଳିତ ଯୁବତୀଙ୍କୁ ବଳାତ୍କାର କରିଥିଲେ। ବଲାଙ୍ଗୀର ଅଞ୍ଚଳର ପୀଡିତା ନିଜ ମା'ଙ୍କ ସହିତ ସୋନପୁର ସହରକୁ ଆସି ଭଡା ଘରେ ରହୁଥିଲେ। ଅଭିଯୁକ୍ତମାନେ କାମ କରିବାକୁ ଡାକି ଆଣି ଯୁବତୀଙ୍କୁ ବଳାତ୍କାର କରିଥିବା ଅଭିଯୋଗ ହୋଇଥିଲା।

# ଅଞ୍ଚଳର ଅର୍ଥନୈତିକ ବିକାଶ ଉପରେ ଗୁରୁତ୍ୱ

**ବୌଦ୍ଧ,୨୧।୧(ସ୍ୱ.ପ୍ର.)**

**ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷଙ୍କ ବୌଦ୍ଧ ଗସ୍ତ**

ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ଅଧ୍ୟକ୍ଷ ଅସିତ୍ ତ୍ରିପାଠୀ ଦିନିକିଆ ବୌଦ୍ଧ ଗସ୍ତରେ ଆସି ବିଭିନ୍ନ ବିଭାଗ ପକ୍ଷରୁ ଚାଲିଥିବା ଉନ୍ନୟନ ପ୍ରକଳ୍ପର ସମୀକ୍ଷା କରିଛନ୍ତି। ବୌଦ୍ଧ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ଆୟୋଜିତ ସମୀକ୍ଷା ବୈଠକରେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ପକ୍ଷରୁ ଯୋଗାଇ ଦିଆଯାଇଥିବା ଅନୁଦାନର ସଠିକ୍ ବିନିଯୋଗ କରିବାକୁ ତ୍ରିପାଠୀ ପରାମର୍ଶ ଦେଇଛନ୍ତି । ପରେ ଏକ ଖବରଦାତା ସମ୍ମିଳନୀରେ ପଶ୍ଚିମ ଓଡ଼ିଶା ଲୋକଙ୍କ ଅର୍ଥନୈତିକ ବିକାଶ ପାଇଁ କୃଷି, ପଶୁପାଳନ, ମତ୍ସ୍ୟଚାଷ, କୁକୁଡାଫାର୍ମିଂ, ହସ୍ତତନ୍ତ କ୍ଷେତ୍ରରେ ଅନେକ ସୁଯୋଗ ରହିଥିବା ପ୍ରକାଶ କରିଥିଲେ। ଏହିସବୁ କ୍ଷେତ୍ରରେ ଲଘୁ ଶିଳ୍ପଦ୍ୟୋଗୀମାନଙ୍କୁ ଭିତ୍ତିଭୂମି ଯୋଗାଇ ଦେବାରେ ପରିଷଦ ପକ୍ଷରୁ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦିଆଯିବ। ସରକାର ଲୋକଙ୍କୁ ସ୍ୱାବଲମ୍ବୀ କରିବା ଉପରେ ଗୁରୁତ୍ୱ ଦେଇ ଅନେକ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ବ୍ୟାଙ୍କଗୁଡିକ ପକ୍ଷରୁ କିପରି ଏହି ଲଘୁ ଉଦ୍ୟୋଗୀମାନଙ୍କୁ ସୁବିଧା ସୁଯୋଗ ମିଳିପାରିବ ସେ ସଂପର୍କରେ ମଧ୍ୟ ତ୍ରିପାଠୀ ଗୁରୁତ୍ୱାରୋପ କରିଥିଲେ। ସୁବର୍ଣ୍ଣପୁର ଜିଲାରେ ୧୦୦ କୋଟି ଟଙ୍କାର ଓ ବୌଦ୍ଧ ଜିଲାରେ ୯୦ କୋଟି ଟଙ୍କାର ହସ୍ତତନ୍ତ ବ୍ୟବସାୟ ରହିଛି। ଉଭୟ ଜିଲାରେ ପ୍ରାୟ ୯ ହଜାର ପରିବାର ଏହି ବ୍ୟବସାୟରେ ଜଡିତ ରହିଛନ୍ତି। ଦୁଇ ପଡୋଶୀ ବୌଦ୍ଧ ଓ ସୁବର୍ଣ୍ଣପୁର ଜିଲାର ସୀମାରେଖା ମଧ୍ୟରେ ଆବଦ୍ଧ ନ ରହି ମିଳିତ ଭାବରେ ଅଞ୍ଚଳର ଅର୍ଥନୈତିକ ବିକାଶ ଦିଗରେ କାର୍ଯ୍ୟ କରିବା ପାଇଁ ପରିଷଦର ଅଧ୍ୟକ୍ଷ ତ୍ରିପାଠୀ ପରାମର୍ଶ ଦେଇଥିଲେ। ଉଭୟ ଜିଲାର ଜିଲାପାଳ ଏଥିପ୍ରତି ଦୃଷ୍ଟି ଦେବାକୁ ଆଲୋଚନା ହୋଇଥିବା ଖବରଦାତା ସମ୍ମିଳନୀରେ ସେ ସୂଚନା ଦେଇଥିଲେ। ବୈଠକରେ ବୌଦ୍ଧ ଜିଲାପାଳ ଲଲାଟେନ୍ଦୁ ମିଶ୍ର, ସୁବର୍ଣ୍ଣପୁର ଜିଲାପାଳ ମନୀଷା ବାନାର୍ଜୀଙ୍କ ସମେତ ଜିଲାର ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଅଧ୍ୟକ୍ଷ ତ୍ରିପାଠୀ ବୌଦ୍ଧର ଐତିହାସିକ ସଂଗ୍ରହାଳୟ ବୁଲି ଦେଖିବା ସହିତ ଜିଲା ପ୍ରଶାସନର ଉଦ୍ୟମକୁ ପ୍ରଶଂସା କରିଥିଲେ।

## କୃଷି ତାଲିମ ଶିବିର

**ଲୋଇସିଂହା,୨୧।୧(ଡି.ଏନ.ଏ)**

ଲୋଇସିଂହା ବ୍ଲକ କୃଷି ବିଭାଗ ଆନୁକୂଲ୍ୟରେ ରାଷ୍ଟ୍ରୀୟ କୃଷି ବିକାଶ ଯୋଜନାରେ ବୁଢୀପଦର ପଞ୍ଚାୟତର ଘୁଷୁରାମୁଣ୍ଡାଠାରେ କୃଷି ତାଲିମ ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଜୀବନନାଶକର ନିରାପଦ ବ୍ୟବହାର ଉପରେ ବ୍ଲକ କୃଷି ଅଧିକାରୀ ହରିହର ନାଏକ କହିଥିଲେ। କୀଟନାଶକ ବ୍ୟବହାରର ସପ୍ତାହକ ପରେ ପରିବା ଖାଇବା ଉପଯୋଗୀ। ବଜାରରୁ କିଣୁଥିବା ପରିବାକୁ ଖାଇବା ସୋଡା କିମ୍ବା ହଳଦୀ ପାଣିରେ ଧୋଇ ଦେଲେ ୭୦ରୁ ୮୦ପ୍ରତିଶତ ବିଷ ହରଣ ହୋଇଥାଏ ବୋଲି ସେ କହିଥିଲେ । ହିମାଂଶୁ ସାହୁ, ସୁଶାନ୍ତ ବାରିକ, କୃଷକ ସାଥୀ ମନୋଜ ପଧାନ, ବେଦପାତି ପଧାନଙ୍କ ସମେତ ଗ୍ରାମ୍ୟ କୃଷି କର୍ମଚାରୀ ଶିବିରରେ ଉପସ୍ଥିତ ଥିଲେ।

# ମହାନଦୀ ନେତ୍ର ଚିକିତ୍ସାଳୟର ବାର୍ଷିକୋତ୍ସବ




କର୍ମଚାରୀଙ୍କୁ ପୁରସ୍କୃତ କରାଯାଉଛି ।

**ଅମରପାଲି, ୨୧।୧ (ଡି.ଏନ.ଏ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ନିକଟ ପଣ୍ଡାପାଲିସ୍ଥିତ ମହାନଦୀ ନେତ୍ର ଚିକିତ୍ସାଳୟ ଲେପ୍ରା ସୋସାଇଟିର ୧୬ତମ ବାର୍ଷିକ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଡା. ଦେବେନ୍ଦ୍ର କୁମାର ସାହୁଙ୍କ ନେତୃତ୍ୱରେ ଅନୁଷ୍ଠାନର ସମସ୍ତ କର୍ମଚାରୀ ଓ ସ୍ୱେଚ୍ଛାସେବୀ ଉତ୍ସବରେ ଯୋଗ ଦେଇଥିଲେ। ଅନ୍ଧତ୍ୱ ଦୂରୀକରଣ ପାଇଁ ଅନୁଷ୍ଠାନ ଦ୍ୱାରା ନିଆଯାଉଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଡା. ସାହୁ ସୂଚନା ଦେଇଥିଲେ। ଏହି ଅବସରରେ ନେତ୍ର ଚିକିତ୍ସାଳୟ ପରାମର୍ଶଦାତା କମିଟିର ଏକ ବୈଠକ ପ୍ରଫେସର ରାଧାମୋହନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଥିଲା। ସମ୍ବଲପୁରର ବିଶିଷ୍ଟ ସାମାଜିକ କର୍ମୀ ଅଶୋକ ଜଲାନ, ସାହିତ୍ୟ ଏକାଡେମୀ ସଦସ୍ୟ ଇଂ. ସଞ୍ଜୟ ପଣ୍ଡା, ଲେପ୍ରା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଶାନ୍ତ ନାଏକ, ପୂର୍ବତନ ଅଧକ୍ଷା ରେଣୁକା ମିଶ୍ର ପ୍ରମୁଖ ଯୋଗଦେଇ ଅନୁଷ୍ଠାନର ଉତ୍ସର୍ଗୀକୃତ ସେବା ମନୋଭାବକୁ ପ୍ରଶଂସା କରିଥିଲେ। ଶେଷରେ ଅନୁଷ୍ଠାନର କର୍ମଚାରୀମାନଙ୍କ ଦ୍ୱାରା ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ବିଭୁ ପ୍ରସାଦ ବଳିୟାର ସିଂହ, ସଞ୍ଜୟ ଚନ୍ଦା, ଜି. ଗୋପାଳ, ଜୟଦୀପ ଆଚାର୍ଯ୍ୟ, ଡା. ନୀଳିମା ପ୍ରମୁଖ ପରିଚାଳନା କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତୀ କର୍ମଚାରୀଙ୍କୁ ମାଧବ ଚନ୍ଦ୍ର ମିଶ୍ର ଓ ଡା. ପ୍ରଶାନ୍ତ କୁମାର ସିଂ ପୁରସ୍କୃତ କରିଥିଲେ।

# ଅଭିମନ୍ୟୁ ସାହୁ ସ୍ମାରକୀ ଫୁଟ୍‌ବଲ: ସମରା ବିଜୟୀ

**ଗୁଡ଼ଭେଲା,୨୧।୧(ଡି.ଏନ.ଏ.):** ବଲାଙ୍ଗୀର ଜିଲା ତୁଷୁରା ୟୁଥ ଆକ୍ସନ କମିଟି ଆନୁକୂଲ୍ୟରେ ବାଳକ ହାଇସ୍କୁଲ ଖେଳପଡିଆରେ ଅଭିମନ୍ୟୁ ସାହୁ ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି । ଅତିଥିଭାବେ ରାଜ୍ୟ ମହିଳା ଶିଶୁ ବିକାଶ ଓ ମିଶନ ଶକ୍ତି ମନ୍ତ୍ରୀ ଟୁକୁନି ସାହୁ, ତହସିଲଦାର ଚନ୍ଦ୍ରମଣି ନାଗ ଯୋଗଦେଇଥିଲେ। ଉଦ୍‌ଘାଟନୀ ମ୍ୟାଚରେ ସମରା ଦଳ ୧-୦ଗୋଲରେ ବାଲଖମାରକୁ ହରାଇ ବିଜୟୀ ହୋଇଥିଲା। ୟୁଥ ଆକ୍ସନ କମିଟିର ଆୟୁଶ ପ୍ରଧାନ, ଲିସନ ପ୍ରଧାନ, ଶ୍ରୀକାନ୍ତ ବାଗ, ପ୍ରିତମ ପ୍ରଧାନ,ଶିବାନନ୍ଦ ପାଣ୍ଡିଆ, ଦେବାଶିଷ ସାହୁ ପ୍ରମୁଖ ସହଯୋଗ କରୁଛନ୍ତି। ଏହି ଅବସରରେ ମନ୍ତ୍ରୀ ସାହୁ ଖେଳ ପଡିଆ ପାଖରେ ବୃକ୍ଷରୋପଣ କରିବା ସହ ସାମାଜିକ କର୍ମୀ ନିରୋଦ ବାଗଙ୍କୁ ସମ୍ମାନିତ କରିଥିଲେ।

## ସାଧାରଣତନ୍ତ୍ର ଦିବସ ପାଳନ ଲାଗି ପ୍ରସ୍ତୁତି

**ଅମରପାଲି,୨୧।୧(ଡି.ଏନ.ଏ.)**

ବୀରମହାରାଜପୁ ଉପଖଣ୍ଡସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ପାଇଁ ଉପଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉପଜିଲାପାଳ ଅଶୋକ ଭୋଇଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ଏସ୍‌ଡିପିଓ ଧିରୋଜ ଚୌପଦାର, ଲୋକସମ୍ପର୍କ ବିଭାଗ ଅଧିକାରୀ ବିଦ୍ୟାପତି ପଣ୍ଡା, ବୀରମହାରାଜପୁର କଲେଜ ଖେଳ ଶିକ୍ଷକ ନରେନ୍ଦ୍ର ଚାନ୍ଦଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗଦେଇଥିଲେ। ଚଳିତବର୍ଷ ପରେଡରେ କୌଣସି ଛାତ୍ରୀଛାତ୍ର ଅଂଶଗ୍ରହଣ କରିବେ ନାହିଁ। ଏଥିରେ କେବଳ ଏକ ପ୍ଲାଟୁନ ପୋଲିସ ଫୋର୍ସ ସାମିଲ ହେବେ। ସକାଳ ୯ଟାରେ ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମରେ ଉପଜିଲାପାଳ ଅଶୋକ ଭୋଇ ପତାକା ଉତ୍ତୋଳନ କରିବେ। ଏହି ଅବସରରେ ଜଣେ ଡାକ୍ତର, ଜଣେ ଫାର୍ମାସିଷ୍ଟ, ଜଣେ ନର୍ସ, ଜଣେ ପୋଲିସ ଅଧିକାରୀ, ୨ଜଣ ଅଙ୍ଗନୱାଡିକର୍ମୀ ଓ ଜଣେ ଫାୟାରମ୍ୟାନଙ୍କୁ ସମ୍ବର୍ଦ୍ଧିତ କରାଯିବା ସ୍ଥିର ହୋଇଛି ।

## ଦ୍ୱିତୀୟ ଦିନରେ ୧୯୫ ଟିକା ନେଲେ

**ଡୁଙ୍ଗୁରିପାଲି,୨୧।୧(ଡି.ଏନ୍.ଏ.)**

ଡୁଙ୍ଗୁରିପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଗୁରୁବାର ଦ୍ୱିତୀୟ ଦିନରେ ୧୯୫ ଜଣ କରୋନା ଟିକା ନେଇଛନ୍ତି। ଅବସରପ୍ରାପ୍ତ ଚକ୍ଷୁ ବିଶେଷଜ୍ଞ ଡା. ଶ୍ରୀଧର ବିଶ୍ୱାଳ, ଡା. ରଘୁନାଥ ମିଶ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡା. ଶ୍ୱେତଲିନୀ ପଣ୍ଡା, ସୁଶ୍ରୀ ପତି ପ୍ରମୁଖ ଟିକା ନେଇଥିଲେ । ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ପାର୍ଥ ପ୍ରତୀମ ପଣ୍ଡା, ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଶେଷଦେବ ଥନାପତି ଟିକାକରଣ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଡା. ଆଶିଷ କୁମାର ଗୟେଲ ଟିକାକରଣର ତଦାରଖ କରିଥିଲେ ।

# ପାଣ୍ଠିର ସୁବିନିଯୋଗ, କୃଷି ଓ ବୟନଶିଳ୍ପକୁ ଗୁରୁତ୍ୱ

**ସୋନପୁର,୨୧।୧(ନି.ପ୍ର.)**

ସୁବର୍ଣ୍ଣପୁର ଜିଲାରେ କୃଷି ଓ ବୟନଶିଳ୍ପ ସର୍ବାଧିକ ଲୋକଙ୍କୁ ରୋଜଗାର ଦେଇଛି। ଜିଲାରେ କୃଷି, ଉଦ୍ୟାନ କୃଷି, କୁକୁଡା ଚାଷ, ପଶୁପାଳନ, ମତ୍ସ୍ୟ ଚାଷ, ହସ୍ତ କାରିଗରୀ, ହସ୍ତତନ୍ତ, କ୍ଷୁଦ୍ର, ଲଘୁ ଉଦ୍ୟୋଗ, କୃଷି ଭିତ୍ତିକ ଶିଳ୍ପ ଓ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ପ୍ରତିଷ୍ଠା ପାଇଁ ପର୍ଯ୍ୟାପ୍ତ ସୁଯୋଗ ରହିଛି । ଅର୍ଥନୈତିକ ଅଭିବୃଦ୍ଧି ଓ ଜିଲାରେ ନିଯୁକ୍ତି ସୃଷ୍ଟି ପାଇଁ ଔଦ୍ୟୋଗିକ ବିକାଶ ଅପରିହାର୍ଯ୍ୟ। ତେଣୁ ଆଗ୍ରହୀ ଯୁବ ଉଦ୍ୟୋଗୀଙ୍କୁ ସରକାରଙ୍କ ପକ୍ଷରୁ ପ୍ରୋତ୍ସାହନ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ପରାମର୍ଶଦାତା ତଥା ପଶ୍ଚିମ ଓଡିଶା ବିକାଶ ପରିଷଦ(ଡବ୍ଲ୍ୟୁଓଡିସି) ଅଧ୍ୟକ୍ଷ ଅସିତ କୁମାର ତ୍ରିପାଠୀଙ୍କ ପ୍ରତିନିଧି ତଥା ଡବ୍ଲ୍ୟୁଓଡିସି ସିଇଓ ସରୋଜ କୁମାର ପଟେଲ ସୂଚନା ଦେଇଛନ୍ତି ।

ସୁବର୍ଣ୍ଣପୁର ଜିଲା ଯୋଜନା ଓ



ସମୀକ୍ଷା ବୈଠକରେ ଡବ୍ଲ୍ୟୁଓଡିସି ସିଇଓ ସରୋଜ କୁମାର ପଟେଲ ଓ ଅନ୍ୟମାନେ ।

ପର୍ଯ୍ୟାଲୋଚନା କାର୍ଯ୍ୟାଳୟ ଠାରେ ଡବ୍ଲ୍ୟୁଓଡିସି ସିଇଓ ପଟେଲ ଜିଲାର ନିଯୁକ୍ତି ସମ୍ଭାବନା ଉପରେ ସମୀକ୍ଷା କରିଥିଲେ । ପରିଷଦ ଗଠନ ଠାରୁ ୨୦୨୦ ପର୍ଯ୍ୟନ୍ତ ଜିଲାକୁ ଡବ୍ଲ୍ୟୁଓଡିସି ପକ୍ଷରୁ ୮୭ କୋଟି ଟଙ୍କାର ଅନୁଦାନ ଆସିଛି। ୧୯୪୭ଟି ପ୍ରକଳ୍ପ କାର୍ଯ୍ୟ ହାତକୁ ନିଆ ଯାଇଥିଲା ବେଳେ ୧୮୯୭ଟି ସମ୍ପୂର୍ଣ୍ଣ ହୋଇଛି। ଏ ବାବଦରେ ଜିଲା ପ୍ରଶାସନ ୮୪ କୋଟି ଟଙ୍କାର ବିନିଯୋଗ ପ୍ରମାଣପତ୍ର ଦେଇଥିବା ସମୀକ୍ଷାରୁ ଜଣାପଡିଥିଲା । ପରିଷଦ ପାଣ୍ଠିରେ ହୋଇଥିବା କାମର ଅଗ୍ରଗତି, ପାଣ୍ଠିର ସୁବିନିଯୋଗ, ୟୁସି ପ୍ରଦାନ ତଥା ଅଧକ୍ଷ ତ୍ରିପାଠୀଙ୍କ ଦିଗ୍‌ଦର୍ଶନ ଉପରେ ସିଇଓ ପଟେଲ ଆଲୋକପାତ କରିଥିଲେ । ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକ ଡୋଳାମଣି ପଟେଲ ଜିଲାର ସୋନପୁର ଓ ବୀରମହାରାଜପୁର ବ୍ଲକରେ ନୂତନ

**ସୁବର୍ଣ୍ଣପୁରରେ ଡବ୍ଲ୍ୟୁଓଡିସି ମୁଖ୍ୟ କାର୍ଯ୍ୟନିର୍ବାହୀ**

- ନିଯୁକ୍ତି ସୃଷ୍ଟି ପାଇଁ ଯୁବ ଉଦ୍ୟୋଗୀଙ୍କୁ ମିଳିବ ପ୍ରୋତ୍ସାହନ

ଭାବେ ଆରମ୍ଭ ହୋଇଥିବା ଲେମନ ଗ୍ରାସ ଚାଷ ଓ ତେଲ ପ୍ରକ୍ରିୟାକରଣ ଶିଳ୍ପ ଦ୍ୱାରା କିଭଳି ମହିଳାମାନେ ଆତ୍ମ ନିର୍ଭରଶୀଳ ହୋଇ ପାରିଛନ୍ତି ସେ ବିଷୟରେ କହିଥିଲେ। ବୈଠକରେ ଜିଲା ଯୋଜନା ଓ ପର୍ଯ୍ୟାଲୋଚନା ଉପନିର୍ଦ୍ଦେଶକ ସୁଧାଂଶୁ ଶେଖର ବାରିକ୍, ପୂର୍ତ୍ତ ବିଭାଗର ନିର୍ବାହୀ ଯନ୍ତ୍ରୀ ଦାମୋଦର କୈବର୍ତ୍ତ, ଡବ୍ଲ୍ୟୁଓଡିସିର ଡେଭଲେପମେଣ୍ଟ ଅଫିସର ସୁଜାତା ମହାରଣା ଓ ଜିଲାସ୍ତରୀୟ ଅଧିକାରୀ ବୃନ୍ଦ ଉପସ୍ଥିତ ଥିଲେ।

**ହୀରାକୁଦ ବିସ୍ଥାପିତ କଲ୍ୟାଣ ସମିତି ବୈଠକ**

ଜାମଟିକ୍ରା,(ଡି.ଏନ.ଏ): ଅତାବିରା ବ୍ଲକ ପାହାଡଶ୍ରୀଗିଡାଠାରେ ହୀରାକୁଦ ବିସ୍ଥାପିତ କଲ୍ୟାଣ ସମିତିର ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସରକାରୀ ବିସ୍ଥାପନ ନୀତିକୁ ବିରୋଧ କରାଯାଇଛି। ହୀରାକୁଦ ନଦୀବନ୍ଧ ଦ୍ୱାରା ବିସ୍ଥାପିତମାନେ କିଏ କେଉଁଠାକୁ ଗଲେ ତାହାର ହିସାବ ସରକାରଙ୍କ ପାଖରେ ନାହିଁ। ଏବେବି ପାହାଡଶ୍ରୀଗିଡା ଗ୍ରାମରେ ୨୦ଟି ବିସ୍ଥାପିତ ପରିବାର ରହୁଛନ୍ତି। ଉକ୍ତ ପରିବାରଙ୍କୁ ସରକାର ୧୦ ଡେସିମିଲ ଲେଖାଏଁ ଜମି ଦେବାକୁ ଗତ ୨୦୦୨ ମସିହାରୁ ନିର୍ଦ୍ଦେଶ ଦେଇଛନ୍ତି। କିନ୍ତୁ ଏପର୍ଯ୍ୟନ୍ତ ଏହାର ନକଲ ହିତାଧିକାରୀଙ୍କ ପାଖରେ ପହଞ୍ଚିନାହିଁ କି ସ୍ଥାନୀୟ ପ୍ରଶାସନ ପାଖରେ ନାହିଁ। ଏହାର ବିହିତ ପଦକ୍ଷେପ ନେବାକୁ ସମିତିର ସମ୍ପାଦକ ପ୍ରଫୁଲ୍ଲ ବକ୍ସି, କୋଷାଧ୍ୟକ୍ଷ କୃଷ୍ଣଦୟାଲ ପଣ୍ଡା, ପ୍ରଶାନ୍ତ ନନ୍ଦ, ଲୋକନାଥ ପଧାନ ପ୍ରମୁଖ ଦାବି କରିଛନ୍ତି।

**ସଂକ୍ଷେପରେ**

## ୧୪ କି.ଗ୍ରା. ଗଞ୍ଜେଇ ଜବତ, ୨ ଗିରଫ

ତରବୋଡ/ନୂଆପଡା ଅଫିସ, ୨୧।୧ (ଡି.ଏନ.ଏ.): ଗଞ୍ଜେଇ ଚୋରାଚାଲାଣ ଅଭିଯୋଗରେ ନୂଆପଡା ଅବକାରୀ ବିଭାଗ ଗୁରୁବାର ୨ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ୨ ଜଣଙ୍କ ମଧ୍ୟରୁ ଜଣେ କଳାହାଣ୍ଡି ଜିଲା ଜୁନାଗଡ ଥାନା ଅଞ୍ଚଳର ସୁଧିର ମେହେର (୨୬) ଓ ଅନ୍ୟ ଜଣେ ଛତିଶଗଡ ରାଜ୍ୟ ଦୁର୍ଗ ଅଞ୍ଚଳର ବାକେଲାଲ ଶଙ୍କର (୬୦)। ସେମାନଙ୍କଠାରୁ ୧୪ କିଲୋଗ୍ରମ ଗଞ୍ଜେଇ ଜବତ କରାଯାଇଛି। ନୂଆପଡା ଅବକାରୀ ବିଭାଗ ଉପଖଣ୍ଡ ଅଧିକାରୀ ଇନ୍ଦ୍ରଜିତ ସାହୁଙ୍କ ନେତୃତ୍ୱରେ ଏକ ଟିମ ଖରିଆର ରୋଡ ସହରରେ ପାଟ୍ରୋଲିଂ କରୁଥିବା ବେଳେ ୨ଜଣ ବ୍ୟକ୍ତିଙ୍କୁ ସନ୍ଦେହ କରି ପଚରାଉଚରା କରିଥିଲେ। ସେମାନେ ଛତିଶଗଡ ସୀମାବର୍ତ୍ତି ଫରେଷ୍ଟ ତନଖି ଫାଟକ ପାଖରେ ରହି ଛତିଶଗଡ ରାଜ୍ୟକୁ ଗଞ୍ଜେଇ ଚାଲାଣ ପାଇଁ ଯୋଜନା କରୁଥିଲେ। ସେହି ସମୟରେ ଅବକାରୀ ବିଭାଗ ପକ୍ଷରୁ ଚଢାଉ କରିଥିଲେ ଓ ତାଙ୍କ ପାଖରୁ ଅଖା ବସ୍ତା ସହ ୧୪ କିଗ୍ରା ୧୦୦ ଗ୍ରାମ ଗଞ୍ଜେଇ ଜବତ କରିଥିଲେ। ଦୁଇ ଜଣକୁ ଗିଫ କରି କୋର୍ଟ ଚାଲାଣ କରାଯାଇଛି।

## ଗାଡ଼ି ଧକ୍କାରେ ବାଇକ୍ ଆରୋହୀ ମୃତ

ତରବୋଡ/ନୂଆପଡା ଅଫିସ, ୨୧।୧ (ଡି.ଏନ.ଏ.): ନୂଆପଡା ଜିଲା କୋମନା ଥାନା ଇଛାପୁର ଛକଠାରେ ବିଜୁ ଏକ୍ସପ୍ରେସ ଫୋରୱେ ରାସ୍ତାରେ ଗାଡି ଧକ୍କାରେ ଜଣେ ବାଇକ୍‌ଙ୍କ ଆରୋହୀ ମୃତ୍ୟୁ ଘଟିଛି। ମୃତକ ହେଲେ ତରବୋଡ ଫାଣ୍ଡି ଅନ୍ତର୍ଗତ ହାତିସରା ଗାଁର ଶ୍ରବଣ ଅହୀର (୨୬)। ଶ୍ରବଣଙ୍କ ମା' କିଛି ଦିନ ହେଲା ବଡ ଭଉଣୀ ଠୋଙ୍ଗୋ ଗାଁକୁ ଯାଇଥିବା ବେଳେ ତାଙ୍କୁ ଆଣିବା ପାଇଁ ଯାଇଥିଲେ। ବୁଧବାର ବଡ ମା' ଠୋଙ୍ଗୋ ଗାଁକୁ ଯାଇ ସନ୍ଧ୍ୟାରେ ହାତିସରାକୁ ଫେରୁଥିବା ବେଳେ ଜତାମୁଣ୍ଡା ପଞ୍ଚାୟତ ଇଛାପୁର ଛକ ନିକଟ ଫୋର ୱେରେ ଅଜଣା ଗାଡି ଧକ୍କାରେ ଶ୍ରବଣ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବା ଜଣାପଡିଛି। ବାଇକ୍ ଓ ମୃତଦେହ ରାସ୍ତାରୁ ଛିଟିକି ପଡିଆ ସ୍ଥାନରେ ପଡିଥିବାରୁ ତାହା ଦୁର୍ଘଟଣା ନା ହତ୍ୟା ବୋଲି ଲୋକେ ସନ୍ଦେହ କରୁଛନ୍ତି। ଘଟଣାସ୍ଥଳରୁ ପୋଲିସ ଶବ ଜବତ କରି ବ୍ୟବଚ୍ଛେଦ ପରେ ପରିବାରଲୋକଙ୍କୁ ହସ୍ତାନ୍ତର କରିଛି।

## ଓଲଟିଲା ଫଳ ବୋଝେଇ ପିକ୍‌ଅପ୍: ୨ ଆହତ

କୋକସରା, ୨୧।୧ (ଡି.ଏନ.ଏ.): କଳାହାଣ୍ଡି ଜିଲା କୋକସରା ଥାନା ଜାତୀୟ ରାଜପଥ-୨୬ ଚିଲିଗୁଡା ନିକଟରେ ଗୁରୁବାର ଭବାନୀପାଟଣାରୁ ନବରଙ୍ଗପୁରକୁ ଯାଉଥିବା ଏକ ଫଳ ବୋଝେଇ ପିକ୍‌ଅପ୍ ଭ୍ୟାନ (ନଂ.ଓଡି୦୮କେ-୯୬୬୬)ର ପଛ ଚକ ଫାଟି ଯିବାରୁ ଭାରସାମ୍ୟ ହରାଇ ରାସ୍ତାରେ ଓଲଟି ପଡିଥିଲା। ତେବେ ଗାଡିର ଡ୍ରାଇଭର ମଳୟ ନାଏକ ଓ ଦେବରାଜ ଭଏଁସାଲ ଆହତ ହୋଇଥିବା ଜଣାପଡିଛି। ଖବର ପାଇ କୋକସରା ପୋଲିସ ପହଞ୍ଚି ଉଦ୍ଧାର କରିଥିବା ବେଳେ ସ୍ଥାନୀୟ ଲୋକେ ମଧ ସାହାଯ୍ୟତା କରିଥିଲେ।

## ଲାଞ୍ଜିଗଡ଼ର ଲାଲୁ ପ୍ରସାଦ ଜାତୀୟ କ୍ରୀଡ଼ା ପ୍ରତିଯୋଗିତା ପାଇଁ ମନୋନୀତ



ଭବାନୀପାଟଣା, ୨୧।୧ (ଡି.ଏନ.ଏ.): ଆସାମର ଗୋହାଟିଠାରେ ଆସନ୍ତା ଫେବୃୟାରୀ ୬ରୁ ୧୦ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ୩୬ତମ କନିଷ୍ଠ ଜାତୀୟ କ୍ରୀଡା ପ୍ରତିଯୋଗିତାରେ ଓଡିଶାରୁ ୧୨ ଜଣିଆ ପ୍ରତିଯୋଗୀ ଭାଗ ନେବା ପାଇଁ ମନୋନୀତ ହୋଇଛନ୍ତି। ସେମାନଙ୍କ ମଧରେ କଳାହାଣ୍ଡି ଜିଲା ଲାଞ୍ଜିଗଡର ଏସ୍.ଏସ୍.ଡି. ହାଇସ୍କୁଲ ଛାତ୍ର ଲାଲୁ ପ୍ରସାଦ ଭୋଇ ଲଙ୍ଗଜମ୍ପରେ ଭାଗ ନେବେ। ଏହି ଖବର ଜଣାପଡିବା ପରେ ଭୋଇଙ୍କୁ ଜିଲା ପ୍ରଶାସନଠାରୁ ଆରମ୍ଭ କରି ବିଭିନ୍ନ କ୍ରିଡାପ୍ରେମୀ ଶୁଭେଚ୍ଛା ଜଣାଇବା ସହିତ ଭୋଇଙ୍କ ସଫଳତାର କାମନା କରିଛନ୍ତି।

# ଟ୍ୟାଗ୍ ବାହାନାରେ ଉଠୁନି ଧାନ

ବରଗଡ଼ ଅଫିସ୍,୨୧।୧

ବରଗଡ଼ ଜିଲାରେ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟାକୁ ଆଉ ଦୁଇଦିନ ପରେ ୨ମାସ ୨ସପ୍ତାହ ପୂରିବ। ମାତ୍ର ଧାନ କିଣାବିକା ସମସ୍ୟାର ସମାଧାନ ହୋଇପାରିନାହିଁ। ଜିଲାର ଅନେକ ଚାଷୀଙ୍କ ପାଖରେ ବର୍ତ୍ତମାନ ମଧ୍ୟ ବହୁ ପରିମାଣର ଧାନ ରହିଛି। ଅନ୍ୟପଟେ ଧାନ ବିକ୍ରି ବିଳମ୍ବ ହେଉଥିବାରୁ ଚାଷୀ ରବି ଫସଲ ପାଇଁ ନିଜକୁ ପ୍ରସ୍ତୁତ କରି ପାରୁନାହିଁ। ଏଭଳି ସ୍ଥିତିରେ ଜିଲାରେ ଚାଷୀ ଅସନ୍ତୋଷ ବଢ଼ି ଚାଲିଛି।

ବରଗଡ଼ ଜିଲାରେ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭରୁ ଟୋକନକୁ ନେଇ ସମସ୍ୟା ଉପୁଜିଥିଲା। ଏବେ ଧାନ ସଂଗ୍ରହ ପ୍ରକ୍ରିୟା ସରିଆସୁ ଥିବାବେଳେ ଟୋକନ ସମସ୍ୟାରେ ଚାଷୀମାନେ ପୁଣି ଛନ୍ଦି ହୋଇ ପଡ଼ିଛନ୍ତି। ଜିଲାର ପଦ୍ମପୁର ଉପଖଣ୍ଡ ଅଧୀନ ପଦ୍ମପୁର, ପାଇକମାଳ, ଝାରବନ୍ଧ ବ୍ଲକର ଚାଷୀମାନଙ୍କ କ୍ଷେତ୍ରରେ ଏଭଳି ସମସ୍ୟା ପରିଲକ୍ଷିତ ହୋଇଛି। ମଣ୍ଡି ଖୋଲିଥିଲେ ସୁଦ୍ଧା ମିଲର୍ସମାନେ ନିୟମିତ ଧାନ ଉଠାଉ ନ ଥିବା ଅଭିଯୋଗ ହୋଇଛି। ମିଲର୍ସଙ୍କୁ ଧାନ ଉଠାଣ ଟ୍ୟାଗ୍ ମିଳୁ ନ ଥିବା



ପଦ୍ମପୁର ଉପଖଣ୍ଡ ଲଉଡ଼ିଦର୍ହା ମଣ୍ଡିରେ ବିକ୍ରି ଅପେକ୍ଷାରେ ରହିଥିବା ଧାନ ।

ଯୋଗୁ ସେମାନେ ମଣ୍ଡିକୁ ଆସୁ ନ ଥିବା କହୁଛନ୍ତି। ଅପରପକ୍ଷେ ସମ୍ପୃକ୍ତ ଅଞ୍ଚଳର ଚାଷୀଙ୍କୁ ମିଳିଥିବା ଟୋକନର ଅବଧି ସରିଯାଉଛି। ଏଭଳି ଭାବେ ଝାରବନ୍ଧ ବ୍ଲକ ଅନ୍ତର୍ଗତ ଲଉଡ଼ିଦର୍ହା ମଣ୍ଡି ଉପରେ ନିର୍ଭରଶୀଳ ୧୨୬ଜଣଙ୍କ ଟୋକନ ଅବଧି ସରିଯାଇଥିବା ଚାଷୀମାନେ କହିଛନ୍ତି। କେବଳ ଲଉଡ଼ିଦର୍ହା ନୁହେଁ, ପଦ୍ମପୁର ଉପଖଣ୍ଡରେ ଏଭଳି ଅନେକ ଚାଷୀଙ୍କ ଟୋକନ ଅବଧି ସରିଗଲାଣି। ପ୍ରଥମେ ଟ୍ୟାଗ୍ ମିଳୁ ନ ଥିବା ବାହାନା ଏବଂ ଏବେ ଟୋକନ ଅବଧି ସରି ଯାଇଥିବା ଆଳରେ ମଣ୍ଡିରୁ ଧାନ ଉଠାଯାଉନାହିଁ। ମଣ୍ଡିରୁ ଧାନ ନ ଉଠାଇବା ପାଇଁ ମିଲର୍ସ ଓ ବିଭାଗୀୟ ଅଧିକାରୀଙ୍କ ମିଳିଭଗତ୍‌ରେ ଏଭଳି ନାନା ଆଳ ଦେଖାଯାଉଛି ବୋଲି ଚାଷୀନେତା ରମେଶ ମହାପାତ୍ର କହିଛନ୍ତି। ମଣ୍ଡିରୁ ଧାନ ଉଠା ନ ଗଲେ ଚାଷୀମାନେ ଶେଷରେ ବେପାରୀ ହାତରେ ବିକ୍ରି କରିବାକୁ ବାଧ୍ୟ ହେବେ ଏବଂ ଅଭାବୀ ବିକ୍ରି ପୂର୍ବାପେକ୍ଷା ଆହୁରି ବଢ଼ିବ ବୋଲି ସେ କହିଛନ୍ତି। ଆବଶ୍ୟକସ୍ଥଳେ ଟୋକନର ନବୀକରଣ ସହିତ ଜିଲାର ସମସ୍ତ ପଞ୍ଜୀକୃତ ଚାଷୀଙ୍କ ପାଖରେ ରହିଥିବା ଧାନକୁ କିଣା ନ ଗଲେ ଚାଷୀମାନେ ଆନ୍ଦୋଳନକୁ ଓହ୍ଲାଇବାକୁ ବାଧ୍ୟ ହେବେ ବୋଲି ସେ ଚେତାବନୀ ଦେଇଛନ୍ତି।

### ବାହ୍ୟ ଜିଲାରୁ ଧାନ ଉଠାଇବେ ବରଗଡ଼ ମିଲର୍ସ

ବରଗଡ଼ ଅଫିସ୍,୨୧।୧: ବରଗଡ଼ ଜିଲାରେ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟା ସରି ନାହିଁ। ଜିଲାର ଚାଷୀମାନେ ଧାନ ବିକ୍ରି କରି ନ ପାରି ହଇରାଣ ହରକତର ସମ୍ମୁଖୀନ ହେଉଛନ୍ତି। ଏଭଳିସ୍ଥଳେ ବରଗଡ଼ର କେତେକ ମିଲର୍ସଙ୍କୁ ବାହ୍ୟଜିଲା କଟକ, ଜଗତସିଂହପୁର ଏବଂ ନୂଆପଡ଼ା ଜିଲାରୁ ଧାନ ଉଠାଇବା ପାଇଁ ଓଡ଼ିଶା ରାଜ୍ୟ ଯୋଗାଣ ନିଗମ ଅନୁମତି ଦେଇଥିବା ସୂଚନା ମିଳିଛି। ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡରେ ଧାନ ଉଠାଣରେ ଶୀଥିଳତା ଦେଖାଯାଇ ଥିବାବେଳେ ଏଠାକାର ମିଲର୍ସ ବାହ୍ୟଜିଲାକୁ ଧାନ ଉଠାଇବା ପାଇଁ ଯିବା ସାଧାରଣରେ ଆଲୋଚନାର ବିଷୟ ହୋଇଛି।

# ଟାର୍ଗେଟ ନାହିଁ, ଧାନ ବିକ୍ରି ବନ୍ଦ



**ଶେଷ ହେବାକୁ ବସିଛି ଟୋକନ ଅବଧି**

ନକଟିଗୁଡା ମଣ୍ଡି ଟାର୍ଗେଟ ଅଭାବରୁ ବନ୍ଦ ରହିଛି।

ଜୁନାଗଡ, ୨୧।୧ (ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକର ବିଭିନ୍ନ ମଣ୍ଡିରେ ଏବେ ଟାର୍ଗେଟ ନ ଥିବାରୁ ଧାନ ଉଠିପାରୁନାହିଁ। ଫଳରେ ବିକ୍ରି ଆଶାରେ କେଉଁଠି ସପ୍ତାହେ ତ, ଆଉ କେଉଁଠି ୨ ସପ୍ତାହ ଧରି ଚାଷୀ ଧାନ ବିକ୍ରି ଆଶାରେ ହାଡଭଙ୍ଗା ଶୀତ କାକରରେ ମଣ୍ଡିରେ ପଡିରହିଛନ୍ତି। ଏପଟେ ସମୟ ଯେତେ ଅତିବାହିତ ହେଉଛି ଚାଷୀଙ୍କ ପାଇଁ ସେତେ ମୁଣ୍ଡ ବ୍ୟାଥାର କାରଣ ହେଉଛି। କାରଣ ଅବଧି ପୂରିଲେ ଟୋକନ କଟିଯିବା ସମ୍ଭାବନା ରହିଛି। ସରକାର ଟୋକନ ପାଇଁ କେନ୍ଦ୍ରୀୟ ବ୍ୟବସ୍ଥା ଲାଗୁ କରିଥିବାରୁ ପୁଣି ଥରେ ଟୋକନ ଇସ୍ୟୁ କରିବା ସହଜ ନୁହେଁ। ଏହି ପରିପ୍ରେକ୍ଷୀରେ କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଚିଚୈଗୁଡା ପ୍ୟାକ୍ସ ଅନ୍ତର୍ଗତ ନୂଆଗୁଡା ଓ ଆଟିଗାଁ ପ୍ୟାକ୍ସ ଅନ୍ତର୍ଗତ ଆଟିଗାଁ ମଣ୍ଡିର କିଛି ଚାଷୀଙ୍କ ଟୋକନ ଅବଧି ଶେଷ ହେବାକୁ ବସିଲାଣି । ଧାନ ବିକ୍ରି କେବ ହେବ ସେ ନେଇ ସ୍ଥାନୀୟ ଚାଷୀ ଚିନ୍ତାରେ ରହିଛନ୍ତି। ଟାର୍ଗେଟ ଅଭାବରୁ ନୂଆଗୁଡା ମଣ୍ଡିରୁ ଧାନ ଉଠୁ ନ ଥିବା ଜଣାପଡିଛି। ଏଠାରେ ବର୍ତ୍ତମାନ ୧୮ଜଣ ଚାଷୀଙ୍କ ୯୭୦କୁଇଣ୍ଟାଲ ଧାନ ମଣ୍ଡିରେ ପଡିରହିଛି। ସେହିପରି ସମାନ ଅବସ୍ଥା ଦେଖିବାକୁ ମିଳିଛି ନିକଟସ୍ଥ ନକଟିଗୁଡା ମଣ୍ଡିରେ। ଏଠାରେ ୪୩ଜଣ ଚାଷୀଙ୍କ ୨୧୮୦ କୁଇଣ୍ଟାଲ, ଛୋରିଆଗଡ ମଣ୍ଡିରେ ୨୦ ଚାଷୀଙ୍କ ୧୩୭୭ କୁଇଣ୍ଟାଲ, ଆଟିଗାଁରେ ୧୪ ଚାଷୀଙ୍କ ୧୩୫୦ କୁଇଣ୍ଟାଲ, ତଳମଲାରେ ୧୧ ଚାଷୀଙ୍କ ୮ଶହ କୁଇଣ୍ଟାଲ ଓ ବାଲିଛଡା ମଣ୍ଡିରେ ଧାନ ପଡିରହିଛି। ଫଳରେ ଧାନ ବିକ୍ରି ଆଶାରେ ସ୍ଥାନୀୟ ଚାଷୀ ସପ୍ତାହରୁ ଉର୍ଦ୍ଧ୍ୱ ଧରି ମଣ୍ଡିରେ ପଡିରହିଛନ୍ତି। ପ୍ରଶାସନ ପକ୍ଷରୁ ଶୀଘ୍ର ଏହି ମଣ୍ଡିଗୁଡିକୁ ଟାର୍ଗେଟ ଦେଇ ଧାନ ଉଠାଣ କରିବା ପାଇଁ ଚାଷୀ ମହଲରେ ଦାବି ହୋଇଛି।

# ପାଣି ପାଇଁ ନିର୍ବାହୀ ଯନ୍ତ୍ରୀଙ୍କ ଅଫିସ ଘେରାଉ



ଇନ୍ଦ୍ରାବତୀ ବାମ କେନାଲ ଡିଭିଜନ ନିର୍ବାହୀ ଯନ୍ତ୍ରୀଙ୍କ ଅଫିସ ଘେରାଉ ପାଇଁ ଆସିଥିବା ଚାଷୀମାନେ ।

କୋକସରା, ୨୧।୧ (ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ବ୍ଲକ ମୋଟେର ପଞ୍ଚାୟତ ବାଟିଗୁଡା, ଖୁଟଲୁଗୁଡା, ଜଳତାମୁଣ୍ଡା, କୁସୁମଖୁଣ୍ଟି ଓ ମୋଟେର ଅଞ୍ଚଳର ଚାଷୀ ରବି ଧାନ ଚାଷ ପାଇଁ ପ୍ରସ୍ତୁତି ଆରମ୍ଭ କରିଛନ୍ତି। କିନ୍ତୁ ଆଜି ଯାଏ ରବି ଋତୁ ଧାନ ଚାଷ ପାଇଁ କେନାଲରୁ ପାଣି ଜମିକୁ ମାଡିନାହିଁ। ଫଳରେ ଆଶା ଓ ଆଶଙ୍କାରେ ଥିବା ଚାଷୀ କେବେ କେନାଲରୁ ପାଣି ପାଇବେ ଓ କେବେ ଚାଷ ଆରମ୍ଭ କରିବେ ଏହି ସମସ୍ୟାକୁ ନେଇ ଗୁରୁବାର ମୋଟେର ପଞ୍ଚାୟତ ଅଧୀନ ଶତାଧିକ ଚାଷୀ କୁସୁମଖୁଣ୍ଟି ଉପର ଇନ୍ଦ୍ରାବତୀ ବାମ କେନାଲ ଡିଭିଜନ ନିର୍ବାହୀ ଯନ୍ତ୍ରୀଙ୍କ ଅଫିସ ଘେରାଉ କରିଥିଲେ। କାର୍ଯ୍ୟାଳୟରେ ୧୨ ସୁଦ୍ଧା କୌଣସି ଅଧିକାରୀଙ୍କ ଦେଖା ମିଳି ନ ଥିବାରୁ ଦୀର୍ଘ ସମୟ ଧରି ଚାଷୀ ଅପେକ୍ଷା କରି ରହିଥିବା ଦେଖିବାକୁ ମିଳିଥିଲା। ଆସନ୍ତା ଦିନେ ଦୁଇଦିନ ମଧରେ ପାଣି ନ ମିଳିଲେ ରାଜରାସ୍ତା ଅବରୋଧ କରି ଆନ୍ଦୋଳନ କରିବାକୁ ଚାଷୀମାନେ ଚେତାବନୀ ଦେଇଛନ୍ତି। ମୋଟେର ପଞ୍ଚାୟତ ୫ଟି ଗ୍ରାମର ଚାଷୀ ପରମେଶ୍ୱର ବାଗ, ମୁରଲୀ ବିଶି, କୁମୁଦ ବେହାରା, ଘେନୁ ବେହେରା, ବିରଞ୍ଚିନାରାୟଣ ହାତୀ, ଧର୍ମସିଂ ହାତୀ, ତପନ ବେହେରା, ତପନ ମୁଣ୍ଡ, ଜଗ ସରାଫ, ତ୍ରିଲୋଚନ ମାଝି, ମଙ୍ଗରାଜ ବେହେରା, ଖଗେଶ୍ୱର ବେମାଲ, ଧନେଶ୍ୱର ବାଣୁଆ, ଅଲେଖ ହାତୀ, ବିଷ୍ଣୁ ବେହେରା ପ୍ରମୁଖ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି। ଏ ନେଇ ଇନ୍ଦ୍ରାବତୀ କୁସୁମଖୁଣ୍ଟି ନିର୍ବାହୀ ଅଧିକାରୀ ଅଜିତ କୁମାର ପାତ୍ରଙ୍କୁ ଯୋଗାଯୋଗ କରିବାରୁ ତାଙ୍କ କୌଣସି ପ୍ରତିକ୍ରିୟା ମିଳି ପାରିନାହିଁ।

## ଡଭାରେ ଦ୍ୱିତୀୟ ପର୍ଯ୍ୟାୟ କରୋନା ଟିକାକରଣ

ଝାରବନ୍ଧ, ୨୧।୧ (ଡି.ଏନ.ଏ)

ଝାରବନ୍ଧ ବ୍ଲକରେ ଦ୍ୱିତୀୟ ପର୍ଯ୍ୟାୟ କରୋନା ଟିକାକରଣ ଗୁରୁବାର ଆରମ୍ଭ ହୋଇଛି। ଏଥିରେ ମୋଟ ୬୭ ଜଣଙ୍କୁ ଟିକା ଦିଆଯାଇଛି। ବ୍ଲକ ସ୍ୱାସ୍ଥ୍ୟ ଅଧିକାରୀ ଡା. ମଧୁସ୍ମିତା ମେହେରଙ୍କ ସୂଚନା ଅନୁସାରେ ୬୭ ଜଣଙ୍କ ମଧ୍ୟରୁ ୫୨ ଜଣ ମହିଳା ଓ ୧୫ ଜଣ ପୁରୁଷ ଅଛନ୍ତି। ପ୍ରଥମ ପର୍ଯ୍ୟାୟରେ ୬୭ ଜଣଙ୍କୁ ଟିକା ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ଡା. ପ୍ରହ୍ଲାଦ ମେହେର, ସ୍ୱାସ୍ଥ୍ୟକର୍ମୀ ମନୋରଞ୍ଜନ ସୁନା, ଲାଲବାହାଦୁର ସାହୁ, ଏଏନ୍‌ଏମ୍ ଲଳିତା ମହାରଣା, ବିଳାସିନୀ ପ୍ରଧାନ ଟିକାକରଣ କରିଥିଲେ।

## ସୁନାମୁଖୀ ପୀଠ ରକ୍ତରଞ୍ଜିତ

ଭବାନୀପାଟଣା, ୨୧।୧ (ଡି.ଏନ.ଏ.)

କଳାହାଣ୍ଡି ଜିଲା ମଦନପୁର ରାମପୁର ବ୍ଲକ ଅନ୍ତର୍ଗତ ଅଲାତରା ଗ୍ରାମରେ ପ୍ରତିବର୍ଷ ପୌଷ ମାସ ଶୁକ୍ଳ ପକ୍ଷ ପ୍ରଥମ ବୁଧବାର ଅର୍ଥାତ ଶୁଳିଆ ଯାତ୍ରା ପରଦିନ ଏଠାରେ ସୁନାମୁଖୀ ଯାତ୍ରା ହୋଇଥାଏ। ଆଦିବାସୀ କନ୍ଧ ସମ୍ପ୍ରଦାୟ ଦ୍ୱାରା ପୂଜିତ ସୁନାମୁଖୀ ପୀଠରେ ଏହି ଦିନ ଶିମ୍ବ ଫଳ ଅର୍ପଣ କରାଯାଇଥାଏ। ଦେବୀ ଦିଶାରୀ ମାଧ୍ୟମରେ ଆର୍ବିଭୂତ ହୋଇ ଭକ୍ତଙ୍କ ଗୁହାରୀ ଶୁଣିଥାନ୍ତି। ଚଳିତବର୍ଷ ୨ଟି ପୋଢ ସମେତ ୨୫ରୁ ଅଧିକ ବୁକା, ଗର୍‌ରା ଓ ଶତାଧିକ କୁକୁଡା ବଳି ପଡିଥିଲା। ପ୍ରଥମେ ପାଟବୁକା ଅର୍ପଣ ପରେ ଅନ୍ୟାନ୍ୟ ବଳି ଦିଆଯାଇଥିଲା। ଶୁଳିଆ ବୁଢାଙ୍କ ସାନଭାଇ ଭାବେ ପରିଚିତ ସୁନାମୁଖୀଙ୍କ ଏହିଯାତ୍ରା ଦେଖିବା ପାଇଁ ହଜାର ହଜାର ଲୋକଙ୍କ ସମାଗମ ହୋଇଥାଏ। ଚଳିତବର୍ଷ କୋଭିଡ କଟକଣା ହେତୁ ଶୀଘ୍ର ପୂଜା ଆରମ୍ଭ ହୋଇଥିଲା। ଲୋକେ ଦର୍ଶନ କରି ଶୀଘ୍ର ଫେରିଥିଲେ।

# ୩୧ ସ୍କୁଲକୁ ମିଳିଲା ଗାରିମା ପୁରସ୍କାର





ଗାରିମା ପୁରସ୍କାର ବିତରଣ ସମାରୋହରେ ବରଗଡ଼ ବିଇଓ ବକ୍ତବ୍ୟ ରଖୁଛନ୍ତି ।

ବରଗଡ଼ ଅଫିସ୍,୨୧।୧

ଶ୍ରେଣୀ କୋଠରୀରେ ଛାତ୍ରୀଛାତ୍ରଙ୍କ ବ୍ୟବହାର ସକାଶେ ପାଠ୍ୟଦାନ ଉପକରଣ କ୍ରୟ ପାଇଁ ରାଜ୍ୟ ସରକାର ଗାରିମା ପୁରସ୍କାର ଯୋଜନାରେ ବିଭିନ୍ନ ସ୍କୁଲକୁ ଅନୁଦାନ ଯୋଗାଇ ଦେଉଛନ୍ତି। ଏହି କ୍ରମରେ ବରଗଡ଼ ବ୍ଲକର ୩୧ଟି ସ୍କୁଲକୁ ତାହା ପ୍ରଦାନ କରାଯାଇଛି। ଏହି ଅବସରରେ ଗୁରୁବାର ସ୍ଥାନୀୟ ଖଜୁରଟିକ୍ରା ବିଦ୍ୟାଳୟର ଶିଶୁଜ୍ୟୋତି ମଣ୍ଡପରେ ବ୍ଲକ ଶିକ୍ଷା ଅଧିକାରୀ ଜ୍ୟୋତିକାନ୍ତ ସାହୁଙ୍କ ଅଧ୍ୟକ୍ଷତରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରତି ସ୍କୁଲର ପ୍ରଧାନଶିକ୍ଷକଙ୍କୁ ଗାରିମା ଯୋଜନାରେ ୧୦ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯାଇଥିଲା। ସମ୍ମାନିତ ଅତିଥି ଭାବେ ଜର୍ଜ ହାଇସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ଅମୃତା ସାହୁ, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ପ୍ରମୋଦ ହୋତା, ସବିତା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

# ହିମାଳୟ ଆରୋହଣ ଦଳରେ ଜୁନାଗଡ଼ର ୩ ପର୍ବତାରୋହୀ

ଜୁନାଗଡ, ୨୧।୧ (ଡି.ଏନ.ଏ.)

ପ୍ରତିଭା ଅନ୍ୱେଷଣ ଓ କଳିଙ୍ଗ ଡେୟାର ଡେଭିଲ୍ସ ପକ୍ଷରୁ ଆୟୋଜିତ ପର୍ବତାରୋହଣ କାର୍ଯ୍ୟକ୍ରମରେ ଓଡିଶାର ବିଭିନ୍ନ ଜିଲାର ୨୩ଜଣ ଯୁବପର୍ବତାରୋହୀ ବୁଧବାର ହିମାଳୟର ଦୟାରା ବୁଗ୍ୟାଲ ଆହୋରଣ ଅଭିମୁଖେ ଯାତ୍ରା ଆରମ୍ଭ କରିଛନ୍ତି। ଏହି ଟିମ୍‌ରେ କଳାହାଣ୍ଡି ଜିଲା ଜୁନାଗଡର ସୌମ୍ୟରଞ୍ଜନ ରାଉତ, ଜୋତିଶ କୁମାର ବାଗ, କ୍ରିଷ୍ଣା ଭଣ୍ଡାରଘରିଆ ସାମିଲ ହୋଇଛନ୍ତି। ଯାହାକୁ ନେଇ ଜୁନାଗଡବାସୀଙ୍କ ମଧରେ ଖୁସିର ଲହରୀ ଖେଳିଯାଇଛି। ସେମାନଙ୍କୁ ବିଭିନ୍ନ ବର୍ଗରୁ ଶୁଭେଚ୍ଛା ଜଣାଯାଇଛି। କଳିଙ୍ଗ ଡେୟାର ଡେଭିଲ୍ସ କ୍ଲବର ସଭାପତି ତଥା ଗିନିଜ୍ ବୁକ ଅଫ୍ ରେକର୍ଡ ଧାରୀ ସତ୍ୟପୀର ପ୍ରଧାନଙ୍କ ନେତୃତ୍ୱରେ ଏହି ୨୩ଜଣିଆ ଟିମ୍ ଉତ୍ତରକାସି ଦୟାର ବୁଗ୍ୟାଲ ପର୍ବତ (ଯାହାକି ସମୁଦ୍ର ପର୍ତ୍ତନଠାରୁ ୧୩ ହଜାର ଫୁଟ) ଏହାକୁ ଆହୋରଣ କରିବେ। ଏହି ଟିମ୍ ଶୁକ୍ରବାର ୨୨ତାରିଖଠୁ ପର୍ବତ ଆହୋରଣ କରି ୨୮ତାରିଖରେ ପ୍ରତ୍ୟାବର୍ତ୍ତନ କରିବେ ବୋଲି ଜଣାପଡିଛି।



# ଜାତୀୟ ସଡ଼କ ସୁରକ୍ଷା ନେଇ ସଚେତନତା

ଖଡିଆଳ, ୨୧।୧ (ଡି.ଏନ.ଏ.)

ଜାତୀୟ ସଡ଼କ ସୁରକ୍ଷା ମାସ ଅବସରରେ ନୂଆପଡା ଜିଲା ଖଡିଆଳ ପୋଲିସ ଓ ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନ ଛାତ୍ରୀଛାତ୍ର ଓ ତାଲିମ ଦାତା ପକ୍ଷରୁ ଖଡିଆଳ ସହରରେ ଜାତୀୟ ସଡକ ସୁରକ୍ଷା ପାଳିତ ହୋଇଯାଇଛି। ଏହି ଅବସରରେ ଶିଳ୍ପ ତାଲିମ ଶିବିର ଛାତ୍ରୀଛାତ୍ର ଓ ଖଡିଆଳ ପୋଲିସ କର୍ମଚାରୀମାନେ ଖଡିଆଳ ସହର ପରିକ୍ରମା କରି ଲୋକଙ୍କୁ ସଚେତନତା କରିଥିଲେ। ଟ୍ରାଫିକ ନିୟମ ପାଳନ କରି ନିଜକୁ ଦୁର୍ଘଟଣାରୁ କିପରି ସୁରକ୍ଷିତ ରଖିବା, ଦୁଇ ଚକିଆ ଗାଡି ଚଳାଇବା ସମୟରେ ହେଲମେଟ ପିନ୍ଧିବା, କାର ଚଳାଇବା ବେଳେ ସିଟବେଲ୍ଟ ବାନ୍ଧିବା, ୧୮ ବର୍ଷରୁ କମ ପିଲାମାନଙ୍କୁ ଗାଡି ନ ଚଳାଇବା, ମାଦକ ଦ୍ରବ୍ୟ ସେବନ କରି ଗାଡି ନ ଚଳାଇବା, ଗାଡି ଚଳାଇବା ସମୟରେ ଫୋନ ବ୍ୟବହାର ନ କରିବା ସ୍ଲୋଗାନ ଦେଇ ଲୋକଙ୍କୁ ସଚେତନତା କରିଥିଲେ। ଏହି କାର୍ଯ୍ୟକ୍ରମରେ ଖଡିଆଳ ଆଇଆଇସି କୈଳାଶ ଚନ୍ଦ୍ର ସେଠୀ, ଏସଆଇ ଜିତେନ୍ଦ୍ର ନାଏକ, ଡମ୍ବରୁଧର ପ୍ରଧାନ, ଛାତ୍ରୀଛାତ୍ର ତଥା ଅନୁଷ୍ଠାନ ଅଧକ୍ଷ ସନ୍ତୋଷ କୁମାର ବେହେରା, ତାଲିମ ଅଧିକାରୀ ଦୟାନିଧି ବାଗ, ଶୁଭ୍ରରଞ୍ଜନ ମହାନ୍ତି, ମାନସ ମରିଜା, ସତ୍ୟବତୀ ବାଗ, ଅକ୍ଷ ଚନ୍ଦ୍ର ପ୍ରଧାନ, ମକରଧ୍ୱଜ ପାଢ଼ୀ ପ୍ରମୁଖ ସାମିଲ ଥିଲେ ।

# କର୍ଲାମୁଣ୍ଡାରେ କୋଭିଡ୍ ଟିକାକରଣ ଆରମ୍ଭ

କର୍ଲାମୁଣ୍ଡା, ୨୧।୧ (ଡି.ଏନ.ଏ.)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ର ସଭାଗୃହଠାରେ କୋଭିଡ୍-୧୯ ଟିକାକରଣ କାର୍ଯ୍ୟକ୍ରମ ଗୁରୁବାର ଆରମ୍ଭ ହୋଇଯାଇଛି। ଏଥିରେ ଚିକିତ୍ସାଧିକାରୀ ଡ. ସୌମ୍ୟରଞ୍ଜଜନ ପାତ୍ର, ଡ. ଅଖିଳେଶ ସାମଲ, ଶିଖିଧ୍ୱଜ ପଟେଲ, ଜନସ୍ୱାସ୍ଥ୍ୟ ଅଧିକାରୀ କିଶୋର ଚନ୍ଦ୍ର ଦାସ, ବିପିଏମ ଅଜିତ କୁମାର ସିଂ ପ୍ରମୁଖ ଯୋଗଦେଇ ଟିକାକରଣର ବିଭିନ୍ନ ପର୍ଯ୍ୟାୟ ଉପରେ ଆଲୋଚନା କରିଥିଲେ। ପ୍ରଥମ ଦିବସରେ ୫୩ଜଣ ସ୍ୱାସ୍ଥ୍ୟକର୍ମୀ, ଅଙ୍ଗନୱାଡି, ଆଶାକର୍ମୀ, ସୁପରଭାଇଜର ଟିକାକରଣରେ ସାମିଲ କରାଯାଇଥିଲା। ଆସନ୍ତା ୨୩ ଓ ୨୫ ତାରିଖରେ ମଧ ଟିକାକରଣ କାର୍ଯ୍ୟକ୍ରମ ଥିବା ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ର ପକ୍ଷରୁ ସୂଚନା ମିଳିଛି। ଅନ୍ୟମାନଙ୍କ ମଧରେ ବିମଳ ଚନ୍ଦ୍ର ସାହୁ, ଦୁତିଆନ ରଣା, ରିତାଞ୍ଜଳି ଶବର, ସୀପା ଦୀପ୍, ରୋଜାଲିନ୍ ବାଗ, ମାଧୁରୀ ବାଗ ପ୍ରମୁଖ ସହଯୋଗ କରିଥିଲେ।

## ପ୍ରଥମେ ଲାପ୍ସ ଟୋକନରେ ଧାନ କିଣା

ପଦ୍ମପୁର, ୨୧।୧ (ଡି.ଏନ.ଏ)

ପଦ୍ମପୁର ଗୋରୁ ବଜାର ପ୍ରାଙ୍ଗଣରେ କଂସର, ବୁଡାମାଲ, କନସିଂହା, ବରିକେଲ, ପଦ୍ମପୁର, ଜମଲା ଅଞ୍ଚଳର ଚାଷୀମାନଙ୍କର ଏକ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଥିଲା। ବୈଠକରେ ଲାପ୍ସ ହୋଇଥିବା ଚାଷୀ ଓ ଏକ ମାସରୁ ଅଧିକ ସମୟ ଧରି ମଣ୍ଡିରେ ପଡିଥିବା ଚାଷୀମାନଙ୍କ ଧାନ ପ୍ରଥମ ପର୍ଯ୍ୟାୟରେ ବିକ୍ରି କରିବାକୁ ମତ ପ୍ରକାଶ ପାଇଥିଲା। ଦେବରାଜ ସାହୁ, ଧନମାଳୀ ହାତୀ, ସୁଶୀଲ ସାହୁ, ଗୋପାଳ ବେହେରା, ଦୀପକ ସାହୁ, ଜଗନ୍ନାଥ ମେହେର, ସରୋଜ ବାରିକ, କାହ୍ନୁ ମେହେର ଓ ଅନ୍ୟମାନେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଘରୋଇ ଜମିରେ ରାସ୍ତା ନିର୍ମାଣ

କେସିଙ୍ଗା, ୨୧।୧ (ଡି.ଏନ.ଏ.)

କଳାହାଣ୍ଡି ଜିଲା କେସିଙ୍ଗା ଏନଏସିର ଜାତୀୟ ରାଜପଥ ୨୬ରୁ ବୋରିଙ୍ଗପଦର ଛକଠାରୁ ଦମକଳ କେନ୍ଦ୍ର ରାସ୍ତା ଉନ୍ନତିକରଣରେ ଅନିୟମିତତା ଯୋଗୁ ୩ କୋଟି ଟଙ୍କାର ପିଚୁ ରାସ୍ତା ଏବେ ବେକାର ହୋଇପଡିଛି। ପୂର୍ତ୍ତ ବିଭାଗ ରାସ୍ତା ନିର୍ମାଣ ଲାଗି ସର୍ଭେ କରି ନ ଥିଲା। ପୂର୍ତ୍ତ ବିଭାଗର ଖାମଖିଆଲି ନୀତି ଯୋଗୁ କୋଟି କୋଟି ଟଙ୍କା ପାଣିରେ ବୁଡୁଛି। ପୂର୍ତ୍ତ ବିଭାଗ ପକ୍ଷରୁ ଗତ ୨୦୧୬-୧୭ରେ ପିଚୁ ରାସ୍ତା ନିର୍ମାଣ ପାଇଁ ଏମଏସବିକେ କନଷ୍ଟ୍ରକଶନ୍‌କୁ ଦାୟିତ୍ୱ ଦିଆଯାଇଥିଲା। ବୋରିଙ୍ଗପଦରରୁ ଦମକଳ କେନ୍ଦ୍ରକୁ ସଂଯୋଗ ୧.୫୦୦ ମିଟର ପିଚୁ ରାସ୍ତା ନିର୍ମାଣ ପାଇଁ ୩ କୋଟି ୪ ଲକ୍ଷ ୮୪ ହଜାର ୬୮୮ ଟଙ୍କାର ଏଷ୍ଟିମେଟ ହୋଇଥିବା ବେଳେ ୨ କୋଟି ୫୯ ଲକ୍ଷ ୧୫ ହଜାର ୩୩୯ ଟଙ୍କା ବ୍ୟୟରେ ଗତ ୨୦୧୭-୧୮ରେ ବୋରିଙ୍ଗପଦର ଯୋଗେନ୍ଦ୍ର ମାଝି(୬୫)ଙ୍କ ଜମି ଉପରେ ରାସ୍ତା ନିର୍ମାଣ କରାଯାଇଛି। ଯୋଗେନ୍ଦ୍ରଙ୍କ



ବୋରିଙ୍ଗପଦର ଜମି ମାଲିକଙ୍କ ରାସ୍ତା ଅବରୋଧ ।

- **ଜମି ମାଲିକଙ୍କ ରାସ୍ତା ଅବରୋଧ**
- **୩ କୋଟି ଟଙ୍କାର ପିଚୁ ରାସ୍ତା ଅକାମୀ**

ଦୁଇଟି ପ୍ଲଟରୁ ୩୪ ଡେସିମିଲ ଜମି ଉପରେ ପୂର୍ତ୍ତ ବିଭାଗ ଠିକାଦାର ଜବରଦସ୍ତି ରାସ୍ତା ନିର୍ମାଣ କରିଛି। ଯୋଗେନ୍ଦ୍ରଙ୍କ ପରିବାର ଠିକାଦାରଙ୍କୁ କାକୁତି ମିନତୀ ହୋଇ ରାସ୍ତା ନିର୍ମାଣ ନ କରିବାକୁ କହିଥିଲେ। କିନ୍ତୁ ଠିକାଦାର ଧମକଚମକ ଦେଇ ରାସ୍ତା ନିର୍ମାଣ କରିଥିଲେ। ଜମି ମାଲିକ ଉପଜିଲାପାଳ, ପିଡବ୍ଲୁଡି, ଏକଜ୍ୟୁକେଟିଭ ଇଞ୍ଜିନିୟର, ତହସିଲଦାରଙ୍କୁ ବାରମ୍ବାର ଲିଖିତ ଅଭିଯୋଗ ସତ୍ତ୍ୱେ କୌଣସି ସୁଫଳ ମିଳୁ ନ ଥିବାରୁ ୩ କୋଟିର ରାସ୍ତା ଅକାମୀ ହୋଇ ପଡିରହିଛି। ଘରୋଇ ଜମିରେ ରାସ୍ତା କରିଥିବାରୁ ଯୋଗେନ୍ଦ୍ରଙ୍କ ପରିବାର ଲୋକେ ନବନିର୍ମିତ ରାସ୍ତା ଉପରେ ମାଟି ପକାଇ ରାସ୍ତା ଅବରୋଧ କରି ଦେଇଛନ୍ତି। ସରକାରୀ ଜମିରେ ପିଚୁ ରାସ୍ତା ନ କରି ଘରୋଇ ଜମିରେ ନିର୍ମାଣ କରାଯାଇଥିବାରୁ ଗମନାଗମନରେ ଘୋର ସମସ୍ୟା ଦେଖାଯାଉଛି। ୩୪ ଡେସିମିଲ ଜମି ସରକାରୀ ଧାର୍ଯ୍ୟ ମୂଲ୍ୟରେ କ୍ଷତିପୂରଣ ଦେବାକୁ ଜମି ମାଲିକ ଦାବି କରିଛନ୍ତି। ଜମି ମାଲିକ ଯୋଗେନ୍ଦ୍ର ଜଣେ ପାରାଲେସ ରୋଗୀ। ଆଜକୁ ୧୦ ବର୍ଷ ହେଲା ଶଯ୍ୟାସାୟୀ। ଏ ସଂକ୍ରାନ୍ତରେ ପିଡବ୍ଲୁଡିର ଏକଜ୍ୟୁକେଟିଭ ଇଞ୍ଜିନିୟର ଅଜିତ କୁମାର ବାବୁଙ୍କୁ ପଚାରିବାରୁ ତଦନ୍ତ କରାଯାଇ ବିଚାର କରାଯିବ ବୋଲି ପ୍ରକାଶ କରିଥିଲେ ।